RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-136 ◆BHUBANESWAR ◆TUESDAY ◆12 NOVEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୩୬ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୨ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


## ଲିଙ୍ଗ ବଦଳାଇଲେ କ୍ରିକେଟରଙ୍କ ପୁଅ



ଅଲ୍‌ରାଉଣ୍ଡର ସଞ୍ଜୟ ବାଙ୍ଗରଙ୍କ ପୁଅ ଆର୍ଯ୍ୟନ ହେଲେ ଅନାୟା

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଲରାଉଣ୍ଡର ସଞ୍ଜୟ ବାଙ୍ଗରଙ୍କ ପୁଅ ଲିଙ୍ଗ ପରିବର୍ତ୍ତନ କରିଛନ୍ତି। ଏବେ ସେ ଆର୍ଯ୍ୟନରୁ ହୋଇଛନ୍ତି ଅନାୟା। ଏନେଇ ସେ ଖୋଲାଖୋଲି ଭାବେ ନିଜର ଅନୁଭବ ସାର୍ବଜନୀନ କରିଛନ୍ତି। ଆର୍ଯ୍ୟନ ୧୧ ମାସ ତଳେ ତାଙ୍କର ହରମୋନ ରିପ୍ଲେସମେଣ୍ଟ ଥେରାପି (ଏଚ୍ଆରଟି) କରାଇଥିଲେ। ୨୩ ବର୍ଷୀୟ ଆର୍ଯ୍ୟନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଏନେଇ ନିଜର ଅଭିଜ୍ଞତା ବଖାଣିଛନ୍ତି। 'ଶକ୍ତି ହରାଉଛି, କିନ୍ତୁ ବେଶ୍ ଖୁସି ଅନୁଭବ କରୁଛି। ଶରୀରରେ ପରିବର୍ତ୍ତନ ଆସୁଛି, ଅବସାଦ ଧିରେ ଧିରେ କମିବାରେ ଲାଗିଛି... ଏବେ ମଧ୍ୟ ଲମ୍ବା ରାସ୍ତା ଯିବାର ଅଛି, କିନ୍ତୁ ପ୍ରତି ମୁହୂର୍ତ୍ତ ନିଜର ଭଳି ଲାଗୁଛି' ବୋଲି ସେ କହିଛନ୍ତି। ପୁଅରୁ ଝିଅ ହେବାକୁ ତାଙ୍କୁ ୧୧ ମାସର ପ୍ରକ୍ରିୟା ଦେଇ ଗତି କରିବାକୁ ହୋଇଥିଲା। ପିତାଙ୍କ ଭଳି ଜଣେ ବଡ଼ କ୍ରିକେଟର ହେବାକୁ ଚାହୁଁଥିଲେ ଆର୍ଯ୍ୟନ୍। କିନ୍ତୁ ପରିସ୍ଥିତି ଚକ୍ରରେ ତାଙ୍କ ସ୍ୱପ୍ନ ସାକାର ହୋଇ ପାରି ନଥିଲା। ସେ ଏକ ଲୋକାଲ କ୍ଲବ ଇସ୍‌ଲାମ ଜିମ୍ ଖାନ୍ନା ତରଫରୁ କ୍ରିକେଟ ଖେଳୁଥିଲେ। ସେ ମଧ୍ୟ ଲିଷ୍ଟରସାୟରରେ ଥିବା ହିଙ୍କଲେ କ୍ରିକେଟ କ୍ଲବ ତରଫରୁ ବାମହାତୀ ବ୍ୟାଟର ଭାବେ ବହୁତ ରନ ସଂଗ୍ରହ କରିଛନ୍ତି। କିନ୍ତୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ନୂଆ ନିୟମ ତାଙ୍କ ସମ୍ଭାବ୍ୟ ମହିଳା କ୍ରିକେଟ କ୍ୟାରିଅରକୁ ଶେଷ କରିଦେଇଛି। ଗତ ଅକ୍ଟୋବର ୨୦ରେ ଲିଙ୍ଗ ପରିବର୍ତ୍ତନ କରିଥିବା ଅର୍ଥାତ ଟ୍ରାନ୍ସଜେଣ୍ଡର ମହିଳାଙ୍କୁ ପେସାଦାର କ୍ରିକେଟରୁ ଇସିବି ବାସନ୍ଦ କରିଥିଲା। ଫଳରେ ଆର୍ଯ୍ୟନ (ଅନାୟା) ଏବେ ମହିଳା କ୍ରିକେଟରେ ଅଂଶଗ୍ରହଣ କରିବାରୁ ବଞ୍ଚିତ ହୋଇଛନ୍ତି। ଉଲ୍ଲେଖଥାଉ କି, ୫୨ ବର୍ଷୀୟ ଆର୍ଯ୍ୟନଙ୍କ ପିତା ସଞ୍ଜୟ ବାଙ୍ଗର ଭାରତ ପାଇଁ ୧୨ ଟେଷ୍ଟ, ୧୫ ଦିନିକିଆ, ୧୬୫ ପ୍ରଥମ ଶ୍ରେଣୀ ଓ ୧୧୨ ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି।

## ଶପଥ ନେଲେ ଜଷ୍ଟିସ ସଞ୍ଜୀବ ଖାନ୍ନା



ଦେଶର ୫୧ତମ ପ୍ରଧାନବିଚାରପତି

■ ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି): ସୁପ୍ରିମକୋର୍ଟର ପ୍ରଧାନବିଚାରପତି ଭାବେ ଜଷ୍ଟିସ ସଞ୍ଜୀବ ଖାନ୍ନା ସୋମବାର ଶପଥ ନେଇଛନ୍ତି। ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ କେନ୍ଦ୍ରୀୟ ନେତା ଉପସ୍ଥିତ ରହିଥିଲେ। ଜଷ୍ଟିସ୍ ଖାନ୍ନା ଦେଶର ୫୧ତମ ପ୍ରଧାନବିଚାରପତି ଭାବେ ଦାୟିତ୍ୱ ତୁଲାଇବେ। ଏହାପୂର୍ବରୁ ପ୍ରଧାନବିଚାରପତି ରହିଥିବା ଜଷ୍ଟିସ ଡି.ଓ୍ୱାଇ ଚନ୍ଦ୍ରଚୂଡ ରବିବାର ଅବସର ନେବା ପରେ ତାଙ୍କ ସ୍ଥାନ ଗ୍ରହଣ କରିଛନ୍ତି ଜଷ୍ଟିସ୍ ଖାନ୍ନା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଅବସର ନେବା ପୂର୍ବରୁ ପରବର୍ତ୍ତୀ ପ୍ରଧାନବିଚାରପତି ଭାବେ ଖାନ୍ନାଙ୍କ ନାମ ସୁପାରିସ ▶ପୃଷ୍ଠା-୯

### ଆରମ୍ଭ ହେଲାଣି ଅମଳ, ଦଶ ଦିନ ପରେ ଧାନ କିଣା

# ଆରମ୍ଭ ପୂର୍ବରୁ ବିବାଦ




■ ଭୁବନେଶ୍ୱର, ୧୧।୧୧ (ସମିସ): ସରକାରୀ ଘୋଷଣା ଅନୁସାରେ ଆସନ୍ତା ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା। ରାଜ୍ୟସ୍ତରରେ ମନ୍ତ୍ରିସ୍ତରୀୟ ବୈଠକରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି ଓ ଚଳିତ ଖରିଫ ବିପଣନ ବର୍ଷରେ ୮୦ ଲକ୍ଷ ଟନ୍ ଧାନ କ୍ରୟ ନିଷ୍ପତ୍ତି ହୋଇଛି। ଚାଷୀଙ୍କୁ ଏମ୍ଏସ୍‌ପି ବ୍ୟତୀତ ରାଜ୍ୟ ସରକାର ପ୍ରତି କ୍ୱିଣ୍ଟାଲରେ ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତା (ବୋନସ) ଦେବେ ବୋଲି ମଧ୍ୟ ଘୋଷଣା କରିଛନ୍ତି । ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟର ଭାତହାଣ୍ଡି କୁହାଯାଉଥିବା ପଶ୍ଚିମ ଓଡ଼ିଶାର ବରଗଡ଼ ସହ ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାରେ ଧାନ କ୍ରୟ ପ୍ରକ୍ରିୟାକୁ ନେଇ ଏବେ ବି ଚାଷୀ ଦ୍ୱନ୍ଦ୍ୱରେ ଅଛନ୍ତି। ଅଳ୍ପ କିଛି ସ୍ଥାନକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ସ୍ଥାନରେ ମଣ୍ଡି ପ୍ରସ୍ତୁତ ହୋଇ ନାହିଁ, ଜିଲ୍ଲାପ୍ରଶାସନ ପକ୍ଷରୁ ଧାନ କ୍ରୟ ପ୍ରକ୍ରିୟା ନେଇ କୌଣସି ବୈଠକ ହୋଇ ନାହିଁ ଓ ଧାନ ବିକ୍ରୟ ସଂକ୍ରାନ୍ତରେ ଚାଷୀଙ୍କୁ କୌଣସି ସୂଚନା ଦିଆଯାଇ ନାହିଁ । ସରକାର ଓ ମନ୍ତ୍ରୀମାନେ ସ୍ୱଚ୍ଛତାର ସହ ଧାନ କ୍ରୟ କରାଯିବ ଓ ତୃତୀୟ ପକ୍ଷ ଦ୍ୱାରା ଧାନ ଯାଞ୍ଚ କରାଯିବ ବୋଲି ଘୋଷଣା କରିଥିଲେ ହେଁ ଏହି ତୃତୀୟ ପକ୍ଷ କିଏ ଓ ଏହାକୁ କେଉଁମାନେ ନିଯୁକ୍ତ କରିବେ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ଯାହା ଚାଷୀଙ୍କୁ ଅଧିକ ବିଭ୍ରାନ୍ତ କରିଛି। ଅନୁରୂପ ଭାବରେ ମିଲରମାନଙ୍କୁ ସୁହାଇବା ପରି ଯଦି ତୃତୀୟ ପକ୍ଷ ନିଯୁକ୍ତ କରାଯାଏ ତେବେ ସେଥିରେ ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି ବୋଲି ମଧ୍ୟ କୁହାଯାଉଛି ।

ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରୁ ମିଳିଥିବା ସୂଚନା ଅନୁସାରେ ଏହି ଜିଲ୍ଲାଗୁଡ଼ିକରେ ଧାନ କ୍ରୟକୁ ନେଇ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଛି । ମାତ୍ର ଯାହା ବ୍ୟବସ୍ଥା କରାଯାଇଛି ତାହା ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଉଛି। ଧାନମଣ୍ଡିଗୁଡ଼ିକ ମନ୍ତ୍ରୀମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବ ଏବଂ ଧାନ କ୍ରୟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ୪ରୁ ୫ଟି ମଣ୍ଡିରେ ଜଣେ ଲେଖାଏଁ ସୁପରଭାଇଜର ରହିବେ ବୋଲି ସରକାର ଘୋଷଣା ▶ପୃଷ୍ଠା-୯

## ୧୫ରୁ ଶୀତ

■ ଭୁବନେଶ୍ୱର, ୧୧।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ମେଘୁଆ ପାଗ ରହିଛି। ଏହି ଲଘୁଚାପଟି ତାମିଲନାଡୁ ଓ ଶ୍ରୀଲଙ୍କା ଉପକୂଳକୁ ଯିବ। ରାଜ୍ୟର ଦକ୍ଷିଣ ଓଡ଼ିଶା ଉପରେ ଲଘୁଚାପର କିଛି ବାହ୍ୟ ବଳୟ ରହୁଥିବାରୁ ଏଠାରେ ପାଗ ମେଘୁଆ ସହ ଅତି ହାଲୁକା ବର୍ଷା ସମ୍ଭାବନା ରହିଛି। ମାତ୍ର ଦିନେ ଦୁଇ ଦିନରେ ଏହି ସ୍ଥିତି ବଦଳି ଯିବା ସହ ୧୫ଠାରୁ ରାଜ୍ୟରେ କିଛି ପରିମାଣରେ ତାପମାତ୍ରା ତଳକୁ ଖସିବ ବୋଲି ଜଣାପଡ଼ିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୫ ତାରିଖରୁ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ▶ପୃଷ୍ଠା-୯

### ମଣିପୁରରେ ଏନ୍‌କାଉଣ୍ଟର

## ୧୧ କୁକୀ ଉଗ୍ରବାଦୀ ନିହତ



■ ଇମ୍ଫାଲ, ୧୧।୧୧ (ଏଜେନ୍ସି): ମଣିପୁରରେ ହିଂସାକାଣ୍ଡ ଥମିବା ବଦଳରେ ବଢ଼ି ବଢ଼ି ଚାଲିଛି। ଜଣେ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଯୋଗୁଁ ଉତ୍ତେଜନା ଲାଗି ରହିଥିବା ବେଳେ ଆଜି ସୁରକ୍ଷା ବାହିନୀ ସହ ଗୁଳିବିନିମୟରେ ୧୧ ଜଣ କୁକୀ ଉଗ୍ରବାଦୀ ପ୍ରାଣ ହରାଇଛନ୍ତି। ଏଥିରେ ସିଆରପିଏଫ୍‌ର ଦୁଇ ଜଣ ଯବାନ ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣେ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ଅପରାହ୍ନ ୨ଟା ୩୦ରେ ଜିରିବାମ ଜିଲ୍ଲାରେ ଉଗ୍ରବାଦୀମାନେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଧରି ପୁଲିସ ଥାନା ଏବଂ ସିଆର୍‌ପି ଶିବିର ଉପରେ ଆକ୍ରମଣ କରିଥିଲେ। ଏହାପରେ ସେମାନେ ନିକଟରେ ଥିବା ଏକ ବଜାର ଉପରେ ଆକ୍ରମଣ କରିବା ସହିତ ଦୋକାନଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ସିଆରପି ଏବଂ ସ୍ଥାନୀୟ ପୁଲିସ ସେମାନଙ୍କୁ ଅଟକାଇବାରୁ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ୧୧ ଜଣ କୁକୀ ଉଗ୍ରବାଦୀ ପ୍ରାଣ ହରାଇଥିଲେ। ଗୁଳିବିନିମୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ନିହତ ଉଗ୍ରବାଦୀଙ୍କ ମୃତଦେହକୁ ଥାନା ପରିସରରେ ରଖାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଘଟଣା ପରେ ସଂପୃକ୍ତ ଅଞ୍ଚଳରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଜାରି କରାଯାଇଛି। ▶ପୃଷ୍ଠା-୯

### ବାଣ କାରଖାନାରେ ନିଆଁ

## ଥରିଲା ଇନ୍‌ଫୋସିଟି

■ ଭୁବନେଶ୍ୱର, ୧୧।୧୧ (ସମିସ): ବାଣ କାରଖାନାରେ ନିଆଁ ଲାଗି ଥରିଛି ଇନ୍‌ଫୋସିଟି ଅଞ୍ଚଳ। ବିସ୍ଫୋରଣରେ ଘରର କାନ୍ଥ ଫାଳଫାଳ ହୋଇ ଯାଇଛି, ଛାତ ଉଡ଼ି ଯାଇଛି। ଏହି ଘଟଣାରେ ଜଣେ ଯୁବତୀ ଆହତ ହୋଇଛନ୍ତି ଓ ନିକଟସ୍ଥ ୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ତଳ ମହଲାରେ ଏକ ହଷ୍ଟେଲ ଚାଲିଥିବାବେଳେ ଉପରେ ବାଣ କାରଖାନା ସମ୍ପର୍କରେ କେମିତି କେହି ସୁରାକ ପାଇଲେ ନାହିଁ ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ପୁଲିସ ଏହି ବାଣ କାରଖାନା ସମ୍ପର୍କରେ କିପରି ଜାଣି ପାରିଲା ନାହିଁ ଓ ବିନା ଲାଇସେନ୍ସରେ କିପରି ଏହି କାରଖାନା ଚାଲିଥିଲା ତାହା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜି ଅପରାହ୍ନରେ ଇନ୍‌ଫୋସିଟି ପଛ ତୁନୁକୋଳି ବସ୍ତିରେ ଘଟିଛି ଏହି ଘଟଣା। ବସ୍ତିର ଶେଷ ମୁଣ୍ଡରେ ଥିବା ଏକ ▶ପୃଷ୍ଠା-୯

## ଓଡ଼ିଶାର ଶସ୍ୟକ୍ଷେତ୍ର ଅଭିବୃଦ୍ଧି ଜାତୀୟ ହାରଠାରୁ ଦୁଇଗୁଣ

ନବୀନଙ୍କ କୃଷି ରୂପାନ୍ତରଣକୁ 'ନିତି' ଆୟୋଗଙ୍କ ପ୍ରଶଂସା

ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ଜାତୀୟ ହାରଠାରୁ ୩୩% ଅଧିକ

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ଦେଶଠାରୁ ଯଥେଷ୍ଟ ଆଗରେ

■ ଭୁବନେଶ୍ୱର,୧୧।୧୧(ସମିସ): ରାଜ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିଥିବା ପଦକ୍ଷେପ ଏବେ ଓଡ଼ିଶା ପାଇଁ ବରଦାୟୀ ହୋଇଛି। ବିଗତ ୧୦ ବର୍ଷରେ ଓଡ଼ିଶା ଶସ୍ୟ କ୍ଷେତ୍ରରେ ଜାତୀୟ ହାରଠାରୁ ଦୁଇଗୁଣ ଅଧିକ ଅଭିବୃଦ୍ଧି ହାସଲ କରିଛି। ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଜାତୀୟ ହାରଠାରୁ ଓଡ଼ିଶାର ଉତ୍ପାଦନ ୩୩% ଅଧିକ। ଅନୁରୂପ ଭାବରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ଯଥେଷ୍ଟ ଉନ୍ନତ ପ୍ରଦର୍ଶନ କରିଥିବା ଉଲ୍ଲେଖ କରି ନିତି ଆୟୋଗର ସଦସ୍ୟ ରମେଶ ଚାନ୍ଦ ଓଡ଼ିଶାକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଶ୍ରୀ ଚାନ୍ଦ କହିଛନ୍ତି ଯେ କେବଳ ପଶୁଧନ କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ ସମସ୍ତ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହାର ଜାତୀୟ ହାର ତୁଳନାରେ ଯଥେଷ୍ଟ ଆଗରେ ▶ପୃଷ୍ଠା-୯

# ଓଡ଼ିଶାକୁ ବଇରି ପଡ଼ିଶା ହାତୀ



ଅମଳବେଳେ ସୀମାନ୍ତ ଜିଲ୍ଲାରେ ଉପଦ୍ରବ

ଗତ ବର୍ଷ ୧୨ ହଜାର ଏକର ଫସଲ କ୍ଷତିଗ୍ରସ୍ତ

■ ଭୁବନେଶ୍ୱର, ୧୧।୧୧ (ସମିସ): ପଡ଼ୋଶୀଙ୍କ ପାଇଁ ଦହଗଞ୍ଜ ହେଉଛି ଓଡ଼ିଶା। କିଏ ସୀମା ମାଡ଼ି ଗଲାଣି, କିଏ ପାଣି ବନ୍ଦ କଲାଣି । କିଏ ଆଳୁ ବନ୍ଦ କରୁଛି, କିଏ ପୁଣି ଅଣ୍ଡା-କୁକୁଡ଼ା ବାରଣ କରୁଛି। ଏତିକି ବେଳକୁ ପଡ଼ୋଶୀ ରାଜ୍ୟର ହାତୀ ବି ଓଡ଼ିଶାରେ ଅଦଉତି କରୁଛନ୍ତି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡୀ ହାତୀପଲ ଓଡ଼ିଶାର ସୀମାନ୍ତବର୍ତ୍ତୀ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ସହ ଅନୁଗୋଳର ଆଭ୍ୟନ୍ତରୀଣ ଅଞ୍ଚଳରେ ଧାନ କ୍ଷେତକୁ ଛିନଛତ୍ର କରି ଦେଉଛନ୍ତି। ରାଜ୍ୟରେ ବର୍ତ୍ତମାନ ଖରିଫ ଧାନ ଅମଳ ସମୟ। ପାଚିଲା ଧାନ କିଆରିରେ ହାତୀ ପଲ ପଶି କ୍ଷେତ ଉଜାଡୁଛନ୍ତି। ମୟୂରଭଞ୍ଜର ବେତନଟୀରେ ୧୦ ଦିନ ଧରି ହାତୀ ଉପଦ୍ରବ ଜାରି ରହିଥିବାରୁ ସ୍ଥାନୀୟ ଲୋକଙ୍କ ବର୍ଷକ ଆହାର ଉଜୁଡ଼ି ଯାଇଛି। ଏହା ବ୍ୟତୀତ ବଣୁଆ ହାତୀଙ୍କ ହିଂସ୍ର ଆଚରଣ ଯୋଗୁଁ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି।

ପ୍ରତିବର୍ଷ ମୁଖ୍ୟତଃ ଏହି ସମୟରେ ଓଡ଼ିଶାକୁ ପଡ଼ୋଶୀ ରାଜ୍ୟରୁ ହାତୀପଲ ପ୍ରବେଶ କରୁଛନ୍ତି। ୨୦୨୩-୨୪ ରାଜ୍ୟରେ ପଡ଼ୋଶୀ ରାଜ୍ୟର ହାତୀ ପଲର ଉପଦ୍ରବ ଯୋଗୁଁ ୧୨୦୬୭ ଏକର ଚାଷ ଜମିର ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨୦୨୨-୨୩ରେ ୧୨୫୮୯ ଓ ୨୦୨୧-୨୨ରେ ୧୩୬୩୦ ଏକର ଚାଷ ଜମି ପ୍ରଭାବିତ ହୋଇଛି। ରାଜ୍ୟ ବନ ବିଭାଗ ପକ୍ଷରୁ ଯଦିଓ ଏଥିପାଇଁ କ୍ଷତିପୂରଣର ବ୍ୟବସ୍ଥା ରହିଛି, ମାତ୍ର ତାହା ପର୍ଯ୍ୟାପ୍ତ ହେଉନାହିଁ। ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ଆଗରେ ସେମାନଙ୍କ କଷ୍ଟ ଅର୍ଜିତ ଫସଲ ନଷ୍ଟ ହୋଇଯାଉଥିବାରୁ ଏହାକୁ ସେମାନେ ସହ୍ୟ କରିପାରୁ ନାହାନ୍ତି। ଅନେକ ସ୍ଥାନରେ ହାତୀଙ୍କୁ ଘଉଡ଼ାଇବାକୁ ଯାଇ ଚାଷୀଙ୍କର ▶ପୃଷ୍ଠା-୯




### ଯୁବକର ଉନ୍ମତ୍ତ କାଣ୍ଡ

# ପ୍ରେମିକା ବାପାଙ୍କୁ ଗୁଳିକରି ହତ୍ୟା ଉଦ୍ୟମ

ହାଇଦରାବାଦ୍,୧୧।୧୧(ଏଜେନ୍ସି): ପ୍ରେମ ବ୍ୟାପାରରୁ ଝିଅକୁ ଦୂରେଇବାରୁ ଜଣେ ପ୍ରେମିକ ନିଜ ପ୍ରେମିକା ବାପାଙ୍କୁ ଗୁଳି କରିବା ଘଟଣା ତେଲଙ୍ଗାନାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରେମିକ ଠାରୁ ନିଜ ଝିଅକୁ ଦୂରେଇବା ଲାଗି ବାପା ନିଜ ଝିଅକୁ ଆମେରିକା ପଠାଇ ଦେବା ପରେ ପ୍ରେମିକ ଜଣକ ଉତକ୍ଷିପ୍ତ ହୋଇ ନିଜ ପ୍ରେମିକା ବାପାଙ୍କୁ ଗୁଳି କରିବା ଏବଂ ସେ ଗୁରୁତର ଆହତ ହେବା ପରେ ପୁଲିସ ପ୍ରେମିକ ୨୫ ବର୍ଷୀୟ ବଲବିନ୍ଦର ସିଂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଘଟଣା ହାଇଦରାବାଦ୍‌ର ସାରୁରନଗର ଥାନା ଆନ୍ତର୍ଗତ ଭେଙ୍କେଟଶ୍ୱର କରୋନୀରେ ଘଟିଛି। ମିଳିଥିବା ଖବର ଅନୁସାରେ ଏଠାକାର ୫୭ ବର୍ଷୀୟ ରେଭନ୍ତ ଆନନ୍ଦ ପୋସାରେ ଜଣେ ବ୍ୟବସାୟୀ। ତାଙ୍କର ୨୩ ବର୍ଷୀୟା ଝିଅ ସ୍ଥାନୀୟ ଅଞ୍ଚଳର ୨୫ ବର୍ଷୀୟ ଯୁବକ ବଲବିନ୍ଦର ସହ ପ୍ରେମ ସମ୍ପର୍କ ଗଢି ଉଠିବା ପରେ ଏହାକୁ ଆନନ୍ଦ ବିରୋଧ କରିଥିଲେ। ସେ ବଲବିନ୍ଦର ସହ କୌଣସି ସମ୍ପର୍କ ନରଖିବାକୁ ନିଜ ଝିଅକୁ ବାରମ୍ବାର ବୁଝାଇଥିଲେ। କିନ୍ତୁ ଝିଅ ଏହାକୁ ସ୍ୱୀକାର କରି ନଥିଲା। ବରଂ ଦିନକୁ ଦିନ ବଲବିନ୍ଦର ସହ ସମ୍ପର୍କ ବଢିଥିଲା। ବଲବିନ୍ଦର ସେ ବାରମ୍ବାର ମିଳାମିଶା ଏବଂ ଟେଲିଫୋନରେ କଥାବାର୍ତ୍ତା ଯୋଗୁଁ ଆନନ୍ଦ ପ୍ରେମ ସମ୍ପର୍କରୁ ନିଜ ଝିଅକୁ ଦୂରେଇ ରଖିବାକୁ ଭିନ୍ନ ଉପାୟ ଚିନ୍ତା କରିଥିଲେ। ସେ ନିଜ ଝିଅକୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ନିକଟକୁ ଆମେରିକା ପଠାଇ ଦେଇଥିଲେ। ଏହା ଜାଣିବା ପରେ ବଲବିନ୍ଦର କ୍ରୋଧାନ୍ୱିତ ହୋଇପଡ଼ିଥିଲା। ସେ ଆନନ୍ଦଙ୍କ ସହ କଥାବାର୍ତ୍ତା କରିବାକୁ ଗତ ରବିବାର ତାଙ୍କ ଆପାର୍ଟମେଣ୍ଟକୁ ଯାଇଥିଲା ବେଳେ ସେହି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ବଢିଥିଲା। ଏହାପରେ ବଲବିନ୍ଦର ଉତ୍‌କ୍ଷିପ୍ତ ହୋଇ ନିଜ ଏୟାରଗନରୁ ଆନନ୍ଦଙ୍କ ଉପରକୁ ଗୁଳି କରିଥିଲା। ଗୁଳି ଆନନ୍ଦଙ୍କ ଆଖିରେ ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ଏହାପରେ ଚିକିତ୍ସା ଲାଗି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆନନ୍ଦଙ୍କ ପରିବାର ଅଭିଯୋଗ କ୍ରମେ ପୁଲିସ ବଲବିନ୍ଦରଙ୍କୁ ଗିରଫ କରିଥିଲା।

## ଦିଲ୍ଲୀରେ ପ୍ରେମିକାର ବାପାଙ୍କୁ ହତ୍ୟାକଲା ପ୍ରେମିକ

ଦିଲ୍ଲୀର ନରେଲା ଅଞ୍ଚଳରେ ଜଣେ ପ୍ରେମିକ ନିଜ ପ୍ରେମିକାର ବାପାଙ୍କୁ ହତ୍ୟା କରିଛି। ସୁଖିରା ଚୌଧୁରୀ ନାମକ ଜଣେ ୩୪ ବର୍ଷୀୟ ଯୁବକ ବିହାର କଟିଆର ଜିଲ୍ଲାର ବଟୁଆରା ସିଂ ନାମକ ଜଣେ ୬୨ ବର୍ଷୀୟ ବ୍ୟକ୍ତିଙ୍କ ଝିଅକୁ ପ୍ରେମ କରୁଥିଲେ। କିନ୍ତୁ ଏହା ଜାଣିବା ପରେ ବଟୁ ସିଂ ଏହି ପ୍ରେମ ବ୍ୟାପରରେ ପ୍ରତିବନ୍ଧକ ସାଜିଥିଲେ। ଏହାକୁ ନେଇ ସୁଖିରା କ୍ରୋଧବଶତଃ ଏକ ପାର୍କରେ ବୁଲିଲା ବେଳେ ବଟୁଙ୍କୁ ହତ୍ୟା କରିଥିଲେ। ତାଙ୍କୁ ହତ୍ୟା କରିବା ପରେ ପାର୍କ ନିକଟସ୍ଥ ଏକ ନିଜାଞ୍ଜନ ଜାଗାରେ ପୋତି ଦେଇଥିଲା ବେଳେ ଘଟଣାର ୫ ଦିନ ପରେ ପୁଲିସ ମୃତଦେହ ଉଦ୍ଧାର କରିଛି। ଏହାଛଡ଼ା ସୁଖିରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଦିଲ୍ଲୀରେ ବର୍ଷସାରା ନିଷିଦ୍ଧ ହେବ ବାଣଫୁଟା !



**ଗମ୍ଭୀର ପ୍ରଦୂଷଣ ସ୍ଥିତିକୁ ନେଇ ପୁଲିସ ଉପରେ ବର୍ଷିଲେ ସୁପ୍ରିମକୋର୍ଟ**

**ଲୋକ ଦେଖାଣିଆ ନିଷିଦ୍ଧ ଘୋଷଣା ଚଳିବନି**

**ସ୍ଥାୟୀ ପଦକ୍ଷେପ ପାଇଁ ସ୍ୱତନ୍ତ୍ର ସେଲ ଗଠନ ନିର୍ଦ୍ଦେଶ**

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦୀପାବଳି ପରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସହରର ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ହୋଇପଡ଼ିବା ସହିତ ଦିଲ୍ଲୀବାସୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ବାୟୁର ମାନ ଅତି ନିମ୍ନ ସ୍ତରକୁ ଚାଲିଯିବା ଯୋଗରେ ଦିଲ୍ଲୀବାସୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ ମହଲ।ରେ ଚିନ୍ତା ବଢିଛି। ଏଭଳି ସ୍ଥିତିରେ ଦିଲ୍ଲୀ ସରକାର ଏବଂ ପୁଲିସର ପଦକ୍ଷେପକୁ ନେଇ ସୁପ୍ରିମକୋର୍ଟ ସୋମବାର ବର୍ଷିଛନ୍ତି। ବିଶେଷକରି ଦୀପାବଳି ସମୟରେ ବାଣଫୁଟାକୁ ନେଇ ଦିଲ୍ଲୀ ସରକାର ଓ ପୁଲିସ ପ୍ରଶାସନ କେବଳ ଲୋକ ଦେଖାଣିଆ ପଦକ୍ଷେପ ଗ୍ରହଣ କରିଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି ଠିକଣା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରେ ବାଣ ଉପରେ ପ୍ରତିବନ୍ଧକ ଲଗାଇବାକୁ ସରକାର କେବଳ କଞ୍ଚାମାଲ ଉପରେ କଟକଣା ଲଗାଇଥିଲେ। କିନ୍ତୁ ବାଣଫୁଟା ବନ୍ଦ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଦିଲ୍ଲୀରେ ଯେଭଳି ବର୍ଷ ତମାମ ବାଣଫୁଟା ଉପରେ ପ୍ରତିବନ୍ଧକ ଲଗାଯାଇପାରିବ ସେନେଇ ଠିକଣା ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ କହିଛନ୍ତି। ସେହିପରି ଗତ ଅକ୍ଟୋବର ୧୪ ପୂର୍ବରୁ ଦିଲ୍ଲୀରେ ବାଣଫୁଟା ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ପୁଲିସ ଏନେଇ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିନାହିଁ ବୋଲି କୋର୍ଟ କହିଛନ୍ତି। ଦିଲ୍ଲୀର ବାୟୁ ପ୍ରଦୂଷଣ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଜଷ୍ଟିସ ଅଭୟ ଏସ୍ ଓକା ଏବଂ ଜଷ୍ଟିସ ଅଗଷ୍ଟିନ ଜର୍ଜ ମାସିଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ବାଣ ବିକ୍ରି ରୋକିବାରେ ଅପାରଗତା ପାଇଁ ଦିଲ୍ଲୀ ପୁଲିସକୁ ଭର୍ତ୍ସନା କରିଛନ୍ତି। କୋର୍ଟ କହିଛନ୍ତି, ଧାର୍ମିକ ଉତ୍ସବ କିମ୍ବା ପର୍ବ ପର୍ବାଣୀରେ ବାଣଫୁଟା ଯାଉଛି। କିନ୍ତୁ କୌଣସି ଧର୍ମ ପ୍ରଦୂଷଣ ସୃଷ୍ଟିକୁ ପ୍ରୋତ୍ସାହିତ କରେ ନାହିଁ। ଯଦି ଏଭଳି ବାଣ ଫୁଟା ଜାରି ରୁହେ ତେବେ ଏହା ନାଗରିକଙ୍କ ସ୍ୱାସ୍ଥ୍ୟଗତ ମୌଳିକ ଅଧିକାର କ୍ଷୁଣ୍ଣ କରିବ। ସମ୍ବିଧାନର ଧାରା ୨୧ ପ୍ରତ୍ୟେକ ନାଗରିକଙ୍କୁ ପ୍ରଦୂଷଣମୁକ୍ତ ଜୀବନଯାପନ ପାଇଁ ଅଧିକାର ପ୍ରଦାନ କରୁଛି। କିନ୍ତୁ ବାଣ ଯୋଗୁ ଏହି ଅଧିକାର କ୍ଷୁଣ୍ଣ ହେବା ସହିତ ଏଥିରେ ଥିବା ରାସାୟନିକ ଅବଶିଷ୍ଟାଂଶ ବିଷାକ୍ତ ଧୂଆଁରେ ପରିଣତ ହୋଇ ଦିଲ୍ଲୀ ବାୟୁକୁ ଦୂଷିତ କରିବାରେ ଲାଗିଛି। ଏଥିପାଇଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି। ତେଣୁ ଦିଲ୍ଲୀ ସରକାର ବାଣ ଉପରେ ସ୍ଥାୟୀ ନିଷେଧାଦେଶ ନେଇ ନିଷ୍ପତ୍ତି ନେବାକୁ କୋର୍ଟ କହିଛନ୍ତି। ସେହିପରି ବାଣ ବିକ୍ରି ଏବଂ ବାଣଫୁଟା ଯେଭଳି ବର୍ଷ ତମାମ ବନ୍ଦ ହୁଏ ତାହାକୁ ନିଶ୍ଚିତ କରିବାକୁ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ରସେ୍ଲ ଗଠନ କରିବାକୁ ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ଦିଲ୍ଲୀରେ ବାଣ ନିଷିଦ୍ଧ କରାଯିବା ନେଇ ବାଣ ପ୍ରସ୍ତୁତକାରୀ କମ୍ପାନୀଙ୍କୁ ପୂର୍ବରୁ ଅବଗତ କରାଯାଇ ଥିଲା କି ନାହିଁ ସେ ସମ୍ପର୍କରେ ଆସନ୍ତା ୨୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସ କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଅଭିଯୋଗ ପ୍ରମାଣିତ ହେଲେ ରାଜନୀତିରୁ ସନ୍ନ୍ୟାସ ନେବି

**ନିର୍ବାଚନ ପାଇଁ ୭୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ ପ୍ରସଙ୍ଗରେ ସିଦ୍ଧରମେୟାଙ୍କ ଆହ୍ୱାନ**

ବେଙ୍ଗାଲୁରୁ,୧୧।୧୧(ଏଜେନ୍ସି): ମହାରାଷ୍ଟ୍ର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିଲା ବେଳେ ଏହିସବୁ ରାଜ୍ୟରେ କଂଗ୍ରେସ ଦଳ ପାଇଁ କର୍ଣ୍ଣାଟକ ସରକାର ୭୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରରେ କିଛି ନିର୍ବାଚନୀ ସଭାରେ ଅଭିଯୋଗ କରିଥିଲେ। ଏହି ପରିମାଣର ଟଙ୍କା ଅବକାରୀ ବିଭାଗ ସୂତ୍ରରୁ କର୍ଣ୍ଣାଟକ ସରକାର ସଂଗ୍ରହ କରିଛନ୍ତି ବୋଲି ମୋଦୀ କହିଥିଲେ। କିନ୍ତୁ ମୋଦୀଙ୍କ ଏହି ଅଭିଯୋଗକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ବଡ଼ ଚ୍ୟାଲେଞ୍ଜ ଦେଇଛନ୍ତି। ସେ ସୋମବାର ସିଗାଓଁରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ ଦେବା ସହିତ ଯଦି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ହୁଏ ତେବେ ସବୁଦିନ ପାଇଁ ସେ ରାଜନୀତିରୁ ସନ୍ନ୍ୟାସ ନେବେ ବୋଲି କହିଛନ୍ତି। ଯେଉଁଠି ଜଣେ ପ୍ରଧାନମନ୍ତ୍ରୀ ଏଭଳି ଅଭିଯୋଗ ଆଣନ୍ତି ସେଠାରେ ଅଭିଯୋଗକୁ ନେଇ କିଛି ସତ୍ୟାସତ୍ୟ ରହିବା ଜରୁରୀ। କିନ୍ତୁ ଏଭଳି ବିଷୟ ଠାରୁ କର୍ଣ୍ଣାଟକ ସରକାର ସମ୍ପୂର୍ଣ୍ଣ ଦୂରରେ ରହିଥିଲେ ବି ପ୍ରଧାନମନ୍ତ୍ରୀ ଭାମେ ମୋଦୀ ଏହି ଅଭିଯୋଗ ଆଣିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସିଦ୍ଧରମେୟା କହିଛନ୍ତି। ଦେଶ ସ୍ୱାଧୀନ ହେବା ପରଠାରୁ କୌଣସି ପ୍ରଧାନମନ୍ତ୍ରୀ ଏଭଳି ମିଥ୍ୟା ଅଭିଯୋଗ ଆଣିନାହାନ୍ତି। ଯଦି ଏହି ଅଭିଯୋଗ ପ୍ରମାଣିତ ହୁଏ ତେବେ ସେ ରାଜନୀତି ଛାଡି ଦେବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହା ପ୍ରମାଣିତ ହୋଇ ନ ପାରିଲେ ମୋଦୀ ତାଙ୍କ ପଦବୀ ଛାଡି ଦେବେ କି ବୋଲି ସିଦ୍ଧରମେୟା ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ରରେ ନିର୍ବାଚନ ପ୍ରଚାର ବେଳେ ମୋଦୀ କହିଥିଲେ ଯେ ଯେଉଁଠାରେ କଂଗ୍ରେସ ସରକାର ଥାଏ ସେଠାରେ ଏହି ଦଳ ରାଜ ପରିବାର (ଗାନ୍ଧୀ ପରିବାର) ପାଇଁ ଏଟିଏମ ପାଲଟିଯାଏ। ଆଜିକାଲି କର୍ଣ୍ଣାଟକ, ହିମାଚଳ ପ୍ରଦେଶ ଏବଂ ତେଲେଙ୍ଗାନା ଭଳି ରାଜ୍ୟ ଏହି ପରିବାର ପାଇଁ ଏଟିଏମରେ ପରିଣତ ହୋଇଛି। ତେଣୁ ନିର୍ବାଚନ ଜିତିଲେ କଂଗ୍ରେସ କେତେ ଲୁଟିବ ତାହା କଳ୍ପନା କରନ୍ତୁ ବୋଲି ମୋଦୀ କହିଥିଲେ। ତେବେ ମୋଦୀଙ୍କ ଏହି ଅଭିଯୋଗର କଡ଼ା ଜବାବ ରଖି ସିଦ୍ଧରମେୟା ଏହି କଥା କହିଛନ୍ତି।

## ଝାଡ଼ଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ

ରାଞ୍ଚି,୧୧।୧୧(ଏଜେନ୍ସି): ଆସନ୍ତା ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଝାଡ଼ଖଣ୍ଡର ୪୩ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ମତଦାନ ପାଇଁ ସୋମବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏଥିସହିତ କେରଳର ୱାଏନାଡ ଲୋକସଭା ଉପ ନିର୍ବାଚନ ଏବଂ ଅନ୍ୟ ରାଜ୍ୟର ବିଧାନସଭା ଉପ ନିର୍ବାଚନ ପାଇଁ ମଧ୍ୟ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଝାଡଖଣ୍ଡରେ ବାକି ୩୮ ବିଧାନସଭା ଆସନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଚଳିତ ମାସ ୨୦ ତାରିଖରେ ହେବ। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପ୍ରମୁଖ ରାଜନୈତିକ ଦଳ ବିଜୟୀ ଆଶା ନେଇ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ସେପଟେ ୱାଏନାଡରେ ମଧ୍ୟ ପ୍ରିୟଙ୍କା ଗାନ୍ଧୀଙ୍କ ବିଜୟକୁ ନେଇ କଂଗ୍ରେସ ଆଶାବାଦୀ ରହିଛି।

## ରାମ ମନ୍ଦିର ଉପରେ ଆକ୍ରମଣ କରିବାକୁ ପନ୍ନୁର ଧମକ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଅଯୋଧ୍ୟାସ୍ଥିତ ନବ ନିର୍ମିତ ରାମ ମନ୍ଦିର ସମେତ ଉତ୍ତରପ୍ରଦେଶର ଅନ୍ୟାନ୍ୟ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରିବାକୁ ଖଲିସ୍ତାନୀ ଆତଙ୍କବାଦୀ ତଥା ନିଷିଦ୍ଧ ଘୋଷିତ ଶିଖ୍ ଫର ଜଷ୍ଟିସ୍ ନେତା ଗୁରପନ୍ତୱନ୍ତ ପନ୍ନୁ ଧମକ ଦେଇଛି। ସେ ଏକ ଭିଡିଓ ବାର୍ତ୍ତାରେ କହିଛି ଯେ, ହିନ୍ଦୁଙ୍କ ସବୁଠୁ ପ୍ରମୁଖ ଧାର୍ମିକ ଆସ୍ଥାସ୍ଥଳ ଅଯୋଧ୍ୟା ଉପରେ ଖୁବଶୀଘ୍ର ଆକ୍ରମଣ କରାଯିବ। ଚଳିତ ମାସ ୧୬ ଏବଂ ୧୭ ତାରିଖରେ ଅଯୋଧ୍ୟାର ରାମ ମନ୍ଦିର ସମେତ ବିଭିନ୍ନ ମନ୍ଦିର ଉପରେ ଆକ୍ରମଣ କରାଯିବ ବୋଲି ସେ କହିଛି। ଏହାବ୍ୟତୀତ ଏହି ଦୁଇ ଦିନରେ କାନାଡାର ଟରୋଣ୍ଟୋ ଏବଂ ବ୍ରାମ୍ପଟନ୍‌ରେ ରହିଥିବା ଦୁଇଟି ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯିବା ସହିତ ଭାରତୀୟ କୂଟନୀତିଜ୍ଞମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯିବ ବୋଲି ପନ୍ନୁ ଧମକ ଦେଇଛି। ଏହି ଭିଡିଓ କାନାଡାର ବ୍ରାମ୍ପଟନ୍ ସହରରେ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

## ଭାରତର ଜାହାଜ ବିଧ୍ୱଂସକାରୀ କ୍ଷେପଣାସ୍ତ୍ରକୁ ନେଇ ପାକିସ୍ତାନ,ଚୀନ୍‌ର ଚିନ୍ତା

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଭାରତ ଖୁବଶୀଘ୍ର ନିଜ ସେନାରେ ଦୂରଗାମୀ ତଥା ଶକ୍ତିଶାଳୀ ଜାହାଜ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ମୁତୟନ କରିବାକୁ ଯାଉଛି। ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ(ଡିଆରଡିଓ) ପକ୍ଷରୁ ବିକଶିତ ଏହି ଆଣ୍ଟିସିପ୍ ମିଜାଇଲ 'ପ୍ରଳୟ'ର ପରୀକ୍ଷଣ ପରେ ଏହାକୁ ସେନାରେ ମୁତୟନ କରାଯିବ ବୋଲି ସୂଚନା ମିଳିବା ପରେ ଭାରତର ଦୁଇ ଶତ୍ରୁ ରାଷ୍ଟ୍ର ପାକିସ୍ତାନ ଏବଂ ଚୀନ୍‌ର ଚିନ୍ତା ବଢିଛି। ପ୍ରଳୟ କ୍ଷେପଣାସ୍ତ୍ର ସ୍ଥଳ ଏବଂ ଜଳଭାଗରୁ ୧୦୦୦ କିମି ପର୍ଯ୍ୟନ୍ତ ଗତି କରିବା ସହିତ ଶତ୍ରୁପକ୍ଷର ଯୁଦ୍ଧ ଜାହାଜକୁ ଧ୍ୱଂସ କରି ଦେବା କ୍ଷମତା ରଖିଛି। ପରୀକ୍ଷଣ ପରେ ଏହି କ୍ଷେପଣାସ୍ତ୍ରକୁ ପ୍ରଥମେ ଭାରତୀୟ ନୌସେନାରେ ନିୟୋଜିତ କରାଯିବ। ଏହାଦ୍ୱାରା ନୌସେନା ଜାହାଜରୁ ହଜାର କିମି ଦୂରରେ ରହିଥିବା ଶତ୍ରୁପକ୍ଷ ଜାହାଜକୁ ଧ୍ୱଂସ କରିଦିଆଯାଇପାରିବ। ବିଶ୍ୱସ୍ତରରେ ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ଚାହିଦା ଯଥେଷ୍ଟ ରହିଥିଲା ବେଳେ ଭାରତ ଏଭଳି କ୍ଷେପଣାସ୍ତ୍ର ପ୍ରସ୍ତୁତ କରି ଶତ୍ରୁ ରାଷ୍ଟ୍ରମାନଙ୍କୁ ଚିନ୍ତାରେ ପକାଇଛି।

## କବରସ୍ଥାନ ତଳୁ ହିଜବୁଲ୍ଲାର ଅସ୍ତ୍ରଭଣ୍ଡାର ଅସ୍ତ୍ରଶସ୍ତ୍ର ଧ୍ୱଂସକଲା ଆଇଡିଏଫ୍

ବେରୁଟ୍ ,୧୧।୧୧(ଏଜେନ୍ସି): ଦକ୍ଷିଣ ଲେବାନନସ୍ଥିତ ହିଜବୁଲ୍ଲାର ଏକ ଗୁପ୍ତ ସ୍ଥଳରେ ରହିଥିବା ବିପୁଳ ଅସ୍ତ୍ରଶସ୍ତ୍ରକୁ ଇସ୍ରାଏଲ ସେନା ବୋମାମାଡ଼ କରି ଧ୍ୱଂସ କରିଦେଇଛି। ଏକ କବରସ୍ଥାନ ତଳେ ପ୍ରାୟ ଏକ କିମି ପରିବ୍ୟାପ୍ତ ଏକ ସୁଡ଼ଙ୍ଗ ମଧ୍ୟରେ ହିଜବୁଲ୍ଲା ବିପୁଳ ପରିମାଣର ରକେଟ୍ ଏବଂ ଅନ୍ୟାନ୍ୟ ମାରାତ୍ମକ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିଥିଲା। ଏ ସମ୍ପର୍କରେ ଇସ୍ରାଏଲର ଆଇଡିଏଫ୍‌କୁ ସୂଚନା ମିଳିବା ପରେ ସୋମବାର ସକାଳେ ଏହା ଉପରେ ଘନ ଘନ ବୋମାମାଡ଼ କରାଯାଇଥିଲା। ଏହି ସୁଡ଼ଙ୍ଗ ଭିତରେ କଣ୍ଟ୍ରୋଲ ରୁମ୍ ସହିତ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ରହିଥିଲା। କିନ୍ତୁ ଆଇଡିଏଫ୍ ଏହାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛି। ସୁଡ଼ଙ୍ଗ ଭିତରେ ରହିଥିବା ଗଚ୍ଛିତ ଅସ୍ତ୍ର ଭଣ୍ଡାରର ଭିଡିଓ ମଧ୍ୟ ଆଇଡିଏଫ ଜାରି କରିଛି।

**ଉଦ୍ଧବଙ୍କ ବ୍ୟାଗ ଯାଞ୍ଚକୁ ନେଇ ପ୍ରଶ୍ନ**

## ଫଡ଼ନବୀସ୍, ଅଜିତଙ୍କ ବ୍ୟାଗ ଯାଞ୍ଚ କରାଯାଉଛି କି ?



ମୁମ୍ବଇ,୧୧।୧୧(ଏଜେନ୍ସି): ନିର୍ବାଚନୀ ପ୍ରଚାର ପାଇଁ ଏକ ସଭାକୁ ଯାଇଥିବା ଶିବସେନା(ୟୁବିଟି) ସୁପ୍ରିମୋ ଉଦ୍ଧବ ଠାକରେଙ୍କ ବ୍ୟାଗ୍‌କୁ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରିବା ଘଟଣାକୁ ନେଇ ରାଜନୈତିକ ବିବାଦ ବଢିଛି। ନିର୍ବାଚନ ପ୍ରଚାର ପାଇଁ ଉଦ୍ଧବ ଠାକରେ ମହାରାଷ୍ଟ୍ରର ୱାନି ହେଲିପ୍ୟାଡରେ ପହଞ୍ଚିବା ପରେ ସୁରକ୍ଷା ଅଧିକାରୀମାନେ ତାଙ୍କ ବ୍ୟାଗ ଯାଞ୍ଚ କରିଥିଲେ । ଯାହାର ଭିଡିଓ ଉଦ୍ଧବ ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କିନ୍ତୁ ତାଙ୍କ ବ୍ୟାଗ ଯାଞ୍ଚ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ୍ ଓ ଅଜିତ ପାୱାରଙ୍କ ବ୍ୟାଗକୁ ବି କ'ଣ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରୁଛନ୍ତି କି ବୋଲି ଉଦ୍ଧବ ପ୍ରଶ୍ନ କରୁଛନ୍ତି। ନିର୍ବାଚନ ଅଧିକାରୀମାନେ ମହାରାଷ୍ଟ୍ରକୁ ପ୍ରଚାର ପାଇଁ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ବ୍ୟାଗକୁ ମଧ୍ୟ ଯାଞ୍ଚ କରୁଛନ୍ତି କି ନାହିଁ, ସେକଥା ମଧ୍ୟ ଉଦ୍ଧବ ପଚାରୁଛନ୍ତି। ଉଦ୍ଧବଙ୍କ ବ୍ୟାଗ ଯାଞ୍ଚ କରୁଥିବା ଅଧିକାରୀମାନଙ୍କ ପରିଚୟପତ୍ର ଯାଞ୍ଚ କରିବାକୁ ସେ ନିଜର କର୍ମୀମାନଙ୍କୁ କହୁଥିବା ଭିଡିଓରେ ଶୁଣିବାକୁ ମିଳୁଛି।

## ଆଇଓସିଏଲ୍‌ରେ ଭୟଙ୍କର ବିସ୍ଫୋରଣ

ଭଦୋଦରା, ୧୧।୧୧(ଏଜେନ୍ସି): ଗୁଜରାଟର ଭଦୋଦରାସ୍ଥିତ ଭାରତୀୟ ତୈଳ ନିଗମ (ଆଇଓସିଏଲ୍) ବିଶୋଧନାଗାରରେ ସୋମବାର ବିସ୍ଫୋରଣ ପରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ରଖର ନିଆଁ ଏତେ ବ୍ୟାପିଯାଇଛି ଯେ ରିଫାଇନେରୀରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳୁଛି। ଭଦୋଦରା ପୁଲିସ ଏବଂ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା କାର୍ଯ୍ୟ ଜାରି ରଖିଛନ୍ତି। ଏହାବ୍ୟତୀତ ଏହି ରିଫାଇନେରୀରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାନାନ୍ତର କରାଯାଇଛି। ତଥାପି ଅନେକ କର୍ମଚାରୀ ଭିତରେ ଫସି ରହିଛନ୍ତି ବୋଲି କୁହାଯାଉଛି। ପ୍ରାଥମିକ ସୂଚନା ଅନୁଯାୟୀ, ଆଇଓସିଏଲ୍ ରିଫାଇନେରୀରେ ଥିବା ୧୦୦୦ କିଲୋଲିଟର ବେଞ୍ଜିନ୍ ଟାଙ୍କିରେ ଅଗ୍ନିକାଣ୍ଡ ଘଟିଛି। ତେବେ କିପରି ଅଗ୍ନିକାଣ୍ଡ ଘଟିଲା ସେ ନେଇ କମ୍ପାନୀ କୌଣସି ସୂଚନା ଦେଇନାହିଁ।

## ବାଂଲାଦେଶୀଙ୍କ ଷଡ଼ଯନ୍ତ୍ରକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ଏନ୍‌ଆଇଏ ଚଢଉ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଅଲ କାଏଦା ଆତଙ୍କବାଦୀ ସହ ଜଡ଼ିତ ରହିଥିବା କିଛି ବାଂଲାଦେଶୀ ଭାରତରେ ଆତଙ୍କବାଦ କାର୍ଯ୍ୟ ଚଳାଇବାକୁ ଯୋଜନା କରିଥିବା ଜଣାପଡ଼ିବା ପରେ ଜାତୀୟ ଅନୁସନ୍ଧାନକାରୀ ଏଜେନ୍ସି(ଏନଆଇଏ) ପକ୍ଷରୁ ସୋମବାର ଦେଶର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଅଲ କାଏଦା ସହିତ ଜଡ଼ିତ ରହିଥିବା କିଛି ଲୋକ ଭାରତରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷ୍ୟରେ ଆତଙ୍କବାଦ କାର୍ଯ୍ୟ ପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି ବୋଲି ସୂଚନା ମିଳିଥିଲା। ଏହାକୁ ନେଇ ଏନଆଇଏ ଜମ୍ମୁ କଶ୍ମୀର ସମେତ ବିହାର , ପଶ୍ଚିମବଙ୍ଗ, ଆସାମ,ତ୍ରିପୁରା ଏବଂ କର୍ଣ୍ଣାଟକ ଆଦି ରାଜ୍ୟର ୯ଟିସ୍ଥାନରେ ଚଢଉ କରି କିଛି ଲୋକଙ୍କ ପଚରାଉଚରା କରିଥିବା ଜଣାପଡ଼ିଛି। ଯେଉଁମାନଙ୍କୁ ପଚରାଉଚରା କରାଯାଇଥିଲା ସେମାନେ ଅଲ କାଏଦା କାର୍ଯ୍ୟକୁ ସମର୍ଥନ ଦେବା ସହିତ ସ୍ଥାନୀୟ ଅଞ୍ଚଳରେ ଅନ୍ୟ ଲୋକମାନଙ୍କୁ ଆତଙ୍କବାଦ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଉଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ଠାରୁ ବହୁ ସମ୍ବେଦନଶୀଳ ଦସ୍ତାବିଜ୍ ସମେତ , ବିଦେଶୀ ସିମ୍, ମୋବାଇଲ ଫୋନ ଏବଂ ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି।



## କ୍ଷମା ମାଗିବାକୁ ମିଥୁନ୍‌ଙ୍କୁ ପାକିସ୍ତାନୀ ଡନ୍‌ର ଧମକ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ବଲିଉଡ୍ ଷ୍ଟାର ସଲମନ ଖାନ୍ ଓ ଶାହରୁଖ ଖାନ୍‌ଙ୍କ ପରେ ଏବେ ବଲିଉଡ ଅଭିନେତା ତଥା ବିଜେପି ନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ଧମକ ମିଳିଛି। ଦୁବାଇରେ ଥିବା ଜଣେ ପାକିସ୍ତାନୀ ଡନ୍ ସୋସିଆଲ ମିଡିଆରେ ମିଥୁନଙ୍କୁ ଧମକ ଦେଇଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଯେଉଁଥିରେ ପାକିସ୍ତାନୀ ଡନ୍ ଶହଜାଦ ଭଟ୍ଟି ୧୫ ଦିନ ଭିତରେ ମିଥୁନ ପୂର୍ବରୁ ଦେଇଥିବା ଘୃଣ୍ୟ ମନ୍ତବ୍ୟ ପାଇଁ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ଧମକ ଦେଇଛି। ୧୦-୧୫ ଦିନ ମଧ୍ୟରେ କ୍ଷମା ନ ମାଗିଲେ ଭୟଙ୍କର ପରିସ୍ଥିତି ଭୋଗିବାକୁ ପଡ଼ିବ ବୋଲି ଭଟ୍ଟି ଧମକ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ମିଥୁନ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ଏକ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେବା ସମୟରେ 'ହେଟ୍ ସ୍ପିଚ୍ ' ଦେଇଥିବାର ଅଭିଯୋଗ ହୋଇଥିଲା। ଏହା ପରେ ହିଁ ହଙ୍ଗାମା ହୋଇଥିଲା। ଏହା ପରେ ମିଥୁନଙ୍କ ବିରୋଧରେ ଏତଲା ମଧ୍ୟ ରୁଜୁ ହୋଇଥିଲା।

## କେନ୍ଦ୍ରମନ୍ତ୍ରୀଙ୍କ ପ୍ରତି କର୍ଣ୍ଣାଟକ ମନ୍ତ୍ରୀଙ୍କ ବର୍ଣ୍ଣବୈଷମ୍ୟ ମନ୍ତବ୍ୟକୁ ନେଇ ବିବାଦ



ବେଙ୍ଗାଲୁରୁ,୧୧।୧୧(ଏଜେନ୍ସି): କର୍ଣ୍ଣାଟକ ମନ୍ତ୍ରୀ ଜମିର ଅହମ୍ମଦ ଖାନ କେନ୍ଦ୍ରମନ୍ତ୍ରୀ ତଥା ଜେଡିଏସ ନେତା ଏଚଡି କୁମାରସ୍ୱାମୀଙ୍କ ପ୍ରତି ଦେଇଥିବା ବର୍ଣ୍ଣବୈଷମ୍ୟ (କାଳିଆ) ମନ୍ତବ୍ୟକୁ ନେଇ ବିବାଦ ତେଜିଛି। ଜମିରଙ୍କ ବୟାନକୁ ନେଇ ରାଜ୍ୟ ରାଜନୀତିରେ ହଟଚମଟ ଦେଖିବାକୁ ମିଳିଥିଲା ବେଳେ ଜେଡିଏସ ଏଥିପାଇଁ ଜମିରଙ୍କୁ ସମାଲୋଚନା କରିବା ସହ ତାଙ୍କୁ ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ କରିବାକୁ ଦାବି କରିଛି। କର୍ଣ୍ଣାଟକର କଂଗ୍ରେସ ପ୍ରାର୍ଥୀ ସିପି ଯୋଗେଶ୍ୱରାଙ୍କ ସମ୍ପର୍କରେ ମତ ରଖିବା ବେଳେ ଜମିର ବିବାଦୀୟ ଟିପ୍ପଣୀ କରିଥିଲେ। ଯୋଗେଶ୍ୱରା ବିଜେପିରେ ମିଶିଥିଲେ ହେଁ ନିକଟରେ ପୁଣି କଂଗ୍ରେସକୁ ଫେରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ଜମିର କହିଥିଲେ ଯେ 'ଆମ ଦଳରେ କିଛି ମତ ପାର୍ଥକ୍ୟ ଯୋଗୁ ଯୋଗେଶ୍ୱରା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ପାଖରେ କୌଣସି ବିକଳ୍ପ ନଥିବାରୁ ସେ ବାଧ୍ୟ ହୋଇ ବିଜେପିରେ ମିଶିଥିଲେ। ତାଙ୍କର ଜେଡିଏସରେ ସାମିଲ ହେବାକୁ ଆଦୌ ଇଛା ନ ଥିଲା। କାରଣ କାଳିଆ କୁମାରସ୍ୱାମୀ ବିଜେପି ଠାରୁ ଆହୁରି ବିପଜ୍ଜନକ ଥିଲେ। ଏବେ ଯୋଗେଶ୍ୱରା ଘରକୁ ଫେରି ଆସିଛନ୍ତି। କୁମାରସ୍ୱାମୀଙ୍କ ବର୍ଣ୍ଣ କୃଷ୍ଣକାୟ ହୋଇଥିବାରୁ ତାଙ୍କ ପ୍ରତି ଜମିରଙ୍କ ଏଭଳି ବୟାନ ବିବାଦ ବଢାଇଛି।

# 'ଏକ ହେଁ ତୋ ସେଫ୍ ହେଁ ସ୍ଲୋଗାନ' ବିଜ୍ଞାପନ ବଢ଼ାଇଲା ବିବାଦ



ମୁମ୍ବଇ,୧୧।୧୧(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ଏବେ ରାଜନୈତିକ ଉଷ୍ମତା ଚରମରେ ପହଞ୍ଚିଛି। ନିର୍ବାଚନ ପୂର୍ବରୁ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ବାକ୍ ଯୁଦ୍ଧ ଏବଂ ନାରାବାଜି ଆରମ୍ଭ ହୋଇସାରିଥିଲା ବେଳେ ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ଏକ ହେ ତୋ ସେଫ୍ ହେ ସ୍ଲୋଗାନ'କୁ ନେଇ ମହାରାଷ୍ଟ୍ରର ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇଥିବା ବିଜ୍ଞାପନ ରାଜନୈତିକ ସ୍ତରରେ ବିବାଦ ତୀବ୍ର କରିଛି। ବିଦ୍‌ରେ ଆୟୋଜିତ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସ୍ଲୋଗାନ ଦେଇଥିଲେ। ତେବେ ବିଜେପିର ଏହି ସ୍ଲୋଗାନ୍‌କୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ବିଜେପି ଏଭଳି ସ୍ଲୋଗାନ ଜାରି କରି ସମାଜରେ ଭୟର ବାତାବରଣ ସୃଷ୍ଟି କରିବା ସହିତ ଏଥିରୁ ଫାଇଦା ଉଠାଇବାକୁ ଉଦ୍ୟମ କରୁଛି ବୋଲି କଂଗ୍ରେସ କହିଛି। ଏହାଦ୍ୱାରା ସାମାଜିକ ଧ୍ରୁବୀକରଣକୁ ଆହୁରି ଗଭୀର ହୋଇପାରେ ବୋଲି ମଧ୍ୟ ଅନ୍ୟ କିଛି ଦଳର ନେତା କହିଛନ୍ତି। ଅନ୍ୟପକ୍ଷରେ ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ମାନସିକତାରେ ତାଳମେଳ ନାହିଁ ବୋଲି ବିରୋଧୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ 'ଏକ ହେ ତୋ ସେଫ୍ ହେ' କଥା କହୁଥିଲା ବେଳେ ଯୋଗୀ ଆଦିତ୍ୟନାଥ 'ବଟେଙ୍ଗେ ତୋ କଟେଙ୍ଗେ'ର କଥା କହୁଛନ୍ତି ବୋଲି ବିରୋଧୀ ଦଳର ନେତା କହିଛନ୍ତି।

**ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ନା ଆତଙ୍କବାଦୀ: ଖଡ୍‌ଗେ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପରସ୍ପର ବିରୋଧୀ ସ୍ଲୋଗାନକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ତୀବ୍ର ସମାଲୋଚନା କରିଛନ୍ତି। ସେ ଝାଡଖଣ୍ଡର ଏକ ନିର୍ବାଚନୀ ସଭାରେ କହିଛନ୍ତି ଯେ, ଏକାଠି ରହିଲେ ଲୋକେ ସୁରକ୍ଷିତ ରହିବେ ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି। ଅନ୍ୟପକ୍ଷରେ ଯଦି ଅଲଗା ରହିବ ତ ଶେଷ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହୁଛନ୍ତି। କେଉଁ ସ୍ଲୋଗାନ ଦିଆଯିବ ତାହା ମୋଦୀ ଓ ଯୋଗୀ ପ୍ରଥମେ ସ୍ଥିର କରନ୍ତୁ ଏବଂ ପରେ ସ୍ଲୋଗାନ ଦିଅନ୍ତୁ। ଯାହାଦ୍ୱାରା ଜନସାଧାରଣଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ସୃଷ୍ଟି ହେବ ନାହିଁ ବୋଲି ଖଡ଼ଗେ କହିଛନ୍ତି। ଏହାବ୍ୟତୀତ 'ବଟେଙ୍ଗେ ତୋ କଟେଙ୍ଗେ' ପରି ସ୍ଲୋଗାନ ଦେଉଥିବା ବ୍ୟକ୍ତିଙ୍କୁ କେହି ସାଧୁ ବୋଲି କହିପାରିବେ କି ସେ ପ୍ରଶ୍ନ ଉଠାଇଛନ୍ତି। କୌଣସି ସନ୍ଥ କିମ୍ବା ଯୋଗୀ ଏଭଳି ବୟାନ ଦେଇପାରିବେ ନାହିଁ। କେବଳ ଆତଙ୍କବାଦୀମାନେ ହିଁ ଏଭଳି କଥା କହିପାରିବେ, ଆମେ ନୁହେଁ ବୋଲି ଖଡ଼ଗେ କହିବା ପରେ ଏହାକୁ ବିଜେପି ତୀବ୍ର ବିରୋଧ କରିଛି। ଖଡ଼ଗେ ଜଣେ ହିନ୍ଦୁ ଏବଂ ସନାତନ ବିରୋଧୀ ବ୍ୟକ୍ତି ବୋଲି ବିଜେପି କହିଛି।


Google glrinfra
BOOK NOW
GLR infra
Make Your dreams come true
REGISTERED RERA PROJECTS
80+ HAPPY FAMILIES & COUNTING
2&3 BHK FLATS
Starting
@65 Lakhs
Offer Price 58 Lakhs
Swimming Pool
Temple
GYM
Rooftop Garden
SPA
1st TIME IN BALASORE
GLR Royal
Our Amenities
Temple
Swimming Pool
Fitness/Gym (Unisex)
Hall for Yoga/Meditation
Walking Path
Salon/Spa/Parlor
Dry Cleaner/Laundry
Daily Needs & Veggie Cart (Battery Auto)
Library/Reading Room
High-Security Digital Main Door Locks
Lift Access to Terrace Garden
Rooftop Garden
24-Hour Kitchen Service (Home Delivery)
Multipurpose Hall (Community Hall/Conference Hall/Clubhouse)
Indoor Games
Free Cycling
24x7 Power Backup for Lift, Water Supply & Common Areas
24x7 Security Services with CCTV Surveillance
Sun Deck
Community Lounge with Coffee Station
Pet-Friendly Facilities
Virtual App for Resident Services
Riverside Balcony Views
Puja Units
Fire Safety Systems
Drinking Water Facilities in Public Areas
Electric Charging Station for E-Bike & E-Car
Training Center (Cooking /Dancing/ Singing)
Garbage Recycling
Washing Bay for Bikes & Cars
First Aid/ Dispensary
Lockers
USB Charging Stations in Public Areas
Co-Working Space
Landscaped Areas with Aquarium
Guest House
Driver Rooms
Parking for Cars and Bikes
Plantation and Gardening
Commercial Spaces
Eco-Friendly Campus
Solar Geyser System for All Units
Solar Area Lights
Near Srinix College of Engineering, Ranipatra, Balasore
9348785198, 7381036677

## ଦାଦାବଟି ନ ଦେବାରୁ ଭାଙ୍ଗିଲେ ଷ୍ଟଲ, ଫିଙ୍ଗିଦେଲେ ହାଣ୍ଡିକଯାକ ଦହିବରା

# ବେପାରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ଅଭିଯୋଗ

ଅନୁଗୋଳ, ୧୧।୧୧(ସମିସ)



ଦାଦାବଟି ନ ଦେବାରୁ ଭାଙ୍ଗିଲେ ଷ୍ଟଲ, ଫିଙ୍ଗିଦେଲେ ହାଣ୍ଡିକଯାକ ଦହିବରା। କେବଳ ସେତିକି ନୁହେଁ, ସମ୍ପୃକ୍ତ ଦୋକାନୀକୁ ମରଣାନ୍ତକ ଆକ୍ରମଣ ମଧ୍ୟ କରାଯାଇଛି। ଅନୁଗୋଳ ଟାଉନ୍ ଥାନା ଅଧୀନ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ସୋମବାର ଏହି ଘଟଣା ଘଟିଛି। ଏଠାରେ ଜଣେ ଦହିବରା ବେପାରୀ ଦାଦାବଟି ନ ଦେବାରୁ ମାରଣାସ୍ତ୍ରରେ ଆକ୍ରମଣର ଶିକାର ହୋଇଛନ୍ତି।

ସୂଚନା ମୁତାବକ, ରାଧାରମଣପଡ଼ାର ପବିତ୍ର ସାହୁଙ୍କ ପୁଅ ତ୍ରିନାଥ ସାହୁ (୩୨) ପାଖାପାଖି ଚାରିବର୍ଷ ହେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ଦହିବରା ବେପାର କରନ୍ତି। ସୋମବାର ମଧ୍ୟାହ୍ନ ସମୟରେ ପ୍ରଗତି ନଗର ଅଞ୍ଚଳର ସମୀର ଦାସ ନାମକ ଜଣେ ଯୁବକ ତ୍ରିନାଥଙ୍କୁ ଦାଦାବଟି ମାଗିଥିଲେ। କିନ୍ତୁ ତ୍ରିନାଥ ଦାଦାବଟି ଦେବାକୁ ମନା କରିଥିଲେ। ଏହାକୁ ନେଇ ପ୍ରଥମେ ତ୍ରିନାଥ ଏବଂ ସମୀରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମୀର ତ୍ରିନାଥଙ୍କ ଦହିବରା ହାଣ୍ଡିକୁ ତଳେ ଫିଙ୍ଗିଦେଇଥିଲେ। ପରେ ରାଗରେ ନିକଟରେ ଥିବା ଏକ ଗୁପଚୁପ ଦୋକାନୀଙ୍କଠାରୁ ଧାରୁଆ ଛୁରୀ ଆଣି ତ୍ରିନାଥଙ୍କୁ ମାରିବା ପାଇଁ ଗୋଡ଼ାଇଥିଲେ। ତ୍ରିନାଥ ଭୟଭୀତ ହୋଇ ୧୧୨ ନମ୍ବରରେ ଯୋଗାଯୋଗ କରିବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ସମୀର ଫେରାର ହୋଇଯାଇଥିବା ବେଳେ ତ୍ରିନାଥଙ୍କ ସ୍ତ୍ରୀ ସରୋଜିନୀ ଥାନାରେ ଅଭିଯୋଗ କରିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ, ୧୧।୧୧(ସମିସ): କଣିହାଁ ବ୍ଲକ ତଥା ଏନଟିପିସି ଥାନା ବିଜିଗୋଳ ଗ୍ରାମରେ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ଅବନ୍ତୀ ସାହୁ (୪୫)। ଅଭିଯୋଗ ଅନୁଯାୟୀ, ରବିବାର ଅବନ୍ତୀ ନିଜ ଘର ଭିତରେ ରଶି ଲଗାଇ ଫ୍ୟାନରେ ଝୁଲିପଡ଼ିଥିଲେ। ବହୁ ବିଳମ୍ବ ପର୍ଯ୍ୟନ୍ତ ସେ ଘରୁ ନ ବାହାରିବାରୁ ତାଙ୍କ ଦିଅର ଅନିରୁଦ୍ଧ ସାହୁ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଅବନ୍ତୀଙ୍କ ମୃତଦେହ ଉଦ୍ଧାର କରିବା ସହ ସୋମବାର ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ଦିବ୍ୟଦର୍ଶନ ଜ୍ଞାନମନ୍ଦିରର ପ୍ରତିଷ୍ଠା ଦିବସ



ବଅଁରପାଳ, ୧୧।୧୧(ସମିସ): ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମ ନୂଆସାହି ଦିବ୍ୟଦର୍ଶନ ଜ୍ଞାନମନ୍ଦିରର ଦ୍ୱାଦଶ ପ୍ରତିଷ୍ଠା ଦିବସ ତଥା ଶତାଧିକ ଭାଇ ଭଉଣୀମାନଙ୍କ ଦୀକ୍ଷା ବାର୍ଷିକ ଅବସରରେ ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୀକ୍ଷିତ ଗୁରୁ ଭାଇ ଓ ଭଉଣୀମାନେ ସକାଳୁ ଜ୍ଞାନମନ୍ଦିର ପରିସର ସଫେଇ କରିବା ସହ ସୁସଜ୍ଜିତ କରିଥିଲେ। ଅପରାହ୍ନ ୩ଟାରେ ଗୁରୁ ଭାଇମାନେ ଆସି ଶତାଧିକ ନୂତନ ଗୁରୁ ଭାଇଭଉଣୀଙ୍କୁ ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଦୀକ୍ଷା ପ୍ରଦାନ କରିଥିଲେ। ଦୀକ୍ଷା ଗ୍ରହଣ ସମାପ୍ତ ପରେ ନଗରକୀର୍ତ୍ତନ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଗୁରୁ ଭାଇଭଉଣୀମାନେ ଗୁରୁଙ୍କ ବାଣୀ ଓ ଆଧ୍ୟାତ୍ମିକ କଥାମୃତ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଗୁରୁଭାଇ ଓ ଭଉଣୀ ରବୀନ୍ଦ୍ର ମହାନ୍ତି (ସଭାପତି), ହେମନ୍ତ କୁମାର ସାହୁ (କେନ୍ଦ୍ରୀୟ କମିଟି ସଭ୍ୟ), ଡ. ରଞ୍ଜିତ ସାହୁ, ସମ୍ପଦ ମଙ୍ଗରାଜ (ସଭାପତି, ଭୁବନେଶ୍ୱର ଶାଖା), ନମିତା ଭଉଣୀ, ନଳିନୀ ଭଉଣୀ, ଗୋପିନାଥ ଭାଇ, ବଳରାମ ପ୍ରସାଦ, ସୁବାସ ଭାଇ, ମଙ୍ଗୁଲୁ ଭାଇ, ମନ୍ଦୋଦରୀ ଭଉଣୀ, ଅନୁପମା ଭଉଣୀ ଓ ପଙ୍କଜ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

● ଚୁଲିକୁ ଗଲା ଓଡ଼ିଆ ଅସ୍ମିତା

## ଇଂରାଜୀରେ ଲେଖାହୋଇଛି ଓରମାସର ଏଗ୍ରି ମଲ୍‌ର ସାଇନ୍ ବୋର୍ଡ




ଅନୁଗୋଳ, ୧୧।୧୧(ସମିସ): ଓଡ଼ିଆ ଅସ୍ମିତାର ନାରା ଦେଇ ବିଜେପି ରାଜ୍ୟ ଶାସନ ଭାର ହାତେଇଛି। ଶାସନକୁ ଆସିବା ପରେ ସବୁ ସରକାରୀ ଓ ବେସରକାରୀ କାଗଜପତ୍ରଠୁ ଆରମ୍ଭ କରି ସମସ୍ତ ଦୋକାନ ବଜାର, ଅଫିସ କଚେରୀର ହୋର୍ଡିଂ ମଧ୍ୟ ବଦଳାଇଛି। ଆଉ ଏଥିପାଇଁ ପାଣି ଭଳି ପଇସା ମଧ୍ୟ ଖର୍ଚ୍ଚ କରାଯାଉଛି। କିନ୍ତୁ ଅନୁଗୋଳ ସହରରେ ଏକ ସରକାରୀ କଳ ଦ୍ୱାରା ପରିଚାଳିତ ସଂସ୍ଥାର ସାଇନ ବୋର୍ଡ ଓଡ଼ିଆ ନୁହେଁ, ବରଂ ଇଂରାଜୀରେ ଲେଖା ହୋଇଥିବା ସାମ୍ନାକୁ ଆସିଛି। ଅନୁଗୋଳ ଜେଲ୍ ସମ୍ମୁଖରେ ଥିବା ଓରମାସର ଏଗ୍ରି ମଲ୍‌ର ସାଇନ୍ ବୋର୍ଡ ଓଡ଼ିଆ ବଦଳରେ ସମ୍ପୂର୍ଣ୍ଣ ଇଂରାଜୀରେ ଲେଖାଯାଇଛି। ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ବିଜେପି ସରକାର ସବୁ ବିଭାଗକୁ ଓଡ଼ିଆ ଭାଷା ଓ ଓଡ଼ିଆ ଲେଖାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ରାଜ୍ୟ ପଞ୍ଚାୟତିରାଜ ଓ ଓରମାସ ଏଗ୍ରୀ ମଲ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯଦି ସରକାର ଓଡ଼ିଆ ଭାଷା ଓ ଓଡ଼ିଆ ଅସ୍ମିତାକୁ ଏତେ ଗୁରୁତ୍ୱ ଦେଉଥିବା ଦାବି କରୁଛନ୍ତି, ତେବେ ଏଠାରେ ଏତେ ବଡ଼ ଭୁଲ କେମିତି ହେଲା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। କାହା ନିର୍ଦ୍ଦେଶରେ ଏଠାରେ ଇଂରାଜୀରେ ବୋର୍ଡ ଲାଗିଛି ବୋଲି ପ୍ରଶ୍ନ ଉଠିଛି। ତୁରନ୍ତ ଓଡ଼ିଆରେ ସାଇନ ବୋର୍ଡ ଲେଖିବାକୁ ଦାବି ହୋଇଛି।

● ମହୀଧରପୁର ମହୋତ୍ସବ 'ମୟୂରୀ' ଉଦଘାଟିତ

## ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ଲୋକେ





ଅନୁଗୋଳ, ୧୧।୧୧(ସମିସ): ଉଦଘାଟିତ ହୋଇଛି ମହୀଧରପୁର ମହୋତ୍ସବ ମୟୂରୀ-୨୦୨୪। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଯୋଗଦେଇ ସାଂସ୍କୃତିକ ମହୋତ୍ସବ ଅଞ୍ଚଳ ମଧ୍ୟରେ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। ତେଣୁ ସମସ୍ତେ ଏଭଳି କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ବିଧାୟକ ଆହ୍ୱାନ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ସରପଞ୍ଚ ଇକି ସାହୁ, ସମିତିସଭ୍ୟ ସୁବାସ ଜେନା, ସଭାପତି ବିନୋଦ ବେହେରା, ସମ୍ପାଦକ ଭରତ କୁମାର ଜେନା, ବିଜୟାନନ୍ଦ ସାହୁ, ମାନସ କୁମାର ସାହୁ, ସନ୍ତୋଷ ବେହେରା, ମୋହନ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ମନମୋହିୟ କ୍ରିଏସନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା। ବନ୍ତଳା ଅଞ୍ଚଳର କଳାପାଟ ନୃତ୍ୟାଙ୍ଗନାମାନେ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏ ଅବସରରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରକାରର ମେଳା ପଡ଼ିଛି। ମେଳାରେ ଦିନବେଳା ଲୋକେ ବୁଲାବୁଲି କରି ବିଭିନ୍ନ ଘରକରଣା ଜିନିଷ କିଣୁଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ ପେଣ୍ଡାଲ ନିକଟରେ ଭିଡ଼ ଜମାଉଛନ୍ତି। ମୟୂରୀ ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାମୀକୁ ହତ୍ୟା: ସ୍ତ୍ରୀ ଓ ପ୍ରେମିକ ଗିରଫ

କଣିହାଁ, ୧୧।୧୧(ସମିସ): ପରକୀୟା ପ୍ରୀତିରୁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଘଟଣାର ବର୍ଷକ ପରେ କଣିହାଁ ଥାନା ପୁଲିସ ଅଭିଯୁକ୍ତ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଅନୁଗୋଳ ସଦର ଥାନା ଅର୍ନ୍ତଗତ ପ୍ରଗତିନଗରରେ ରହୁଥିବା ମୃତକ ମଙ୍ଗୁଲୁ ବେହେରା (୨୪) ଙ୍କ ସ୍ତ୍ରୀ ବସୁମତି ପ୍ରଧାନ (୨୩) ଓ ମନୋଜ ନାଗ (୨୦)। ପୁଲିସ ସୂଚନା ଅନୁଯାୟୀ ୨୦୨୩ ଅଗଷ୍ଟ ୨୪ ସକାଳେ ଜମାନିଆ ଓଭର୍‌ବ୍ରିଜ୍ ତଳେ ଜଣେ ଅଚିହ୍ନା ଯୁବକଙ୍କ ଶବ ଉଦ୍ଧାର ହୋଇଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ମୃତଦେହ ପ୍ରଗତିନଗରର ମଙ୍ଗୁଲୁ ବେହେରାଙ୍କର ବୋଲି ଜଣାପଡ଼ିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ପରେ ହତ୍ୟା ମାମଲା ରୁଜୁ କରି ସେହି ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପ୍ରେମିକ ମନୋଜ ସହ ମିଶି ବସୁମତି ମଙ୍ଗୁଲୁଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା।

## ନୃତ୍ୟନୀଳୟ ପକ୍ଷରୁ ଶିଶୁସନ୍ଧ୍ୟା



ଅନୁଗୋଳ, ୧୧।୧୧(ସମିସ): ସ୍ଥାନୀୟ ସଭାଗୃହରେ ରବିବାର ସନ୍ଧ୍ୟାରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟନୀଳୟ ପକ୍ଷରୁ ଶିଶୁସନ୍ଧ୍ୟା-୨୦୨୪ ଆୟୋଜିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ସମାରୋହକୁ ଉଦଘାଟନ କରିଥିଲେ। ବିଧାୟକ ପ୍ରଧାନ ବକ୍ତବ୍ୟରେ କହିଲେ, ଅନୁଗୋଳର ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର କଳା ପ୍ରଦର୍ଶନ ପାଇଁ ନିଃଶୁଳ୍କ ହଲ୍‌ର ଆବଶ୍ୟକତା ରହିଛି। ଶିଶୁସନ୍ଧ୍ୟା ପିଲାମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉପଯୁକ୍ତ ମଞ୍ଚ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ ଯୋଗଦେଇ ଅନୁଗୋଳର କଳାସଂସ୍କୃତି ଓ ସାହିତ୍ୟ ମହାନ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପନଗରପାଳ ଅନୁପମା ସାହୁ, ନୃତ୍ୟନୀଳୟର ଉପଦେଷ୍ଟା ହେମନ୍ତ ଦାଶ, ସଭାପତି ଗୁରୁ ଅନିତା ସିଂହଦେଓ ଯୋଗଦେଇ ଶିଶୁସନ୍ଧ୍ୟା ଆୟୋଜନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ନୃତ୍ୟନୀଳୟର କେତେଜଣ ପ୍ରତିଭାସମ୍ପନ୍ନ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ମୟୀ ପି. ରାଉତ, ଗୋପଶ୍ରୀ ସାହୁ, ପିନାକୀ ଦାସ, ମୋନାଲିସା ସାହୁ, ରତିରଞ୍ଜନ ଅମାନ୍ତ, ସ୍ୱର୍ଣ୍ଣାଙ୍ଗୀ ଦାସ, ଯଶୋବନ୍ତ ସାମଲ ପ୍ରମୁଖ ବରିଷ୍ଠ ଶିଷ୍ୟଶିଷ୍ୟାମାନେ ଶିଶୁସନ୍ଧ୍ୟାରେ ନୃତ୍ୟ ପରିବେଷଣ କରିଥିବା କୁନି କଳାକାରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଯଜ୍ଞ ରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାରୋହରେ ଶିଶୁ କଳାକାରମାନେ ଦଳଗତ ଓଡ଼ିଶୀ, ସମ୍ବଲପୁରୀ ଏବଂ ଅନ୍ୟ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ।

## ବାମୁର ପଞ୍ଚାୟତରେ ଜନଶୁଣାଣି



କିଶୋରନଗର, ୧୧।୧୧(ସମିସ): କିଶୋରନଗର ବ୍ଲକ ବାମୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ପ୍ରଶାସନ ତରଫରୁ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ବିନୋଦ ବିହାରୀ ବେହେରା ଯୋଗଦେଇ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପଞ୍ଚାୟତ ଉନ୍ନୟନ ଆଦି ବିଭିନ୍ନ ବିଭାଗ ଉପରେ ହୋଇଥିବା ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ସରପଞ୍ଚ ସଞ୍ଜୀବ ପ୍ରଧାନ, ଓଏଲଏମ ଅଧିକାରୀ ସୁଜିତ ପ୍ରଧାନ, ଆବାସ ଯୋଜନାର ବିପିସି ସୌଭାଗ୍ୟରଞ୍ଜନ ପ୍ରଧାନ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଶତପଥୀ, ଏଏଚଓ ବିସ୍ମୟ ମେହେର, କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ, ୧୧।୧୧(ସମିସ): ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ବଅଁରପାଳ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏସ୍‌ପି ରାହୁଲ ଜୈନ ଏହି ଶିବିରରେ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୧୨୧ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେ ମଧ୍ୟରୁ ୧୨୦ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଛି। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଅନିଲ କୁମାର ବେଉରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ବଅଁରପାଳ ବିଡିଓ ଲୋଚନ ଦାସ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

ସେହିପରି ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୩୪ ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

## କିଶୋରନଗର ସିଟି ସ୍କୁଲରେ ଜାତୀୟ ଶିକ୍ଷା ଦିବସ



କିଶୋରନଗର, ୧୧।୧୧(ସମିସ): ସ୍ଥାନୀୟ କିଶୋରନଗର ସିଟି ସ୍କୁଲରେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ଭାରତରତ୍ନ ଅବୁଲ କଲାମ ଆଜାଦଙ୍କ ଜନ୍ମଦିବସକୁ ଜାତୀୟ ଶିକ୍ଷା ଦିବସ ଭାବେ ପାଳନ କରାଯାଇଛି। ସଭାରେ ଶିକ୍ଷାବିତ୍ ପର୍ଶୁରାମ ଛନ୍ଦ ଯୋଗଦେଇ ଗୁରୁ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ କମଳ ଲୋଚନ ମହନ୍ତ, ସନ୍ତୋଷ ପ୍ରଧାନ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଏକ କ୍ୱିଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

● ଜାତୀୟ ଆୟୁର୍ବେଦ ଦିବସ

## ବୈଦ୍ୟଜ୍ୟୋତି ବଳରାମ ପ୍ରସାଦ ସିଂହଦେଓ ସମ୍ବର୍ଦ୍ଧିତ




ତାଳଚେର, ୧୧।୧୧(ସମିସ): ଜାତୀୟଆୟୁର୍ବେଦଦିବସଅବସରରେ ଓଡ଼ିଶା ପ୍ରାଦେଶିକ ଆୟୁର୍ବେଦ ସମ୍ମିଳନୀ, ଭୁବନେଶ୍ୱର ଓ ଅଖିଳ ଭାରତୀୟ ଆୟୁର୍ବେଦ ମହାସମ୍ମିଳନୀ, ନୂଆଦିଲ୍ଲୀ ପକ୍ଷରୁ ଭୁବନେଶ୍ୱର ରେଡ୍‌କ୍ରସ ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ ଜିଲ୍ଲା ଘଣ୍ଟପଡ଼ା ଗ୍ରାମର ବୈଦ୍ୟଜ୍ୟୋତି ବଳରାମ ପ୍ରସାଦ ସିଂହଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୈଦ୍ୟଜ୍ୟୋତି ସିଂହଦେଓ ଚେରମୂଳୀ ତଥା ପାରମ୍ପରିକ ଚିକିତ୍ସା ଶୈଳୀ ଆପଣାଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଓଡ଼ିଶା ତଥା ଦେଶର ବହୁ ବୈଦ୍ୟଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରି କିପରି ପରମ୍ପରା ରକ୍ଷା ହୋଇପାରିବ ସେ ଉପରେ ନିରନ୍ତର ଉଦ୍ୟମ କରି ଆସୁଛନ୍ତି। ଓଡ଼ିଶା ରାଜ୍ୟ ବନୌଷଧି ବିଶେଷଜ୍ଞ ମହାସଂଘର ରାଜ୍ୟ ସମ୍ପାଦକ ଭାବେ ସେ ଦାୟିତ୍ୱ ନିର୍ବାହ କରୁଛନ୍ତି। ପରିବେଶ ସନ୍ତୁଳନ, ଔଷଧୀୟ ଚାରାରୋପଣ, ଗବେଷଣା ତଥା କର୍ମ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜ୍ୟ ସଭାପତି ଡା. ଧନେଶ୍ୱର ବଳିଆରସିଂହ, ରାଜ୍ୟ ସମ୍ପାଦକ ଡା. ଶରତ କୁମାର ରାଉତଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇ ସିଂହଦେଓଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ପୁରସ୍କାର ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଗୁରୁସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ



କିଶୋରନଗର, ୧୧।୧୧(ସମିସ): କିଶୋରନଗର ବ୍ଲକ ଘୋଷର ରାମକୃଷ୍ଣ ସ୍କୁଲ ସମ୍ମୁଖରେ ନୂତନ ଗୁରୁସ୍ୱାମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶନିବାର କଳସ ଶୋଭାଯାତ୍ରା ହୋଇଥିଲା। ରବିବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାସହ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ବାବା ସତ୍ୟଚୈତନ୍ୟ ଦାସଙ୍କ ଦ୍ୱାରା ହରିକଥା ପ୍ରବଚନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା।

## ଡ. ଧରଣୀଧର ନାଥଙ୍କୁ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ



ଅନୁଗୋଳ, ୧୧।୧୧(ସମିସ): ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାରଦା ମଣ୍ଡପରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ସାରସ୍ୱତ ସାଧକ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ୮୯ତମ ଜୟନ୍ତୀ ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଶିଷ୍ଟ ଗବେଷକ ଡ. ଧରଣୀଧର ନାଥଙ୍କୁ ଚଳିତବର୍ଷ ମର୍ଯ୍ୟାଦାଜନକ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଫେସର ଶାନ୍ତନୁ କୁମାର ସରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଡ. ପ୍ରଧାନ ଜଣେ ସଫଳ ଶିକ୍ଷାବିତ ସହ ଓଡ଼ିଆ ସାହିତ୍ୟରେ ତାଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜୟ ମୋଦୀ ଡ. ପ୍ରଧାନଙ୍କ ସ୍ମୃତିରେ ଭକ୍ତିଅର୍ଘ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ ରାମକୃଷ୍ଣ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଡ. ସଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଅରୁଣ ସାହୁ, ଇଂ ଧନେଶ୍ୱର ସାହୁ, ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ପମ୍ପ ଅପରେଟରଙ୍କ ମନମୁଖି କାର୍ଯ୍ୟ

# ତୁମୁଗୋଳା ଗ୍ରାମବାସୀଙ୍କୁ ମିଳୁନି ପାନୀୟ ଜଳ

କଣିହାଁ, ୧୧।୧୧(ସମିସ)




ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କୁଲେଇ ପଞ୍ଚାୟତ ତୁମୁଗୋଳା ଗ୍ରାମବାସୀ ଏକ ସପ୍ତାହ ହେବ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସୋମବାର ଗ୍ରାମବାସୀ କଣିହାଁ ବିଡିଓଙ୍କୁ ଫେରାଦ ହୋଇଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଗ୍ରାମର ଗଣେଶ୍ୱର ମାଝୀ ତଞ୍ଚକତା କରି ତାଙ୍କ ସ୍ତ୍ରୀ ସଞ୍ଜୁକ୍ତା ମାଝିଙ୍କୁ ପମ୍ପ ଅପରେଟର ନିଯୁକ୍ତ କରି ମନଇଚ୍ଛା ପମ୍ପ ଚଳାଇ ପାଣି ଦେଉଛନ୍ତି। ଫଳରେ ଗ୍ରାମବାସୀ ପାନୀୟ ଜଳ ପାଇପାରୁନାହାନ୍ତି। ଗଣେଶ୍ୱର ମନଇଚ୍ଛା ପମ୍ପ ଚଳାଇ ତାଙ୍କ ନିଜର ଏକ ଗୋଶାଳା, ବଗିଚା ଆଦିରେ ପାଣି ବ୍ୟବହାର କରୁଛନ୍ତି।

ଗ୍ରାମବାସୀ ଏଥିରେ ଅତିଷ୍ଠ ହୋଇ ବିଡିଓଙ୍କୁ ଅଭିଯୋଗ କରିବା ସହ ଏହାର

● ବିଡିଓଙ୍କୁ ଫେରାଦ

ତଦନ୍ତ କରି ତୁରନ୍ତ ପମ୍ପ ଅପରେଟରଙ୍କୁ ବହିଷ୍କାର ଓ ନୂତନ ଅପରେଟର ନିଯୁକ୍ତ କରିବାକୁ ଗ୍ରାମର ଭାରତୀ ବେହେରା, ସାରଦା ଭୁକ୍ତା, ହୀରା ସାମଲ, କାମିନୀ ଦେବତା ପ୍ରମୁଖ ଦାବି କରିଛନ୍ତି।

### ତପୋବନ ମେଳାରେ 'ତପୋବନ' ପତ୍ରିକା ଉନ୍ମୋଚନ କଲେ ଜିଲ୍ଲାପାଳ

# 'ମାନବ କଲ୍ୟାଣ ମହିମା ଧର୍ମର ପରମ ଧର୍ମ'



ଢେଙ୍କାନାଳ,୧୧।୧୧(ସମିସ): ମାନବ କଲ୍ୟାଣ ହିଁ ମହିମା ଧର୍ମର ପରମ ଧର୍ମ। ତପୋବନ ପୀଠ ଏକ ଆଦର୍ଶ ସିଦ୍ଧ ପୀଠ। ମହିମା ଧର୍ମର ପ୍ରଭାବ ଏହି ମେଳାରୁ ଅନୁମେୟ। ଏହି ପୀଠକୁ ସରସସୁନ୍ଦର କରିବା ଦିଗରେ ପ୍ରଶାସନର ଉଦ୍ୟମ ଜାରି ରହିବ ବୋଲି ବାର୍ଷିକ ତପୋବନ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ''ତପୋବନ' ପତ୍ରିକାର ତ୍ରିଂଶତମ ସଂଖ୍ୟା ଉନ୍ମୋଚନ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଅଭିନବ ସୋନକର ଯୋଗଦେଇ ତପୋବନ ପୀଠକୁ ଶାନ୍ତିର ସ୍ଥଳୀ ଭାବେ ବର୍ଣ୍ଣନା କରିଥିଲେ। ମହିମା ଜ୍ୟୋତି ଯାତ୍ରାର ସଂଯୋଜକ ପ୍ରଦ୍ୟୁମ୍ନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନର ସହଯୋଗ କାମନା କରିଥିଲେ। ମହିମା ଧର୍ମର ଏହି ଆଦ୍ୟପୀଠ ଢେଙ୍କାନାଳ ତଥା ରାଜ୍ୟ ପାଇଁ ସ୍ୱାଭିମାନର ବିଷୟ। ଜିଲ୍ଲାର ଶିଳ୍ପସଂସ୍ଥା ସମୂହ ଏହି ପୀଠର ଉନ୍ନତି ପାଇଁ ଆଗେଇ ଆସିବାକୁ ରଥ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିମା ଧର୍ମ ଦେଶରେ ଖ୍ରୀଷ୍ଟଧର୍ମର ପ୍ରସାରକୁ ରୋକିବାରେ ସକ୍ଷମ ହେବା ପୂର୍ବକ ସନାତନ ଧର୍ମର ଧ୍ୱଜା ଉଡ଼ାଇ ରଖିଛି। ବିଶ୍ୱ କଲ୍ୟାଣ ଓ ସର୍ବଜୀବ କଲ୍ୟାଣ ମହିମା ଧର୍ମର ବିଶେଷତ୍ୱ ବୋଲି ସେ କହିଥିଲେ।

ଚଳିତ ବର୍ଷ ବହୁ ସଂଖ୍ୟାରେ ଭକ୍ତ ଏହି ମେଳାରେ ଯୋଗଦେଇଥିଲେ। ପ୍ରାୟ ୫ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଆତ୍ମସେବାର ବ୍ୟବସ୍ଥା କରାଯାଇଥିଲା। ଏହି ପତ୍ରିକା ଉନ୍ମୋଚନ ଉତ୍ସବରେ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ତଥା ପୀଠର ଆବିଷ୍କାରକ ଶ୍ରୀମଦ୍ ରଘୁନାଥ ବାବା ଅଧ୍ୟକ୍ଷତା କରି ଉପସ୍ଥିତ ଜଗତ ଭଗତଙ୍କ କଲ୍ୟାଣ କାମନା ପୂର୍ବକ ମହାପ୍ରଭୁ ଶୂନ୍ୟବ୍ରହ୍ମଙ୍କୁ ଡାକ ଦେଇଥିଲେ। ତପୋବନ ପୀଠକୁ ଜିଲ୍ଲା ପ୍ରଶାସନ ନିଜର ସୁଦୃଷ୍ଟିରେ ରଖିବାକୁ ସେ ନିବେଦନ କରିଥିଲେ। ''ତପୋବନ' ପତ୍ରିକାର ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ସଭା ସଂଯୋଜନା କରି ମହିମା ଧର୍ମର ବିଶେଷତା ବଖାଣିଥିଲେ। ଶିକ୍ଷାବିତ୍ ଖଗେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ପରିବାର ସହ ଅପରାହ୍ଣରେ ମେଳା ପରିଦର୍ଶନ କରିଥିଲେ। ସାୟଂ କାଳରେ ପୀଠର ସଂସ୍ଥାପିତ ବ୍ରହ୍ମଧୂନିରେ ଅଗ୍ନି ସଂଯୋଗ କରାଯାଇ ଘୃତାହୁତି ଦିଆଯାଇଥିଲା ଓ ଝାଡ଼ବତି ପ୍ରଜ୍ୱଳିତ ହୋଇଥିଲା।

ବ୍ରହ୍ମଧୂନିରେ ବିଶୁଦ୍ଧ ଘୃତ ସହ ସେଓ, କଦଳୀ ଓ ନଡ଼ିଆ ଆଦି ଫଳ ସମର୍ପିତ ହୋଇଥିଲା। ''ଅଲେଖ-ମହିମା' ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। ଖଞ୍ଜଣି ଭଜନ ମଧ୍ୟରେ ଅହୋରାତ୍ର ଘୃତାହୁତି ଚାଲିଥିଲା, ଯାହା ମଙ୍ଗଳବାର ପ୍ରାତଃ ସମୟରେ ସମାପ୍ତ ହେବ। କରୁଣାକର ବାବା, ଜ୍ଞାନୀ ବାବା, ମନ୍ତ୍ରୀ ବାବା, ବିନୋଦ ବାବା, କନ୍ଦର୍ପ ବାବା, ପରମେଶ୍ୱର ବାବା ଓ ଫକୀର ବାବା ପ୍ରମୁଖ ଅଖଣ୍ଡ ବ୍ରହ୍ମଧୂନିରେ ଅଗ୍ନିହୋତ୍ର କରିଥିଲେ। ଏହି ଅବସରରେ ପୀଠରେ ଜିଲ୍ଲାପାଳ ଓ ଏସ୍‌ପି ମିଳିତ ଭାବେ ଏକ ଚାରାରୋପଣ କରିଥିଲେ।

### ■ କାର୍ତ୍ତିକଶେଷସୋମବାର

## ଶୈବପୀଠ କପିଳାସରେ ଭକ୍ତଙ୍କ ଭିଡ଼



ଗଁଦିଆ,୧୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆସ୍ଥିତ ପ୍ରସିଦ୍ଧ ଶୈବପୀଠ କପିଳାସରେ କାର୍ତ୍ତିକ ମାସ ଶେଷ ସୋମବାର ଓ ପଞ୍ଚୁକ ଉପଲକ୍ଷେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖାଯାଇଥିଲା। ବାବା ଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆହୋଇ ଠାକୁରଙ୍କ ଦର୍ଶନ କରିଛନ୍ତି। ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସ୍ଥାନୀୟ ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଓ ଅଞ୍ଚଳର ଭକ୍ତମାନେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏହି ମାସରେ ବଣଭୋଜି ଋତୁ ମଧ୍ୟ ଆରମ୍ଭ ହୋଇଥାଏ। ଏ ସବୁ ଦୃଷ୍ଟିରୁ ଏଠାରେ ପ୍ରବଳ ଭିଡ଼ ହେବା ଲକ୍ଷ୍ୟ କରାଯାଉଛି।

## ଛେଣ୍ଡିପଦା ବ୍ଲକସ୍ତରୀୟ ବିଜ୍ଞାନ ମେଳା

ଛେଣ୍ଡିପଦା,୧୧।୧୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପୋଡ଼ପଡ଼ା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରା, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ତହସିଲଦାର ମାନସ ରାଏ, ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳର ପ୍ରାକ୍ତନ ପ୍ରଫେସର ରମାକାନ୍ତ ଗଡ଼ନାୟକ ପ୍ରମୁଖ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ।

ଅତିଥିମାନେ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକଳ୍ପ ବୁଲି ଦେଖିଥିଲେ। ବିଜ୍ଞାନର ଅଗ୍ରଗତି ସହ ସମସ୍ତେ ଏବେ ସ୍ମାର୍ଟ ଯୁଗରେ ପ୍ରବେଶ କରିଛନ୍ତି। ସମସ୍ତ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ହେଉଛି। ତେଣୁ ଛାତ୍ରଛାତ୍ରୀମାନେ ବିଜ୍ଞାନ ମନସ୍କ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ମେଳରେ ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ଛାତ୍ରଛାତ୍ରୀ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ଜୈବିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗାଣିତିକ ମଡେଲିଂ ଏବଂ ଗଣନାକାରୀ ଚିନ୍ତାଧାରା, ବର୍ଜ୍ୟବସ୍ତୁ ପରିଚାଳନା, ଉତ୍ସ ପରିଚାଳନା ଆଦି ଉପରେ ୧୮୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଅଟୋ ଟଏଲେଟ ବେଡ୍, କୋଶଳା ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଦ୍ୱାରା ହସ୍ତତନ୍ତ ଶ୍ରମ ଉଠାଇବା ଯନ୍ତ୍ର, କଣଲୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସ୍ମୃତିରଞ୍ଜନ ବାରିକଙ୍କ ଦ୍ୱାରା ପ୍ରସ୍ତୁତ ଉଦ୍ଭିଦଗୁଡ଼ିକର ଗ୍ରାଫଟିଂ, କୁମ୍ଭାରସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ପ୍ରୀତିମଞ୍ଜରୀ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ଭାସମାନ କୂଅ ଓ ନଳକୂପ, ବୀଣାପାଣି ଉଚ୍ଚ ବିଦ୍ୟାଳୟ ଛାତ୍ର ଯୋଗେଶ୍ୱର ବେହେରାଙ୍କ ଦ୍ୱରା ପ୍ରସ୍ତୁତ ଜ୍ୟାମିତିକ ଭ୍ରମଣ, ସପୋଇନାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ଦୀନେଶ ପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱୟଂଚାଳିତ ଆବର୍ଜନା ସଂଗ୍ରହ ଓ ରାଇଝରଣ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଛାତ୍ର ସାୟନ ପ୍ରଧାନଙ୍କ ଦ୍ୱରା ପ୍ରସ୍ତୁତ ଟର୍ବାଇନ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବା ପାଇଁ ଚୟନ କରାଯାଇଛି।



## ଆମ୍ବେଦକର ସେବା ସଂଗଠନ ପକ୍ଷରୁ ବିକ୍ଷୋଭ



ଢେଙ୍କାନାଳ,୧୧।୧୧(ସମିସ): ସ୍ଥାନୀୟ ଆମ୍ବେଦକର ସେବା ସଂଗଠନ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ନାଏକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି। ଜିଲ୍ଲାରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏସସି-ଏସଟି ପିଓଏ ଆକ୍ଟକୁ ଉଲ୍ଲଙ୍ଘନ କରୁଛନ୍ତି। ପୁଲିସ ନିଜକୁ ଜଜ୍ ଭାବି ଅଭିଯୁକ୍ତମାନଙ୍କୁ ବେଲ୍ ଦେଇ ଖସିଯିବାକୁ ସୁଯୋଗ ଦେଉଛି। ଫଳରେ ସଦର ଥାନା ମାମଲା ନଂ-୬୦୫/୨୪ରେ ଏକ ମକଦ୍ଦମା କରି ତଦନ୍ତ ନ କରିବାରୁ ଅଭିଯୁକ୍ତ ଲିଟୁ ରାଉତ ଜଣେ ନାବାଳିକାକୁ କଟକରେ ବିଭିନ୍ନ ସ୍ଥାନରେ ରଖି ବଳପୂର୍ବକ ଶାରୀରିକ ସମ୍ପର୍କ ରଖି ୩ ମାସର ଗର୍ଭବତୀ କରିବା ପରେ ଜୀବନରେ ମାରିଦେବାକୁ ଯୋଜନା କରିଥିଲା। ନାବାଳିକା ଜଣକ ଲିଟୁ କବଳରୁ ଖସିଆସି ଆଠଗଡ଼ ବସ୍‌ଷ୍ଟାଣ୍ଡରୁ ଯୋଗାଯୋଗ କରିବାରେ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ତାଙ୍କୁ ଉଦ୍ଧାର କରି ମାଆଙ୍କୁ ହସ୍ତାନ୍ତର କରିଥିଲେ। ପୀଡ଼ିତାଙ୍କ ମାଆ ଜଣେ ଅନୁସୂଚିତ ଜନଜାତି ତଥା ଶବର ଜାତିର ବିଧବା ମହିଳା। ତାଙ୍କ ନାବାଳିକା ଝିଅ ଅନ୍ତଃସତ୍ତ୍ୱା ଥିବାବେଳେ ତା'ର ଭବିଷ୍ୟତ କ'ଣ ହେବ ଭାବି ଭାଙ୍ଗିପଡ଼ିଛନ୍ତି। ପୁଲିସ ଏହି ମାମଲାକୁ ପୋକ୍ସୋ ଆଇନ ଏବଂ ଏସସି-ଏସଟି ଆଇନ ବଳରେ ରୁଜୁ ନ କରି, ପୀଡ଼ିତାଙ୍କୁ କ୍ଷତିପୂରଣ ନ ଦେଇ ଅବହେଳା କରୁଛି। ଅଭିଯୁକ୍ତକୁ ଗିରଫ ନ କରିବାରୁ ଅଭିଯୁକ୍ତ ଓ ତାଙ୍କ ପରିବାର ଲୋକେ ନାବାଳିକା ଓ ତାଙ୍କ ମାଆଙ୍କୁ ଧମକ ଦେଉଛନ୍ତି।

ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ, ସୁରକ୍ଷା, କ୍ଷତିପୂରଣ ଦେବାକୁ ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଜଣାଇବା ପରେ ମଧ୍ୟ କେହି ନ ଶୁଣିବାରୁ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଗଁଦିଆ, ନିହଲପ୍ରସାଦ, କଣ୍ଟାବଣିଆ, ମୋଟଙ୍ଗା ଆଦି ଥାନା ଅଞ୍ଚଳରେ ଘଟିଥିବା ମାମଲାଗୁଡ଼ିକୁ ତୁରନ୍ତ ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଡିଜିପି ଓ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ତାଲା ପଡ଼ିବ ବୋଲି ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ସଂଗଠନର ସମ୍ପାଦକ ଚିତ୍ରସେନ ନାଏକ, ଧ୍ରୁବଚରଣ ବିଶ୍ୱାଳ, ଅକ୍ଷୟ ମଲ୍ଲିକ, ତ୍ରିଲୋଚନ ନାଏକ, ମଞ୍ଜୁ ସେଠୀ, ସୁଲୋଚନା ନାଏକ, ରୋହିତ ନାଏକ, ଲକ୍ଷ୍ମୀଧର ମଲ୍ଲିକ, ଗୋପୀନାଥ ଦେହୁରୀ, ସୁଧାକର ଜେନା, ପ୍ରଦ୍ୟୁମ୍ନ ନାଏକ, ନିବାରଣ ନାଏକ, ଗୌତମ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ନୂତନ ସୂଚନା କେନ୍ଦ୍ର ଗୃହର ଭୂମିପୂଜନ

ହିନ୍ଦୋଳ,୧୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଥିବା ପୁରୁଣା ସୂଚନା କେନ୍ଦ୍ର ସ୍ଥାନରେ ନୂତନ ଗୃହ ନିର୍ମାଣ ପାଇଁ ଭୂମିପୂଜନ ହୋଇଛି। ଟାଟା ଷ୍ଟିଲ ସହଯୋଗରେ ଏହି ସୂଚନା କେନ୍ଦ୍ର ଗୃହ ନିର୍ମାଣ କରାଯିବ। ଏଥିପାଇଁ କମ୍ପାନୀ ୩୦ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି, ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ଓଡ଼ିଶା ସିଏସଆର ଡ. ଅମ୍ବିକାପ୍ରସାଦ ନନ୍ଦ, ତହସିଲଦାର ଦିଲୀପ ସେଠୀ, ଉପଖଣ୍ଡ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର, ଉପଖଣ୍ଡ ସୂଚନା ଅଧିକାରୀ ସୂର୍ଯ୍ୟଶଙ୍କର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଅତିରିକ୍ତ ଉପଜିଲ୍ଲାପାଳ ସୂର୍ଯ୍ୟଶଙ୍କର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଗ୍ରାହକ ସେବାକେନ୍ଦ୍ର କର୍ମଚାରୀଙ୍କଠୁ ୨ ଲକ୍ଷ ଲୁଟ୍



ଭୁବନ,୧୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାଲିବୋ ଗ୍ରାମରେ ଥିବା ଷ୍ଟେଟବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର କର୍ମଚାରୀ ହିମାଂଶୁ ଶେଖର ପଣ୍ଡାଙ୍କଠାରୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ଭୁବନ ଷ୍ଟେଟବ୍ୟାଙ୍କ ଶାଖାରୁ ହିମାଂଶୁ ୨ଲକ୍ଷ ଟଙ୍କା ନେଇ ଯାଉଥିବା ସମୟରେ କାନଖାଇ ଗ୍ରାମ୍ୟ ରାସ୍ତାରେ ୨ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ଜଣେ ଦୁର୍ବୃତ୍ତ ହିମାଂଶୁଙ୍କ ବେକରେ ଏବଂ ଅନ୍ୟଜଣେ ତାଙ୍କ ହାତରେ ଧାରୁଆ ଅସ୍ତ୍ର ଲଗାଇ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ନେଇଥିଲେ। ହିମାଂଶୁ ଏ ନେଇ ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭୁବନ ଅଞ୍ଚଳରେ ବଢ଼ିଚାଲିଥିବା ଚୋରି ଡକାୟତି ପାଇଁ ପୁଲିସର ନିଷ୍କ୍ରିୟତା କେଉଁଠି ନା କେଉଁଠି ମୁଖ୍ୟ କାରଣ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ଭୂମିକା ମହୋତ୍ସବ ଉଦ୍‌ଯାପିତ



କାମାକ୍ଷାନଗର,୧୧।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରସ୍ଥିତ ଅଗ୍ରଣୀ ନାଟ୍ୟସଂସ୍ଥା 'ଭୂମିକା'ର ଦୁଇଦିନ ବ୍ୟାପୀ ମହୋତ୍ସବ 'ଭୂମିକା ନାଟକ ପ୍ରବାହ' ଉଦଯାପିତ ହୋଇଛି। ସଭାପତି ମଧୁସୂଦନ ସେଣ୍ଠଙ୍କ ସଭାତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ମୁଖ୍ୟଅତିଥି ରୂପେ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଢେଙ୍କାନାଳର ପ୍ରଖ୍ୟାତ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଦିଲେଶ୍ୱର ମହାରଣା, ଦୀନେଶ ଦାସ ଓ ବିଶିଷ୍ଟ ଲେଖକ ତଥା ସାମ୍ବାଦିକ ଜାକିର ଖାଁଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୋଜକ ନିରଞ୍ଜନ ସାହୁ ଓ ସମରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବାଳକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ ରାଉତ, ନିର୍ମଳ ନାୟକ, ମନୋଜ ରାଉଳ, ସମ୍ପାଦକ ହାଡ଼ିବନ୍ଧୁ ମହାନ୍ତି, ଅଥୟ ନାୟକ, କାଳନ୍ଦୀ କବି, ବିରଞ୍ଚି ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳଚ୍ଚିତ୍ର ଅଭିନେତା ଅଭିଷେକ ଗିରି, କଳ୍ପନା କ୍ଲବ୍ ଉପସଭାପତି ଅଯୋଧ୍ୟା ଶତପଥୀ ଓ ସମ୍ପାଦକ ସ୍ମୃତିପଦ ନନ୍ଦଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୃତ୍ୟଭାରତୀ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଟ୍ୟକାର ମଧୁସୂଦନ ସେଣ୍ଠଙ୍କ ରଚିତ ଦୁଇଟି ନାଟକ 'ଚିଠି' ଓ 'ବାପା ଆସୁଛନ୍ତି' ମଞ୍ଚସ୍ଥ ହୋଇଥିଲା। ଜଗଦୀଶ ପ୍ରସାଦ ତ୍ରିପାଠୀ ନାଟକ ଚିଠି ଓ ମଧୁସୂଦନ ସେଣ୍ଠ ନାଟକ ବାପା ଆସୁଛନ୍ତିର ନିର୍ଦ୍ଦେଶନା ଦେଇଥିଲେ। ଉପଦେଷ୍ଟା ମେଜର ପ୍ରଭାତ କୁମାର ଦାଶ ଓ ଶ୍ରୀରାମ ରାଉତ ମାର୍ଗଦର୍ଶନ କରିଥିଲେ। ନାଟକ ଦୁଇଟିରେ ପଦ୍ମଚରଣ ମୁଦୁଲି, ପଙ୍କଜ ଛୋଟରାୟ, ସୁନୀଲ ସାହୁ, ସୌଭାଗ୍ୟ ନନ୍ଦ, ପଦ୍ମନ ସାହୁ, ରାଜେଶ ସେଣ୍ଠ, ଆଶୁତୋଷ, ପ୍ରହଲ୍ଲାଦ, ପୁଷ୍ପାଞ୍ଜଳି ଓ ସ୍ନେହାଙ୍କ ବଳିଷ୍ଠ ଅଭିନୟ ଦର୍ଶକଙ୍କ ମନକୁ ବେଶ୍ ଛୁଇଁପାରିଥିଲା।

## ଜିଏସ୍‌ଟି ଟିମ୍‌ର ମନମୁଖି ଚଢ଼ଉ ପ୍ରତିବାଦରେ ବିକ୍ଷୋଭ




ଢେଙ୍କାନାଳ,୧୧।୧୧(ସମିସ): ଜିଏସ୍‌ଟି ଟିମ୍‌ର ମନମୁଖି ଚଢ଼ଉ ବିରୋଧରେ ଢେଙ୍କାନାଳ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଓ ଜିଲ୍ଲା ଜୁଏଲରୀ ସଂଘ ପକ୍ଷରୁ ବାଣିଜ୍ୟ ଭବନ ପରିସରରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ବସି ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଗତ ଧନତେରସ ଦିନ ଜୟପୁର ସହରର ଯୁବ ସୁନା ବ୍ୟବସାୟୀ ଜିଏସ୍‌ଟି ଅଧିକାରୀଙ୍କ ଦୌରାତ୍ମ୍ୟର ଶିକାର ହୋଇ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବାରୁ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ବ୍ୟବସାୟୀମାନେ ସ୍ୱଚ୍ଛ, ସାଧୁ ଓ ଦକ୍ଷ ଉପାୟରେ ବ୍ୟବସାୟ ପ୍ରତିଷ୍ଠାନରେ ଦୈନିକ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରିଶ୍ରମ କରିବା ସହ ଗ୍ରାହକଙ୍କଠାରୁ "କର' ସଂଗ୍ରହ କରି ସରକାରଙ୍କୁ ପଇଠ କରୁଛନ୍ତି। ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। କିନ୍ତୁ ଅପରପକ୍ଷେ, ସରକାରଙ୍କ ଜଟିଳ କର ବ୍ୟବସ୍ଥା, ପେନାଲ୍‌ଟି ଓ ଜରିମାନା ଆଦାୟ ବିଶେଷ କରି ବ୍ୟବସାୟ ପ୍ରତିଷ୍ଠାନ ଉପରେ ସଶସ୍ତ୍ର ପୁଲିସ ସହ ଚଢ଼ଉ ଦ୍ୱାରା ବ୍ୟବସାୟୀ ଭୟ, ଆତ୍ମଗ୍ଲାନି ଓ ଅନୁଶୋଚନା ଭିତରେ ମୃତ୍ୟୁମୁଖରେ ମଧ୍ୟ ପଡୁଛନ୍ତି। ବ୍ୟବସାୟୀମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ଭାବ, ଅଫିସର ରାଜ, ଭୟ ଓ ଆତଙ୍କ ଖେଳାଇ ଜୋର୍‌ଜବରଦସ୍ତ ଟିକସ ଆଦାୟ ପ୍ରକ୍ରିୟାକୁ ଦୃଢ଼ ବିରୋଧ କରାଯାଇଥିଲା। ଶହଶହ ବ୍ୟବସାୟୀ ଆଜି ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖି ବାଣିଜ୍ୟ ଭବନରୁ ଶୋଭାଯାତ୍ରାରେ ବାହାରି ମହିଷାପାଟସ୍ଥିତ ବାଣିଜ୍ୟ କର ବିଭାଗ ଉପାୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦୃଢ଼ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଢେଙ୍କାନାଳ ବାଣିଜ୍ୟ କର ଉପାୟୁକ୍ତ ହରପ୍ରିୟା ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମହାପାତ୍ର ସ୍ମାରକପତ୍ର ଗ୍ରହଣ କରି ଏ ଦିଗରେ ଉଚିତ୍ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ବ୍ୟବସାୟୀମାନଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର କୁମାର ଦାସ, ବିମଳ ପୋଦାର, ଉପସଭାପତି ରୋଟାରିଆନ୍ ରାଜକିଶୋର ବେହେରା, ମହେଶ ପ୍ରସାଦ ଅଗ୍ରୱାଲ, ଶିବପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ଦେବତା, ସତ୍ୟ ପାତ୍ର, ଜିଲ୍ଲା ଜୁଏଲର୍ସ ଆସୋସିଏସନ୍ କାର୍ଯ୍ୟକାରୀ ସଭାପତି ରାଜେଶ ସୋନି, ସମ୍ପାଦକ ଲୋକନାଥ ମହାପାତ୍ର, ମନୋଜ ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ୧୩ରେ ପେନସନ ଅଦାଲତ

ଢେଙ୍କାନାଳ,୧୧।୧୧(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପେନସନ ଅଭିଯୋଗର ସମାଧାନ ନିମନ୍ତେ ଆସନ୍ତା ୧୩ ତାରିଖ ପେନସନ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ, ଆକାଉଣ୍ଟାଣ୍ଟ ଜେନେରାଲ, ଆକାଉଣ୍ଟାଟ କଣ୍ଟ୍ରୋଲର ଅଧିକାରୀମାନେ ଯୋଗଦେବେ। ଏହି ଅଦାଲତରେ ପେନସନ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ନିମନ୍ତେ ଆଲୋଚନା ଓ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଏ ନେଇ ଜିଲ୍ଲାର ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଯେଉଁ ପେନସନଭୋଗୀଙ୍କ ପେନସନ ସମ୍ବନ୍ଧୀୟ ଅଭିଯୋଗ ରହିଛି ସେମାନେ ଏଠାକୁ ଆସି ଅଭିଯୋଗ ରଖିପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା

# 'ଦୁର୍ନୀତିମୁକ୍ତ ପ୍ରଶାସନ ଉପରେ ଗୁରୁତ୍ୱ'

ଢେଙ୍କାନାଳ,୧୧।୧୧(ସମିସ)



ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଘର ପାଉଛନ୍ତି ନା ନାହିଁ ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ଆବାସ ଯୋଜନାରେ କିଭଳି ଯୋଗ୍ୟ ହିତାଧିକାରୀ ଘର ପାଇବେ ଓ ଏହି ପ୍ରକ୍ରିୟାରେ ଯେପରି କୌଣସି ଦୁର୍ନୀତି ନ ହେବ ସେ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଜିଲ୍ଲାବାସୀ କିଭଳି ବିଶୁଦ୍ଧ ପାନୀୟ ଜଳ ପାଇବେ ସେ ନେଇ ମଧ୍ୟ ଆଲୋଚନା କରିଥିଲେ। କେଉଁ ସ୍ଥାନରେ ପାନୀୟ ଜଳ ଯୋଗାଣ ହେଇପାରିନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେ ସବୁ ସ୍ଥାନକୁ ଯଥାଶୀଘ୍ର ଜଳ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ସେ ପ୍ରଶାସନ ଦୁର୍ନୀତିମୁକ୍ତ ହେବା ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଦୁର୍ନୀତି ବିରୋଧରେ ଶୂନ ସହନଶୀଳତା ମନୋଭାବ ରଖିଛନ୍ତି। ତେଣୁ ଯଦି କେହି ବି ଦୁର୍ନୀତି କରିବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ବୈଠକରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଅତରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁଜାତା ଶୁଭଦର୍ଶିନୀ ନାୟକଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଆଜିଠୁ ପଞ୍ଚୁକ ବ୍ରତ

**ପୁରୀ, ୧୧।୧୧(ସମିସ):** ମଙ୍ଗଳବାରଠାରୁ ଆରମ୍ଭ ହେବ ମହାକାର୍ତ୍ତିକର ପଞ୍ଚୁକ ବ୍ରତ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ପଞ୍ଚୁକରେ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଚଳିତ ବର୍ଷ ୫ଦିନ ପରିବର୍ତ୍ତେ ୪ଦିନ ପାଳନ ହେବ ପଞ୍ଚୁକ ବ୍ରତ। ଚତୁର୍ଦ୍ଦଶୀ କ୍ଷୟ ରହୁଥିବାରୁ ମହାପ୍ରଭୁଙ୍କ ୪ଟି ବେଶ ଦର୍ଶନର ସୁଯୋଗ ପାଇବେ ଭକ୍ତ। ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ନୃସିଂହ ବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ। ମହାପ୍ରଭୁଙ୍କ ଏହି ବାଲଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ସମ୍ପନ୍ନ ହେବ। ସ୍ୱର୍ଣ୍ଣ ଅଳଙ୍କାର, ପୁଷ୍ପମାଲ୍ୟ, ପାଟବସ୍ତ୍ର ଇତ୍ୟାଦିରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବେଶ କରିବେ। କାର୍ତ୍ତିକରେ ଅନୁଷ୍ଠିତ ରାଧାଦାମୋଦର ବେଶରେ ଠାକୁରମାନେ ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବା ବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ ଓ ଶଙ୍ଖ, ଚକ୍ର, ହଳ, ମୂଷଳ ଓ କେତେକ ଅଧିକ ସ୍ୱର୍ଣ୍ଣ ଅଳଙ୍କାର ଧାରଣ

- ଏଥର ଚାରିଦିନିଆ ପଞ୍ଚୁକ
- ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେବେ ମହାପ୍ରଭୁ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା, ପୁଲିସର ସ୍ୱତନ୍ତ୍ର ପ୍ରସ୍ତୁତି



ସ୍ୱତନ୍ତ୍ର ବେଶ ଦର୍ଶନ କରିବା ପାଇଁ ପ୍ରତିଦିନ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ଏହାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

ଏଥିସହ ଶ୍ରୀମନ୍ଦିରରେ ହରି ଉତ୍ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବ। ସେହିପରି ୧୩ତାରିଖରେ ବାଙ୍କଚୁଡ଼ ବା ବାମନ ବେଶ ଥିବା ବେଳେ ଏହି ଦିନ ଗରୁଡ଼ ଉତ୍ଥାପନ ନୀତି ରହିଛି। ୧୪ରେ ଡାଳିକିଆ ବା ତ୍ରିବିକ୍ରମ ବେଶ ଏବଂ ପଞ୍ଚକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୧୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ।

ପ୍ରଥମ ଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଶ୍ରୀବିଗ୍ରହମାନଙ୍କର ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବା ଠିଆକିଆ ବେଶ ହୋଇଥାଏ। ଏହି ବେଶ ଥାଇ ଠାକୁରମାନଙ୍କର ଗୋପାଳବଲ୍ଲଭ, ସକାଳଧୂପ, କରିଥାନ୍ତି। ସୁଭଦ୍ରାଙ୍କ ବେଶରେ କିଛି ପରିବର୍ତ୍ତନ ହୁଏ ନାହିଁ। ଏତଦ୍‌ବ୍ୟତୀତ ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭାପାଏ ଓ କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥାଏ।

ପଞ୍ଚୁକରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଦାଣ୍ଡର ମରୀଚିକୋଟ ଛକଠାରୁ ହୋଇଥିବା ବ୍ୟାରିକେଡ୍ ଦେଇ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବେ। ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ୫ଜଣ ଅତିରିକ୍ତ ଏସ୍‌ପି, ୧୪ଜଣ ଡିଏସ୍‌ପି, ୨୬ ଇନ୍ସପେକ୍ଟରଙ୍କ ସହ ୩୮ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ତାହା ପୁରୀ ପୁଲିସର ପ୍ରାଥମିକତା ରହିବ ବୋଲି ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି।

## ବଡ଼ଠାକୁରଙ୍କ ହରିହର ବେଶ

**ପୁରୀ,୧୧।୧୧(ସମିସ):** ରତ୍ନ ସିଂହାସନରେ ବଡ଼ଠାକୁର ବଳଭଦ୍ରଙ୍କ ହରିହର ବେଶ ସୋମବାର ଅନୁଷ୍ଠିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ବଡ଼ଠାକୁରଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ଏହି ବେଶରେ ସଜ୍ଜିତ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶ ଏବଂ ବଳଭଦ୍ରଙ୍କୁ ହରିହର ବେଶ ଭୂଷିତ କରାଯାଇଥିଲା। ବଡ଼ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନ କରାଯାଉଥିବା ବେଳେ ହରିଙ୍କ ସହ ହରଙ୍କ ଆତ୍ମୀୟତା ଏହି ବେଶରେ ପ୍ରସ୍ଫୁଟିତ ହୋଇଥିଲା। ଶାସ୍ତ୍ରରେ ମଧ୍ୟ ହରି ଏବଂ ହର ଅଭିନ୍ନ ବୋଲି ପ୍ରମାଣ ରହିଛି। ଏହା ହିଁ ହରିହର ବେଶରେ ପରିଲକ୍ଷିତ ହୋଇଥାଏ। ଏହି ବେଶରେ ଠାକୁର ଅର୍ଦ୍ଧେକ କଳା ଏବଂ ଅର୍ଦ୍ଧେକ ଧଳା ବସ୍ତ୍ରରେ ସଜେଇ ହୋଇଥା'ନ୍ତି। ବଡ଼ଠାକୁର ବିବିଧ ପ୍ରକାର ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥା'ନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକ ଅମାବାସ୍ୟା ପରଠାରୁ ଶୁକ୍ଳ ଦଶମୀ ମଧ୍ୟରେ ଯେଉଁ ସୋମବାର ପଡ଼େ, ସେହିଦିନ ବଡ଼ଠାକୁରଙ୍କ ବାଡ଼ରେ ହରିହର ବେଶ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଦୁଇଦିନ ହରିହର ବେଶ ପଡ଼ିଥିଲା।

## ସରକାରୀ ସ୍କୁଲରେ ବେଆଇନ ଟିଉସନ୍ ଫି' ଆଦାୟ

# ୨ ଆଦିବାସୀ ଛାତ୍ରଙ୍କୁ ସ୍କୁଲରୁ ଟିସି ଦେଇ ତଡ଼ିଦେଲେ

**ବାରିପଦା,୧୧।୧୧(ସମିସ):** ବେଆଇନ ଭାବେ ଆଦାୟ କରାଯାଉଥିବା ଟ୍ୟୁସନ୍ ଫି' ନ ଦେବାରୁ ୨ଜଣ ଆଦିବାସୀ ଛାତ୍ରଙ୍କୁ ଟିସି ଦେଇ ସ୍କୁଲରୁ ତଡ଼ିଦେଲେ କର୍ତ୍ତୃପକ୍ଷ। ବାରିପଦା ବ୍ଲକ୍ ଅନ୍ତର୍ଗତ ଚନ୍ଦନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିରୋଧରେ ଛାତ୍ର ଶୋଷଣର ଏଭଳି ଏକ ସଙ୍ଗିନ୍ ଅଭିଯୋଗ ଆସିଛି। କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହୋଇଥିବା ଛାତ୍ରଦ୍ୱୟ ହେଲେ, ମୋରଡ଼ା ବ୍ଲକ୍ ଅନ୍ତର୍ଗତ କେନ୍ଦୁଛାଟିଆ ଅଞ୍ଚଳର ଲକ୍ଷ୍ମୀଧର ମୁର୍ମୁଙ୍କ ଦୁଇପୁଅ ଚୈତନ୍ୟ ଓ କୃପାସିନ୍ଧୁ। ଚୈତନ୍ୟ ଉକ୍ତ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ବେଳେ କୃପାସିନ୍ଧୁ ଅଷ୍ଟମ ଶ୍ରେଣୀରେ ପଢ଼ନ୍ତି। ଏ ସଂପର୍କରେ ଛାତ୍ରଦ୍ୱୟଙ୍କ ଅଭିଭାବକ ବାରିପଦା ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଘଟଣାର ତଦନ୍ତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ



କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚୈତନ୍ୟ ଓ କୃପାସିନ୍ଧୁ ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଆଦିବାସୀ ଉନ୍ନୟନ ସରକାରୀ ହଷ୍ଟେଲରେ ରହୁଛନ୍ତି। ସେମାନଙ୍କ ସହ ବାକି ପିଲାମାନଙ୍କଠାରୁ ସ୍କୁଲ କର୍ତ୍ତୃପକ୍ଷ ଦୀର୍ଘ ମାସ ହେଲା ବେଆଇନ ଭାବେ ଟିଉସନ ଫି' ଆଦାୟ କରୁଛନ୍ତି। ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ଗୁରାରାମ ମୁର୍ମୁ ଟିଉସନ୍ ପଢ଼ା ବାବଦରେ ପିଲାଙ୍କଠାରୁ ମାସକୁ ୧୦୦୦ଟଙ୍କା ଲେଖାଏଁ ଆଦାୟ କରିଥା'ନ୍ତି ବୋଲି ଅଭିଯୋଗ ହୋଇଛି। ତେବେ ଦୁଇ ଭାଇ ଅକ୍ଟୋବର ମାସର ଟିଉସନ୍ ଫି' ବାବଦରେ ୨୦୦୦ଟଙ୍କା ଦେଇନପାରିବାରୁ ଶିକ୍ଷକ ଶ୍ରୀ ମୁର୍ମୁ ସେମାନଙ୍କୁ ଗାଳିଗୁଲଜ କରିବା ସହ ସ୍କୁଲରୁ ଟିସି ଦେଇ ବାହାର କରିଦେଇଛନ୍ତି ବୋଲି ସେମାନଙ୍କ ବାପା ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି। ଲକ୍ଷ୍ମୀଧର ଜଣେ ନାମମାତ୍ର କ୍ଷୁଦ୍ର ଚାଷୀ, ଶିକ୍ଷା ବର୍ଷ ଶେଷ ସମୟ ପିଲାଦୁହିଁଙ୍କୁ ଅନ୍ୟ ସ୍କୁଲରେ ପାଠ ପଢାଇବାକୁ ସମ୍ବଳ ନାହିଁ ବୋଲି କହିଛନ୍ତି। ତେଣୁ ତାଙ୍କ ପିଲାଦ୍ୱୟଙ୍କ ପାଠପଢ଼ାରେ ଡୋରି ଲାଗିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ବଡ଼ ଅଘଟଣରୁ ବର୍ତ୍ତିଗଲା 'ବନ୍ଦେ ଭାରତ'

**ନୂଆପଡ଼ା, ୧୧।୧୧ (ସମିସ):** ଜଣେ ମାଲବାହୀ ଟ୍ରେନ୍ ଲୋକା-ପାଇଲଟ୍‌ଙ୍କ ପାଇଁ ନୂଆପଡ଼ା ଜିଲ୍ଲା ସଦର ମହକୁମା ଦେଇ ବିଶାଖାପାଟଣାକୁ ଯାତାୟାତ କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ବଡ଼ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛି। ଗତକାଲି ସଂଧ୍ୟାରେ କିଛି ଦୁର୍ବୃତ୍ତ ରେଳଧାରଣା ଉପରେ ବଡ଼ ପଥର ରଖି ଦେଇଥିଲେ। ସେହି ସମୟରେ ଅତିକ୍ରମ କରୁଥିବା ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟ୍‌ଙ୍କ ନଜରରେ ଏହା ପଡ଼ିବାରୁ ସେ ଏ ସଂପର୍କରେ ନୂଆପଡ଼ା ଷ୍ଟେସନ୍ ମାଷ୍ଟର୍‌ଙ୍କୁ ଜଣାଇଥିଲେ। ତେଣୁ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ନୂଆପଡ଼ା ଷ୍ଟେସନ୍ ନିକଟରେ ଅଟକାଯିବା ସହ ଅନ୍ୟ ଏକ ଧାରଣାରେ ଛଡ଼ା ଯାଇଥିଲା। ଏଥିଯୋଗୁଁ ନିର୍ଦ୍ଧାରିତ ସମୟଠାରୁ ଟ୍ରେନ୍‌ଟି ୧ଘଣ୍ଟା ବିଳମ୍ବ ହୋଇଥିଲା। ସୂଚନାନୁଯାୟୀ, ପ୍ରତିଦିନ ସକାଳେ ସାଢ଼େ ୭ଟାରେ ଟ୍ରେନ୍‌ଟି ନୂଆପଡ଼ା ଦେଇ ବିଶାଖାପାଟଣା ଯାଉଥିବା ବେଳେ ରାତି ୮ଟା ୪୫ ମିନିଟରେ ଫେରିଥାଏ। ହେଲେ ରବିବାର ରାତିରେ ଟିକିଏ ବିଳମ୍ବରେ ଫେରିଥିଲା। ଏହାର କିଛି ସମୟ ପୂର୍ବରୁ କିଛି ଦୁର୍ବୃତ୍ତ ନୂଆପଡ଼ା-ବରଗଡ଼ ରାସ୍ତାରେ ଲେଭେଲ୍ କ୍ରସିଂରୁ କିଛି ଦୂରରେ ରେଳଧାରଣାରେ ପଥର ରଖି ଦେଇଥିଲେ। ରାୟପୁର ପଟୁ ଫେରୁଥିବା ଏକ ମାଲବାହୀ ଟ୍ରେନ୍‌ର ଲୋକୋ-ପାଇଲଟ୍ ଏହା ଦେଖି ତୁରନ୍ତ ନୂଆପଡ଼ା ଷ୍ଟେସନ୍ ମାଷ୍ଟର୍‌ଙ୍କୁ ଜଣାଇଥିଲେ।



# ହସ୍ପିଟାଲରେ ଖତ ଖାଉଛି ୧୬ ହଜାର ମଶାରି

## ମିଳୁନି ସରକାରୀ ନିର୍ଦ୍ଦେଶ, ଲୋକଙ୍କୁ ଦିଆଯାଇପାରୁନି

**ଲକ୍ଷ୍ମୀପୁର, ୧୧।୧୧ (ସମିସ):** ସରକାରୀ ନିର୍ଦ୍ଦେଶ ମିଳିନଥିବାରୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ଦେଢ଼ ମାସ ହେଲା ୧୬ ହଜାରରୁ ଊର୍ଦ୍ଧ୍ୱ ମଶାରି ଖତ ଖାଉଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମ୍ୟାଲେରିଆମୁକ୍ତ ଅଭିଯାନ ଦିଗହରା ହୋଇଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗରୁ ଅପହଞ୍ଚ ତଥା ଆଭ୍ୟନ୍ତର ଅଞ୍ଚଳବାସୀଙ୍କୁ ରକ୍ଷା କରିବାକୁ ସରକାରଙ୍କ ପକ୍ଷରୁ ମାଗଣା ଔଷଧବୁଡ଼ା ମଶାରୀ ପ୍ରଦାନ କରାଯାଉଛି। ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ରର ସର୍ଭେ ଅନୁସାରେ, ଲକ୍ଷ୍ମୀପୁର ବ୍ଲକ୍‌ର ୭୪ ହଜାର ଜନସଂଖ୍ୟା ରହିଥିବା ବେଳେ ସେହି ଅନୁଯାୟୀ ମଶାରି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ଗତ ଦେଢ଼ ମାସ ତଳେ ପ୍ରଥମ ପର୍ଯ୍ୟାୟରେ ୧୬ ହଜାରରୁ ଊର୍ଦ୍ଧ୍ୱ ମଶାରି ଆସି ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଛି। ସ୍ୱାସ୍ଥ୍ୟକେନ୍ଦ୍ରର କେବଳ ରୋଗୀଶଯ୍ୟାକୁ ଛାଡ଼ିଦେଲେ ବାକି ସବୁ ସ୍ଥାନରେ ମଶାରି ଭର୍ତ୍ତି ହୋଇ ରହିଛି। କିନ୍ତୁ ବିଡ଼ମ୍ବନାର କଥା ହେଲା, ଦଶହରା ପୂର୍ବରୁ ଏସବୁ ମଶାରି ଆସିଥିଲେ ମଧ୍ୟ ଏଯାଏ ତାହା ଲୋକଙ୍କ ପାଖେ ପହଞ୍ଚି ପାରିନାହିଁ। ଅନ୍ୟପକ୍ଷରେ ଲକ୍ଷ୍ମୀପୁରରେ ଗତ କିଛି ଦିନ ହେବ ମ୍ୟାଲେରିଆ ଜ୍ୱରରେ ମଧ୍ୟ ଅନେକ ଲୋକ ପୀଡ଼ିତ ହୋଇଥିବା ନଜରକୁ ଆସିଛି। ମ୍ୟାଲେରିଆ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରମାନେ ମଧ୍ୟ ନାକେଦମ୍ ହେଉଥିବା ନଜରକୁ ଆସୁଛି। ତେବେ ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ କହିବା କଥା ହେଲା, ମଶାରି ଆସିଥିଲେ ମଧ୍ୟ ତାହାକୁ ବାଣ୍ଟିବା ପାଇଁ ନିର୍ଦ୍ଦେଶନାମା ସରକାରଙ୍କ ପକ୍ଷରୁ ଆସିନାହିଁ। ତେଣୁ ତାହା ବଣ୍ଟା ଯାଇପାରୁନାହିଁ।

# ବଣାଇଁ ଜେଲ୍‌ରେ ବିଚାରାଧୀନ କଏଦୀ ମୃତ

**ବଣାଇଁ, ୧୧।୧୧(ସମିସ):** ବଣାଇଁଗଡ଼ ସ୍ୱତନ୍ତ୍ର ଉପ-କାରାଗାରରେ ଆଜି ସକାଳେ ଜଣେ



ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କୋଇଡ଼ା ଅଞ୍ଚଳର ବୁଧୁ ମୁଣ୍ଡା। ଏକ ହତ୍ୟା ମାମଲାରେ ସେ ବଣାଇଁ ଜେଲରେ ଥିଲେ। ଆଜି ସକାଳେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିବାରୁ ଜେଲ୍ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ, କେଉଁ କାରଣରୁ ହଠାତ୍ ତାଙ୍କର ମୃତ୍ୟୁ ଘଟିଲା, ସେ ସଂପର୍କରେ ଜଣାପଡ଼ିନାହିଁ। ଜେଲ୍ କର୍ତ୍ତୃପକ୍ଷଙ୍କ କହିବା କଥା, ପ୍ରାୟ ସମୟରେ ବୁଧୁ ଅସୁସ୍ଥ ରହୁଥିଲେ। ପୂର୍ବରୁ ମଧ୍ୟ ତାଙ୍କୁ ଅନେକଥର ଚିକିତ୍ସା ଲାଗି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କୁହାଯାଉଛି।

# ଆହୁରି ସୁଦୃଢ଼ ହେବ ଓଡ଼ିଶା ଅଗ୍ନିଶମ ବିଭାଗ

## ଆଧୁନିକୀକରଣ ଲାଗି କେନ୍ଦ୍ର ଦେବ ୨୦୧ କୋଟି

**ଭୁବନେଶ୍ୱର,୧୧।୧୧(ସମିସ):** ଆହୁରି ସୁଦୃଢ଼ ହେବ ଓଡ଼ିଶା ଅଗ୍ନିଶମ ବିଭାଗ। ଅଗ୍ନିଶମ ସେବାର ସମ୍ପ୍ରସାରଣ ଓ ଆଧୁନିକୀକରଣ ଲାଗି ଓଡ଼ିଶାକୁ ୨୦୧.୧୦କୋଟି ଟଙ୍କା ମିଳିବ। ଏନେଇ କେନ୍ଦ୍ର ସରକାର ଅର୍ଥରାଶି ମଞ୍ଜୁରୀ କରିଛନ୍ତି। ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟି ବୈଠକରେ ଓଡ଼ିଶା ସମେତ ଛତିଶଗଡ ଓ ପଶ୍ଚିମବଙ୍ଗରେ ଅଗ୍ନିଶମ ସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ମୋଟ ୭୨୫.୬୨କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଓଡ଼ିଶାକୁ ୨୦୧.୧୦ କୋଟି ଟଙ୍କା, ଛତିଶଗଡକୁ ୧୪୭.୭୬କୋଟି ଟଙ୍କା ଓ ପଶ୍ଚିମବଙ୍ଗକୁ ୩୭୬.୭୬କୋଟି ଟଙ୍କା ଅନୁମୋଦନ କରିଛନ୍ତି।

କେନ୍ଦ୍ର ସରକାର ରାଜ୍ୟଗୁଡିକରେ ଅଗ୍ନିଶମ ସେବାର ସମ୍ପ୍ରସାରଣ ଓ ଆଧୁନିକୀକରଣ ଯୋଜନାରେ ଏନଡିଆରଏଫ(ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି) ଅଧୀନରେ ୫ହଜାର କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଦେଶରେ ବିପର୍ଯ୍ୟୟର ବିପତ୍ତି ହ୍ରାସ ପ୍ରଣାଳୀକୁ ସୁଦୃଢ଼ କରିବା ସହ ଧନଜୀବନକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ୧୫ଟି ରାଜ୍ୟ ପାଇଁ କେନ୍ଦ୍ର ସରକାର ୨୫୪୨.୧୨କୋଟି ଟଙ୍କା ମଞ୍ଜୁର କରିଥିଲେ। ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ରାଜ୍ୟଗୁଡ଼ିକୁ ୨୧ ହଜାର ୨୬ କୋଟି ଟଙ୍କାର ଅର୍ଥରାଶି ପୂର୍ବରୁ ଆବଣ୍ଟନ ସରିଛି। ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଆରଏଫ)ରୁ ୨୬ଟି ରାଜ୍ୟକୁ ୧୪ ହଜାର ୮୭୮ କୋଟି ୪୦ ଲକ୍ଷ ଟଙ୍କା, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଆରଏଫ)ରୁ ୧୫ଟି ରାଜ୍ୟକୁ ୪,୬୩୭ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସଡିଏମଏଫ)ରୁ ୧୧ଟି ରାଜ୍ୟକୁ ୧୩୮୫ କୋଟି ୪୫ ଲକ୍ଷ ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏନଡିଏମଏଫ)ରୁ ୩ଟି ରାଜ୍ୟକୁ ୧୨୪ କୋଟି ୯୩ ଲକ୍ଷ ଟଙ୍କା ସାମିଲ ରହିଛି।

# ୩ ପୁଲିସକୁ ମିଳିବ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

**ଭୁବନେଶ୍ୱର,୧୧।୧୧(ସମିସ):** କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପାଇବେ ଓଡ଼ିଶାର ୩ ପୁଲିସ ଅଧିକାରୀ। ଅପରାଧକୁ ନିୟନ୍ତ୍ରଣ କରିବା ସହ ତଦନ୍ତରେ ସଫଳତାକୁ ନେଇ ଏହି ପୁରସ୍କାର ମିଳିଛି। ଗଜପତିର ପୁଲିସ ଇନ୍ସପେକ୍ଟର ସବ୍ୟସାଚୀ ମଲ୍ଲ ଏହି ପୁରସ୍କାର ପାଇବେ। ସେହିପରି ଗଞ୍ଜାମ ଜିଲ୍ଲାର ରାଜେନ୍ଦ୍ର ନଗର ପଟ୍ଟନାୟକ ଓ ମାଲକାନଗିରିର ରିଗନ କୁଣ୍ଡୁ ଏହି ପୁରସ୍କାର ପାଇବେ। ଏନେଇ ଚିଠି ଆସିବା ପରେ ଏକ୍ସରେ ୩ ପୁଲିସ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପୁଲିସ ଡିଜି ୱାଇ.ବି ଖୁରାନିଆ। ଏହି ପଦକ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ। ସେମାନେ ଯେଭଳି ଆଗକୁ ଏଭଳି ଭଲ କାର୍ଯ୍ୟ କରିବେ ସେଥିପାଇଁ ଉତ୍ସାହ ବଢାଇବ ବୋଲି ଡିଜି କହିଛନ୍ତି।

## ଶଳାଭାଉଜଙ୍କୁ ନିର୍ଯାତନା

# ମାମଲାକୁ ପ୍ରଭାବିତ କରୁଛନ୍ତି ବିଧାୟକ!

**ବଲାଙ୍ଗିର,୧୧।୧୧(ସମିସ):** ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନଙ୍କ ଶଳାଭାଉଜ ମମତା ମଲ୍ଲିକ (ଅଗ୍ରୱାଲ) ନିଜ ସ୍ୱାମୀ ଅନୁପ ଅଗ୍ରୱାଲ, ନଣନ୍ଦ ତଥା ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ନଣନ୍ଦେଇ ନବୀନ ଜୈନଙ୍କ ବିରୋଧରେ କରିଥିବା ସାଂଘାତିକ ନିର୍ଯାତନା ଅଭିଯୋଗ ଘଟଣାର ତଦନ୍ତ ଆରମ୍ଭ କରିଛି ଟାଉନ ପୁଲିସ । ମାତ୍ର ମମତା ମଲ୍ଲିକ ଥାନାରେ କରିଥିବା ଅଭିଯୋଗ ଏଯାଏ ପଞ୍ଜିକୃତ ହୋଇଛି କି ନାହିଁ ସେ ସମ୍ପର୍କରେ ପୁଲିସ ସ୍ପଷ୍ଟ ସୂଚନା ଦେଇନାହିଁ। ଅଭିଯୋଗ କରିବାର ଦୀର୍ଘ ସମୟ ଅତିବାହିତ ହୋଇଥିଲେ ହେଁ ପୁଲିସ ରହସ୍ୟମୟ ନିରବତା

### ଖବର ପ୍ରକାଶ ପରେ ପୀଡ଼ିତାଙ୍କୁ ଡାକି ପୁଲିସର ପଚରାଉଚରା

ଅବଲମ୍ବନ କରିଥିବାବେଳେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ମମତାଙ୍କୁ ଥାନାକୁ ଡ଼ାକି ପୁଲିସ ପଚରାଉଚରା କରିଛି । ମାତ୍ର ସମଗ୍ର ଘଟଣାକୁ ବିଧାୟକ ନବୀନ ଜୈନ ଓ ତାଙ୍କ ପତ୍ନୀ ମମତା ଜୈନ ନିୟନ୍ତ୍ରଣ କରୁଥିବା ଏବଂ ସେମାନଙ୍କ ଇଙ୍ଗିତରେ ପୁଲିସ ପରିଚାଳିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ବିଧାୟକ ରୂପେ ନବୀନ ଜୈନ ନିର୍ବାଚିତ ହେବା ପରେ ତାଙ୍କ ଉପରେ ମାନସିକ ନିର୍ଯାତନା ବୃଦ୍ଧି ପାଇଥିବା ମମତା ମଲ୍ଲିକ ଅଭିଯୋଗ କରିଥିଲେ ହେଁ ପୁଲିସର ହାତ ବିଧାୟକଙ୍କ ନିକଟରେ ପହଞ୍ଚିନାହିଁ ।

ରବିବାର ବଲାଙ୍ଗିର ଟାଉନ ଥାନା ଅଧୀନ ଗାନ୍ଧୀନଗରପଡ଼ାରେ ରହୁଥିବା ମମତା ମଲ୍ଲିକ ନାମକ ଜଣେ ମହିଳା ଟାଉନ ଥାନାକୁ ଆସି ତାଙ୍କ ସ୍ୱାମୀ, ଶାଶୂଘର ପରିବାର, ନିଜ ଭଉଣୀ, ଭିଣୋଇଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ତାଙ୍କ ବଡ଼ ଭଉଣୀ, ଭିଣୋଇ, ଭଉଣୀର ଶାଶୁ ମିଶି ମମତାଙ୍କୁ ୧୪ ବର୍ଷ ବୟସରେ ବଳପୂର୍ବକ ଧର୍ମଗଡ଼ର ଅନୁପ ଅଗ୍ରୱାଲଙ୍କ ସହ ବିବାହ କରାଇଥିଲେ ଓ ଏଥିପାଇଁ ସେମାନେ ୮୦ ହଜାର ଟଙ୍କା ନେଇଥିଲେ। ବିବାହ ପରେ ସ୍ୱାମୀ ଅନୁପ ଅଗ୍ରୱାଲ ତାଙ୍କ ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ ଓ ଅନୁପଙ୍କ ଭିଣୋଇ ବିଜେପି ନେତା ତଥା ବର୍ତ୍ତମାନର ବିଧାୟକ ନବୀନ ଜୈନ ତାଙ୍କୁ ସୁରକ୍ଷା ଦେଉଥିଲେ।



ମମତାଙ୍କୁ କିଛି ମାସ ପୂର୍ବରୁ ତାଙ୍କ ଭିଣୋଇ, ଭଉଣୀ ଭୁବନେଶ୍ୱରରେ ବିକ୍ରି କରିଦେବା ପାଇଁ ସେମାନେ ଯୋଜନା ମଧ୍ୟ କରିଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ତାଙ୍କ ସ୍ତ୍ରୀ ମମତା ଜୈନ ମଧ୍ୟ ତାଙ୍କ ଉପରେ ନିର୍ଯାତନାରେ ସହଯୋଗ କରୁଥିଲେ । ସେ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ବିଧାୟକଙ୍କ ଚାପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଏନେଇ ଖବର ପ୍ରକାଶ ପାଇବାପରେ ସୋମବାର ଟାଉନ ଥାନା ପୁଲିସ ମମତାଙ୍କୁ ଡ଼ାକି ପଚରାଉଚରା କରିଛି। ଡକାଯାଇ ପଚରାଉଚୁରା କରାଯାଇଥିବା ଜଣାପଡ଼ିଛି। ନିଜ ୭ ବର୍ଷର ଝିଅକୁ ନେଇ ମମତା ଏକା ନ୍ୟାୟ ପାଇଁ ଲଢ଼େଇ କରିଆସୁଛନ୍ତି। ତେବେ ମହିଳାଙ୍କୁ ସମ୍ମାନ, ନ୍ୟାୟର ଡିଣ୍ଡିମ ପିଟୁଥିବା ବିଜେପି ସରକାରର ଜଣେ ବିଧାୟକ ନିଜେ ଏହି ଘଟଣାରେ ଅଭିଯୁକ୍ତ ଥିବାରୁ ଏହି ମାମଲାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ମମତା ଅଭିଯୋଗ କରିଛନ୍ତି।

## ୫ ମାସ ହେଲା କଳବଳ କଲାଣି ଦରବୃଦ୍ଧି

# କଳାବଜାରୀଙ୍କ ଉପରେ ସରକାରଙ୍କ ଲଗାମ୍ ନାହିଁ

**ଭୁବନେଶ୍ୱର,୧୧।୧୧(ସମିସ):** ଗୋଟିଏ ପଟେ ସରକାରୀ ରାସନ ନ ପାଇ ଲୋକେ ଆମ୍ବ ଟାକୁଆ ଯାଉ ଖାଇ ପ୍ରାଣ ହରାଉଛନ୍ତି, ଅନ୍ୟ ପଟେ ରାଜ୍ୟରେ ଅତ୍ୟାବଶକ ଜିନିଷର ଆକାଶଛୁଆଁ ଦର ଲୋକଙ୍କୁ ତଳିତଳାନ୍ତ କଲାଣି। ଓଡିଶାରେ ବିଜେପି ସରକାର ଆସିବା ପରଠାରୁ ହାଣ୍ଡିଶାଳ ଉପରେ ବୋଝ ବଢ଼ି ବଢ଼ି ଚାଲିଛି। କଳାବଜାରୀକୁ ରୋକିବା ଏବଂ ଉଚିତ ପାଇକାରୀ ମୂଲ୍ୟରେ ସାମଗ୍ରୀ ବିକ୍ରୟ ସୁନିଶ୍ଚିତ କରିବାରେ ସରକାରଙ୍କ ବିଫଳତାର ପରିଣାମ ଲୋକେ ଭୋଗୁଛନ୍ତି। ଏପରିକି ଖୋଦ୍ ରାଜ୍ୟ ବ୍ୟବସାୟୀ ସଂଘ ମଧ୍ୟ ସରକାରଙ୍କ ଅପାରଗତା ଆଡକୁ



### ସରକାରଙ୍କ ଅପାରଗତା ପାଇଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି: ବିଜେଡି

ଅଙ୍ଗୁଠି ନିର୍ଦ୍ଦେଶ କଲେଣି। ବିଡ଼ମ୍ବନା ହେଉଛି, ରାଜ୍ୟ ଯୋଗାଣ ମନ୍ତ୍ରୀ ସବୁ ବିଭ୍ରାଟ ଉପରେ ପରଦା ଢାଙ୍କିବା ପାଇଁ ଗୋଟିଏ ପରେ ଗୋଟିଏ ବୟାନବାଜି ଚଳାଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଡବଲ ଇଞ୍ଜିନ୍ ସରକାରର ମହଙ୍ଗା ମାଡ଼ ଜନ ଆକ୍ରୋଶକୁ ବଳ ଯୋଗାଉଛି। ଗତ ଜୁନ ମାସରେ ଆଳୁ ଦର ପ୍ରତି କିଲୋ ୨୦ ଟଙ୍କା ଥିଲା ବେଳେ ଏହା ଏବେ ୩୫ ଟଙ୍କାରେ ପହଞ୍ଚିଛି। ଆଳୁ ଅଭାବ ଦୂର ହେବା ସତ୍ତ୍ୱେ ପୂର୍ବ ଦର ଫେରିପାରି ନାହିଁ। ଆଳୁ କିଲୋ ପିଛା ସେଇ ୩୦/୩୫ ଟଙ୍କାରେ ଧାର୍ଯ୍ୟ ହୋଇଗଲା ବୋଲି ଜନେ କହିଲେଣି। ସେହିପରି ଜୁନ୍ ମାସରେ ୨୦ ଟଙ୍କାରେ କିଲେ ପିଆଜ ବିକ୍ରି ହେଉଥିବା ବେଳେ ଏବେ ୬୦ ଟଙ୍କା ହେଲାଣି। ସେହିପରି, ହରଡ଼ ଡାଲି ଦର ୧୩୦ ଟଙ୍କାରୁ ୧୮୦ ଟଙ୍କାରେ, ମୁଗ ଡାଲି ଦର ୧୦୦ ଟଙ୍କାରୁ ୧୨୫ ଟଙ୍କାରେ, ବିରି ଡାଲି ଦର ୧୨୦ ଟଙ୍କାରୁ ୧୪୫ ଟଙ୍କାରେ, ସୋରିଷ ତେଲ ଦର ୧୫୦ ଟଙ୍କାରୁ ୧୮୦ ଟଙ୍କାରେ, ରିଫାଇନ ତେଲ ଦର ୧୧୪ ଟଙ୍କାରୁ ୧୪୪ ଟଙ୍କାରେ ପହଁଚିଛି। ଅଦା, ରସୁଣ ଦର ୧୦ ଗୁଣା ବଢ଼ି ଯାଇଛି। ପନିପରିବା କଥା ନ କହିବା ଭଲ। ୪୦ ଟଙ୍କା ତଳକୁ କିଛି ନାହିଁ। ବନ୍ୟା ବାତ୍ୟା କିମ୍ବା ବର୍ଷା ପଡିଗଲେ କଥା ସରିଲା। ମନଇଚ୍ଛା ଦର ଡାକୁଛନ୍ତି। ଯୋଗାଣ ବିଭାଗ କିନ୍ତୁ ପୂରା ନିରବଦ୍ରଷ୍ଟା। ଯେତେବେଳେ ବି ବିଭାଗର ଅପାରଗତା ଉପରକୁ ଅଙ୍ଗୁଠି ଉଠୁଛି ମନ୍ତ୍ରୀ ଚଟାପଟ ଉତ୍ତର ରଖି କାମ ସାରିଦେବାରେ ହେଳା କରୁ ନାହାନ୍ତି। ଖାଉଟିଙ୍କ ସମସ୍ୟା ଓ ମନ୍ତ୍ରୀଙ୍କ ବୟାନବାଜିର ଅନ୍ତ ନାହିଁ। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଦର ଅହେତୁକ ବୃଦ୍ଧି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟ ସରକାର ନିଦାବିଷ୍ଟ ସାଜିଛନ୍ତି। ରାଜ୍ୟବାସୀଙ୍କ ମୁଣ୍ଡ ଉପରୁ ବୋଝ ହାଲୁକା କରିବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେବଳ ବିଭିନ୍ନ ବୟାନବାଜିରେ ବ୍ୟସ୍ତ ଅଛନ୍ତି। ଗରିବ ଲୋକଙ୍କ ପାଖରେ ରାସନ ଚାଉଳ ପହଞ୍ଚାଇବାରେ ସରକାରଙ୍କ ବିଫଳତା ହେତୁ କନ୍ଧମାଳ ଜିଲ୍ଲାରେ ଦୁଇ ଜଣ ମହିଳାଙ୍କ ଆମ୍ବ ଟାକୁଆ ଖାଇ ମୃତ୍ୟୁ ହେଲା। ରାଜ୍ୟରେ କଳାବଜାରୀ ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗତ ପାଞ୍ଚ ମାସରେ ଅତ୍ୟାବଶକୀୟ ଜିନିଷର ଦର ହୁ ହୁ ହୋଇ ବଢ଼ି ଚାଲିଛି। ଦୁର୍ଭାଗ୍ୟର କଥା ଯୋଗାଣ ମନ୍ତ୍ରୀ ନିଜେ ଯାଇ ଚଢ଼ଉ କରୁଛନ୍ତି କିନ୍ତୁ ତାହାର ଆଗୁଆ ସୂଚନା କଳାବଜାରୀ କରୁଥିବା ବ୍ୟବସାୟୀ ମାନଙ୍କ ପାଖରେ ପହଞ୍ଚି ଯାଉଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଛନ୍ତି। ସରକାର ଏ ଦିଗରେ ବିହିତ ପଦକ୍ଷେପ ନେଇ ଦରଦାମ ନିୟନ୍ତ୍ରଣ କରନ୍ତୁ ବୋଲି ବିଜେଡି ଦାବି କରିଛି। ନିକଟରେ ରାଜ୍ୟର ବ୍ୟବସାୟୀ ମହାସଙ୍ଘ ଦରବୃଦ୍ଧି ପାଇଁ ସରକାରଙ୍କୁ ସମାଲୋଚନା କରିଥିଲା। ଦରଦାମ ବୃଦ୍ଧି ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସଂଘ କହିଥିଲା। ଅପରପକ୍ଷେ ସରକାର ଓ ବ୍ୟବସାୟୀ ମହାସଙ୍ଘ ମଧ୍ୟରେ ମଧ୍ୟ ସମନ୍ୱୟ ରହୁ ନ ଥିବା ଦେଖାଯାଇଛି।

# ବଦଳି ଓ ନିଯୁକ୍ତି ପାଇଁ ପ୍ରଭାବିତ କରିପାରିବେନି ସରକାରୀ କର୍ମଚାରୀ

**ଭୁବନେଶ୍ୱର,୧୧।୧୧(ସମିସ):** ରାଜ୍ୟରେ ବଦଳି ଓ ପୋଷ୍ଟିଂ ପାଇଁ ସରକାରୀ ଚାକିରିଆମାନେ ବିଭିନ୍ନ ଉପାୟରେ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରଭାବିତ କରି ନିଜର ସୁବିଧା ମୁତାବକ ଜାଗାରେ ଅବସ୍ଥାନ ପାଇଁ ଚେଷ୍ଟା ଚଳାଉଛନ୍ତି। ରାଜ୍ୟ ସରକାରଙ୍କର ଏଭଳି ଘଟଣା ଗୋଚରକୁ ଆସିଛି। ଯାହାକୁ ନେଇ ମୁଖ୍ୟ ଶାସନ ସଚିବ ଉଦ୍‌ବେଗ ପ୍ରକାଶ କରିବା ଏଥିରେ ରୋକ୍ ଲଗାଇବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସୋମବାର ମୁଖ୍ୟ ଶାସନ ସଚିବ ରାଜ୍ୟର ସମସ୍ତ ବିଭାଗର ସଚିବ ଓ ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ବଦଳି ଓ ପୋଷ୍ଟିଂ କ୍ଷେତ୍ରରେ ରହିଥିବା ନିୟମର ଅନୁପାଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟ ସଚିବଙ୍କ ପକ୍ଷରୁ ହୋଇଥିବା ଚିଠିରେ ଦର୍ଶାଯାଇଛି ଯେ କିଛି ସରକାରୀ କର୍ମଚାରୀ ନିଜର ବଦଳି କିମ୍ବା ନିଯୁକ୍ତି ପାଇଁ ବାହ୍ୟ ଚାପ ପକାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ଘଟଣା "ଓଡ଼ିଶା ଗଭର୍ଣ୍ଣମେଣ୍ଟ ସର୍ଭେଣ୍ଟ କଣ୍ଡକ୍ଟ ରୁଲସ୍-୧୯୫୯ର ରୁଲ-୨୩ର' ସିଧାସଳଖ ଉଲ୍ଲଙ୍ଘନ କରୁଛି। ସରକାରୀ

- ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଚାପ ପକାଇଲେ ହେବ କାର୍ଯ୍ୟାନୁଷ୍ଠାନ
- ସବୁ ସଚିବ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଲେ ମୁଖ୍ୟ ସଚିବ

କର୍ମଚାରୀମାନେ ନିଜର ଆଚରଣରେ ଉଚ୍ଚମାନର ନିଷ୍ଠା ବଜାୟ ରଖିବା ସହ ସମସ୍ତ ସେବା ପ୍ରସଙ୍ଗରେ ସ୍ୱଚ୍ଛତା ଓ ପାରଦର୍ଶିତାର ନୀତି ଅବଲମ୍ବନ କରିବା ଆବଶ୍ୟକ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ନୀତି ଆଧାରରେ ସ୍ୱାଭାବିକ ଭାବେ କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି କରାଯାଇଥାଏ। ତେଣୁ ଏହି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମକୁ ଗୁରୁତର ଖରାପ ଆଚରଣ ଭାବେ ବିଚାର କରାଯିବ। ଏହିସହିତ ଏହି ଆଚରଣ ପାଇଁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟ ସଚିବ ଚିଠିରେ ଦର୍ଶାଇଛନ୍ତି।

ସୂଚନା ଥାଉ କି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଅନେକ ସରକାରୀ କର୍ମଚାରୀ ନେତା-ମନ୍ତ୍ରୀଙ୍କ ଲିଖିତ ସୁପାରିସ ଆଣି ନିଜର ବଦଳି ଓ ପଦୋନ୍ନତି ପାଇଁ ଚାପ ପକାଉଥିବା ଚର୍ଚ୍ଚା ହେଉଥିଲା। ମୁଖ୍ୟ ସଚିବ ଆଜି ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ବଦଳି ଓ ନିଯୁକ୍ତି ପାଇଁ ପକାଯାଉଥିବା ଅଯଥା ପ୍ରଭାବ ଓ ଚାପ ଉପରେ କଟକଣା ଜାରି କରିଛନ୍ତି। ଏହା ସହିତ ଏହି ଗାଇଡଲାଇନର ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରତ୍ନଭଣ୍ଡାର ଯାଞ୍ଚ ପ୍ରସଙ୍ଗ

# ମନ୍ତ୍ରୀଙ୍କ ମନ୍ତବ୍ୟକୁ ଏଡ଼ାଇଗଲେ ମୁଖ୍ୟ ପ୍ରଶାସକ

**ପୁରୀ,୧୧ା୧୧(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଭିତରେ କୌଣସି ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ରହିଛି, ତାହା ଉପରୁ ପରଦା ହଟାଇବା ଲାଗି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ରତ୍ନଭଣ୍ଡାରର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚକୁ ଇତି ମଧ୍ୟରେ ଦେଢ଼ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି। ଏ ପର୍ଯ୍ୟନ୍ତ ରିପୋର୍ଟ ଆସି ନଥିବା ବେଳେ ଆଇନ ମନ୍ତ୍ରୀ କିନ୍ତୁ ଏ ସଂକ୍ରାନ୍ତରେ ମନ୍ତବ୍ୟ ଦେଇସାରିଛନ୍ତି। ଗତ ୧ ତାରିଖରେ ମନ୍ତ୍ରୀ କହିଥିଲେ, ରତ୍ନଭଣ୍ଡାରରେ ଗୁପ୍ତ କୋଠରି ଓ ସୁଡ଼ଙ୍ଗ ନାହିଁ। ତେବେ ମନ୍ତ୍ରୀଙ୍କର ଏହି ମନ୍ତବ୍ୟକୁ କିନ୍ତୁ ଏଡ଼ାଇ ଯାଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଏ ପର୍ଯ୍ୟନ୍ତ ଅଫିସିଆଲ୍ ରିପୋର୍ଟ ହସ୍ତଗତ ହୋଇନି ବୋଲି ସେ କହିଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠୁଛି, ରିପୋର୍ଟ ଆସି ନଥିବା ବେଳେ ମନ୍ତ୍ରୀ କିପରି ରତ୍ନଭଣ୍ଡାରରେ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ନାହିଁ ବୋଲି ସାଧାରଣରେ ମନ୍ତବ୍ୟ ଦେଇଦେଲେ। ଯଦି ବି ରତ୍ନଭଣ୍ଡାର ଯାଞ୍ଚ କରିଥିବା ସଂସ୍ଥା ହାଇଦ୍ରାବାଦସ୍ଥିତ ଏନ୍‌ଜିଆର୍‌ଆଇ (ନ୍ୟାସନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍)ର କୌଣସି ସଦସ୍ୟ/ଅଧିକାରୀଙ୍କ ସହ କଥା ହୋଇ ଏଭଳି କହିଛନ୍ତି, ତେବେ ସେମାନେ ଏପର୍ଯ୍ୟନ୍ତ ରିପୋର୍ଟ ଦେଉନାହାନ୍ତି କାହିଁକି? ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଏସ୍‌ଆଇ ରିପୋର୍ଟ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନକୁ ଦେବ। ପରେ ସେମାନେ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ପରବର୍ତ୍ତୀ ପଦକ୍ଷେପ ନେବେ। ଅପରପକ୍ଷେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ମନ୍ତ୍ରୀଙ୍କ କଥାରେ ହଁ ନଭରି ରିପୋର୍ଟକୁ ଅପେକ୍ଷା କରିବା ବୋଲି କହିବା ଏହି ପ୍ରସଙ୍ଗରେ ଦ୍ୱନ୍ଦ୍ୱ ବଢ଼ାଇଛି।

ସୂଚନାନୁଯାୟୀ, ରତ୍ନଭଣ୍ଡାରରେ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ନେଇ ଲାଗି ରହିଥିବା ଚର୍ଚ୍ଚା ଉପରୁ ପରଦା ହଟାଇବା ଲାଗି ମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ଏଏସ୍‌ଆଇ ରତ୍ନଭଣ୍ଡାରର ଯାଞ୍ଚ

## 'ରିପୋର୍ଟ ହସ୍ତଗତ ହୋଇନି'

କରିଛି। ଦୁଇଟି ପର୍ଯ୍ୟାୟରେ ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଯାଞ୍ଚ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗତ ସେପ୍ଟେମ୍ବର ୧୮ ତାରିଖରେ ରତ୍ନଭଣ୍ଡାର ଯାଞ୍ଚ ହୋଇଥିଲା। ଏଥିପାଇଁ ଗଠିତ ଟିମ୍ ସଦସ୍ୟଙ୍କ ଉପସ୍ଥିତିରେ ଏଏସ୍‌ଆଇ ପକ୍ଷରୁ ପ୍ରାଥମିକ ନିରୀକ୍ଷଣ କରାଯିବା ସହ ବୈଜ୍ଞାନିକ ସର୍ଭେ କରାଯାଇଥିଲା। ଏଏସ୍‌ଆଇର ୧୭ଜଣିଆ ବୈଷୟିକ ଦଳ ଆଣିଥିବା ଯନ୍ତ୍ରପାତି ବ୍ୟବହାର କରି ଏହି ସର୍ଭେ କରିଥିଲେ। ଭିତର ରତ୍ନଭଣ୍ଡାରର ଲେଜର ସ୍କାନିଂ କରିଥିଲେ। କିନ୍ତୁ ଟେକ୍ନିକାଲ ଟିମ୍ ପୁନଶ୍ଚ ଜିପିଆର୍ (ଗ୍ରାଉଣ୍ଡ ପେନେଟ୍ରେଟିଂ ରାଡାର) ସର୍ଭେ ପାଇଁ ପରାମର୍ଶ ଦେଇଥିଲେ। ତଦନୁଯାୟୀ, ସେପ୍ଟେମ୍ବର ୨୧ରୁ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ କରାଯାଇଥିଲା। ହାଇଦ୍ରାବାଦସ୍ଥିତ ଏନ୍‌ଜିଆର୍‌ଆଇ (ନ୍ୟାସନାଲ ଜିଓଫିଜିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ) ଟିମ୍ ଦୁଇ ଦିନ ଧରି ଏହି ସର୍ଭେ କରିଥିଲା।

ଯାଞ୍ଚ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ, ୧୦ ଦିନ ମଧ୍ୟରେ ଏହି ରିପୋର୍ଟ ଆସିବ ବୋଲି ଆଶା ରଖୁଛୁ। ହେଲେ ଦେଢ଼ ମାସ ବିତିଗଲାଣି କିନ୍ତୁ ରିପୋର୍ଟ ଆସିନାହିଁ। ଏହାରି ଭିତରେ ଗତ ୧ ତାରିଖରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ରତ୍ନଭଣ୍ଡାରର ଜିପିଆର୍ ସର୍ଭେର ଚୂଡ଼ାନ୍ତ ରିପୋର୍ଟ ଖୁବ୍‌ଶୀଘ୍ର ଆସିବ। ପ୍ରାଥମିକ ଆଲୋଚନାରୁ ରତ୍ନଭଣ୍ଡାରରେ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ନାହିଁ। ପ୍ରାଥମିକ ଆଲୋଚନାରୁ ରତ୍ନଭଣ୍ଡାରରେ କୌଣସି ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ନ ଥିବା ଜଣାପଡ଼ିଛି। ତେବେ ଆମେ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରିଛୁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ତେବେ ମନ୍ତ୍ରୀଙ୍କର ଏହି ମନ୍ତବ୍ୟ ନେଇ ଗତ ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ରତ୍ନଭଣ୍ଡାର ସମ୍ପର୍କରେ କୌଣସି ଅଫିସିଆଲ ରିପୋର୍ଟ ହସ୍ତଗତ ହୋଇନି। ରିପୋର୍ଟ ହସ୍ତଗତ ହେବା ପରେ ରାଜ୍ୟ ସରକାରଙ୍କୁ ଜଣାଇବୁ। ରାଜ୍ୟ ସରକାରଙ୍କର ଯାହା ନିର୍ଦ୍ଦେଶ ରହିବ, ସେହି ହିସାବରେ କାର୍ଯ୍ୟକ୍ରମ ହେବ। ଆଇନମନ୍ତ୍ରୀଙ୍କ ବକ୍ତବ୍ୟ ଉପରେ କୌଣସି ଟିପ୍ପଣୀ ଦେବାକୁ ଚାହିଁବିନି। ରିପୋର୍ଟ ଆସିବା ଯାଏ ଆମେ ଅପେକ୍ଷା କରିବା ବୋଲି ଡ. ପାଢ଼ୀ କହିଥିଲେ।

# କେନ୍ଦୁଝର ସଦର ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**କେନ୍ଦୁଝର,୧୧ା୧୧(ସମିସ):** ସୋମବାର ଅପରାହ୍ଣରେ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ସଦର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ସମିତି ସଭ୍ୟ ଓ ସରପଞ୍ଚଙ୍କୁ ମିଶାଇ ମୋଟ ୨୭ ସଦସ୍ୟ ଏହି ଅନାସ୍ଥାରେ ଦସ୍ତଖତ କରିଥିବା ଜଣାପଡ଼ିଛି। ଅନାସ୍ଥା ଆଣିଥିବା ପିଆର୍‌ଆଇ ମେମ୍ବରମାନେ ଏହି ଅବସରରେ ସଦର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକଙ୍କ ମନମୁଖୀ କାର୍ଯ୍ୟ, ଠିକଣା ସମୟରେ ପଞ୍ଚାୟତ ସମିତି ବୈଠକ ନ କରିବା, ପଞ୍ଚାୟତକୁ ଆସୁଥିବା ଉନ୍ନୟନ ପାଣ୍ଠିର ସୁବିନିଯୋଗରେ ବିଫଳ ହେବା, ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା ନକରି ଠିକାଦାରଙ୍କୁ କାମ ବାଣ୍ଟିବା କାରଣରୁ ସେ ଆସ୍ଥା ହରାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ସଦର ବ୍ଲକ୍ ଅଧ୍ୟକ୍ଷାଙ୍କ ସମେତ କେତେକ ପିଆର୍‌ଆଇ ମେମ୍ବର ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଭେଟିଥିଲେ। ସେହିଠାରେ କିଛି ସଦସ୍ୟ ବିଜେପିରେ ମଧ ଯୋଗ ଦେଇଥିଲେ। କିନ୍ତୁ ବ୍ଲକ୍ ଅଧ୍ୟକ୍ଷା ସେଠାରେ ବିଜେପିରେ ସାମିଲ ହୋଇଛନ୍ତି ନା ନାହିଁ, ତାହାକୁ ନେଇ ସଂଶୟ ଦେଖାଦେଇଥିଲା। ଖୋଦ୍ ଅଧ୍ୟକ୍ଷା ମଧ ଏ ସମ୍ପର୍କରେ ମୁହଁ ଖୋଲି ନଥିଲେ। ଫଳରେ ଏହାକୁ ନେଇ ଅନ୍ୟ ପିଆର୍‌ଆଇ ସଦସ୍ୟମାନେ ତାଙ୍କୁ ସନ୍ଦେହ କରିଥିଲେ। ସୂଚନାଯୋଗ୍ୟ, ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ ବିଜେଡି ସମର୍ଥନରେ ସମିତି ସଭ୍ୟା ହେବା ପରେ ବ୍ଲକ ଅଧ୍ୟକ୍ଷା ହୋଇଥିଲେ।

ନିୟମାନୁଯାୟୀ, ଅନାସ୍ଥା ପ୍ରସ୍ତାବ ଆଗତ ସମୟରେ ବ୍ଲକର ୨୫ ପଞ୍ଚାୟତର ପିଆର୍‌ଆଇ ମେମ୍ବରମାନଙ୍କ ମଧ୍ୟରୁ ଏକ-ତୃତୀୟାଂଶ ଅନାସ୍ଥା ଆଣିପାରିବାର ବ୍ୟବସ୍ଥା ଥିବା ବେଳେ

## ୨୭ ଜଣ ସମିତି ସଭ୍ୟ ଓ ସରପଞ୍ଚଙ୍କ ଦସ୍ତଖତରେ ଆବେଦନ

ଅନାସ୍ଥା ପ୍ରସ୍ତାବ ଭୋଟ୍ ଗ୍ରହଣ ବେଳେ କିନ୍ତୁ ଦୁଇ-ତୃତୀୟାଂଶ ପିଆର୍‌ଆଇ ମେମ୍ବର ଅନାସ୍ଥା ସପକ୍ଷରେ ମତଦାନ ଜରୁରୀ। କିନ୍ତୁ ସୋମବାର ଅନାସ୍ଥା ପ୍ରସ୍ତାବରେ ୨୭ଜଣ ପିଆର୍‌ଆଇ ମେମ୍ବର ଦସ୍ତଖତ କରିଛନ୍ତି। ସେମାନଙ୍କ ମଧ୍ୟରେ ଶିରିଶପାଳ ପଞ୍ଚାୟତର ସମିତିସଭ୍ୟା ସସ୍ମିତାରାଣୀ ସିଂହ, ଗୋପିନାଥପୁର ସଦସ୍ୟ ବସନ୍ତ କୁମାର ସାହୁ, ବୋଦାପଲସା ସଦସ୍ୟା ପଦ୍ମିନୀ ରାୟ, ମହାଦେଇଯୋଡା ସଦସ୍ୟା ସରୋଜିନୀ ସାହୁ, ନୂଆଗାଁ ସଦସ୍ୟ ସଞ୍ଜୟ କୁମାର ନାୟକ, ଜନାର୍ଦ୍ଦନପୁର ସଦସ୍ୟ ଘନଶ୍ୟାମ ନାଏକ, ବାଉରୀପଦା ସଦସ୍ୟ ଗୋଲକ ବିହାରୀ ଦେହୁରୀ, ନରଣପୁର ସଦସ୍ୟା କବିତା ନାଏକ, ରାଇକଳା ସଦସ୍ୟା ଦ୍ରୌପଦୀ ମହାନ୍ତ, ବରଦାପାଳ ସଦସ୍ୟା ସଞ୍ଜିତା ନାଏକ, ଗୋବର୍ଦ୍ଧନ ସଦସ୍ୟା ଶାନ୍ତିଲତା ମହାନ୍ତ, ହାଣ୍ଡିଭଙ୍ଗା ସଦସ୍ୟା ଉପମା ମଞ୍ଜରୀ ମହାନ୍ତ, କାଠବାରୀ ସଦସ୍ୟା ବନିତା ବେହେରା, ପଳାଶପଙ୍ଗା ସଦସ୍ୟ ସଞ୍ଜୟ କୁମାର ନାଏକ, ପର୍ଜନପୁର ସଦସ୍ୟ ପରାସର କାରୁଆ, ନେଲୁଙ୍ଗ ସଦସ୍ୟା ତିଳୋତ୍ତମା ସିଂହ, ମହାଦେଇଯୋଡା ସରପଞ୍ଚ ରମେଶ ମୁଣ୍ଡା, ବରଦାପାଳ ସରପଞ୍ଚ ଗଣେଶ ମୁଣ୍ଡା, ଶିରିଷପାଳ ସରପଞ୍ଚ କେଦାର ନାଏକ, ବାଉରୀପଦା ସରପଞ୍ଚ ବିନୋଦିନୀ ଦେହୁରୀ, ପର୍ଜନପୁର ସରପଞ୍ଚ ଡମ୍ବରୁଧର ମାଝୀ, ରଘୁନାଥପୁର ସରପଞ୍ଚ ଗୌରୀ ନାଏକ, ନେଲୁଙ୍ଗ ସରପଞ୍ଚ ଚନ୍ଦ୍ରମଣୀ ସିଂହ, ନୂଆଗାଁ ସରପଞ୍ଚ ଆଶୀର୍ବାଦ ନାୟକ, ଗୋପିନାଥପୁର ସରପଞ୍ଚ ସରୋଜ କୁମାର ଦେହୁରୀ, ରାଇସୁଆଁ ସରପଞ୍ଚ ଅନନ୍ତ ଚରଣ ଦେହୁରୀ, ଜନାର୍ଦ୍ଦନପୁର ସରପଞ୍ଚ ଯତିନ୍ଦ୍ର ଦେହୁରୀ ପ୍ରମୁଖଙ୍କ ଦସ୍ତଖତରେ ଆନାସ୍ଥା ଆଗତ ହୋଇଛି। ତେଣୁ ପରିସ୍ଥିତି ଆହୁରି ରୋଚକ ମୋଡ଼ ନେବ ବୋଲି କୁହାଯାଉଛି।

# ସଡ଼କ ସୁରକ୍ଷା ନୀତି କାର୍ଯ୍ୟକାରୀ ଦିଗରେ କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

**କଟକ,୧୧ା୧୧(ସମିସ):** ରାଜ୍ୟରେ ସଡ଼କ ସୁରକ୍ଷା ନୀତି-୨୦୧୫କୁ କାର୍ଯ୍ୟକାରୀ କରିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି, ତାହା ଜଣାଇବାକୁ ଆଜି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପରିବହନ ବିଭାଗର ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏ ସମ୍ପର୍କରେ ଏକ ସତ୍ୟପାଠ ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୫କୁ ଧାର୍ଯ୍ୟ ହୋଇଛି।



ମାମଲାର ଶୁଣାଣି ବେଳେ ଆମିକସକ୍ୟୁରୀ ଅଶୋକ ମହାନ୍ତି ଦର୍ଶାଇଥିଲେ ଯେ ୨୦୧୫ ନୀତି ରାଜ୍ୟରେ ସଠିକ ଢଙ୍ଗରେ କାର୍ଯ୍ୟକାରୀ ହୋଇଛି କି ନାହିଁ, ତାହା ସରକାର ରିପୋର୍ଟ ଦିଅନ୍ତୁ। ଏହି ନୀତି ଅନୁସାରେ ଦୁର୍ଘଟଣା ହାର ୫୦ ପ୍ରତିଶତ ଓ ମୃତାହତ ହାର ୨୦ ପ୍ରତିଶତ ୩ବର୍ଷ ମଧ୍ୟରେ ହ୍ରାସ କରିବା ପାଇଁ କୁହାଯାଇଥିଲା। ଏପରିକି, ଡାଟାବେସ୍ କରି ଟ୍ରମା କେୟାର ସେଣ୍ଟର୍ ଓ ଆମ୍ବୁଲାନ୍ସଗୁଡ଼ିକୁ ଯୋଡ଼ିବା ସହ ସଡ଼କ ବ୍ୟବହାରକାରୀଙ୍କ ପାଇଁ ପ୍ରଶିକ୍ଷକ ବ୍ୟବସ୍ଥା କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଥିଲା। ୨୦୧୫ ଫେବୃଆରୀ ୩ରେ ଏ ସଂକ୍ରାନ୍ତରେ ଓଡ଼ିଶା ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସଡ଼କ ସୁରକ୍ଷା କାଉନସିଲମାନ ଜିଲ୍ଲା ସ୍ତରରେ ଗଠନ କରାଯାଇଥିବା ବେଳେ ଏହା ଆଖିଦୃଶିଆ ପଦକ୍ଷେପ ନେଇପାରୁନଥିବା ନେଇ ଆମିକସକ୍ୟୁରୀ ଦର୍ଶାଇଥିଲେ। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଝାରସୁଗୁଡ଼ା ଜିଲ୍ଲାରେ ସଡ଼କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇପଡ଼ିବା ପ୍ରସଙ୍ଗକୁ ନେଇ ରୁଜୁ ଏହି ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ସମଗ୍ର ରାଜ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ଥିତି ଉପରେ ରିପୋର୍ଟ ତଲବ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ବିପର୍ଯ୍ୟସ୍ତ ବ୍ୟବସ୍ଥା ପାଇଁ ୩ ମାସ ମଧ୍ୟରେ ୬୧ ଜଣଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା।


**AFFIDAVIT**

I, Sagarika Dash, W/o- Sadananda Panda, D/o- Gajendra Kumar Dash, resident of At - Qtr No - C/120 IFFCO Township, Paradeep, Pin no - 754142 Dist - jagatsinghpur, Odisha. declare by this affidavit No -4233,dated-04/11/2024.that now onwards I shall be known as **SAGARIKA PANDA** for all future purposes.

**AFFIDAVIT**

BY VIRTUE OF AN AFFIDAVIT SWORN IN THE COURT OF EXECUTIVE MAGISTRATE, ASTARANG, I SUDARSHAN NAYAK, (AGED ABOUT 35 YEARS) S/O- DUHSHASAN NAYAK, AT/PO- KHANDASAHI, PS- KAKATPUR, DIST- PURI, PIN- 752119 CHANGED MY NAME FROM SHAMBU NAYAK TO SUDARSHAN NAYAK. HENCEFORTH, I WILL BE KNOWN AS **SUDARSHAN NAYAK** FOR ALL GOVT. AND PRIVATE PURPOSES.

**AFFIDAVIT**

I, Minati Dalayi, W/o- Dillip Dalai, Resident of At-Krushna Nagar, PO-Gopinathpur, Berhampur, Odisha, PIN-761009, declare by this Affidavit No-4091 dated 23.08.2024 that now onwards I shall be known as **MINATI DALAI** for all future purposes.

**AFFIDAVIT**

**I, Manoj Kumar Pattajoshi, S/o Late Gangadhar Pattjoshi resident of Mukhiguda, PO: Dumerguda, Via: Sosia, PS: Dharamgarh, Dist- Kalahandi, Odisha, Pin- 766029, declare by this affidavit SL.NO: 63, Dated 06.11.2024, that now onwards I shall be known as MANOJ KUMAR PATTJOSHI for all future purposes.**

**AFFIDAVIT**

In Persuant With I'm declare that Smt K Mitarani Patro C/O -K Sujit Kumar Patro, At-Rathapada, Surada, PIN 761108 And A Namely **Kintali Mitarani Patra**, Surada as a same or one person. It is usage of passport, Visa Purpose.

**AFFIDAVIT**

I, Gunjan Kumar Agarwal, S/o- Dhanaraj Agarwal, resident of At: 3rd floor, Room No. 301, Kalyani Avenue Sundar Basti, Barbil, Pin- 758035, Odisha declare by this affidavit No. 2067, dated- 09/11/2024 that now onwards I shall be known as **GUNJAN AGARWAL** for all future purposes.

**AFFIDAVIT**

I, Manish Garg, S/o- Ved Prakash Garg, resident of Bangalipara, Power House Road, Rourkela, PS: Plantsite, Dist: Sundargarh, Pin- 769001, Odisha declared by this affidavit No. 7821, dtd- 08/11/2024 that now onwards I shall be known as **MANISH KUMAR GARG** for all future purposes.

**AFFIDAVIT**

I, Shrikant Mehta, S/o- Indulal Nautamlal Mehta, resident of Mehta House, Ganga Mandir Road, PO- Buxi Bazar, Cuttack, Cuttack Urban, Pin- 753001, Odisha declare by this affidavit No. 2066, dated- 09/11/2024 that now onwards I shall be known as **SHRIKANT INDULAL MEHTA** for all future purposes.

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି କି ଆମେ ଲୋକନାଥ ମହାପାତ୍ର, ବୟସ(୭୦) ପିତା. ସ୍ୱର୍ଗତ ଦୁର୍ଗାଚରଣ ମହାପାତ୍ର ସା/ପୋ/ଥାନା- ତିର୍ତ୍ତୋଲ, ଜିଲ୍ଲା ଜଗତସିଂହପୁର । ମୋ ବଡଭାଇ ଜଗନ୍ନାଥ ମହାପାତ୍ର ଯିଏ କି ଦିଲ୍ଲୀରେ ରୁହନ୍ତି ଆମ ପିତାଙ୍କର ମୌଜା ତିର୍ତ୍ତୋଲ ଯାହାର ଖାତା ନଂ - ୩୬୦,୩୬୧,୭୩୪୯ ଥିବା ଜମିକୁ ବିକ୍ରୟ କରିବାକୁ ଉଦ୍ୟମ ଚଳାଇଛନ୍ତି । ଯେଉଁ ଜମି ଉପରେ ଅଦାଲତରେ କେସ ବିଚାରାଧୀନ ରହିଛି । ଯେଉଁ ବ୍ୟକ୍ତି ଏହି ବିବାଦୀୟ ସମ୍ପତ୍ତିକୁ କ୍ରୟ କରିବେ ଆମେ ସେଥିପାଇଁ ଉତ୍ତରଦାୟୀ ରହିବୁ ନାହିଁ।

**AFFIDAVIT**

**I, Babita Pattajoshi, W/o Sri Manoj Kumar Pattjoshi resident of Mukhiguda, PO: Dumerguda, Via: Sosia, PS: Dharamgarh, Dist- Kalahandi, Odisha, Pin- 766029, declare by this affidavit SL.NO: 64, Dated 06.11.2024 that now onwards I shall be known as BABITA PATTJOSHI for all future purposes.**

**AFFIDAVIT**

I, Pratima Garg, W/o- Manish Kumar Garg, resident of Bangalipara, Power House Road, Rourkela, PS: Plantsite, Dist: Sundargarh, Pin- 769001, Odisha declared by this affidavit No. 7822, dtd- 08/11/2024 that now onwards I shall be known as **PRATIMA BAI GARG** for all future purposes.

**IN THE HONOURABLE COURT OF THE Vth ADDITIONAL JUNIOR CIVIL JUDGE AT VISAKHAPATNAM**
**O.S.757/2023**

Between: Lakshmi Finance Private Limited. Rep.by its Special Power of Attorney Holder, Kondra Anand ... Plaintiff And: Korra Rama Rao & another ... Defendants

**NOTICE**

To, D-2. Maheswer Golari, S/o Jaganadh Golari, aged 23 years, Badang (Village), Nandapur, Damanga, Koraput, Odisha-764038 Phone-6371972903. Please take notice that the above named plaintiff has instituted the above suit against you for recovery of suit amount and with subsequent interest and costs, other reliefs and the suit stands posted to 15-11-2024 for your appearance. You are hereby required to appear before the Honourable court either in person or through duly instructed Advocate on 15-11-2024 at 10:30 A.M in the above Court to answer all material questions, failing which the matter will be heard and determined in your absence, ex-parte as per law. (By Order of the Honourable Court) TULALA VEN KATESWARA RAO, KURUMUJI KOTESWARA RAO, ADVOCATES, VISAKHAPATNAM-530002 CELLN0.9985747149.

**AFFIDAVIT**

By virtue of an Affidavit sworn before Executive Magistrate, Cuttack vide No.4577 dtd. 15.10.2024, I Annapurna Padhi, W/o. Pratap Chandra Tripathy, At-Andilo, PO/PS-Balianta, Dist.- Khurda, declared as my actual name is Annapurna Padhi as per the my Aadhar Card. But in the Birth & Educational Certificate of my son namely Chiarnjeeb Tripathy my surname was wrongly mentioned as "Tripathy" instead of "Padhi". Hence forth I shall be known as Annapurna Padhi in the Birth & Educational Certificate of my son namely **Chiarnjeeb Tripathy** for all purposes.

**AFFIDAVIT**

By an affidavit vide no. 12376, dated 10.11.2024, before Notary Public Rayagada, Odisha, I PRAVASINI GOUDA, W/o Damburudhara Nayak, resident of Kasturi Nagar, 3rd lane, ward no 16, Po/Ps - Rayagada, Dist - Rayagada. Previously called PRABHASINI GOUDA. Now change my name PRABHASINI GOUDA to PRAVASINI GOUDA. Hence forth I shall be known as **PRAVASINI GOUDA** for all purpose .

**ଘୋଷଣା ନାମା**

ମୁଁ ଶ୍ରୀ ବଳରାମ ପଟ୍ଟନାୟକ ବୟସ 71 ବର୍ଷ ଜାତି କରଣ, ନିବାସ ବଟଗଣେଶ ସାହି, ସୋରଡ଼ା ସୁଚାଉଛୁ କି ଯେ ମୋର ପିତା ସ୍ୱର୍ଗତ ରାଧା କୃଷ୍ଣ ପଟ୍ଟନାୟକଙ୍କ ନିମ୍ନ ବର୍ଣ୍ଣିତ ଭୂ-ସମ୍ପତ୍ତି ମୁଁ ଏବଂ ମୋର ଅନ୍ୟ ଭାଇ ବନବାସି ପଟ୍ଟନାୟକ ନିବାସ -ଗୌଡ଼ ସାହି,ବଡ଼ଗଡ଼ଙ୍କ ମଧ୍ୟରେ କୌଣସି ଆପୋଷ ବୁଝାମଣା ବା ସମ୍ମତି ପତ୍ର ନ ଥାଇ ନିଜ ଦଖଲ ତଥା ବେଆଇନ ଭାବେ ନିଜେ ଓ ନିଜ ସ୍ତ୍ରୀ ସରୋଜିନୀ ପଟ୍ଟନାୟକ, ନିବାସ-ପାବ କଲୋନୀ,ଭଞ୍ଜନଗରଙ୍କ ନାମରେ ଭୂ-ବନ୍ଦୋବସ୍ତ ଅଧିକାରୀଙ୍କ ଦ୍ୱାରା ପଟ୍ଟା ପାଇବି କରାଇ ସୋରଡ଼ା ତହସିଲ ଅନ୍ତର୍ଗତ ବଡ଼ଗଡ଼ ମୌଜା ଖାତା ନଂ 351ର ପ୍ଲଟ ନଂ 1886 ରକବା 0.6990, 1887 ରକବା 0.5350, 1888 ରକବା 0.5350,1889 ରକବା 0.6450 ଓ ଅନ୍ୟ ଖାତା ନଂ 638/829ର ପ୍ଲଟ ନଂ 2241 ରକବା 0.0400 ସହିତ ଲମ୍ବାପୁର ମୌଜାର ଖାତା ନଂ 32 ପ୍ଲଟ ନଂ 44 ରକବା 1.4200,194 ରକବା 0.8600 ଆଦିକୁ ନିଜ ଇଚ୍ଛାରେ ରଖିଛନ୍ତି। ଯାହାକି ବେଆଇନ ସମ୍ମତ ଘୋଷଣା ସହିତ ଏହି ଭୂ-ସମ୍ପତ୍ତିକୁ ସିଭିଲ କେଶ ମାମଲା ନଂ 08/2024 ଦ୍ୱାରା ସୋରଡ଼ା ଦେୱାନୀ ବିଚାର ବିଭାଗୀୟ ଅଦାଲତରେ ବିଚାରାଧୀନ ଅଛି। ଏଣୁ ଏହା କ୍ରୟ ବିକ୍ରୟ ଓ ଦଖଲ ଅସିଦ୍ଧ ଘୋଷଣା ସହିତ ଆଇନାନୁଯାୟୀ ଦାୟୀ ରହିବେ।

**AFFIDAVIT**

I, Najami Rosan, W/o- Mohammed Tanweer, resident of Vill: Ward No.02, Sangam Marg Road, Muslimpada, Rajgangpur, Po/Ps- Rajgangpur, Dist- Sundargarh, Pin-770017, Odisha declared by this affidavit No.23, dated- 05/01/2024 that now onwards I shall be known as **NAZMI ROSHAN** for all future purposes.

**AFFIDAVIT**

I, Dillip Dalayi, S/o- Ganapati Dalai, Resident of At - Krushna Nagar, PO-Gopinathpur, Berhampur, Odisha, PIN - 761009, declare by this Affidavit No-4091 dated 23.08.2024 that now onwards I shall be known as **DILLIP DALAI** for all future purposes.

WATCO
(A Govt, of Odisha Undertaking) OFFICE OF THE GENERAL MANAGER, STP & PUMPING STATION DIVISION,WATCO, CUTTACK. AT: MAHANADI VIHAR, P.O: NAYABAZAR, CUTTACK- 753004, ODISHA, INDIA, E-MAIL : gmstpwatcoctc@gmail.com, No.641/STP-WATCO, Dt. 08.11.2024
INVITATION FOR BIDS (IFB)
Bid Identification No. 01/2024-25, Dt. 08.11.2024

| | | |
|---|---|---|
| 1. | No. of Work: | 01 No (One No) |
| 2. | Name of Work : | Construction of Manhole Pumping Station (MHPS) |
| 3. | Estimated Cost: | Rs. 44.08 Lakhs |
| 4. | Period of completion : | 4 (Four) Months |
| 5. | Date & Time of availability of bid Documents in the portal | From 11.00 AM of 14.11.2024 to 5.00 PM of 29.11.2024 |
| 6. | Last date / time of receipt of bids in the portal | 5.00 PM of 29.11.2024 |
| | Date & time of opening of bids. | 12.30 PM of 30.11.2024 |
| 7 | Name and address of the Officer Inviting Bid | GENERAL MANAGER, STP & P.S DIVISION, WATCO,CUTTACK. AT: MAHANADI VIHAR, P.O: NAYABAZAR, CUTTACK- 753004, ODISHA, INDIA, E-MAIL : gmstpwatcoctc@gmail.com |

8 The bidders have to participate in Online bidding only.
Further details can be seen from the website : www.tendersodisha.gov.in

Sd/- General Manager/ STP & P.S Division, WATCO, Cuttack.

C-964 OIPR - 13170/11/0012/2425

**AFFIDAVIT**

I, Pinki Saha, D/o- Nandalal Saha and W/o- Prakash Kumar Mohanty, Resident of 192/A, Gholar Ghat Road, Parnasree Pally, PO-Parnasree, Dist-North 24 Praganas, Kolkata-700060, declare by this Affidavit No-175 dated 06.11.2024 that now onwards I shall be known as **PINKI SAHA MOHANTY** for all future purposes.

**AFFIDAVIT**

I, Laxmipriya Swain,W/o- Pravat Kumar Padhiari, D/o-Gauranga Charan Swain, resident of At -Plot No - 2971,Nageswar Tangi,Durga Dham, Ravitalkies, Po -Old Town, Ps -Shree Lingaraj, Bhubaneswar, Pin no - 751002,Dist-Khordha, Odisha. declare by this affidavit no -11409,dated- 14/09/2020.that now on-wards I shall be known as **LAXMIPRIYA PADHIARI** for all future purposes.

**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better)
Oriental United

ମଣ୍ଡଳ ଶସ୍ତ୍ର କେନ୍ଦ୍ର : ଏ/୩୨, ପ୍ରଥମ ମହଲା, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧, ମେଲ୍ ଆଇଡି: cs6903@pnb.co.in

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୧୨)ର ରୁଲ୍ ୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି। ବିଶେଷକରି ଋଣଗ୍ରହୀତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ। କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଜଟଣୀ ଶାଖା, ଖୋର୍ଦ୍ଧା (୨୨୧୦୦୦)/ ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ସୋନାଲି ପଟ୍ଟନାଏକ, ସ୍ୱାମୀ: ଶ୍ରୀ ବିଭୁତୀ ଭୂଷଣ ପାଢ଼ସାହାଣୀ, ସା/ପୋ: କାଇମାଟିଆ, ଥାନା: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୪ | ୨୯.୦୭.୨୦୨୪ / ୦୫.୧୧.୨୦୨୪ | ୨୬.୦୭.୨୦୨୪ ସୁଦ୍ଧା ଟ.୧୧,୭୭,୯୭୦.୧୦ + ୨୭.୦୭.୨୦୨୪ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | କୋଲାଟେରାଲ ସିକ୍ୟୁରିଟି: ଶ୍ରୀମତୀ ସୋନାଲି ପଟ୍ଟନାଏକ, ପିତା: ହରମୋହନ ପଟ୍ଟନାଏକଙ୍କ ନାମରେ ଥିବା ଆଇନଗତ |

ବନ୍ଧକପ୍ରାପ୍ତ ବାସୋପଯୋଗୀ ସମ୍ପତ୍ତି ସମସ୍ତ ଅଂଶବିଶେଷ ଯାହାର ମୌଜା: କାଇମାଟିଆ, ତହସିଲ: ଜଟଣୀ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୨୩୭/୨୭୬, ପ୍ଲଟ୍ ନଂ.: ୧୧୦, କ୍ଷେତ୍ର: ଏକର୦.୦୬୩ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୧୫, କ୍ଷେତ୍ର: ଏକର୦.୦୭୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୮୮, ୬୬୪, ୬୮୩ ଏବଂ ୧୦୦ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୧୧୧, ୧୧୨ ଏବଂ ୧୧୮, ଉତ୍ତର: ପ୍ଲଟ୍ ନଂ.: ୯୦, ୧୦୩, ୧୦୨ ଏବଂ ୧୧୪, ଦକ୍ଷିଣ: ରାସ୍ତା

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୧.୧୧.୨୦୨୪ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

**GOVERNEMENT OF ODISHA OFFICE OF THE EXECITCTVE ENGINEER, NH DIVISION, JEYPORE e-mail: eenhdivisionjeypore@gmail.com**

b-15

BID IDENTIFICATION NO. 05 /2024-25 [e-Procurement]

1) The **Superintending Engineer NH Division, Jeypore** on behalf of Governor of Odisha invites **percentage rate bid** in Single cover system in **ONLINE MODE** from eligible contractors for construction of **Road works** as detailed in the table below.

| | | |
|---|---|---|
| 2) | Nature of work | Road |
| 3) | No. of work | 2Nos |
| 4) | Tender Paper Cost | Rs 4000.00 & 6000.00 |
| 5) | Class of Contractor | B,C&D |
| 6) | Availability of Bid document in the 5.00 PM in Website. | From 11.00 AM of 14.11.2024 to 27.11.2024 |
| 7) | Date of Opening of Bid | 28.11.2024 at 11.30 AM |

8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.

9) Any Corrigendum/Addendum/Cancellation of will be displayed in the e-tender website only.

Sd/- Superintending Engineer
N.H. Division, Jeypore

OIPR - 34149/11/0002/2425

**AFFIDAVIT**

**I, Shivam Kumar Pattajoshi, S/o Sri Manoj Kumar Pattjoshi resident of Mukhiguda, PO: Dumerguda, Via: Sosia, PS: Dharamgarh, Dist- Kalahandi, Odisha, Pin- 766029, declare by this affidavit SL.NO: 65, Dated 06.11.2024 that now onwards I shall be known as SHIVAM KUMAR PATTJOSHI for all future purposes.**

**AFFIDAVIT**

I , Susila Dalayi, W/o- Ganapati Dalai, Resident of At-Krushna Nagar, PO-Gopinathpur, Berhampur, Odisha, PIN- 761009, declare by this Affidavit No-4091 dated 23.08.2024 that now onwards I shall be known as **SUSILA DALAI** for all future purposes.

ସକାଳ
THE SAKALA

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର
-ଆରିଷ୍ଟୋଟେଲ୍

## ମନେ ରହିବେ ଚନ୍ଦ୍ରଚୂଡ଼

ଗତ ୧୦ ତାରିଖରେ ଭାରତର ୫୦ ତମ ପ୍ରଧାନ ବିଚାରପତି ଭାବେ ଅବସର ନେଇଥିବା ଡି ୱାଇ ଚନ୍ଦ୍ରଚୂଡ଼ ଅନେକ କାରଣରୁ ଅନେକ ବର୍ଷ ଯାଏଁ ସ୍ମରଣୀୟ ଓ ଚର୍ଚ୍ଚିତ ରହିବେ। ବିଶେଷକରି ତାଙ୍କର ବିଦାୟୀ ଅଭିଭାଷଣ ଓ ଅବସରକାଳୀନ ସାକ୍ଷାତକାର ଅବସରରେ ସେ ଦେଇଥିବା ମନ୍ତବ୍ୟ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ନେଇ ଯେଉଁ ପରୋକ୍ଷ ଇଙ୍ଗିତ କରୁଛି, ତାହା ପରବର୍ତ୍ତୀ ସମୟରେ ଅନେକ ବୌଦ୍ଧିକ ଅନୁଶୀଳନର ଆଧାର ହେବ, ଏହା ନିଃସନ୍ଦେହ।

ଏକ ଇଂରାଜୀ ଦୈନିକ ସମ୍ବାଦପତ୍ରକୁ ଦେଇଥିବା ସାକ୍ଷାତକାରରେ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି ଯେ ଅନେକ ସମୟରେ ବିଚାରପତିମାନଙ୍କ ଉପରେ ରାଜନୈତିକ ଓ ଗଣମାଧ୍ୟମ ଚାପ ପଡ଼ିଥାଏ। କୌଣସି ମାମଲାରେ କୌଣସି ବିଚାରପତି ଦେଇଥିବା ରାୟ ଯଦି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସପକ୍ଷରେ ଯାଏ ନାହିଁ ସେମାନେ ସେମାନେ ବିଚାରପତିମାନଙ୍କୁ ସମାଲୋଚନା କରିବାକୁ ପଛାନ୍ତି ନାହିଁ। ଏଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ମଞ୍ଚକୁ ଉପଯୋଗ କରନ୍ତି। ନିଜ ସପକ୍ଷରେ ରାୟ ପ୍ରକାଶ ପାଇଁ କେତେକ ଗୋଷ୍ଠୀ ମଧ୍ୟ ବିଚାରପତିଙ୍କ ଉପରେ ଚାପ ଲଦିବାକୁ ଉଦ୍ୟମ କରନ୍ତି। ଏଭଳି ଚାପ ଦ୍ୱାରା ବିଚାରପତିଙ୍କ ରାୟ ପ୍ରକାଶ କରିବାର ନିରପେକ୍ଷତା ପ୍ରଭାବିତ ହୋଇଥାଏ। ତାଙ୍କର ଏଭଳି ମନ୍ତବ୍ୟ ରାଜନୈତିକ ମହଲ ଓ ସାମାଜିକ ଗଣମାଧ୍ୟମରେ ଗ୍ରହଣୀୟ ହୋଇପାରିନାହିଁ। ଏପରିକି କେତେକ ପୂର୍ବତନ ବିଚାରପତି ଓ ବରିଷ୍ଠ ଓକିଲ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ଉପରେ ଏପରି କି ଚାପ ପଡ଼ିଥିଲା? ସେ ଦେଇଥିବା ରାୟ ଚାପ ପ୍ରଭାବିତ କି? ଏଭଳି ଅନେକ ପ୍ରଶ୍ନ ଉଠିଛି ଏବଂ ଭବିଷ୍ୟତରେ ମଧ୍ୟ ଉଠିପାରେ। ବିଶେଷକରି ମହାରାଷ୍ଟ୍ରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ରାମଜନ୍ମଭୂମି-ବାବ୍ରୀ ମସଜିଦ ମାମଲା ରାୟ ନେଇ ଯେଉଁ ମନ୍ତବ୍ୟ ଦେଇଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସେହି କାର୍ଯ୍ୟକ୍ରମରେ ଚନ୍ଦ୍ରଚୂଡ଼ କହିଥିଲେ ଯେ ଅଯୋଧ୍ୟା ମାମଲା ବିଚାରପତିମାନଙ୍କୁ ସଙ୍କଟରେ ପକାଇ ଦେଇଥିଲା। ସମାଧାନ ପାଇଁ ବାଟ ଫିଟୁ ନ ଥିଲା। ଶେଷରେ ସେ (ଚନ୍ଦ୍ରଚୂଡ଼) ଭଗବତ୍‌ଶ୍ରୟୀ ନେଇଥିଲେ। ଶେଷରେ ଅଯୋଧ୍ୟା ଭଳି ଜଟିଳ ଓ ସମ୍ବେଦନଶୀଳ ମାମଲା ରାୟ ଶୁଣାଇବାରେ ସହାୟକ ହୋଇଥିଲା। ସମ୍ବିଧାନ ନାମରେ ଶପଥ ନେଇଥିବା ବିଚାରପତି ଭଗବାନଙ୍କ ଭରସାରେ କିପରି ରାୟ ଶୁଣାଇଲେ ବୋଲି କେତେକ ମହଲ ଏବେ ପ୍ରଶ୍ନ କରିଛନ୍ତି।

ଚନ୍ଦ୍ରଚୂଡ଼ ନିଃସନ୍ଦେହରେ ଦେଶର ଏମିତି ଜଣେ ବିଚାରପତି, ଯିଏକି ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସବୁଠାରୁ ବେଶି ଚର୍ଚ୍ଚାରେ ରହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଓ ପ୍ରଧାନ ବିଚାରପତି ଭାବେ ତାଙ୍କ ରାୟକୁ ନେଇ ଯେତିକି ଚର୍ଚ୍ଚା ହୋଇଛି ନ୍ୟାୟାଳୟ ବାହାରେ ତାଙ୍କର ବ୍ୟକ୍ତିଗତ ଆଚାର ଓ ମନ୍ତବ୍ୟକୁ ନେଇ ସେ ସେତିକି ବିତର୍କିତ ହୋଇଛନ୍ତି। ସେ ତାଙ୍କର ବିଦାୟୀ ଭାଷଣରେ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ ସାମାଜିକ ଗଣମାଧ୍ୟମରେ ଅନ୍ୟମାନଙ୍କ ତୁଳନାରେ ସେ ସର୍ବାଧିକ ସମାଲୋଚିତ ହୋଇଛନ୍ତି। ବିଚାରପତି ଧନଞ୍ଜୟ ଯଶ୍ୱନ୍ତ ଚନ୍ଦ୍ରଚୂଡ଼ କାହିଁକି ଏତେ ଚର୍ଚ୍ଚାରେ ରହିଲେ, ତାହା ଉପରେ ଆଲୋକପାତ କରିବାର ଆବଶ୍ୟକତା ରହିଛି। ଉଲ୍ଲେଖନୀୟ ହେଉଛି, ଯେ ସେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ତାଙ୍କୁ ନେଇ ଯେଉଁଭଳି ଚର୍ଚ୍ଚା ଆରମ୍ଭ ହୋଇଥିଲା, ଅବସର ବେଳେ ଠିକ୍ ବିପରୀତ ସ୍ଥିତି ଦେଖିବାକୁ ମିଳିଲା। ସେ ଦାୟିତ୍ୱ ନେବା ସମୟରେ କଠୋରପନ୍ଥୀମାନେ ତାଙ୍କୁ ସନ୍ଦେହଚକ୍ଷୁରେ ଦେଖିବା ଆରମ୍ଭ କରିଥିଲେ। ଅଥଚ ଅବସର ବେଳେ ଉଦାରବାଦୀମାନଙ୍କ ଦ୍ୱାରା ସବୁଠାରୁ ବେଶି ସମାଲୋଚିତ ହୋଇଛନ୍ତି।

୨୦୧୬ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ଯୋଗଦେବା ପରେ ଏଭଳି ଅନେକ ଐତିହାସିକ ରାୟ ସେ ଦେଇଛନ୍ତି, ଯେଉଁଥିରେ ରହିଛି ରାମଜନ୍ମଭୂମି-ବାବ୍ରୀ ମସଜିଦ ମାମଲା, ସମ୍ବିଧାନର ଧାରା ୩୭୦ ଉଚ୍ଛେଦ, ନିର୍ବାଚନୀ ବଣ୍ଡ, ବିମୁଦ୍ରାକରଣର ବୈଧତା, ବ୍ୟକ୍ତିଗତ ସମ୍ପତ୍ତିରେ ସରକାରଙ୍କ ଅଧିକାର, ଖଣିଜ ଉପରେ ରାଜ୍ୟମାନଙ୍କର ଟିକସ ଲାଗୁ ଅଧିକାର, ନ୍ୟାୟିକ ଆୟୋଗ ଆଇନ, ରାଫେଲ ଦୁର୍ନୀତି, ୟୁପି-ମଦ୍ରାସା ଆଇନ, ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟ, ବ୍ୟକ୍ତିଗତ ସମ୍ପତ୍ତି ଅଧିଗ୍ରହଣ, ବାଲ୍ୟ ବିବାହ, ସମଲିଙ୍ଗୀ ବିବାହ ଅନୁମତି, ପରକୀୟା ପ୍ରୀତି, ଆଦାନୀ -ହିଣ୍ଡନବର୍ଗ, ସଂରକ୍ଷଣ ଭିତରେ ସଂରକ୍ଷଣ, ଭୋଟ୍ ପାଇଁ ଲାଞ୍ଚ ମାମଲାରେ ସାଂସଦ/ବିଧାୟକଙ୍କ ବିରୋଧରେ ମୋକଦ୍ଦମା, ଅଭିବ୍ୟକ୍ତିର ସ୍ୱାଧୀନତା, ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା, ସାବରିମାଳା, ମାଗଣା ବଣ୍ଟନ, ଆଧାର, ପରିବେଶ ସୁରକ୍ଷା, ବିଧାନସଭାରେ ସାମ୍ବିଧାନିକ ସଙ୍କଟ, ଇଭିଏମ୍‌ର ପ୍ରଚଳନ, କାର୍ଯ୍ୟସ୍ଥଳରେ ମହିଳାଙ୍କୁ ନିର୍ଯାତନା, ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଇତ୍ୟାଦି। ସେଥିମଧ୍ୟରୁ କେତେକ ସର୍ବଗୃହୀତ ଓ ସ୍ୱାଗତଯୋଗ୍ୟ ହୋଇଥିବା ବେଳେ ଅନ୍ୟ କେତେକ ଗୋଷ୍ଠୀଭିତ୍ତିକ ସମାଲୋଚିତ ହୋଇଛି। ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ବିଚାରପତି ରାୟ ଦେଉଥିବାରୁ କିଏ ସନ୍ତୁଷ୍ଟ ହେଉଛି କି ଅସନ୍ତୁଷ୍ଟ, ତାହାର କୌଣସି ଅର୍ଥ ନାହିଁ। କିନ୍ତୁ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ରାୟ ଭାରତର ନ୍ୟାୟିକ ଇତିହାସରେ ଶିଳାଲିପି ହୋଇ ରହିଯିବ, ଏଥିରେ ଦ୍ୱିରୁକ୍ତି ନାହିଁ।

ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ବିଚାରପତିମାନଙ୍କ ମନ୍ତବ୍ୟକୁ ନେଇ ଏମିତି ସ୍ୱାଗତ-ସମାଲୋଚନା ଜାରି ରହିବ, ତାହା ବଡ଼ କଥା ନୁହେଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ଙ୍କର ଗୋଟିଏ ରାୟ ସ୍ୱାଧୀନ ଭାରତର ସାଧାରଣ ନାଗରିକଙ୍କୁ ଆଶ୍ୱସ୍ତ କରିଛି। ତାହାହେଲା ନ୍ୟାୟାଳୟର ରାୟକୁ ସମାଲୋଚନା କରିବା ଲାଗି ସାଧାରଣ ନାଗରିକଙ୍କର ଅଧିକାର। ସେ ଏକଦା କହିଥିଲେ ଯେ ନ୍ୟାୟାଳୟର ରାୟ ଆସିବା ପରେ ଏହା ସାଧାରଣର ସମ୍ପତ୍ତି ହୋଇଯାଏ। ସେମାନେ ଚାହିଁଲେ ଏହାର ସମାଲୋଚନା କରିପାରିବେ। ଏଥିପାଇଁ ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର କରାଯାଇପାରିବ ନାହିଁ। ଅଦାଲତ ରାୟ ବିରୋଧରେ ମତ ଓ ପ୍ରତିକ୍ରିୟା ପ୍ରକାଶ କରିବାରେ ଶଙ୍କିତ ନାଗରିକମାନଙ୍କୁ ଚନ୍ଦ୍ରଚୂଡ଼ଙ୍କ ଏହି ରାୟ ଅଭୟ ପ୍ରଦାନ କରିଛି କହିଲେ ଅତିଶୟୋକ୍ତି ହେବ ନାହିଁ। ଏହା ମଧ୍ୟ ସ୍ୱାଧୀନ ଭାରତରେ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ମୁକ୍ତ ପରିବେଶ ସୃଷ୍ଟି କରିଛି। ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଦୃଷ୍ଟିରୁ ଏହାଠାରୁ ବଡ଼ ରାୟ ଆଉ କିଛି ହୋଇ ନ ପାରେ।

# ଓଡ଼ିଶାରେ ମଦ୍ରାସା ଓ ଶିକ୍ଷାଧିକାର ଆଇନ



ହାଜି ଶେଖ୍ ସମିଉଲ୍ଲା

ଭାରତ ସ୍ୱାଧୀନ ହେବା ପରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପ୍ରତ୍ୟେକ ଧର୍ମାବଲମ୍ବୀ ଓ ସମ୍ପ୍ରଦାୟ ସ୍ୱାଧୀନ ଭାବେ ଜୀବନଯାପନ କରିବାର ଅଧିକାର ପାଇଲେ। ସମ୍ବିଧାନର ଧାରା ୩୦ (୧) ଅନୁଯାୟୀ ପ୍ରତି ସଂଖ୍ୟାଲଘୁ ସମ୍ପ୍ରଦାୟକୁ ନିଜ ପସନ୍ଦର ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ସ୍ଥାପନା କରିପାରିବାର ଅଧିକାର ରହିଲା। ଇସଲାମ୍ ଧର୍ମାବଲମ୍ବୀମାନେ ଯେଉଁ ଶିକ୍ଷାନୁଷ୍ଠାନ ବା ମଦ୍ରାସା ପ୍ରତିଷ୍ଠା କଲେ ତାହା ଦୁଇଭାଗରେ ବିଭକ୍ତ ହେଲା। ଯେଉଁ ମଦ୍ରସାରେ କେବଳ ଇସଲାମ୍ ଧର୍ମ ବିଷୟରେ ଶିକ୍ଷା ପ୍ରଦାନ କରାଗଲା ତାହାକୁ 'ମଦ୍ରାସା ନିଜାମୀୟା' କୁହାଗଲା। ଏହି ଧରଣର ମଦ୍ରାସାଗୁଡ଼ିକ ସାଧାରଣତଃ, ମସଜିଦ୍, ମଜାର ବା ଖାନକାହ୍‌ଙ୍କ ପୃଷ୍ଠପୋଷକତାରେ ଏବଂ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ/ଅନୁଷ୍ଠାନମାନଙ୍କର ବ୍ୟକ୍ତିଗତ ପାଣ୍ଠିରେ ପରିଚାଳିତ ହେଉଛି। ସେଠାରେ ଆରବୀ, ପାର୍ସୀ ଓ ଦିନିୟାତର ଶିକ୍ଷା ଦିଆଯାଏ। ସେହିପରି ଯେଉଁ ମଦ୍ରାସାରେ ଇସଲାମ୍ ସହିତ ଭାରତୀୟ ଭାଷା ମାଧ୍ୟମରେ ଦେଶ ଓ ଜାତିକୁ ସୁସଂଗଠିତ ଓ ସୁଦୃଢ଼ କରିବା ସହିତ ଦେଶକୁ ଉନ୍ନତି ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ବିଜ୍ଞାନ, ଇଂରାଜୀ, ଗଣିତ, ଇତିହାସ ଓ ଭୂଗୋଳ ଆଦି ବିଷୟରେ ଶିକ୍ଷା ଦିଆଗଲା ତାହାକୁ 'ମଦ୍ରାସା ଆଲିଆ' କୁହାଗଲା। ସରକାରୀ ସ୍ୱୀକୃତ ଓ ଅନୁମୋଦିତ ମାନଦଣ୍ଡ ଆଧାରରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ଆବଶ୍ୟକୀୟ ସରକାରୀ ନୀତିନିୟମ ପାଳନ କରିବା ପରେ ରାଜ୍ୟ ସରକାର 'ମଦ୍ରାସା ଆଲିଆ'ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କ ପଦବୀ ଓ ଯୋଗ୍ୟତା ଭିତ୍ତିରେ ଦରମା (ଗ୍ରାଣ୍ଟ ଇନ୍ ଏଡ୍) ପ୍ରଦାନ କରନ୍ତି।

୧୯୭୧ ମସିହାରେ ଓଡ଼ିଶାରେ ସର୍ବପ୍ରଥମେ 'ମଦ୍ରାସା ଏକ୍ସାମିନେସନ୍ ବୋର୍ଡ' ଗଠନ ହେଲା। ୧୯୯୫ରେ କେତେକ ସଂଶୋଧନ କରାଯାଇ ଏହାକୁ 'ଓଡ଼ିଶା ଷ୍ଟେଟ୍ ବୋର୍ଡ ଅଫ୍ ମଦ୍ରାସା ଏଜୁକେସନ୍- ଓଏସ୍‌ବିଏମ୍‌ଇ(ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ)' ନାମରେ ନାମିତ ହେଲା। ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ହେଉଛନ୍ତି ଏହାର ସ୍ଥାୟୀ ସଭାପତି। ୧୯୯୫ଠାରୁ ପ୍ରଥମ ଥର ପାଇଁ 'ଓଏସ୍‌ବିଏମ୍‌ଇ' ତରଫରୁ ପାଠ୍ୟଖସଡ଼ା ପ୍ରସ୍ତୁତ କରାଗଲା, ଯେଉଁଥିରେ ଇସଲାମୀୟ ଶିକ୍ଷା 'କୁରାନ' ଓ 'ହଦିଷ' ସହିତ ଓଡ଼ିଆ ମାଧ୍ୟମ ବା ସରକାରୀ ବିଦ୍ୟାଳୟରେ ପ୍ରଚଳିତ ସମସ୍ତ ପାଠ୍ୟକ୍ରମ ଯୋଗ କରାଗଲା। 'ମୌଲବୀ(ଦଶମ ଶ୍ରେଣୀ)' ପାଠ୍ୟକ୍ରମରେ ଏଚ୍‌ଏସ୍‌ସି ବା ମାଟ୍ରିକ୍ ପାଠ୍ୟକ୍ରମରେ ପ୍ରଚଳିତ ସମସ୍ତ ବିଷୟକୁ ସାମିଲ କରାଯାଇ 'ଓଏସ୍‌ବିଏମ୍‌ଇ'କୁ ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ)ର ସମକକ୍ଷ କରାଗଲା। ଯାହାଫଳରେ ବର୍ତ୍ତମାନ 'ମୌଲବୀ' ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ନାମ ଲେଖାଇ ଉଚ୍ଚଶିକ୍ଷା ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷା ହାସଲ କରିପାରୁଛନ୍ତି। ଅର୍ଥାତ୍ ୨୦୧୯ ଠାରୁ 'ମୌଲବୀ' ପ୍ରମାଣପତ୍ରଟି ଏଚ୍‌ଏସ୍‌ସି ବା ବିଏସ୍‌ଇ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ପ୍ରମାଣପତ୍ର ସହ ସମାନ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଘୋଷିତ ହୋଇଛି ଏବଂ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା 'ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ' ପରିଚାଳିତ 'ମାହିର'କୁ ଯୁକ୍ତ ଦୁଇ କଳା ସହିତ ସମତୁଲ ମାନ୍ୟତା ପାଇଛି।

ଓଡ଼ିଶାର ସମସ୍ତ ସରକାରୀ ଅନୁଦାନପ୍ରାପ୍ତ ମଦ୍ରାସାରେ ଶିକ୍ଷା ଅଧିକାର ଆଇନ-୨୦୦୯ କାର୍ଯ୍ୟକାରୀ ହେଉଛି। ଏହି ମଦ୍ରାସାଗୁଡ଼ିକରେ ଜାତୀୟ ଶିକ୍ଷା ନୀତି ଅନୁପାଳନ ହେଉଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନୁମୋଦନ କ୍ରମେ 'ମାଧ୍ୟମିକ ଶିକ୍ଷା ପରିଷଦ' ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ପ୍ରଚଳିତ ହେଉଛି ଏବଂ 'ଓଡ଼ିଶା ରାଜ୍ୟ ମଦ୍ରାସା ଶିକ୍ଷା ପରିଷଦ' ଦ୍ୱାରା ପ୍ରସ୍ତୁତ ପାଠଖସଡ଼ା ମୁତାବକ ଓ ଏସସିଇଆରଟି ଦ୍ୱାରା ଉର୍ଦ୍ଦୁରେ ଅନୁବାଦ ହୋଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ମୁଦ୍ରିତ ପାଠ୍ୟପୁସ୍ତକ ଅନୁଯାୟୀ ଶିକ୍ଷାଦାନ କରାଯାଉଛି। ତେଣୁ ଓଡ଼ିଶାରେ ମଦ୍ରାସାଗୁଡ଼ିକରେ କେବଳ ଧର୍ମସମ୍ବନ୍ଧୀୟ ଶିକ୍ଷା ଦିଆଯାଉଛି ବୋଲି ରହିଥିବା ଧାରଣା ଠିକ୍ ନୁହେଁ। ଜାତୀୟ ଶିକ୍ଷାନୀତି ଅନୁଯାୟୀ, ଓଡ଼ିଶାରେ ସ୍ୱୀକୃତିପ୍ରାପ୍ତ ଓ ଅନୁଦାନପ୍ରାପ୍ତ ମଦ୍ରାସାଗୁଡ଼ିକରେ ଉର୍ଦ୍ଦୁ, ପାର୍ସୀ, ଆରବୀ ସମେତ ଓଡ଼ିଶା ସରକାରୀ ଶିକ୍ଷାନୁଷ୍ଠାନ ଅନୁରୂପ ଇଂରାଜୀ, ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, ଇତିହାସ, ଭୂଗୋଳ, ଓଡ଼ିଆ ଆଦି ବିଷୟରେ ଶିକ୍ଷା ଦିଆଯାଉଛି। ଅଧିକନ୍ତୁ ମଦ୍ରାସାରେ ସବୁପ୍ରକାର ଜାତୀୟ ଦିବସ ଯଥା - ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ଜାତୀୟ ଶିକ୍ଷା ଦିବସ, ମହମ୍ମଦଙ୍କ ଜୟନ୍ତୀ, ଗାନ୍ଧୀ ଜୟନ୍ତୀ, ସୁବାସ ବୋଷ ଜୟନ୍ତୀ ଆଦି ପାଳନ କରାଯାଏ। ଏତଦ୍‌ବ୍ୟତୀତ ମଦ୍ରାସାର ଶିକ୍ଷକ/ଶିକ୍ଷୟିତ୍ରୀମାନେ ଜାତୀୟ କାର୍ଯ୍ୟକ୍ରମ ଯଥା - ନିର୍ବାଚନ, ଜନଗଣନା କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ସରକାରୀ ସର୍ବେକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ସମ୍ପାଦନ କରନ୍ତି। ଏଥିରୁ ସହଜରେ ଅନୁମେୟ ଯେ ଓଡ଼ିଶାର ଅନୁଦାନପ୍ରାପ୍ତ ମଦ୍ରାସାଗୁଡ଼ିକରେ ସାଧାରଣତଃ ସରକାରୀ ବିଦ୍ୟାଳୟ ଭଳି ସବୁପ୍ରକାର କାର୍ଯ୍ୟକ୍ରମ ସମ୍ପାଦିତ ହେଉଛି। ଓଡ଼ିଶାରେ ପ୍ରାୟ ସବୁ ସରକାରୀ ଅନୁଦାନପ୍ରାପ୍ତ ମଦ୍ରାସାରେ 'ଶିକ୍ଷା ଅଧିକାର ଆଇନ' ଏବଂ 'ଜାତୀୟ ଶିକ୍ଷା ନୀତି' ଅନୁପାଳନ ହେଉଛି।

'ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ' ଲକ୍ଷ୍ୟ ନେଇ ସମଗ୍ର ଭାରତ ବର୍ଷରେ ପ୍ରଚଳିତ କାର୍ଯ୍ୟକ୍ରମ 'ସର୍ବଶିକ୍ଷା ଅଭିଯାନ' ଅନ୍ତର୍ଗତ ସମସ୍ତ ସୁବିଧା ସୁଯୋଗ ଓଡ଼ିଶାରେ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ମଦ୍ରାସାଗୁଡ଼ିକରେ ୨୦୦୪ରୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯାଉଛି। ସେହିପରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ମାଗଣା ସ୍କୁଲ ପୋଷାକ ମଧ୍ୟ ମିଳୁଛି। ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଆହୁରି ଅନେକ ସୁବିଧା ସୁଯୋଗ, ଯାହା ସରକାରୀ ଶିକ୍ଷାନୁଷ୍ଠାନମାନଙ୍କୁ ସରକାର ଯୋଗାଇ ଆସୁଛନ୍ତି ସେଗୁଡ଼ିକ କେତେକ ମନୋନୀତ ମଦ୍ରାସାରେ ଉପଲବ୍ଧ ହେଉଛି। ମଦ୍ରାସାର ପରିଚାଳନା କମିଟି କିମ୍ବା କ୍ଷେତ୍ରୀୟ ଅଧିକାରୀଙ୍କ ଦ୍ୱାରା ସଠିକ୍ ପଦକ୍ଷେପ ଅଭାବରୁ ଅନ୍ୟ ମଦ୍ରାସାଗୁଡ଼ିକ ଏ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି।

ସରକାରୀ ସହାୟତା ସହିତ ମଦ୍ରାସା ପ୍ରତି ସରକାରଙ୍କ କରୁଣା ଦୃଷ୍ଟି ରହିଲେ ଭିତ୍ତିଭୂମି ବିକାଶ ସହିତ କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ଏବଂ ଗୁଣାତ୍ମକ ଶିକ୍ଷାଦାନ ସମ୍ଭବ ହୋଇପାରିବ। ଅତୀତରେ କେନ୍ଦ୍ର ସରକାରଙ୍କର ଦ୍ୱାରା ଏହା ମଧ୍ୟ କୁହାଯାଇଥିଲା ଯେ ମଦ୍ରାସାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଗୋଟିଏ ହାତରେ କୁରାନ ରହିବ ତ ଅନ୍ୟ ହାତରେ କମ୍ପ୍ୟୁଟର ରହିବ। ଏଥିପାଇଁ ମଦ୍ରାସାର ଆଧୁନିକକରଣ ଯୋଜନାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତେକେ ମଦ୍ରାସା/ଶିକ୍ଷାନୁଷ୍ଠାନକୁ କମ୍ପ୍ୟୁଟର ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଅବଶ୍ୟ ଓଡ଼ିଶାର କେତେକ ପୁରାତନ ଓ ବୃହତ୍ ମଦ୍ରାସା ଯଥା - ଭଦ୍ରକ ଧାମନଗରର ମଦ୍ରସା ଗୌସିଆ ରଉଫିଆ, ବାଲେଶ୍ୱର ସୁନାହାଟର ମଦ୍ରସା ସ୍ୱାଲେହିଆ, କଟକ ମଦ୍ରସା ସୁଲତାନିଆ ଆଦି କେତୋଟି ହାତଗଣତି ମଦ୍ରସାକୁ ସରକାରୀ ଏଜେନ୍ସି ଦ୍ୱାରା କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ପୁନଶ୍ଚ ଏନ୍‌ସିଇଆରଟି ଦ୍ୱାରା ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ମଦ୍ରାସା ଶିକ୍ଷକଙ୍କୁ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଗବେଷଣା ଶିକ୍ଷା ପରିଷଦ ମାଧ୍ୟମରେ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯାଉଛି।

କେଉଁଠି କ'ଣ ଅସୁବିଧା କି ତ୍ରୁଟି ରହିଛି, ତାହାକୁ ଯାଞ୍ଚ କରି ସୁଧାରିବା ବ୍ୟବସ୍ଥା କରାଗଲେ ନିଶ୍ଚିତ ଭାବେ ମଦ୍ରାସାରେ ଶିକ୍ଷାର ମାନ ବୃଦ୍ଧି ହେବ। ଏ ଦିଗରେ ସରକାର ବିହିତ ପଦକ୍ଷେପ ନେଲେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷା ଅର୍ଜନ କରି ନିଜର ଭାଷା ଓ ସଂସ୍କୃତିର ସୁରକ୍ଷା କରିବା ସହିତ ଭଲ ମଣିଷ ଓ ଉତ୍ତମ ନାଗରିକ ହୋଇ ଦେଶ ମାତୃକାର ସୁରକ୍ଷା ଓ ସେବା କରିବାର ସୁଯୋଗ ପାଇପାରିବେ।

ଭଦ୍ରକ, ମୋ: ୯୪୩୭୧୦୦୭୪୩

# ବ୍ୟୟବହୁଳ ଶିକ୍ଷା



ଗଣେଶ୍ୱର ନାୟକ

ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ବାକ୍ୟଟିଏ ବେଶ୍ ପ୍ରଣିଧାନଯୋଗ୍ୟ। ଶିକ୍ଷା ବ୍ୟୟବହୁଳ ହେଲେ ସମାଜରେ ମୂର୍ଖଙ୍କ ସଂଖ୍ୟା ବଢ଼ିବ, ଯାହା ସମାଜର ଅନେକ କ୍ଷତି ଘଟାଇବ। ମଣିଷ ମୂର୍ଖ ହେଲେ ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବଢ଼ିବ ଏବଂ ସମାଜର ଅଶେଷ କ୍ଷତିସାଧନ କରିବ। ବ୍ୟୟବହୁଳ ଶିକ୍ଷା ସମାଜରେ ଅରାଜକତା ସୃଷ୍ଟି କରେ, ନୈତିକତାର ଅଧୋପତନ କରେ ଏବଂ ଜରାଶ୍ରମର ସଂଖ୍ୟା ବୃଦ୍ଧି କରେ। ଅନେକ ମହାମନୀଷୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିନାମୂଲ୍ୟରେ ଯୋଗାଇବା ଉପରେ ଗୁରୁତ୍ୱାରୋପ କରନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ନାଗରିକର ମୌଳିକ ଅଧିକାର। କୁହାଯାଏ କୌଣସି ରାଷ୍ଟ୍ରର ବିରାଟ କ୍ଷତି କରିବାକୁ ଚାହିଁଲେ ତାହାର ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଉପରେ ଆଘାତ କର। ଗୋଟିଏ ପିଢ଼ି ଅଶିକ୍ଷିତ ହେଲେ ତାହାର ପ୍ରଭାବ ଅନେକ ପିଢ଼ି ପର୍ଯ୍ୟନ୍ତ ଲମ୍ବିଥାଏ।

ଆଜି ଆମେ ଯେଉଁ ଶିକ୍ଷା ଗ୍ରହଣ କରୁଛେ, ସେହି ଜ୍ଞାନ କାହାର ବ୍ୟକ୍ତିଗତ ସୃଷ୍ଟି ନୁହେଁ। ସେହି ଜ୍ଞାନରେ ଅନେକ ବ୍ୟକ୍ତିଙ୍କ ଏବଂ ଅନେକ ବର୍ଷର ସାଧନା ନିହିତ। ସେହି ଜ୍ଞାନ ବାଣ୍ଟିବାରେ ଏତେ କାର୍ପଣ୍ୟ କାହିଁକି ଏବଂ ବ୍ୟବସାୟ କାହିଁକି? ଏଥିଯୋଗୁଁ ହିଁ ଶିକ୍ଷା ବ୍ୟୟବହୁଳ ହେଉଛି। ଶିକ୍ଷାକୁ ବ୍ୟୟବହୁଳ କରି ସମସ୍ତଙ୍କୁ ବଞ୍ଚିତ କରିବାର ଅଧିକାର ଆମକୁ କିଏ ଦେଇଛି? ଅର୍ଥ ଅଭାବରୁ ମେଧାବୀ ଶିକ୍ଷାରୁ ବଞ୍ଚିତ ହେଲେ ରାଷ୍ଟ୍ର ଦୁର୍ବଳ ହେବ ନାହିଁ କି?

ଶିକ୍ଷାନୁଷ୍ଠାନଟିଏ ଗଢ଼ି ବିନାମୂଲ୍ୟରେ ଶିକ୍ଷାଦାନ କରିବା ଅନେକେ ପୁଣ୍ୟ କାର୍ଯ୍ୟ ବୋଲି ବିଚାର କରନ୍ତି। ଭାରତବର୍ଷରେ ପ୍ରାୟ ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ସାଧାରଣ ଜନତା ହିଁ ତିଆରି କରିଛନ୍ତି। ଅବଶ୍ୟ ପରେ



ସରକାର ତାହାକୁ ହାତକୁ ନେଇଛନ୍ତି। ସେଥିପାଇଁ ଆମେ ପଢ଼ିଥିବା ବିଦ୍ୟାଳୟ ପ୍ରତି ଆମର ସମ୍ମାନ ଓ ଆତ୍ମୀୟତା ରହିଥାଏ। ବ୍ୟୟବହୁଳ ଶିକ୍ଷାରେ ସ୍ୱଚ୍ଛଳ ପିଲାମାନଙ୍କ ମଧ୍ୟରେ ନିଜର ସାମାଜିକ ପ୍ରତିପତ୍ତି ପ୍ରତିଷ୍ଠା ମୂଳ ଲକ୍ଷ୍ୟ ହୋଇଥିବାରୁ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ସୃଷ୍ଟି ହୁଏ ନାହିଁ। ଏହାଦ୍ୱାରା ପିଲାମାନଙ୍କ ମଧ୍ୟରେ କେଉଁଠି ନା କେଉଁଠି ନୈତିକତା ବା ସାମାଜିକ କର୍ତ୍ତବ୍ୟରେ ବିରାଟ ଅନୁପସ୍ଥିତି ସୃଷ୍ଟି ହେଉଛି।

ଆମେ ରୁଷ ଓ ୟୁକ୍ରେନ ଯୁଦ୍ଧ ଆରମ୍ଭରେ ଦେଖିଲେ ଆମ ଦେଶର ଅନେକ ପିଲା ସେଠାରେ ରହି ଡାକ୍ତରୀ ପଢୁଥିଲେ। ଏହାର କାରଣ ହେଲା ଆମ ଦେଶରେ ସେହି ଶିକ୍ଷା ବ୍ୟୟବହୁଳ। ଅନେକ ଦୁଃଖକଷ୍ଟ ସହି ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ। ଏବେ ସେମାନେ ସରକାରଙ୍କ ପାଖରେ ଦାବି ରଖୁଛନ୍ତି, ଏଠାରେ ସେମାନଙ୍କୁ ସେହି ଶିକ୍ଷା ସମାପ୍ତ କରିବାକୁ ସୁବିଧା ଦେବା ପାଇଁ। ସେମାନଙ୍କୁ ମଧ୍ୟ ସେହି ସୁବିଧା ଦେବା ଉଚିତ୍। କାରଣ ପାଠ ପଢ଼ିଲା ପରେ ପରୀକ୍ଷା ଦେବେ। ତାହା ପରେ ସେମାନଙ୍କୁ ପ୍ରମାଣପତ୍ର ମିଳିବ। ତେଣୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର କରିବା କାହିଁକି?

ବ୍ୟୟବହୁଳ ଶିକ୍ଷା ଗ୍ରହଣ ପରେ ପିଲାଟି ଚାହିଁବ, ତା' ପିଛା ଯେଉଁ ଟଙ୍କା ଖର୍ଚ୍ଚ ହୋଇଛି, ତାହାକୁ ସମାଜରୁ ଆଦାୟ କରିବାକୁ। ତେଣୁ ସେ ତାହାର ସାମାଜିକ କର୍ତ୍ତବ୍ୟବୋଧକୁ ପ୍ରାଧାନ୍ୟ ଦେଇ ନ ପାରେ। ଯାହା ଔଷଧରେ ଭଲ ହେବ ତାହାକୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇପାରେ। ଆମେ ଅନେକ ସାମାଜିକ ବିଲକ୍ଷଣ ଗଣମାଧ୍ୟମରୁ ଜାଣିବାକୁ ପାଉଛୁ ମଧ୍ୟ। ବ୍ୟୟବହୁଳ ଶିକ୍ଷାରେ ଶିକ୍ଷିତ ମଣିଷ ନିଜ ପରିବାରକୁ ଗୌଣ ଭାବିପାରେ। କାରଣ ଯେତିକି ସମୟ ତାହା ପରିବାର ପାଇଁ ଦେବ, ସେତିକି ସମୟରେ ସେ ଅନେକ ରୋଜଗାର କରିବାକୁ ସକ୍ଷମ ହୋଇପାରିବ। ତାହାଦ୍ୱାରା ସମାଜରେ ଜରାଶ୍ରମ ସଂଖ୍ୟା ବୃଦ୍ଧି ହେବ ନାହିଁ କି?

ଆମେ ସମାଜରେ ଯେଉଁ ଆଦର୍ଶ ଶିକ୍ଷକ, ଆଦର୍ଶ ଡାକ୍ତର, ଆଦର୍ଶ ଛାତ୍ର, ସର୍ବୋପରି ଆଦର୍ଶ ମଣିଷଟିଏ ଦେଖୁଛେ, ତାଙ୍କରି ପଛରେ ଏହି ବିନା ମୂଲ୍ୟରେ ବା ଅତି କମ୍‌ମୂଲ୍ୟରେ ଶିକ୍ଷାଦାନ କରୁଥିବା ଶିକ୍ଷାନୁଷ୍ଠାନର ଅବଦାନ ଅନେକ। ଆର୍ଥିକ ଅନଟନ ପାଇଁ ପାଠରେ ଡୋରି ବାନ୍ଧୁଥିବା ପିଲାଟି, ଅନ୍ୟର ସହଯୋଗରେ ପାଠ ପଢ଼ି ଆଦର୍ଶ ମଣିଷଟିଏ ହୋଇଥିବାର ଅନେକ ଉଦାହରଣ ଆମେ ସମାଜରେ ପାଉ। ବ୍ୟୟବହୁଳ ଶିକ୍ଷା ଜୀବନ ଗୋଟେ ଆଦର୍ଶ ନୁହେଁ। ଜୀବନ ଗୋଟେ ବ୍ୟବସାୟ ନୁହେଁ। ରାଷ୍ଟ୍ରକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ହେଲେ ଶିକ୍ଷା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ହେବା ଉଚିତ।

ଗୋଗଳ(ଯାଜପୁର), ମୋ: ୯୭୭୭୭୪୯୭୨୭

# ନମ୍ରତା: ନିଜକୁ ବୁଝିପାରିବାର ଦକ୍ଷତା

ରାଜେଶ କୁମାର ତ୍ରିପାଠୀ

ନମ୍ରତା ହେଉଛି ସମାଜର ଧାର୍ମିକ ଗ୍ରନ୍ଥ ଏବଂ ପୂର୍ବଜଙ୍କ ଜୀବନଶୈଳୀର ସ୍ୱର୍ଣ୍ଣିମ ପୃଷ୍ଠା। ନମ୍ରତା ହେଉଛି ଏକ ଉପାୟ, ଯାହାକି ଆମକୁ ଆମ ନିଜ ସହିତ, ଆମର ନିଜର ଉତ୍ତମ ଓ ସୀମିତ ସାମର୍ଥ୍ୟ ଭିତରେ ଭାରସାମ୍ୟ ରକ୍ଷା କରିବାରେ ସାହାଯ୍ୟ କରେ। ଆମର ପୂର୍ବ ପିଢ଼ି ଏହି ଦେବଗୁଣର ଉପାସକ ଥିଲେ। ଆଜି ଏହା ଏକ କାଳ୍ପନିକ ମୂଲ୍ୟବୋଧରେ ପରିଣତ ହେଉଛି ଏବଂ ବର୍ତ୍ତମାନର ବ୍ୟାବସାୟିକ ଓ ବ୍ୟାବହାରିକ ଦୁନିଆରେ ଦ୍ରୁତ ଅବକ୍ଷୟ ହୋଇଚାଲିଛି।

ଆମେ ସମସ୍ତେ ଆଜିର ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ଜୀବନର ଏକ ସ୍ୱଳ୍ପ ଦୃଷ୍ଟିଶକ୍ତି ଦୃଶ୍ୟକୁ ଗୁରୁତ୍ୱରେ ରଖି ନମ୍ରତାକୁ ଏକ ଦୁର୍ବଳ ଚରିତ୍ର ଭାବରେ ଗ୍ରହଣ କରିବା ଆରମ୍ଭ କରିଛୁ। ସହସ୍ର ବର୍ଷରୁ ମାନବୀୟ ଧର୍ମ ବା ମୂଲ୍ୟବୋଧ ନମ୍ରତାକୁ ଏକ ମୌଳିକ ତଥା ସର୍ବୋଚ୍ଚ ଚରିତ୍ର ଗୁଣ ଭାବରେ ଗୁରୁତ୍ୱ ଦେଇ ଆସିଛି। ନମ୍ରତା ନିଜକୁ ଠିକରେ ବୁଝି ପାରିବାର ଦକ୍ଷତା ଏବଂ ନିଜର ପାରିବାପଣିଆର ସୀମାକୁ ଗ୍ରହଣ କରିବାର ମାନସିକ ସ୍ଥିତିର ମୁଖଶାଳା। ଏହା ଆମର ମିଥ୍ୟା ଗର୍ବ ଏବଂ ଅହଂକାରରୁ ମୁକ୍ତିର ବାଟ। ଭାରତର ମହାନ ରାଜାମାନେ ନମ୍ର ଥିଲେ। ସର୍ବଶ୍ରେଷ୍ଠ ଜ୍ଞାନଧାରୀ ପ୍ରାଚୀନ ଋଷିମାନଙ୍କର ସର୍ବଶ୍ରେଷ୍ଠ ଗୁଣ ଓ ଚାରିତ୍ରିକ ବୈଶିଷ୍ଟ୍ୟ ଥିଲା ନମ୍ରତା। ଅଭିବାଦନ ଏବଂ ସମ୍ମାନ ଜଣାଇବାର ଭାରତୀୟ ପରମ୍ପରା ଓ ସଂସ୍କୃତି ହେଉଛି ନତମସ୍ତକ ହେବା। ଏହା ହିଁ ନମ୍ରତା। ଜଣେ ନମ୍ର ବ୍ୟକ୍ତି ସହଜରେ ସମାଜର ନିକଟତର ହୁଏ। ନମ୍ରତା ଜଣେ ବ୍ୟକ୍ତିକୁ ନିଜ ପାଦ ତଳେ ଥିବା ମାଟି ସହ ସଂଯୁକ୍ତ ରଖେ ଏବଂ ଭବିଷ୍ୟତର ଲକ୍ଷ୍ୟଗୁଡ଼ିକ ବିଷୟରେ ଅବଗତ କରାଏ।

ଆଜିର ଦୁନିଆରେ ନମ୍ରତା ଏକ ଦୁର୍ବଳତା। ଏହାକୁ ଅଭିବୃଦ୍ଧିର ପ୍ରତିବନ୍ଧକ ଭାବରେ ଦେଖାଯାଏ। ନମ୍ରତା ବ୍ୟକ୍ତିର ଆତ୍ମବିଶ୍ୱାସ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କୁହାଯାଇଥାଏ। କିନ୍ତୁ ନମ୍ରତା ସୁମଣିଷର ଆଭୂଷଣ। ତେଣୁ ନମ୍ର ବ୍ୟକ୍ତି ଅତୀତର ସଫଳତା ପାଇଁ ଗର୍ବ କରିବା ପରିବର୍ତ୍ତେ ଭବିଷ୍ୟତରେ ସେ ସମ୍ପୂର୍ଣ୍ଣ କରିବାକୁ ଆବଶ୍ୟକ କରୁଥିବା କାର୍ଯ୍ୟ ଉପରେ ଧ୍ୟାନ ଦେଇଥାଏ। ନମ୍ରତା ହେଉଛି ବୁଦ୍ଧିମାନ ଆତ୍ମସମ୍ମାନ, ଯାହା ଆମକୁ ଅତ୍ୟଧିକ ଉଚ୍ଚ କିମ୍ବା ଅତ୍ୟଧିକ ଉପଯୁକ୍ତ ଭାବିବାଠାରୁ ଦୂରେଇ ରଖେ। ଆମଠୁ ଆହୁରି ଭଲ ମଣିଷ ଦୁନିଆରେ ଅଛନ୍ତି - ଏହା ସ୍ମରଣ କରାଇ ଆମକୁ ସଫଳ ହେବାକୁ ପ୍ରେରିତ କରେ। ଏହା ସତ୍ୟ ଯେ ଜୀବନରେ କେହି ଜଣେ ସଫଳତା ହାସଲ କଲା ପରେ ସେ ଆତ୍ମବିଶ୍ୱାସୀ ହୋଇଯାଏ କାରଣ ତାଙ୍କର ମନୋବଳ ବୃଦ୍ଧି ପାଇଥାଏ। ନିଜ ଉପରେ ଆତ୍ମବିଶ୍ୱାସ ରହିବା ଆବଶ୍ୟକ, କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ରହିବା ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରିଦିଏ। ଅତ୍ୟଧିକ ଆତ୍ମଶ୍ୱାସ ଥିବା ବ୍ୟକ୍ତି ନିଜ ବିଷୟରେ ଅତ୍ୟଧିକ ଭାବନ୍ତି ଏବଂ ଅନାବଶ୍ୟକ ଅହଙ୍କାର କରନ୍ତି। ସେ ଅନୁଭବ କରନ୍ତି ଯେ ସେ ହିଁ ଶ୍ରେଷ୍ଠ ସେହି ଅହଙ୍କାର ପରବର୍ତ୍ତୀ ସମୟରେ ଅନ୍ଧକାର ହୋଇଯାଏ।

ନମ୍ରତା ହେଉଛି ଜ୍ଞାନ ଆଧାରିତ ହୃଦୟର ସମ୍ପୂର୍ଣ୍ଣ ନିରବତା, ଯାହା କ୍ଷମତା ସୃଷ୍ଟି କରେ। ନମ୍ରତା ଦକ୍ଷ ମୂଲ୍ୟବୋଧର ପୃଷ୍ଠପୋଷକ, ଯାହା ଜଣକୁ ସମୃଦ୍ଧ କରିବାରେ ସାହାଯ୍ୟ କରେ। ସେହି ସମୃଦ୍ଧି ଜୀନବରେ ସୁଖ ଓ ସଫଳତା ଆଣିଥାଏ।

ଭୁବନେଶ୍ୱର

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବଦଳିଲା ନର୍ସିଂ କର୍ମଚାରୀଙ୍କ ପୋଷାକ ରଙ୍ଗ

## ୧୦ ଦାବିରୁ କେବଳ ପୂରଣ ହେଲା ଡ୍ରେସ ଡ଼ିଜାଇନ ପରିବର୍ତ୍ତନ

**ଭୁବନେଶ୍ୱର,୧୧।୧୧(ସମିସ):** ରାଜ୍ୟର ଶାସନ ଭାର ଗ୍ରହଣ ଦିନରୁ ରାଜ୍ୟ ସରକାରଙ୍କ ସବୁଠାରୁ ଉଲ୍ଲେଖନୀୟ ପ୍ରଦର୍ଶନ ହେଉଛି ରଙ୍ଗ ପରିବର୍ତ୍ତନ । ଏବେ ନର୍ସିଂ କର୍ମଚାରୀଙ୍କ କ୍ଷେତ୍ରରେ ତାହା ହିଁ ଘଟିଛି । ୧୦ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ନର୍ସିଂ କର୍ମଚାରୀ ସଂଘ ଚରମ ଚେତାବନୀ ଦେଇଥିବାବେଳେ ପୋଷାକ ରଙ୍ଗ ଓ ଡ଼ିଜାଇନ ପରିବର୍ତ୍ତନ ପାଇଁ ଶେଷ ଆଡ଼କୁ ଥିବା ଦାବିକୁ ସରକାର ପୂରଣ କରିଛନ୍ତି। ମାତ୍ର କର୍ମଚାରୀ ସଂଘ ପଦୋନ୍ନତିରୁ ଆରମ୍ଭ କରି ଛୁଟି ଅସଙ୍ଗତି ଆଦି ସଂକ୍ରାନ୍ତ ଅନ୍ୟ ୯ ଦାବିକୁ ସରକାର ଏଡ଼ାଇ ଯାଇଛନ୍ତି । ଏହାକୁ ନେଇ ସଂଘର କର୍ମକର୍ତ୍ତା ତାତିଛନ୍ତି; ୧୦ ଦଫା ଦାବି ମଧ୍ୟରୁ କେବଳ ପୋଷାକ ପରିବର୍ତ୍ତନ ଦାବି ପୂରଣ କରି ସରକାର ନର୍ସିଂ କର୍ମଚାରୀଙ୍କୁ ଲଲିପପ୍ ଧରାଇଛନ୍ତି ବୋଲି ସଂଘର କିଛି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ମଧ୍ୟ ସରକାରଙ୍କ ରଙ୍ଗ ବଦଳାକୁ ନେଇ କଟାକ୍ଷ କରିଛନ୍ତି ।

ନର୍ସିଂ କର୍ମଚାରୀଙ୍କ ପାଇଁ ଘୋଷିତ ନୂଆ ଡ୍ରେସ କୋଡ଼ ଅନୁସାରେ ନର୍ସମାନେ ନୂଆ ରଙ୍ଗ ଓ ନୂଆ ଡିଜାଇନର ଡ୍ରେସ୍ ପିନ୍ଧିବେ। ହାଲୁକା ବାଇଗଣୀ ରଙ୍ଗର ଡ୍ରେସରେ ସମ୍ବଲପୁରୀ ଛିଟ ରହିବ। ଉଭୟ ପୁରୁଷ ଓ ମହିଳା ନର୍ସମାନେ ଈଷତ୍ ବାଇଗଣୀ ରଙ୍ଗର ପ୍ୟାଣ୍ଟ୍ ସାର୍ଟ ପିନ୍ଧିବେ। ସେହିପରି ଆସିଷ୍ଟାଣ୍ଟ୍ ନର୍ସିଂ ସୁପରିଟେଣ୍ଡେଣ୍ଟମାନେ ସାୟନ୍ ବ୍ଲୁ ଅର୍ଥାତ ହାଲୁକା ନୀଳ ରଙ୍ଗର ଓ ଡେପୁଟି ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଧଳା ଶାଢ଼ୀ ବା ଡ୍ରେସ ପିନ୍ଧିବେ। ସେଥିରେ ଥିବା ଆପ୍ରୋନର କଲାରରେ ସମ୍ବଲପୁରୀ ଛିଟ ରହିବ ବୋଲି ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ଗତ ସେପ୍ଟେମ୍ବର ମାସରେ ୧୦ ଦଫା ଦାବି ପୂରଣ ପାଇଁ ରାଜ୍ୟ ନର୍ସିଂ କର୍ମଚାରୀ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଦେଇଥିଲେ। ଆନ୍ଦୋଳନକୁ ଏଡ଼ାଇବା ପାଇଁ ଏକ ଅନ୍ତଃବିଭାଗୀୟ କମିଟି ଗଠନ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଦେଢ଼ ମାସ ବିତି ଯାଇଥିଲେ ହେଁ ସରକାର ଏ ସଂକ୍ରାନ୍ତରେ କୌଣସି କମିଟି ଗଠନ କରିଥିବା ସୂଚନା ମିଳିନାହିଁ। ଏବେ ନର୍ସିଂ କର୍ମଚାରୀଙ୍କ ୧୦ ଦଫା ଦାବି ମଧ୍ୟରୁ ୭ ନମ୍ବରରେ ଥିବା ଡ୍ରେସ୍ କୋଡ଼ ପରିବର୍ତ୍ତନ ପାଇଁ ଏବେ ସରକାର ଘୋଷଣା କରିଛନ୍ତି। ମାତ୍ର ବଳକା ଦାବି ପୂରଣ ନେଇ କିଛି କୁହାଯାଇନି। ନର୍ସିଂ କର୍ମଚାରୀଙ୍କ ପ୍ରମୁଖ ଦାବି ମଧ୍ୟରେ୨୦୧୩ ନଭେମ୍ବର୧୨ ତାରିଖ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ଛଅ ବର୍ଷ ଚୁକ୍ତି ଭିତ୍ତିକ ଅବଧିକୁ ମୂଳ ଚାକିରି ସମୟରେ ମିଶାଇ ପଦୋନ୍ନତି ଓ ସମସ୍ତ ଆର୍ଥିକ ସୁବିଧା ପ୍ରଦାନ କରାଯିବା ରହିଥିଲା। ସେହିପରି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ସରକାରୀ ନର୍ସିଂ ଅଫିସରଙ୍କୁ ସିଏଚଓ ପଦବୀରୁ ଫେରାଇ ଆଣି କ୍ୟାଡର ପୋଷ୍ଟରେ ନିୟୋଜିତ, ଯୋଗ୍ୟ ନର୍ସିଂ ଅଫିସରଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀକୁ ପଦୋନ୍ନତି, ସହକାରୀ ନର୍ସିଂ ଅଧୀକ୍ଷକ ପଦରେ ପଦୋନ୍ନତି ପାଇଁ ଆବଶ୍ୟକ ଥିବା ଅବଧିକୁ କମ୍ କରି ୧୬ ବର୍ଷରୁ ଅଧିକ ସମୟ ଚାକିରି କରିଥିବା ବରିଷ୍ଠ ନର୍ସିଂ ଅଫିସରଙ୍କୁ ଦୁଇଟା ପଦୋନ୍ନତି ଆଦି ଦାବି ରହିଥିଲା। ମାତ୍ର ସରକାର ଏନେଇ କୌଣସି ଘୋଷଣା କରି ନ ଥିବାବେଳେ କେବଳ ପୋଷାକ ରଙ୍ଗ ବଦଳ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

# ପୁଲିସ୍ ଡ୍ରେସ୍‌ରେ ଡକାୟତି

## ୩ ଜଣଙ୍କୁ ଧରି ପୁଲିସ୍ ଜିମାଦେଲେ ଗ୍ରାମବାସୀ

**ମ.ରାମପୁର, ୧୧।୧୧(ସମିସ):** ଦେହରେ ଖାକି, ହାତରେ ରୁଲ୍ ବାଡ଼ି; ପୂରା ପୁଲିସ୍ ବେଶରେ ବଲେରୋ ଚଢ଼ି ଆସିଥିଲେ। ଘରେ ପଶି ଲୋକଙ୍କୁ ଧମକଚମକ ଦେଇ ୨ଲକ୍ଷ ୪୦ ହଜାର ଟଙ୍କା ବି ଡକାୟତି କଲେ। କିନ୍ତୁ ଗାଁ ସୀମା ପାର୍ ହେବା ପୂର୍ବରୁ ଗାଁ ଲୋକ ଧରି ପକାଇଲେ।



କୌଣସି ହିନ୍ଦୀ ସିନେମାର ଦୃଶ୍ୟ ଭଳି ଏପରି ଏକ ଘଟଣା ଘଟିଛି, କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଦେଢ଼ସୁଲି ପଞ୍ଚାୟତ ରୁବେନ ଗ୍ରାମରେ। ଗ୍ରାମବାସୀ ୩ ଡକାୟତଙ୍କୁ ଧରି ମ. ରାମପୁର ପୁଲିସ୍ ଜିମା ଦେଇଥିବା ବେଳେ କୌଶଳକ୍ରମେ ୪ଜଣ ଖସି ଯାଇଛନ୍ତି। ଧରାପଡ଼ିଥିବା ଅଭିଯୁକ୍ତମାନେ ହେଲେ, ବାଲିଗୁଡ଼ାର ପିଣ୍ଟୁ ସେଠୀ, ଆଶିଷ ଦିଗାଲ, ସୁଧାକର ବଳିଆରସିଂ। ସେମାନଙ୍କୁ ଜିଲ୍ଲା ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଛି। ଏହି ଘଟଣାକୁ ପୁଲିସ୍ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। ବାକି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ରାତିଅଧିଆ ଚଢ଼ଉ କରୁଛି। ଅପରପକ୍ଷେ, ଅଭିଯୁକ୍ତମାନଙ୍କ ଏହା ପ୍ରଥମ ଉଦ୍ୟମ ନା ଆଗରୁ ଏପରି କିଛି ଘଟଣାରେ ସଫଳ ହୋଇଛନ୍ତି, ସେ ନେଇ ପୁଲିସ୍ ସେମାନଙ୍କୁ ପଚରାଉଚରା ଚଳାଇଛି।

ସୂଚନାଯୋଗ୍ୟ, ଆଜି ଦିନବେଳା ୭ ଡକାୟତ ପୁଲିସ୍ ବେଶରେ ରୁବେନ୍ ଗ୍ରାମର ରୀପା ମାଝୀଙ୍କ ଘରେ ପଶିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ପରିବାରଲୋକଙ୍କୁ ଧମକଚମକ ଦେଇ ଘରୁ ନଗଦ ୨ଲକ୍ଷ ୪୦ ହଜାର ଟଙ୍କା ଜୋରଜବରଦସ୍ତି ନେଇଯାଇଥିଲେ। ସେମାନଙ୍କ ହାବଭାବ ଦେଖି ପରିବାରଲୋକଙ୍କ ସନ୍ଦେହ ହେବାରୁ ସେମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଫଳରେ ଗ୍ରାମବାସୀ ଉକ୍ତ ଗାଡ଼ିକୁ ବାଟରେ ଅଟକାଇଥିଲେ। କିନ୍ତୁ ଏଥିରେ ଡରି ନଯାଇ ଡକାୟତମାନେ ଗ୍ରାମବାସୀମାନଙ୍କୁ ଧମକାଇଥିଲେ। ଆମେ ପୁଲିସ୍, ଆମକୁ ଛାଡ଼ିଦିଅ ବୋଲି କହିଥିଲେ। ଏହା ସତ୍ତ୍ୱେ ଗ୍ରାମବାସୀ ସେମାନଙ୍କୁ ନ ଛାଡ଼ିବାରୁ ଡକାୟତମାନେ ଗାଡ଼ି ବୁଲାଇ ଦେଢ଼ଶୁଳୀ ରାସ୍ତାରେ ଯିବା ପାଇଁ ଉଦ୍ୟମ କରିଥିଲେ। ଖବର ପାଇ ଦେଢ଼ସୁଲି, ଜାମୁଲି ଏବଂ ଅନ୍ୟ କିଛି ଗ୍ରାମବାସୀ ମିଳିତ ଭାବେ ସେମାନଙ୍କୁ ବାଟରେ କାବୁ କରିଥିଲେ। ତେବେ କୌଶଳକ୍ରମେ ୪ ଡକାୟତ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଗ୍ରାମବାସୀମାନେ ଲୁଟେରା ଆସିଥିବା ବଲେରୋକୁ ଭଙ୍ଗାରୁଜା କରିଥିବା ଜଣାଯାଇଛି।

■ ଭୁବନ ଏନଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ

# ଫଳ ପ୍ରକାଶ ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରୋକ୍

**କଟକ,୧୧।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧ୍ୟକ୍ଷଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ମାମଲାର ଶୁଣାଣି କରି ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ଆସନ୍ତାକାଲି ଏନ୍‌ଏସି ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ ଗ୍ରହଣ ପାଇଁ ଧାର୍ଯ୍ୟ ହୋଇଥିବା ଶୁଣାଣି ବେଳେ ଅବଗତ ହୋଇଥିଲେ ଅଦାଲତ। ଏହି ଅନାସ୍ଥା ପ୍ରକ୍ରିୟା କରାଯିବ ହେଲେ ଅଦାଲତଙ୍କ ଅନୁମତି ବିନା ଏହାର ଫଳ ପ୍ରକାଶ କରାଯିବ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ବିରୋଧରେ ବେଆଇନ ଭାବେ ଗତ ଅକ୍ଟୋବର ୩୦ରେ ଅନାସ୍ଥା ପ୍ରସ୍ତାବ ଆଣିବା ବୈଠକ ହୋଇଥିଲା। ଏପରିକି ୩ଜଣ କାଉନସିଲରଙ୍କ ଇସ୍ତଫା ଦେଇଥିବା ବେଳେ ଓଡ଼ିଶା ମ୍ୟୁନିସିପାଲ ଆଇନର ଧାରା-୪୬ ଅନୁସାରେ ସେମାନଙ୍କ ସଦସ୍ୟତା ବିଚାରାଧୀନ ରହିଛି। ଏଣୁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ଅନୁପସ୍ଥିତିରେ ଅନାସ୍ଥା ହେବା ଅନୁଚିତ ଦର୍ଶାଇ ଆବେଦନକାରୀ ଅଧ୍ୟକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଉପେନ୍ଦ୍ର ସାମଲ ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ତାରିଖକୁ ଧାର୍ଯ୍ୟ ହୋଇଛି।

■ ପିଲାଚୋରି ସନ୍ଦେହ

# ଗ୍ରାମବାସୀଙ୍କ ମାଡ଼ରେ ଦମ୍ପତି ଦରମରା

**ମାଳିପୁର, ୧୧।୧୧(ସମିସ):** ପିଲାଚୋର ସନ୍ଦେହରେ ଦମ୍ପତିଙ୍କୁ ନିର୍ଘୁମ୍ ଛେଚି ଦରମରା। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ଶାସନ ପଞ୍ଚାୟତର ଶାସନ ଗ୍ରାମରେ ଆଜି ଏଭଳି ଏକ ଘଟଣା ଘଟିଛି। ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ଦମ୍ପତି ହେଲେ, ସନ୍ତୋଷ ବଞ୍ଜାରା ଓ ତାଙ୍କ ପତ୍ନୀ ମମତା ବଞ୍ଜାରା। ଉତ୍ୟକ୍ତ

**ସ୍ୱାମୀ-ସ୍ତ୍ରୀ ଅଟକ, ପୁଲିସର ତଦନ୍ତ ଆରମ୍ଭ**

ଲୋକଙ୍କ କବଳରୁ ପୁଲିସ୍ ସେମାନଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ସନ୍ତୋଷ ଓ ମମତା ଗାଁ ଗାଁ ବୁଲି ଡ୍ରମ୍ ବେପାର କରନ୍ତି। ଆଜି ପୂର୍ବାହ୍ନ ପ୍ରାୟ ୯ଟାରେ ସେମାନେ ଶାସନ ଗ୍ରାମ ଦେଇ ଯାଉଥିଲେ। ଏହି ସମୟରେ ଦୁଇସାଙ୍ଗ ଲିକୁ ମଲିକ ଏବଂ ହକନ ମଲିକଙ୍କ ସହ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାପାର୍ଶ୍ୱକୁ ଶୌଚ ହେବାକୁ ଆସିଥିବା ଗ୍ରାମର ଲିଟୁ ମଲିକଙ୍କ ପାଞ୍ଚବର୍ଷର ପୁଅ ସାଇ ମଲିକକୁ ଏହି ବଞ୍ଜାରା ଦମ୍ପତି ଡ୍ରମ୍‌ରେ ପୂରାଇ ଅପହରଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଲିକୁ ସେମାନଙ୍କୁ ଟେକା ପକାଇ ସାଇକୁ ଉଦ୍ଧାର କରିବା ସହ ଦୁହେଁ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପରେ ଏ ସଂପର୍କରେ ସାଇ ତା' ବାପାଙ୍କୁ ଜଣାଇବାରୁ ଗ୍ରାମବାସୀ ଉକ୍ତ ଦମ୍ପତିଙ୍କୁ ପିଛା କରି ଅଢ଼ାଯୋରୀ ଛକରେ ଅଟକାଇଥିଲେ। ଡ୍ରମ୍ କିଣିବା ବାହାନା କରି ଗ୍ରାମବାସୀମାନେ ଏହି ବଞ୍ଜାରା ଦମ୍ପତିଙ୍କୁ ପୁଣି ଗାଁ ନିକଟକୁ ଡାକି ଆଣି ନିର୍ଘୁମ୍ ଛେଚିଥିଲେ। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଅଭିଯୁକ୍ତ ଦମ୍ପତିଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନ, ସରପଞ୍ଚ ସଂଗ୍ରାମ ବାରିକ, ସମିତି ସଭ୍ୟ ପ୍ରତିନିଧି ଅଶୋକ ପରିଡ଼ା, ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାସ, ଆଶିଷ ମଲିକ, ବଳଭଦ୍ର ପୁର ପୂର୍ବତନ ସରପଞ୍ଚ ଶାରଦା ପରିଡ଼ା, ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ବ୍ଲକ ସଭାପତି ରଞ୍ଜନ ରାଉତ, ଅର୍ଜୁନ ସାହୁ, ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ପୁଲିସ୍ ଦୁହିଁଙ୍କୁ ଥାନାକୁ ନେଇଥିଲା। ଉଭୟ ଅଭିଯୁକ୍ତଙ୍କ ନିକଟରୁ କୌଣସି ପରିଚୟପତ୍ର ମିଳି ନଥିବା ବେଳେ ସେମାନଙ୍କ ନିକଟରୁ ଏକ ବାଇକ୍‌କୁ ପୁଲିସ୍ ଜବତ କରିଛି।

■ ଆଇନଜୀବୀଙ୍କୁ ଏସିଡ୍ ଆକ୍ରମଣ ଘଟଣା

# ବାର କାଉନସିଲ୍‌ର ତଦନ୍ତ କମିଟି ଗଠିତ

**କଟକ,୧୧।୧୧(ସମିସ):** ଗଜପତି ଜିଲ୍ଲାର ଆଇନଜୀବୀ ପି. ରାମାରାଓଙ୍କୁ ଦୁର୍ବୃତ୍ତମାନେ ଏସିଡ୍ ଫିଙ୍ଗିବା ଘଟଣାକୁ ରାଜ୍ୟ ବାର କାଉନସିଲ ତୀବ୍ର ନିନ୍ଦା କରିଛି। ଏନେଇ କାଉନସିଲର ଏକ ବୈଠକ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଓ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଆଇନଜୀବୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛି କାଉନସିଲ। ଏଥିସହ ବାର୍ କାଉନସିଲ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ନିମନ୍ତେ ଏକ ଫାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛି। ଅରୂପାନନ୍ଦ ଦାସ, ମାନସ ଚାନ୍ଦ, ପୀତବାସ ପଣ୍ଡା, ସଞ୍ଜିତ କୁମାର ପାଣିଗ୍ରାହୀ ଓ ପି.ରମେଶ ପାତ୍ର ପ୍ରମୁଖ ଏହି କମିଟିରେ ରହିଛନ୍ତି। ଏହି କମିଟି ପାରଳାଖେମୁଣ୍ଡି ଗସ୍ତ କରି କାଉନସିଲକୁ ରିପୋର୍ଟ ଦେବ ବୋଲି କୁହାଯାଇଛି।

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏକାଦଶ ସମାବର୍ତ୍ତନ ଉତ୍ସବ**

# ଜ୍ଞାନ, କରୁଣା ଓ ସେବାର ଜୀବନ ଆପଣାଅ: ଶ୍ରୀଶ୍ରୀ ରବିଶଙ୍କର

**କଟକ/ତ୍ରିଶୂଳିଆ,୧୧।୧୧ (ସମିସ):** ଶ୍ରୀଶ୍ରୀବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ରବିବାର ମହାସମାରୋହରେ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ମାନବବାଦୀ, ଆଧ୍ୟାତ୍ମିକ ଗୁରୁ ତଥା ବିଶ୍ୱବିଦ୍ୟାଳୟର ଆଜୀବନ ସଭାପତି ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମର ଭବ୍ୟତାକୁ ଦ୍ୱିଗୁଣିତ କରିଥିଲା। ଉକ୍ତ ସମାରୋହରେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ତଥା ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଏବଂ

- **୪୧୫ ସ୍ନାତକ, ୧୪୨ ସ୍ନାତକୋତ୍ତର ଓ ୧୭ ଜଣଙ୍କୁ ଉପାଧ୍ୟୁତ୍ତର**
- **୩୧ ସ୍ୱର୍ଣ୍ଣପଦକ ବିଜେତା ସମ୍ବର୍ଦ୍ଧିତ**

ଆମେରିକୀୟ ନିବେଶକ ତଥା ଡ୍ରାପର ଆସୋସିଏଟ୍ସ ଏବଂ ଡ୍ରାପର ଭେଞ୍ଚର ନେଟୱର୍କର ପ୍ରତିଷ୍ଠାତା, ଡଃ. ଟିମ୍ ଡ୍ରାପର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ୨୦୧୨ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ ପାଶ୍ଚାତ୍ୟର ଅଗ୍ରଣୀ ଉଦ୍ଭାବନ ଓ ପୂର୍ବର କାଳଜୟୀ ଜ୍ଞାନ ସମ୍ମିଶ୍ରଣରେ ସମଗ୍ର ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା ପାଲଟିଛି। 'ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରେଡିଟେସନ କାଉନସିଲ' ବା 'ନାକ୍' ଦ୍ୱାରା ସମ୍ମାନଜନକ 'ଏ' ଗ୍ରେଡ୍ ସ୍ୱୀକୃତିପ୍ରାପ୍ତ ଏବଂ ଶ୍ରେଷ୍ଠ ୨୦୦ ବିଶ୍ୱସ୍ତରୀୟ ଅନୁଷ୍ଠାନ (ଇମ୍ପାକ୍ଟ ରାଙ୍କିଙ୍ଗ-୨୦୨୩) ମଧ୍ୟରୁ ଅନ୍ୟତମ ଭାବରେ ଉଚ୍ଚ ପ୍ରଶଂସିତ ହୋଇଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୯ଟି ବିଭାଗରେ ସମ୍ପ୍ରସାରିତ ହୋଇଥିବା ବେଳେ, ଏକ ସମୃଦ୍ଧ ପାଠ୍ୟକ୍ରମ ପ୍ରଦାନ କରୁଛି। ଅନନ୍ୟ ଅଷ୍ଟିଓପାଥି ବିଭାଗ ଏବଂ ବିଶ୍ୱପ୍ରସିଦ୍ଧ 'ଚିନ୍ତନ ଓ ଆଚରଣ ବିଜ୍ଞାନ' ବିଭାଗ ଏହାର ଶ୍ରେଷ୍ଠ ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ



ଉଲ୍ଲେଖନୀୟ। ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଓଡ଼ିଆ ଭାଷାରେ ତାଙ୍କ ଅଭିଭାଷଣରେ ଆରମ୍ଭ କରି ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକଙ୍କୁ ପ୍ରେରଣା ଦେବା ସହ ଜ୍ଞାନ, କରୁଣା ଓ ସେବାର ଜୀବନ ଆପଣାଇବାକୁ ଅନୁରୋଧ କରିଥିଲେ।

ମୁଖ୍ୟଅତିଥି ଗୋକୁଳାନନ୍ଦ ମଲ୍ଲିକ ବିଶ୍ୱବିଦ୍ୟାଳୟର ଉନ୍ନତି ଏବଂ ବୈଶ୍ୱିକ ଶିକ୍ଷାକ୍ଷେତ୍ରରେ ଏହାର ଯୁଗାନ୍ତକାରୀ ଅବଦାନକୁ ପ୍ରଶଂସା କରିଥିଲେ। ଏଥିସହ ନିକଟରେ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରାଙ୍କିଂରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ଉନ୍ନତିକୁ ମଧ୍ୟ ପ୍ରଶଂସା କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣି ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱସ୍ତରରେ ବିସ୍ତାର କରିବା ସହିତ ବିଶ୍ୱସ୍ତରୀୟ ପ୍ରତିଭାମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାରେ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସୂଚନା ଦେଇଥିଲେ। କୁଳପତି ପ୍ରଫେସର ତେଜପ୍ରତାପ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି ଭବିଷ୍ୟତର ବିକାଶ ପାଇଁ ରଣନୈତିକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ଏହି ସମାରୋହରେ ୧୭ଜଣଙ୍କୁ ଉପାଧ୍ୟୁତ୍ତର, ୪୧୫ଜଣଙ୍କୁ ସ୍ନାତକ ଓ ୧୪୨ ଜଣଙ୍କୁ ସ୍ନାତକୋତ୍ତରଙ୍କୁ ମିଶାଇ ସମୁଦାୟ ୫୭୪ ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୩୧ଜଣ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସମନ୍ୱିତ ଅଷ୍ଟିଓପ୍ୟାଥିରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଅରୁଣିମା ଆରୋରା ଏହି ସଫଳତାରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହା ତାଙ୍କ ଜୀବନର ଏକ ସ୍ମରଣୀୟ ମୂହୁର୍ତ୍ତ ହୋଇ ରହିବ ବୋଲି ସେ କହିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆରମ୍ଭ ପୂର୍ବରୁ...

କରିଥିଲେ ମଧ୍ୟ ଏଥିନିମନ୍ତେ କୌଣସି ପ୍ରସ୍ତୁତି କରାଯାଇ ନାହିଁ। ୨୧ ତାରିଖରେ ଧାନ ମଣ୍ଡି ଖୋଲାଯିବ ଓ ଧାନ କ୍ରୟ କରାଯିବ ବୋଲି କୁହାଯାଉଥିଲେ ବି ଏହା କାର୍ଯ୍ୟକାରୀ ହୋଇ ପାରିବ କି ନାହିଁ ତାହାକୁ ନେଇ ଚାଷୀମାନେ ସନ୍ଦେହପ୍ରକଟ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାର ୨୧ ତାରିଖରୁ ମଣ୍ଡି ଖୋଲିବାକୁ ଘୋଷଣା କରିଥିଲେ ହେଁ ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାରେ ଏହା ସେହିଦିନ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ସୂଚନା ମିଳିଛି। ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ରେଢ଼ାଖୋଲ ଅଞ୍ଚଳରେ ନଭେମ୍ବର ୨୭ରୁ ଧାନମଣ୍ଡି ଖୋଲିବ ବୋଲି କୁହାଯାଉଛି; ମାତ୍ର ବଲାଙ୍ଗୀର ଜିଲ୍ଲାରେ ଏଯାଏ ଏ ସଂକ୍ରାନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ ।

ଚଳିତ ବର୍ଷ ସରକାର ଧାନର କ୍ୱିଣ୍ଟାଲପିଛା କ୍ରୟ ମୂଲ୍ୟ ୨୩୦୦ ଟଙ୍କା ଓ ଗ୍ରେଡ଼ ଏ ଧାନର କ୍ରୟମୂଲ୍ୟ ୨୩୨୦ ଟଙ୍କା ରଖିଛନ୍ତି। ସାଧାରଣ ଧାନର କ୍ୱିଣ୍ଟାଲ ପିଛା ୮୦୦ ଓ ଗ୍ରେଡ଼ ଏ ଧାନରେ କ୍ୱିଣ୍ଟାଲ ପିଛା ୭୮୦ ଟଙ୍କା ଚାଷୀଙ୍କୁ ରାଜ୍ୟ ସରକାର ବୋନସ ଦେବେ । ଯାହାକୁ ନେଇ ଚାଷୀ ବେଶ୍ ଉତ୍ସାହିତ ଅଛନ୍ତି । ମାତ୍ର ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ, କୃଷି କ୍ଷେତ୍ରର ସର୍ବେକ୍ଷଣ ଓ ଯାଞ୍ଚକୁ ନେଇ ମଧ୍ୟ ଏବେ ବି ଅନେକ ପ୍ରଶ୍ନ ଉଙ୍କିମାରୁଛି । ପୂର୍ବରୁ ଅନେକ ସମୟରେ ଧାନ ବେପାରୀମାନେ ସ୍ଥାନୀୟ ପ୍ରଶାସନ ଓ ମଣ୍ଡି କର୍ମଚାରୀଙ୍କୁ ପ୍ରଭାବିତ କରି ଆସୁଥିବା ଏବଂ ମିଲରମାନଙ୍କ ପ୍ରଭାବ ମଣ୍ଡିରେ ପ୍ରତିଫଳିତ ହେଉଥିବା ଅଭିଯୋଗ ହେଉଥିବାବେଳେ ଏବେ ଧାନ କିଣାକୁ ନେଇ ଅନୁରୂପ ସନ୍ଦେହ ଚାଷୀମନରେ ଜାଗ୍ରତ ହୋଇଛି। ପଶ୍ଚିମ ଓଡ଼ିଶା ସହ ଉପକୂଳ ଓଡ଼ିଶାର ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଅଧିକାଂଶ ମିଲର ଏଯାଏ ଧାନ ନେଇ ବର୍ଷବର୍ଷ ହେଲା ବକେୟା ଚାଉଳ ଦେଇ ନାହାନ୍ତି। ଯେଉଁଥିପାଇଁ ଅନେକ ମିଲରଙ୍କୁ ବିଗତ ବର୍ଷମାନଙ୍କରେ ଧାନ ସଂଗ୍ରହରୁ ବାଦ ଦିଆଯାଇଥିଲା ଓ କିଛି ମିଲରଙ୍କ ନାମରେ ଥାନାରେ ମଧ୍ୟ ଏତଲା ଦିଆଯାଇଥିଲା। ସମ୍ପ୍ରତି ଏହି ମିଲରମାନେ ସଂଘବଦ୍ଧ ହୋଇ ସରକାରଙ୍କ ଉପରେ ପରୋକ୍ଷରେ ଚାପ ପ୍ରୟୋଗ କରୁଥିବା ମଧ୍ୟ ଅଭିଯୋଗ ହୋଇଛି ।

ବ୍ୟବସ୍ଥା ଅନୁସାରେ ଧାନ କିଣା ପୂର୍ବରୁ ପ୍ରତିବର୍ଷ ଜିଲ୍ଲାସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥାଏ। ବୈଠକରେ ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ବିଧାୟକ ତଥା ଜନ ପ୍ରତିନିଧି, ମିଲର, ଚାଷୀନେତା ଓ ଚାଷୀମାନେ ଧାନ କ୍ରୟ ପଦ୍ଧତି ଓ ବ୍ୟବସ୍ଥା ସଂକ୍ରାନ୍ତରେ ଆଲୋଚନା କରିଥାଆନ୍ତି । ମାତ୍ର ବଲାଙ୍ଗୀର ପରି ଅନେକ ଜିଲ୍ଲାରେ ଏଯାଏ ଏହି ଧାନ କିଣା ପ୍ରସ୍ତୁତି ବୈଠକ ଏଯାଏ ଅନୁଷ୍ଠିତ ହୋଇନାହିଁ। ଫଳରେ ଆସନ୍ତା ୨୧ ତାରିଖରେ ଧାନ କିଣା ପାଇଁ ମଣ୍ଡି ଖୋଲା ନିଷ୍ପତ୍ତି ସରକାର କାର୍ଯ୍ୟକାରୀ କରିପାରିବେ କି ନାହିଁ ବୋଲି ପ୍ରଶ୍ନ ଉଠିଛି । ଅନ୍ୟପକ୍ଷରେ ସମ୍ବଲପୁରରେ ଆଜି ଏକ ବୈଠକରେ ଧାନ କିଣାରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଚାଷୀ ନେତାମାନେ ଦାବି କରିଛନ୍ତି। ଏଥିରେ କୌଣସି ଏପଟସେପଟ ହେଲେ ଚାଷୀ ରାଜରାସ୍ତାରେ ଧାରଣା ଦେବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

## ଶପଥ ନେଲେ...

କରିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଜଷ୍ଟିସ୍ ଖାନ୍ନାଙ୍କ ନାମ ଅନୁମୋଦନ କରାଯାଇଥିଲା। ତେବେ ଖୁବ କମ୍ ସମୟ ପାଇଁ ଜଷ୍ଟିସ୍ ଖାନ୍ନାଙ୍କ କାର୍ଯ୍ୟକାଳ ମାତ୍ର ୬ ମାସ ରହିବ। ୨୦୨୫ ମେ' ୧୩ରେ ତାଙ୍କର କାର୍ଯ୍ୟକାଳ ସରିବ ।୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ପ୍ରାକ୍ଟିସ ଆରମ୍ଭ କରିଥିଲେ। ଏହାପରେ ହାଇକୋର୍ଟରେ ଓକିଲାତି କରିଥିଲେ। ଦିଲ୍ଲୀ ଆୟକର ବିଭାଗର ସିନୟର ଷ୍ଟାଣ୍ଡିଂ କାଉନସେନ ଭାବେ ସେ ୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ ।ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଦିଲ୍ଲୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରିବା ପରେ ୨୦୦୬ରେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ୨୦୧୯ରେ ସେ ସୁପ୍ରିମକୋର୍ଟର ବିଚାରପତି ହୋଇଥିଲେ।

## ୧୫ରୁ...

ହ୍ରାସ ପାଇବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟରେ ବର୍ତ୍ତମାନ ତୁଳନାରେ ଥଣ୍ଡା ବଢ଼ିବାର ଆକଳନ କାରଯାଉଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବାତ୍ୟା ଦାନା ପ୍ରଭାବରେ ବାୟୁମଣ୍ଡଳରେ ଆର୍ଦ୍ରତା ରହିଥିଲା। ଫଳରେ ତାପମାତ୍ରା ହ୍ରାସ ହୋଇ ପାରୁନଥିଲା। ବର୍ତ୍ତମାନ ଦିନର ତାପମାତ୍ରା ସ୍ୱାଭାବିକ ରହିଛି। ଉପପୂଳ ଅଞ୍ଚଳ, ଦକ୍ଷୀଣ ଆଭ୍ୟନ୍ତରିଣ ଓଡ଼ିଶାରେ ରାତିର ତାପମାତ୍ରା ସ୍ୱାଭାବିକ ରହିଛି। କେବଳ ଉତ୍ତର ଆଭ୍ୟନ୍ତରିଣ ଓଡ଼ିଶାରେ ସ୍ୱାଭାବିକ ଠାରୁ ରାତିରେ ତାପମାତ୍ରା ଅଧିକ ରହିଛି। ଉତ୍ତର ଦିଗରୁ ଥଣ୍ଡା ପବନ ପ୍ରବାହ ସହ ପାଗର ଶୁଷ୍କତା ଯୋଗୁଁ ଆଗକୁ ଧିରେ ଧିରେ ତାପମାତ୍ରା କମିବ ଓ ଶୀତ ହେବ। ପ୍ରଥମେ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତ ହେବା ସହ ଅନ୍ୟ ଅଞ୍ଚଳରେ ଧୀରେ ଧୀରେ ଶୀତ ଅନୁଭୂତ ହେବ। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ୧୪.୫ ଡିଗ୍ରୀ ତାପମାତ୍ରା ରହିଛି। ସେହିପରି ଫୁଲବାଣୀରେ ୧୫.୨, ଅନୁଗୁଳ ୧୬, କୋରାପୁଟ ଓ ଭବାନୀପାଟଣାରେ ତାପମାତ୍ରା ୧୬.୫ ଡିଗ୍ରୀ ଲେଖାଏଁ ତାପମାତ୍ରା ରେକର୍ଡ କରାଯାଇଛି।

## ୧୧ କୁକୀ...

ଏନ୍‌କାଉଣ୍ଟର ପରେ ସଂପୃକ୍ତ ଅଞ୍ଚଳରେ ଶାନ୍ତି ଭଙ୍ଗ ହେବାର ଆଶଙ୍କା ଥିବାରୁ କଟକଣା ଜାରି କରାଯାଇଥିବା ସରକାର କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ବର୍ଷ ମଇ ମାସରୁ ବିଜେପି ଶାସନାଧୀନ ମଣିପୁର ଅଶାନ୍ତ ହୋଇପଡ଼ିଛି। ରାଜ୍ୟରେ ମଇତି ଓ କୁକୀ ସଂପ୍ରଦାୟ ମଧ୍ୟରେ ଭୟଙ୍କର ହିଂସାକାଣ୍ଡ ଘଟିବାରେ ଲାଗିଛି। ଏହି ହିଂସାକାଣ୍ଡରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। ହଜାର ହଜାର ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ହିଂସାକାଣ୍ଡ ଦମନରେ ରାଜ୍ୟ ସରକାର ଓ ସୁରକ୍ଷା ବାହନୀ ଏକତରଫା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଅନେକ ସଂଗଠନ ଅଭିଯୋଗ କରିଛନ୍ତି।

## ଓଡ଼ିଶାର ଶସ୍ୟ...

ରହିଛି। ଆଗକୁ କୃଷି କ୍ଷେତ୍ରର ବିକାଶ ପାଇଁ ଓଡ଼ିଶା ପାଖରେ ପ୍ରଚୁର ସମ୍ଭାବନା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। କୃଷି କ୍ଷେତ୍ରରେ ଆଖିଦୃଶିଆ ଅଭିବୃଦ୍ଧି ପାଇଁ ଅତୀତରେ କେନ୍ଦ୍ର ସରକାର ଓଡ଼ିଶାକୁ ୫ଥର କୃଷି କର୍ମଣ ପୁରସ୍କାର ପାଇଛନ୍ତି। ଏବେ ନୀତି ଆୟୋଗର ଏପରି ପ୍ରଶଂସା ବିଦାୟୀ ବିଜେଡି ସରକାରର କୃଷି କ୍ଷେତ୍ର ପାଇଁ ନିଆଯାଇଥିବା ବ୍ୟାପକ ପଦକ୍ଷେପକୁ ମୋହର ମାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

ରାଜ୍ୟରେ କୃଷକ ଓ କୃଷି କ୍ଷେତ୍ରରେ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକ ନିଷ୍ପତ୍ତି ନେଇଥିଲେ। ଚାଷ ଓ ଚାଷୀଙ୍କୁ ସର୍ବାଧିକ ଗୁରୁତ୍ୱ ଦେଇ ନବୀନ ସ୍ୱତନ୍ତ୍ର କୃଷି ବଜେଟ୍ ଆଣିବା ସହ କାଳିଆ, ବଳରାମ ପରି ଯୋଜନା ପ୍ରଣୟନ କରିଥିଲେ। ଯାହା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ମଜବୁତ କରିଥିବା ବେଳେ ଅଧିକରୁ ଅଧିକ ଚାଷ ପାଇଁ ସେମାନଙ୍କୁ ପ୍ରେରିତ କରିଥିଲା। ଖାଲି ଏତିକି ନୁହେଁ, ଚାଷୀଙ୍କୁ ବିନା ସୁଧରେ ଋଣ, ବିଦ୍ୟୁତ୍‌ଠାରୁ ଆରମ୍ଭ କରି ବିହନ ପ୍ରଦାନ ପର୍ଯ୍ୟନ୍ତ ଏକାଧିକ ରିଆତିର ବ୍ୟବସ୍ଥା, ଚାଷୀଙ୍କ ପାଇଁ ଉତ୍ତମ ବଜାର ବ୍ୟବସ୍ଥା ପରି ଉଲ୍ଲେଖନୀୟ ପଦକ୍ଷେପ ନେଇଥିଲେ ନବୀନ। ସେହିପରି ଜଳସେଚନକୁ ବଳ ଦେବାକୁ ଯାଇ ଏକାଧିକ ବୃହତ୍, ମଧ୍ୟ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରି ଲକ୍ଷ ଲକ୍ଷ ହେକ୍ଟର ଚାଷଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରିଥିଲେ। ଯାହାର ସୁଫଳ ଭାବେ ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଓଡ଼ିଶା ବିଗତ ୧୦ ବର୍ଷରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି ବୋଲି କୃଷି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ମୋଟାମୋଟି ଭାବେ କହିବାକୁ ଗଲେ, କୃଷି ଅଭିବୃଦ୍ଧିରେ ଓଡ଼ିଶା ଦେଶଠୁ ଆଗରେ ରହିବା ପୂର୍ବ ସରକାରଙ୍କ ସଫଳତାକୁ ପ୍ରତିପାଦନ କରୁଛି। ବିଦାୟୀ ସରକାରଙ୍କ ପରି ବର୍ତ୍ତମାନର ସରକାରଙ୍କୁ ସମାନ ଭାବେ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଦୂରଦର୍ଶୀ, ଦୀର୍ଘମିଆଦୀ ସୂତ୍ରରୁ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଛନ୍ତି କୃଷି ବିଶେଷଜ୍ଞ।

## ଓଡ଼ିଶାକୁ ବଇରି...

ପ୍ରାଣ ମଧ୍ୟ ଯାଉଛି। କେବଳ ଧାନ ଫସଲ ନୁହେଁ;ଅନେକ ସ୍ଥାନରେ ରବି ଫସଲ ମଧ୍ୟ ହାତୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଫସଲ କ୍ଷେତ୍ରରେ ହାତୀ ୧୦ ପ୍ରତିଶତ ଶସ୍ୟ ଖାଉଥିବା ବେଳେ ଦଳାଚକଟି ୯୦% ଫସଲ ନଷ୍ଟ କରୁଛନ୍ତି । ଏହାସହିତ ଅନେକ ସ୍ଥାନରେ ହାତୀପଲ ଘରଦ୍ୱାର ବି ଭାଙ୍ଗୁଥିବା ନଜରକୁ ଆସୁଛି। ପ୍ରତି ବର୍ଷ ଏହି ସମୟ ଆସିଲେ ହାତୀଙ୍କ ଉପଦ୍ରବ ବଢୁଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ପ୍ରତିକାର ହୋଇପାରୁ ନାହିଁ। ରାଜ୍ୟରେ ହାତୀଙ୍କ ସୁରକ୍ଷା ଓ ହାତୀଙ୍କ ଦାଉରୁ ଧନଜୀବନ ସୁରକ୍ଷା ପାଇଁ ଗଜବନ୍ଧୁ, ଗଜସାଥୀ ଭଳି ଯୋଜନା ରହିଛି। ଏଥିରେ ସ୍ଥାନୀୟ ଯୁବକମାନଙ୍କୁ ଯୋଡ଼ି ହାତୀ ଓ ଧନଜୀବନ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ହେଲେ ଫସଲ ଅମଳ ସମୟରେ ଏସବୁର ନିଷ୍ଫଳ ରହୁଥିବା ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ'ର ଟ୍ରଷ୍ଟି ଜିତଶତ୍ରୁ ମହାନ୍ତି କହିଛନ୍ତି ଯେ ଏହି ସମୟରେ ମୁଖ୍ୟତଃ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ଅଧିକ ହାତୀ ଆସୁଛନ୍ତି। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ଲୋକେ ହାତୀଙ୍କୁ ନିଆଁହୁଳା ଦେଖାଇବା ସହ ହାତୀଙ୍କ ଉପରକୁ ଫିଙ୍ଗୁଥିବାରୁ ସେମାନେ ଓଡ଼ିଶା ମୁହାଁ ହେଉଛନ୍ତି। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ନେଇ ପୂର୍ବ-କେନ୍ଦ୍ରୀୟ ଲ୍ୟାଣ୍ଡସ୍କେପ୍ ଗଠନ କରାଯାଇଛି। ଏହି ୩ ଟି ରାଜ୍ୟରେ ହାତୀମାନେ ବିଭିନ୍ନ ଅଞ୍ଚଳକୁ ଚଳପ୍ରଚଳ କରିଥାନ୍ତି। ତେବେ ଫସଲ ନଷ୍ଟ ହେବା ଏକ ଚିନ୍ତାର ବିଷୟ। ଏଥିପାଇଁ ହାତୀଙ୍କ ଯୋଗୁଁ ଜଙ୍ଗଲ ଭିତରେ ପ୍ରଚୁର ପରିମାଣରେ ଖାଦ୍ୟ ଉପଲବ୍ଧ କରାଇବା ଉଚିତ। ଜଙ୍ଗଲରେ ସଠିକ୍ ଖାଦ୍ୟ ରହିଲେ ହାତୀମାନେ ବିଭିନ୍ନ ରାଜ୍ୟକୁ ଚଳପ୍ରଚଳ ହେଲେ ମଧ୍ୟ ସେମାନେ ଜଙ୍ଗଲ ଭିତରେ ରହିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ସେହିପରି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି ଯେ ହାତୀଙ୍କ ଚଳପ୍ରଚଳରେ କୌଣସି ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ। ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ହାତୀ ଆସିଥାନ୍ତି, ଓଡ଼ିଶାରେ ରହୁଥିବା ହାତୀମାନେ ମଧ୍ୟ ଅନ୍ୟ ରାଜ୍ୟକୁ ଯାଇଥାନ୍ତି। ତେଣୁ ଲୋକେ ସତର୍କତା ଅବଲମ୍ବନ କରିବା ଉଚିତ ବୋଲି ଶ୍ରୀ ନନ୍ଦ କହିଛନ୍ତି।

## ଥରିଲା ଇନ୍‌ଫୋସିଟି...

ଦୁଇ ମହଲା ଘରେ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଘର ଛାତ,କାନ୍ଥ ଉଡ଼ିଯାଇଛି। ପଡୋଶୀ ଘରର ଝରକା କାଚ, କବାଟ ଭାଙ୍ଗି ଯାଇଥିବା ବେଳେ ଆଉ ଆକାର କାନ୍ଥରୁ ସିମେଣ୍ଟ ଛାଡ଼ି ଯାଇଛି। ଏହି କାରଖାନା ନିକଟରେ ରହୁଥିବା ଜଣେ ପଡୋଶୀଙ୍କ ଏସିରେ ଏହି ବାଣ ନିଆଁ ପଡିବାରୁ କମ୍ପ୍ରେସର ଫାଟିଥିଲା। ହେଲେ ପରିବାରଟି ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏସି ଥିବା କୋଠରୀରେ ଖେଳୁଥିବା ଶିଶୁକୁ ତା'ର ମା' କୋଳେ ନେଇ ଘର କୋଣରେ ବସି ପଡ଼ିଥିବାରୁ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ବିସ୍ଫୋରଣର ଭୟଙ୍କର ଶବ୍ଦ ସ୍ଥାନୀୟ ଲୋକଙ୍କୁ ଭୀତତ୍ରସ୍ତ କରି ଦେଇଛି। ଖବର ପାଇ ପ୍ରଥମେ ଚନ୍ଦ୍ରଶେଖରପୁର ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଗାଡି ଆସିଥିଲା। ସେମାନେ ନିଆଁକୁ ଆୟତ୍ତ କରିବାକୁ ନାକେଦମ ହୋଇପଡ଼ିଥିଲେ। ପୁଣି କଳ୍ପନାରୁ ୨ଟି ଗାଡି, ତମାଣ୍ଡୋ ଅଗ୍ନିଶମ କେନ୍ଦ୍ରରୁ ଦୁଇଟି ଗାଡି ଆସି ନିଆଁ ଲିଭାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ପରେ ନିଆକୁ ଆୟତ୍ତ କରିଥିଲା ଅଗ୍ନିଶମ ବାହିନୀ। ଅଗ୍ନିଶମ ବାହିନୀର ୪ଟି ୟୁନିଟ୍ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ନିଆଁ ଲିଭିଯିବା ପରେ ଅଗ୍ନିଶମ ବିଭାଗ ଉକ୍ତ ଘରକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଉକ୍ତ ଘରୁ ବିପୁଳ ପରିମାଣର ବାଣ, ବାଣ ତିଆରି ସାମଗ୍ରୀ, କଞ୍ଚାମାଲ ଜବତ ହୋଇଛି। ହଷ୍ଟେଲରେ ରହୁଥିବା ଯୁବତୀମାନେ ସକାଳୁ ଅଫିସ୍ ପଳାଇ ଯାଇଥିଲେ। ଯାହାଫଳରେ କାହାର ଜୀବନ ହାନି ହୋଇନି। ଜଣେ ଯୁବତୀ ଘରେ ଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରେ ସେ ଆହତ ହୋଇ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବିସ୍ଫୋରଣ ପରେ ଘର ମାଲିକ ବିଘ୍ନରାଜ ପଟ୍ଟନାୟକ ଫେରାର ହୋଇ ଯାଇଛନ୍ତି। ଏନେଇ ଇନ୍‌ଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁସାରେ ବିଘ୍ନରାଜ ଉକ୍ତ ଦୁଇ ତାଲା ଘରରେ ତଳ ମହମଲାରେ ଲେଡିସ ହଷ୍ଟଲ କରିଥିବା ବେଳେ ଉପରେ ସେ ବାଣ କାରଖାନା କରିଥିଲେ। ପାଖାପାଖି ୫୦ ଲକ୍ଷର ବାଣ ସେ ଉପର ମହଲାରେ ରଖାଯାଇଥିଲା। ଆଜି ସକାଳ ୧୦ଟା ସମୟରେ ହଷ୍ଟେଲରେ ରହୁଥିବା ସମସ୍ତ ଯୁବତୀ ଅଫିସ୍ ପଳାଇ ଯାଇଥିବା ବେଳେ ଜଣେ ଯୁବତୀ ରହିଥିଲେ। ସକାଳ ଅପରାହ୍ନ ୪ଟାରେ ପ୍ରଥମେ ଏକ ବିସ୍ଫୋରଣ ହୋଇଥିଲା। ପରେ ଏକା ସାଙ୍ଗରେ ଅନେକ ବିସ୍ଫୋରଣ ହୋଇଥିଲା। ଯୁବତୀ ଜଣଙ୍କ ତଳ ମହଲାରୁ ବାହାରି ପାରିନଥିଲେ। ଅଗ୍ନିଶମ ବାହିନୀ ସୁରକ୍ଷା କବଚ ପିନ୍ଧି ତାଙ୍କୁ ଉଦ୍ଧାର କରିଥିଲେ। ବିଦ୍ୟୁତ୍ ସଟ୍‌ସର୍କିଟ ପାଇଁ ଯୋଗୁଁ ଏହି ଘଟଣା ଘଟିଥିବା ପୁଲିସ ସନ୍ଦେହ କରୁଛି।

### ସରକାରୀ ପ୍ରୋତ୍ସାହନର ଅଭାବ

# ଦୁର୍ଦ୍ଦିନରେ ପାରମ୍ପରିକ କଳା ମାଟିପାତ୍ର କାରିଗର



ଜଗତସିଂହପୁର,୧୧।୧୧(ସମିସ): ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ କଳା ମାଟିପାତ୍ରର ଚାହିଦା ତଥା ପରମ୍ପରା ଶହ ଶହ ବର୍ଷ ତଳୁ ରହିଆସିଛି। ଜଗତ୍ସିଂହପୁର ଜିଲ୍ଲାରେ ପ୍ରାୟ ୧୨ ହଜାର କଳା ମାଟିପାତ୍ରର କାରିଗର ରହିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ବୃତ୍ତିକୁ ବଞ୍ଚାଇବାକୁ ଏମାନେ ସଂଘର୍ଷ ଜାରି ରଖିଛନ୍ତି। ଏହି କୁମ୍ଭକାରମାନଙ୍କୁ ସରକାରୀ ସ୍ତରରେ କୌଣସି ପ୍ରୋତ୍ସାହନ ମିଳୁନଥିବାରୁ ବଧ ହୋଇ ଅନେକ ହସ୍ତଶିଳ୍ପ କାରୀଗର ବୃତ୍ତି ଛାଡୁଛନ୍ତି। ସେହିପରି ବୃତ୍ତିରେ ଥିବା ବହୁ କାରିଗର ଦୁର୍ଦ୍ଦିନରେ ଜୀବନ ଅତିବାହିତ କରୁଥିବା ଦେଖିବାକୁ ମିଳିଛି। ଜଗତସିଂହପୁର ସହରସ୍ଥ ସ୍ଥାନୀୟ ହାଟ ବଜାରରେ ବସି ମାଟିପାତ୍ର ବିକ୍ରି କରୁଥିବା ଯଶୋବନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରସଲପୁର ଗ୍ରାମର ଲଳିତା ରଣା (୬୫)ଙ୍କୁ ଏସମ୍ପର୍କରେ ପଚାରିବାରୁ ସରକାରୀ ଭାବରେ ଆମକୁ କେବେ ଏଥିପାଇଁ କୌଣସି ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ମିଳିନଥିବା ସେ ପ୍ରକାଶ କରିଛନ୍ତି। ଏଥିରୁ ଅଧିକ ରୋଜଗାର ହେଉନଥିଲେ ମଧ୍ୟ ବିକଳ୍ପ ରୋଜଗାର ନଥିବାରୁ ବାଧ ହୋଇ ଆଜି ପର୍ଯ୍ୟନ୍ତ ଏହି କୌଳିକ ବୃତ୍ତିରେ ରହିଛୁ ବୋଲି ସେ କହିଛନ୍ତି।

ଜଗତ୍ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ କଣ୍ଟାବହ୍ଲଭପୁରର ପୋଡ଼ାମାଟିର କାରିଗର ନରେଶ ଚନ୍ଦ୍ର ବେହେରା (୬୮) କହନ୍ତି, ଶହ ଶହ ବର୍ଷ ଧରି ଜଗତ୍ସିଂହପୁର ଜିଲ୍ଲାରେ ପ୍ରତି ପରିବାରର ରନ୍ଧନ, ଦେବନୀତି, ପୂଜା ପାର୍ବଣ ଓ ସାଂସ୍କୃତିକ କାର୍ଯ୍ୟପାଇଁ ପାରମ୍ପରିକ କଳା ମାଟିପାତ୍ରର ଚାହିଦା ରହିଆସିଛି। ନାଲି ମାଟିପାତ୍ର ଅପେକ୍ଷା କଳାମାଟି ପାତ୍ର ପ୍ରସ୍ତୁତିରେ ଅଧିକ ଜାଳେଣି ଲାଗିବା ସହିତ ଏଗୁଡିକ ନାଲି ମାଟିପାତ୍ର ଠାରୁ ଅପେକ୍ଷାକୃତ ଅଧିକ ଟାଣ। ଭଲ ପୋଡ଼ ପାଉଥିବାରୁ ହାଲୁକା, ପ୍ରଦୂଷଣ ମୁକ୍ତ, ସୁରକ୍ଷିତ, ସ୍ୱାସ୍ଥ୍ୟପ୍ରଦ ବୋଲି ଲୋକଙ୍କ ଦ୍ୱାରା ଗ୍ରହଣୀୟ ହୋଇଛି। ସ୍ଥାନୀୟ କୁମ୍ଭକାର ମାନଙ୍କ ଦ୍ୱାରା ରୋଷେଇ ପାଇଁ ବିଭିନ୍ନ ଆକାରର ମାଟି ହାଣ୍ଡି, ମାଠିଆ, ଠେକି, ଆଟିକା, ବେହେରୀ, ପଲମ, ସରା, ନଦିଆ, ସୁରେଇ, କଳସୀ, ଘୁମ, ଦୀପ, ଧୂପଦାନୀ, ଫୁଲକୁଣ୍ଡ, ମାଟିର ଚଡ଼ଁରା, କୁମ୍ପି, ପିଲାଙ୍କ ମାଟିର ଖେଳନା ତିଆରି ହୋଇଆସୁଛି। ପରବର୍ତ୍ତୀ ସମୟରେ ଆଲୁମିନିୟମ ଓ ଷ୍ଟିଲ ସାମଗ୍ରୀର



ଚାହିଦା ବଢିବାରୁ ମାଟିପାତ୍ରର ଚାହିଦା କିଛିଟା କମିଥିଲେ ମଧ୍ୟ ଏବେ ବି ମାଟିପତ୍ର ସଂପୂର୍ଣ୍ଣର୍ ଚାହିଦା ହରାଇନଥିବା ସେ କହିଛନ୍ତି। ତେବେ ସରକାର ଟେରାକୋଟା ଉପରେ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଏହି ପାରମ୍ପରିକ କଳା ମାଟିତିଆରି ସାମଗ୍ରୀ ପ୍ରତି ଦେଇଥିଲେ, ହଜାର ହଜାର କୌଳିକ ବୃତ୍ତିଧାରୀ ଉପକୃତ ହୋଇ ପାରିଥାନ୍ତେ ବୋଲି ସେ ପ୍ରକାଶ କରିଛନ୍ତି।

ଉନ୍ନତ କଳାମାଟି ପାତ୍ର ପ୍ରସ୍ତୁତି ପାଇଁ ସରକାରୀ ସ୍ତରରେ କୌଣସି ତାଲିମ ତଥା ଗବେଷଣା କାର୍ଯ୍ୟକ୍ରମ ନଥିବା କଥା କଣ୍ଟା ବଲ୍ଲଭପୁରର ମାଟିପାତ୍ର କାରିଗର ସୌଭାଗ୍ୟ ରଂଜନ ବେହେରା (୪୦) କହିଛନ୍ତି। ଜିଲ୍ଲାରେ ପାରମ୍ପରିକ ମାଟିପାତ୍ରର ଚାହିଦା ଥିବାବେଳେ ଉପଯୁକ୍ତ ତାଲିମ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ହଜାର ହଜାର କାରିଗର ରୋଜଗାର ହରାଇ ପେଟ ଚିନ୍ତାରେ ରହିଛନ୍ତି। ତେବେ ଅଳ୍ପ ସଂଖ୍ୟକ କୁମ୍ଭକାର ମହିଳାଙ୍କୁ ଓଡ଼ିଶା ସରକାରଙ୍କ ହସ୍ତଶିଳ୍ପ ତାଲିମ କେନ୍ଦ୍ର ପକ୍ଷରୁ ଟେରାକୋଟା ଟ୍ରେନିଂ ପ୍ରଦାନ କରାଯାଇଛି। ସେମାନେ ମାଟିରେ ବିଭିନ୍ନ ସୌଖୀନ ମୂର୍ତ୍ତୀ ଓ ଘର ସଜାଇବା ସାମଗ୍ରୀ ଗଢିଏହାକୁ ଟେରାକୋଟା ଭାଟିରେ ପୋଡ଼ିବା ପରେ ଏହା ଉପରେ ବିଭିନ୍ନ ରଙ୍ଗ ଦେଇ ଆକର୍ଷଣୀୟ କରିବା ସହ ଏଗୁଡ଼ିକୁ ସରକାରଙ୍କ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳା, ବାଲିଯାତ୍ରା, ମୃତ୍ତିକା ପ୍ରଦର୍ଶନୀରେ ବିକ୍ରି କରୁଛନ୍ତି। ତେବେ ଜିଲ୍ଲାର ପାରମ୍ପରିକ ମାଟିପାତ୍ର ଗଢୁଥିବା ସଂଖ୍ୟାଧିକ କୁମ୍ଭକାର ସରକାରୀ ସହାୟତା ବିନା ରୋଜଗାର ହରାଇ ଦୁଃଖ କଷ୍ଟରେ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ସ୍ଥାନୀୟ କୁମ୍ଭକାରମାନଙ୍କ ପାଇଁ ଏହି ବୃତ୍ତିରେ ଅନେକ ସମସ୍ୟା ଦେଖାଦେଇଛି। ମାଟିପାତ୍ର ପାଇଁ ମୁଖ୍ୟ କଞ୍ଚାମାଲ ମାଟି ସଂଗ୍ରହ କରିବା କଷ୍ଟକର ହୋଇପଡିଛି। ବିଲର ଦୁଇଫୁଟ ତଳୁ କିମ୍ବା ନଦୀ ଉପତ୍ୟାକାରୁ ମାଟି ସଂଗ୍ରହ କରାଯାଉଥିବା ବେଳେ ଇଟା ମାଫିଆମାନେ ବେଆଇନ ନାଲି ଇଟାର ପ୍ରସ୍ତୁତି ପାଇଁ ଏହି ମାଟି ଖୋଳି ନେଉଥିବାରୁ ଜିଲ୍ଲାରେ ମାଟିପାତ୍ର ପାଇଁ ଉପଯୁକ୍ତ ମାଟି ମିଳିବା ବିଶେଷ କଷ୍ଟକର ହେଉଛି। ସେହିପରି ଏହି ମାଟିରେ ନଦୀର ବାଲି ମିଶାଇ ଏହାକୁ ଚକଟାଯିବା ସହ ସେଥିରୁ ବିଭିନ୍ନ ସାମଗ୍ରୀ ତିଆରି କରାଯାଇଥାଏ। ବାଲି ସୈରାତରୁ ଆବଶ୍ୟକ ବାଲି କିଣା ଏବେ ବିଶେଷ ମହଙ୍ଗା ହେଉଥିବାରୁ ଏହି ବୃତ୍ତିରେ ବିଶେଷ ଲାଭ ହେଉନଥିବା ଅନେକ କୁମ୍ଭକାର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମାଟିର ଦରବୃଦ୍ଧି, ବାଲି ଓ ମାଟି ପରିବହନ ଖର୍ଚ୍ଚ ବୃଦ୍ଧି ଏବଂ ମାଟି ସାମଗ୍ରୀ ପୋଡ଼ିବାକୁ ଆବଶ୍ୟକ ଜାଳେଣି କାଠର ଦର ବୃଦ୍ଧି ପାଇଁ ଲାଭ ହ୍ରାସ ପାଉଛି। ଏଥିପାଇଁ ବହୁ କାରିଗର ଏହି ବୃତ୍ତି ଛାଡୁଥିବା ବେଳେ ସରକାରୀ ସ୍ତରରେ ବୃତ୍ତିକୁ ବଞ୍ଚାଇବାକୁ କୌଣସି ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି।

ସରକାରଙ୍କ ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୫୧ଟି ବିଶେଷ ହାତତିଆରି ସାମଗ୍ରୀକୁ ହସ୍ତଶିଳ୍ପ ମାନ୍ୟତା ମିଳିବା ସହିତ ଏହାର ଉନ୍ନତି ପାଇଁ ତାଲିମ ଓ ପ୍ରୋତ୍ସାହନର ବ୍ୟବସ୍ଥା କରାଯାଇଛି। ଏଥିରେ ଟେରାକୋଟା ମାଟି ଶିଳ୍ପ ତଥା ପାତ୍ରକୁ ହସ୍ତଶିଳ୍ପର ମାନ୍ୟତା ମିଳିଥିବାବେଳେ କଳା ମାଟିପାତ୍ରର ପାରମ୍ପରିକ କାରିଗରମାନଙ୍କୁ ଉପେକ୍ଷା କରାଯାଉଛି। କଳାମାଟିପାତ୍ର କାରିଗରମାନଙ୍କୁ ସରକାର ସୁ ନଜରରରେ ଦେଖିବା ସହିତ ସେମାନଙ୍କୁ ଉପଯୁକ୍ତ ତାଲିମ, ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଓ ପ୍ରୋତ୍ସାହନ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

---

### ପ୍ରେମରୁ ତୁଟିଗଲା ଭରସା

## ବିବାହର ତିନିମାସ ପରେ ଆତ୍ମହତ୍ୟା କଲା ସୀମା

ଜଗତସିଂହପୁର/ବାଲିକୁଦା, ୧୧।୧୧(ସମିସ ): ଦିନେ ପ୍ରେମ ପାଇଁ ସମସ୍ତଙ୍କୁ ପରକରି ଅନେକ ଆଶା ଓ ବିଶ୍ୱାସରେ ପ୍ରେମିକର ହାତଧରି ଘରୁ ପଳାୟନ କରିଥିଲା ବାଲିକୁଦା ଇଛାପୁର ଗାଁର ସୀମା ବେହେରା । ତେବେ ବିବାହର ମାତ୍ର ତିନିମାସ ପରେ ସୀମାର ମୃତ୍ୟୁ ଖବର ଗ୍ରାମବାସୀ ଓ ଚିହ୍ନା ଜଣାଙ୍କୁ ଦୁଃଖିତ କରିଛି। ବନ୍ଦର ସାମୁଦ୍ରିକ ଥାନା ଅଧୀନ ଫୁଲୁପାଟଣା ଗ୍ରାମର କ୍ଷୀରୋଦ ବେହେରାଙ୍କ ପୁଅ ପ୍ରପେଶ ବେହେରା (୨୨) ସେହି ଥାନା ଅଧୀନ ଇଛାପୁର ଗ୍ରାମର ରୋହିତ ବେହେରାଙ୍କ ଝିଅ ସୀମା ବେହେରା (୨୧) ଙ୍କୁ ଭଲ ପାଉଥିଲେ। ଗତ ଜୁଲାଇ ମାସ ୨୪ ତାରିଖରେ ଉଭୟ ଘରୁ ଲୁଚି ପଳାଇ ଯାଇ ବିବାହ କରିଥିଲେ। ପ୍ରପେଶ ଭୁବନେଶ୍ୱର କେଶୁରା ଛକ ଠାରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ବିବାହ ପରେ ଉଭୟ ଭୁବନେଶ୍ୱରରେ ଭଡା ଘର ନେଇ ରହୁଥିଲେ। ତେବେ ବିବାହ ପରେ ସୀମା ମଧ୍ୟ ଏକ ପାର୍ଲରରେ କାର୍ଯ୍ୟ କରୁଥିଲେ। ତେବେ ବିବାହ ପରେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା।



ଫାଇଲ୍‌ଫଟୋ

ଏପରିକି ବିଭିନ୍ନ ଘଟଣାକୁ ନେଇ ପ୍ରପେଶ ସୀମାକୁ ମାଡ଼ ମାରୁଥିବା ନେଇ ସୀମାଙ୍କ ପରିବାର ଠାରୁ ସୂଚନା ମିଳିଛି। ଏପରିକି ଗତ କିଛି ଦିନ ତଳେ ସୀମା କାର୍ଯ୍ୟ କରୁଥିବା ପାର୍ଲରକୁ ଯାଇ ପ୍ରଫେସ ଗାଳି ଗୁଲଜ କରିଥିଲା । ଯାହାର କାରଣ ସୀମା କାର୍ଯ୍ୟ ବ୍ୟସ୍ତତା ଯୋଗୁ ତାର ଫୋନ ରିସିଭ କରିପାରି ନଥିଲା। ସେହିପରି ଚରିତ୍ର ସନ୍ଦେହକୁ ନେଇ ମଧ ଉଭୟଙ୍କ ମଧ୍ୟରେ କଳହ ତୀବ୍ର ହୋଇଥିଲା। କୀଟନାଶକ ପିଇବା ପରେ ତାକୁ ଚିକିତ୍ସା ପାଇଁ ହାଇଟେକ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ଏନେଇ ମେଡିକାଲ କର୍ତ୍ତୃପକ୍ଷ ସ୍ଥାନୀୟ ଥାନାକୁ ଜଣାଇବା ପରେ ସୀମାର ପରିବାର ଲୋକଙ୍କୁ ପୁଲିସ ସୂଚନା ଦେଇଥିଲା। ସୀମାର ବାପା ସେଠାରେ ପହଞ୍ଚିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାପଡିଛି।

## ଜାତୀୟ ଶିକ୍ଷାଦିବସ ପାଳିତ

ଜଗତସିଂହପୁର,୧୧।୧୧(ସମିସ): ସ୍ଥାନୀୟ ପୁରୁଣାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କଲାମ ଆଜାଦଙ୍କ ୧୩୬ତମ ଜୟନ୍ତୀ ଓ ଜାତୀୟ ଶିକ୍ଷାଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରି କହିଲେ ଯେ,ଭାରତ ସରକାରଙ୍କ ଘୋଷାଣାକ୍ରମେ ୨୦୦୮ ମସିହାରୁ ଆଜାଦଙ୍କ ସମ୍ମାନାର୍ଥେ ନଭେମ୍ବର ୧୧ ତାରିଖକୁ ଜାତୀୟ ଶିକ୍ଷାଦିବସ ରୂପେ ପାଳନ କରାଯାଇ ଆସୁଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ସତ୍ୟବାଦୀ ଦାସ ଓ ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ ଆଜାଦ୍ ଏକାଧାରରେ ଜଣେ ପ୍ରବୀଣ ଶିକ୍ଷାବିତ୍, ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ଓ ଭାରତୀୟ ଜାତୀୟ କଂଗ୍ରେସର ଜଣେ ଆଗଧାଡିର ନେତା ଥିଲେ ବୋଲି କହିଥିଲେ। ଏଥିସହିତ ଆମଦେଶର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ମଧ୍ୟ କରାଯାଇଥିଲା। ଶେଷରେ ବ୍ରହ୍ମାନନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

---

### ■ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

## 'ବରିଷ୍ଠ ନାଗରିକ ସମାଜର ବୋଝ ନୁହଁନ୍ତି, ଶ୍ରେଷ୍ଠ ସମ୍ପଦ'

କୁଜଙ୍ଗ,୧୧।୧୧ (ସମିସ): ବରିଷ୍ଠ ମାନଙ୍କ ଦୀର୍ଘ ଅନୁଭବ, ପ୍ରୟୋଗାତ୍ମ ବୁଦ୍ଧି ତଥା ପ୍ରଜ୍ଞାକୁ ଯୁବବର୍ଗ ଉପଯୋଗ କଲେ ସେମାନେ ସମୃଦ୍ଧ ହେବା ସହ ସମାଜରେ ଶାନ୍ତି, ସମୃଦ୍ଧି ପ୍ରତିଷ୍ଠା ହୋଇ ପାରିବ ବୋଲି କୁଜଙ୍ଗ ବ୍ଲକ ବାଲିକଣୀ ସ୍ଥିତ ଅବସରପ୍ରାକ୍ତ କର୍ମଚାରୀ ସଂଘର ତ୍ରୟୋଦଶ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ବାଲିକଣୀ କପିଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ସନ୍ତୋଷ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଜ୍ୟୋତିର୍ବିଦ୍ ଡ. ଅରୁଣ କୁମାର ପାଣି ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ବାଲିକଣଇ ସମିତି ସଭ୍ୟ ନଟବର ରାଉତ, ସରପଞ୍ଚଙ୍କ ପ୍ରତିନିଧି ପ୍ରଜ୍ଞାନନ୍ଦ ପଟ୍ଟନାୟକ, ତ୍ରୈଲୋକ୍ୟ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମ୍ପାଦକ ରବୀନ୍ଦ୍ର ମହାପାତ୍ର, ଈଶ୍ୱର ଚନ୍ଦ୍ର ପାଣି ପ୍ରମୁଖ ସଂଘର କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ସଚ୍ଚିକାନ୍ତ ମହାପାତ୍ର ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ମଦନ ମୋହନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା, ସାଇ ପ୍ରଜ୍ଞା ପଟ୍ଟନାୟକ ଓ ସଂଦୀପ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ କୁମାର ପାଣୀ ପ୍ରାରମ୍ଭରେ ଗୀତା ପାଠ କରିଥିଲେ। ସଂଘର ସଦସ୍ୟ ମୋହିନୀ ମୋହନ ପଲାଇ, ସନ୍ତୋଷ ପରିଡ଼ା, ନୃସିଂହ ପ୍ରସାଦ ଦାସ, ପ୍ରଦୀପ ସାମନ୍ତରାୟ, ନୃସିଂହ ଚରଣ ପାଣି, ଗୌର ପ୍ରସାଦ ରାଉତରାୟ, ବାବାଜୀ ସେଠୀ, ଇଚ୍ଛାମଣି ସାମନ୍ତରାୟ, ବିଜୟ ରାଉତ, ଗଣେଶ ମହାନ୍ତି, ନିତାଇ ରାଉତରାୟ, ଟୀକନ ରାଉତରାୟ ଓ ନାରାୟଣ ପ୍ରସାଦ ରାଉତ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

### ● ଗୌରବ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

## ସାରଳା ଦାସ ଓ ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

ଆଳି,୧୧।୧୧(ସମିସ): ଆଳି ବ୍ଲକ ଠାକୁରସାହିସ୍ଥିତ ଗୌରବ ଭବନ ପରିସରରେ ଗୌରବ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟିର ମହାକବି ଶୂଦ୍ରମୁନି ସାରଳା ଦାସ ଓ ଶ୍ରୀମଦ୍ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଆଦି ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୌରବ ସାହିତ୍ୟ ସଂସଦର ସଭାପତି ଡାକ୍ତର ନାରାୟଣ ମହାକୁଳଙ୍କ ଅଧ୍ୟକ୍ଷତା ଓ ଆଳି ସାହିତ୍ୟିକ ସୁଶାନ୍ତ କୁମାର ନାୟକଙ୍କ ସଂଚାଳନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଦାଶ ବେନହୁର ମୁଖ୍ୟବକ୍ତା, ବିଶିଷ୍ଟ ସାହିତ୍ୟିକ ତଥା ଭାଷାବିତ୍ ନଟବର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପ୍ରାବନ୍ଧିକ ଓ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ,ସ୍ତମ୍ଭକାର ଅଭିରାମ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଶ୍ରୀରାମ ଦାଶ ଯୋଗଦେଇ ଜଗନ୍ନାଥ ଦାସ, ସାରଳା ଦାସଙ୍କ କୃତିରାଜି ଓ ଓଡ଼ିଆ ଭାଷା, ସାହିତ୍ୟ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଗୌରବ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟିକ ନଟବର ଶତପଥୀ, ବାବାଜୀ ଚରଣ ପଟ୍ଟନାୟକ ଓ ତୁଳସୀ ଓଝାଙ୍କୁ ଗୌରବ ସୃଜନ ସମ୍ମାନରେ ସମ୍ମାନିତ କରାଯିବା ସହିତ ଭାଗବତ ପ୍ରଚାରକ ବଟକୃଷ୍ଣ ରାଉତ, ଯୁବ ଉଦ୍ୟୋଗୀ ସତ୍ୟବ୍ରତ ଶତପଥି ଓ ମୂର୍ତ୍ତିଶିଳ୍ପୀ ସୁନୀଲ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ପତ୍ରିକା "ଗୌରବ" ଓ ସଙ୍କର୍ଷଣ ଦାସଙ୍କ ରଚିତ "ଶିଶୁଏ ହସିଲେ ଜଗତ ହସିବ"ପୁସ୍ତକକୁ ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ଉନ୍ମୋଚନ କରି ଲୋକାର୍ପଣ କରିଥିଲେ। ସମାରୋହରେ ସଂସଦର ସଂପାଦକ ସଙ୍କର୍ଷଣ ଦାଶ ବିବରଣୀ ପାଠ, କବି ଶତ୍ରୁଘ୍ନ ପାଣ୍ଡବ ଅତିଥି ପରିଚୟ, କଥାକାର ପରେଶ ପଟ୍ଟନାୟକ ପତ୍ରିକାର ସମ୍ପାଦନା ଅନୁଭୂତି ଓ ସଂସଦ ପକ୍ଷରୁ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିବାଧିତଙ୍କ ଗୀତରେ ଝୁମିଲେ ଦର୍ଶକ

ପଟ୍ଟାମୁଣ୍ଡାଇ,୧୧।୧୧(ସମିସ): ପଟ୍ଟାମୁଣ୍ଡାଇ ସହରରେ ମଖ୍ୟ ରାସ୍ତାରେ ଭିଡ଼ ଜମି ଉଠିଥିଲା। ରାସ୍ତାରେ ଯେଉଁମାନେ ଯାତାୟତ କରୁଥିଲେ। ହଠାତ୍ ଅଟକି ଯାଉଥିବା ଦେଖିବାକୁ ମିଳୁଥିଲା। ମଧୁର ସ୍ୱରରେ ସଙ୍ଗୀତର ମୂର୍ଚ୍ଛନା ସହିତ ଭକ୍ତି ସଙ୍ଗୀତ ପରିବେଷଣ ହେଉଥିଲା। ସଙ୍ଗୀତ ପରିବେଷଣ କରୁଥିବା କଳାକାରମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ। ଖବର ନେବାରେ ଜଣାପଡିଥିଲା ଯେ, ଏହି କଳାକାରମାନେ ସମସ୍ତେ କେନ୍ଦ୍ରାପଡ଼ା ସିଦ୍ଧ ବଳଦେବ ଜୀଉ ଦୃଷ୍ଟିହୀନ ଭଜନ ସନ୍ଧ୍ୟାର ସଦସ୍ୟ। ଏହି କଳାକାରମାନେ ସମସ୍ତେ ଦୃଷ୍ଟିବାଧିତ । ଏହି ସମସ୍ତ ଦୃଷ୍ଟିବାଧିତ କଳାକାରମାନେ ନିଜର ଅଦ୍ୟମ ଉତ୍ସାହ ଓ ଅଧ୍ୟବସାୟ ବଳରେ ନିଜେ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିସାରିଛନ୍ତି ବୋଲି ବରିଷ୍ଠ ଯୁବ ସମାଜ ସେବୀ ରଘୁନନ୍ଦନ ପାତ୍ର କହିଛନ୍ତି। ଅନୁଷ୍ଠାନର କଳାକାରମାନଙ୍କ ଅନୁରୋଧକୁ ରକ୍ଷା କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ ସିଦ୍ଧ ବଳଦେବ ଜୀଉ ଦୃଷ୍ଟିହୀନ ଭଜନ ସନ୍ଧ୍ୟାର କଳାକାର ମାନଙ୍କୁ ଥାନା ସମ୍ମୁଖ ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଭଜନ ପରିବେଷଣ କରିବାକୁ ସହଯୋଗ କରିଥିଲେ। ଏହି ଅନୁଷ୍ଠାନର ତତ୍ତ୍ୱାବଧାରକ ଗୋଲେଖ ଚନ୍ଦ୍ର ନାୟକ ଜଣେ ଦୃଷ୍ଟି ବାଧିତ ହୋଇଥିବା ବେଳେ ସେ ନିଜେ ଜଣେ ବାଦ୍ୟକାର। କେବଳ ମାତ୍ର ଏହି କଳାକାର ମାନଙ୍କୁ ଏକ ୪ ଚକିଆ ଯାନରେ ନେବା ଆଣିବା କରୁଥିବା ନିମାଂଶୁ ବାରିକ ଜଣେ ମାତ୍ର ଚକ୍ଷୁଷ୍ମାନ ବ୍ୟକ୍ତି। ଏହି ଅନୁଷ୍ଠାନର ଦୃଷ୍ଟିବାଦିତ କଳାକାର ଜୟଦେବ ଦାସ, ଆଲୋକ ସାହୁ, ସତ୍ୟ ମଲିକ, କୁନିଅପା ଓରଫ କୁନି ଦାସ ଜଗନ୍ନାଥଙ୍କ ଭଜନ ଜଣାଣ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ



କରିପକାଉଥିଲେ। କେହି କେହି ଏହି କଳାକାରମାନଙ୍କୁ ଆର୍ଥିକ ସହଯୋଗ ରାଶି ଶ୍ରଦ୍ଧାରେ ପ୍ରଦାନ କରୁଥିବା ଦେଖିବାକୁ ମିଳୁଥିଲା। ଏହି ଦୃଷ୍ଟି ବାଧିତ କଳାକାରମାନଙ୍କ ସଙ୍ଗୀତ ମୂର୍ଚ୍ଛନାରେ ଏତେ ମାଦକତା ଥିଲା ଯେ, ବାଟରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଅଟକି ଯାଇ ଭଜନ ଶୁଣି ମନ୍ତ୍ର ମୁଗ୍ଧ ହୋଇଯାଉଥିବା କହିଛନ୍ତି ଆଡ୍‌ଭୋକେଟ ମନୋଜ ନାୟକ। ଏହି କଳାକାର ମାନଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଏମାନେ ନିଶ୍ଚିତ ଭାବେ ଅନ୍ୟ କଳାକାର ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିବେ ବୋଲି ଆଡ୍‌ଭୋକେଟ ଶ୍ରୀ ନାୟକ କହିଛନ୍ତି।

## ମହୁ ଗ୍ରାମରେ ଚୋରା ମଦର ବନ୍ୟା

### ■ ନିଦ୍ରାରେ ଅବକାରୀ ବିଭାଗ

ମହୁ,୧୧।୧୧(ସମିସ): ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମରେ ଦିନକୁ ଦିନ ଚୋରା ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ସ୍କୁଲ ଏବଂ କଲେଜ ଛାତ୍ରମାନଙ୍କୁ ଟାର୍ଗେଟ କରି ମଦ ବିକ୍ରି କରାଯାଉଛି। ଅସାମାଜିକ ବ୍ୟକ୍ତି ମାନେ ସବୁଦିନ ମଦ ପିଇ ବିଭିନ୍ନ କାରନାମା ଘଟାଉଛନ୍ତି। ଚୋରା ମଦ ବେପାରୀମାନେ ନିଜ ଘରକୁ ବିଦେଶୀ ମଦ ଦୋକାନ ଭଳି କରିସାରିଲେଣି ଏବଂ ଫୋନ ମାଧ୍ୟମରେ ମଦ ହୋମ୍ ଡେଲିଭରି କରୁଛନ୍ତି। ମଦୁଆଙ୍କ ଉତ୍ପାତରେ ଅତିଷ୍ଠ ହୋଇ ବିଗତ କିଛି ଦିନ ପୂର୍ବରୁ ଗ୍ରାମର ସରପଞ୍ଚଙ୍କ ସମେତ ଅନେକ ସମାଜସେବୀ ଏବଂ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ମଧ୍ୟ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଗ୍ରାମରେ ଚୋରା ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଯେଉଁଥି ପାଇଁ ଅଗଷ୍ଟ ୧୫ ତାରିଖ ଦିନ କିଛି ଅସାମାଜିକ ବ୍ୟକ୍ତି ମହୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଦ୍ୟ ପାନକରି ଜାତୀୟ ପତାକାକୁ ଚିରି ଫିଙ୍ଗି ଦେଇଥିଲେ। ମହୁ ମେଡିକାଲ କର୍ତ୍ତୃପକ୍ଷ ମଧ୍ୟ ଆଳି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଯେଉଁଥିପାଇଁ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ତୁରନ୍ତ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଆଦିକବି ସାରଳାଦାସଙ୍କ ଜୟନ୍ତୀ ଉତ୍ସବ ପାଇଁ ପ୍ରସ୍ତୁତି

ତିର୍ତ୍ତୋଲ, ୧୧।୧୧(ସମିସ): ଆଦିକବି ସାରଳାଦାସଙ୍କ ଜୟନ୍ତୀ ଉତ୍ସବ ଜଗତସିଂହପୁର ଜିଲ୍ଲା ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦାସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଆସନ୍ତା ନଭେମ୍ବର ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜୟନ୍ତୀ କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଏଆଇଏମ୍‌ଏସର ପ୍ରାକ୍ତନ ନିର୍ଦ୍ଦେଶକ ଡା.ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ନ୍ୟାସମଣ୍ଡଳର ସଭାପତି ପର୍ଶୁରାମ ଦ୍ୱିବେଦୀ, ସମାଜସେବୀ ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଯୋଗଦେବେ ବୋଲି ସେମାନ ସ୍ୱୀକୃତି ଦେଇଥିବା ନେଇ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ବୈଠକରେ ଇଂ ସୁବାସ ଚନ୍ଦ୍ର ସାହୁ, ସମାଜସେବୀ ବିରଜା ପ୍ରସନ୍ନ ପରିଜା, ବିକାଶ ଚନ୍ଦ୍ର ପରିଜା, ସୁରେନ୍ଦ୍ର ସାହୁ, ସୁବ୍ରତ ଦାଶ, ଅକ୍ଷୟ ମହାନ୍ତି, ଦେବବ୍ରତ ବାରିକ ପ୍ରମୁଖ ଯୋଗଦେଇ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର କରିବା ନିମନ୍ତେ ନିଜସ୍ୱ ମତପ୍ରଦାନ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ପଟ୍ଟାମୁଣ୍ଡାଇ,୧୧।୧୧(ସମିସ): ପଟ୍ଟାମୁଣ୍ଡାଇ କଲେଜ ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଶିକ୍ଷାର ସମାଜ ଗଠନରେ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ମଧୁସ୍ମିତା ସିଂ ଯୋଗ ଦେଇଥିଲେ। ସମାଜ ବିଜ୍ଞାନ ବିଭାଗ ମୁଖ୍ୟ କ୍ୟାପଟେନ ମନୋଜ ପରିଡା ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ରଂଜିତ କେଶରୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ, ଫକୀର ପ୍ରଧାନ, ବୈକୁଣ୍ଠ ରାଉଳ,ଅଧ୍ୟାପକ ସୁଭାଶିଷ ମିଶ୍ର, ସରୋଜ ନାୟକ, ଜିତେନ୍ଦ୍ର ମଲ୍ଲିକ, ଅଧ୍ୟାପିକା ନିବେଦିତା ନାୟକ ଓ ନିବେଦିତା ପ୍ରଧାନ ପ୍ରମୁଖ ବହୁ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସମାଜ ବିଜ୍ଞାନ ଛାତ୍ରୀ ସଂଜନା ବାରିକ ଧନ୍ୟବାଦ ଦେଇଥିଲେ।

---

# ବଣ ଭିତରେ ବଳରାମପୁର 'ଆମ ଗାଁ ହାଟ'

ରାଜକନିକା,୧୧।୧୧(ସମିସ): 'ସରକାର କା ମାଲ ଦରିଆ ମେ ଡାଲ' ଉକ୍ତିକୁ ସତ୍ୟରେ ପରିଣତ କରି ରାଜକନିକା ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କ ପ୍ରତ୍ୟେକ୍ଷ ସହଯୋଗରେ ଏକ ବଣ ଭିତରେ ଆମ ଗାଁ ହାଟ କରାଯାଇଛି। ଏହି ଆମ ଗାଁ ହାଟ ପାଇଁ ୨୦୨୩-୨୪

### ସରକାରୀ ଅର୍ଥ ଅପବ୍ୟୟ

ଆର୍ଥିକ ବର୍ଷରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ (ଜିଆଇଏ )ଯୋଜନାରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୁନଶ୍ଚ ୨୦୨୪-୨୫ ଆର୍ଥିକ ବର୍ଷରେ ୧ ଲକ୍ଷ ୨୬ ହଜାର ୮୨୪ ଟଙ୍କା ଏହାର ପୂର୍ଣ୍ଣାଙ୍ଗକରଣ ନାଁ ରେ ବିଲ ହୋଇଛି। ଫଳକରୁ ଜଣାପଡିଛି ଯେ,






ବଳରାମପୁର ଗ୍ରାମ ପଞ୍ଚାୟତର ଛଦେଶ ଗାଁ ଦୁର୍ଗା ମନ୍ଦିର ପଛପଟ ବଣ ଭିତରେ ନିର୍ମାଣ କରାଯାଇଥିବା ଏହି ରୁରାଲ ହାଟ ପିଣ୍ଡିକୁ ଦେଖିଲେ ଏହା ଯେ କାହାରି କାମରେ କେବେ ଲାଗିବ ନାହିଁ ତାହା ସ୍ପଷ୍ଟ ଜଣାପଡୁଛି। ଖୋଦ ବିଭାଗୀୟ ସହକାରୀ ଯନ୍ତ୍ରୀ ଦୀପକ ବେହେରାଙ୍କ ନାମରେ ଦୁଇ ଦୁଇ ଥରରେ ଦୁଇଟି ଆର୍ଥିକ ବର୍ଷରେ ୧୧ ଲକ୍ଷ ୨୬ ହଜାର ୮୨୪ ଟଙ୍କା ବ୍ୟୟରେ ନିର୍ମିତ ଏହି ପିଣ୍ଡିକୁ ଗଛ ଲତା ମାଡି ଅକ୍ତିଆର କରି ଦେଲାଣି। ରାଜକନିକା ପଞ୍ଚାୟତ ସମିତିରେ ଚାଲିଥିବା ଏଭଳି କାମ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି। ତେବେ ବ୍ଲକର ସହକାରୀ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ ତଥା ପଞ୍ଚାୟତର ନିର୍ବାଚିତ ସରପଞ୍ଚଙ୍କ ଲାଭଖୋର ମନୋବୃତ୍ତିରୁ ଏଠାରେ ସରକାରୀ ଅର୍ଥ ଅପବ୍ୟୟ ହୋଇଥିବା ଦେଖିବାକୁ ମିଳିଛି। ବଳରାମପୁର ପଞ୍ଚାୟତ ସଂଲଗ୍ନ ଓଳାଭର ବଜାରରେ ଖଣ୍ଡେ ଦୋକାନ ଘର ପାଇଁ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାରେ ପଡୁଥିବା ବେଳେ ଏଠାରେ ରୁରାଲ ହାଟ ନାଁ ରେ ପିଣ୍ଡି ନିର୍ମାଣ ହୋଇ ଠିକାଦାର ପୋଷାଯିବା ଘଟଣାର ତଦନ୍ତ କରାଗଲେ ସରକାରୀ ଅର୍ଥ ଦୁରୁପଯୋଗ ରୋକଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।

### କାମାକ୍ଷାନଗର ଉପଖଣ୍ଡ

## ବିଭିନ୍ନ ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଲେ ମନ୍ତ୍ରୀ



**କାମାକ୍ଷାନଗର,୧୧ ।୧୧(ସମିସ):** ଦିନିକିଆ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି କାମାକ୍ଷାନଗର ଉପଖଣ୍ଡର ବିଭିନ୍ନ ସ୍ଥାନରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ବୁଲି ଦେଖିଛନ୍ତି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ। ସେ କାମାକ୍ଷାନଗର ବ୍ଲକ କମଗରା ନିକଟରେ ହେଉଥିବା ମେଗା ପ୍ରକଳ୍ପ ଓ କଙ୍କଡ଼ାହାଡ଼ ବ୍ଲକ ଦଣ୍ଡାଧର ନିକଟରେ ହେଉଥିବା ପ୍ରକଳ୍ପ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ଢେଙ୍କାନାଳ ଜିଲ୍ଲା ପାନୀୟ ଜଳ ଯୋଗାଣ ଓ ପଞ୍ଚାୟତିରାଜ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ତୁରନ୍ତ କାର୍ଯ୍ୟ ସାରି ପାନୀୟ ଜଳ ଯୋଗାଣ କରିବା ପାଇଁ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାଜସ୍ୱ କ୍ଷେତ୍ର ଅଧିକାରୀ ଶାଖାର ଚତୁର୍ଥ ତ୍ରୟବାର୍ଷିକ ସମ୍ମିଳନୀ

**ଢେଙ୍କାନାଳ,୧୧ ।୧୧(ସମିସ):** ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ଶାଖାର ଚତୁର୍ଥ ତ୍ରୟବାର୍ଷିକ ସମ୍ମିଳନୀ ଦତ୍ତାତ୍ରେୟ ସାଇ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ସହମତି ଭିତ୍ତିରେ ଜିଲ୍ଲା ରାଜସ୍ୱ ସଂଘ ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ସେଠୀ, ସମ୍ପାଦକ ଭାବେ ରାଜେନ୍ଦ୍ର ପ୍ରସାଦ ସାହୁ, ଉପ ସଭାପତି ଅନିଲ କୁମାର ସାହୁ, ସୁନୀଲ କୁମାର ନାୟକ, ଉତ୍କଳ କୁମାର ସେଠୀ ଓ କୋଷାଧ୍ୟକ୍ଷ ଭାବେ ଚନ୍ଦନ କୁମାର ଦାସଙ୍କୁ ଚୟନ କରାଯାଇଛି। ନବନିଯୁକ୍ତ ପଦାଧିକାରୀମାନେ ପଦମର୍ଯ୍ୟାଦାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟ ସଂଘ ରାଜ୍ୟ ସଭାପତି ସୁଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ମହମ୍ମଦ ଜାଭେଦ ଆଖତର୍ ଓ କାର୍ଯ୍ୟକାରିଣୀ ସଦସ୍ୟଗଣ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିବା ସହ ଜିଲ୍ଲା ରାଜସ୍ୱ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମିଳନୀରେ ଜିଲ୍ଲା ସଂଘ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ଚୟନ ସହ ସଂଘର ଆଗାମୀ କାର୍ଯ୍ୟପନ୍ଥା ଓ ସରକାରଙ୍କ ନିକଟରେ ଦାବି ବିଷୟରେ ଆଲୋଚନା ହୋଇଥିଲା। ସୌମ୍ୟରଞ୍ଜନ ପରିଡ଼ା ସଭା ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଶାସନର ନିୟମକୁ ଖୋଲା ଉଲ୍ଲଙ୍ଘନ

# ସହରରେ ପଲିଥିନ୍ ବ୍ୟବହାର ଉପରେ ଲାଗୁନି ରୋକ୍

**ଢେଙ୍କାନାଳ,୧୧ ।୧୧(ସମିସ)**





ଢେଙ୍କାନାଳ ଜିଲ୍ଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସହରରେ ପଲିଥିନ୍ ବିକ୍ରି ଓ ବ୍ୟବହାର ଉପରେ ରୋକ୍ ଲାଗିପାରୁନାହିଁ। ପଲିଥିନର ମାତ୍ରାଧିକ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପ୍ଲାଷ୍ଟିକ ତଥା ପଲିଥିନ ଯୋଗୁଁ ସହରର ବିଭିନ୍ନ ଡ୍ରେନ ପୋତିହୋଇ ରାସ୍ତା ଉପରେ ମଇଳା ପାଣି ପ୍ରବାହିତ ହେଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାସହ ସହରର ଅଳିଆ ଆବର୍ଜନାରେ ପଲିଥିନ ମଧ୍ୟରେ ଖାଦ୍ୟ ରହିଥିବା ଯୋଗୁଁ ଏହି ପଲିଥିନଗୁଡ଼ିକୁ ଗୃହପାଳିତ ପଶୁ ଖାଇ ମୃତ୍ୟୁମୁଖରେ ପଡ଼ିବା ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି।

ପରିବେଶ ସୁରକ୍ଷା ପାଇଁ ପଲିଥିନ୍ କାରବାର ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶନାମା ଜାରି ହେଉଛି। ତେବେ କଟକଣାକୁ ଭ୍ରୂକ୍ଷେପ ନ କରି ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ପଲିଥିନ୍ କାରବାର କରୁଛନ୍ତି। ପ୍ରଶାସନର କଟକଣା ଏଠାରେ ପାଣିର ଗାର ସଦୃଶ ହୋଇଛି। ପରିବେଶ ସୁରକ୍ଷା ଅଧିନିୟମ ଧାରା-୧୫ ଓ ୧୭, ୧୯୮୬ ଅନୁଯାୟୀ ୨୦ ମାଇକ୍ରୋନ୍‌ରୁ କମ୍ ପଲିଥିନ୍‌ର ଆମଦାନୀ, ଗଚ୍ଛିତ ରଖିବା ଓ ବିକ୍ରି କରିବା ଆଇନତଃ ଧର୍ତ୍ତବ୍ୟ ଅପରାଧ ହୋଇଥିବା ବେଳେ ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଥିଲା। ଏଥିପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା, ୫ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ କିମ୍ବା ଉଭୟ ଦଣ୍ଡବିଧାନ ଉଲ୍ଲେଖ ରହିଥିଲା। ୨୦ ମାଇକ୍ରୋନ୍‌ରୁ କମ୍ ମୋଟେଇର ପଲିଥିନ୍ ବ୍ୟବହାର ବନ୍ଦ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ତଥା ଜନସାଧାରଣଙ୍କୁ ଜଣାଇ ଦିଆଯାଇଥିଲା। ତେବେ ପଲିଥିନ୍ ବ୍ୟବହାର ଉପରେ କଟକଣା ନିଷ୍ପତ୍ତି ପ୍ରଶାସନିକ ଅଧିକାରୀଙ୍କ ନାଳିଫିତା ମଧ୍ୟରେ ସୀମିତ ରହିଯାଇଛି। ସହରର ରାଜରାସ୍ତା ଉପରେ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ପଡ଼ିରହିବା ଦ୍ୱାରା କ୍ରମଶଃ ଏହି ପଲିଥିନ୍‌ଗୁଡ଼ିକ ରଦ୍ଦି କାଗଜମାନଙ୍କରେ ମିଶି ଆବର୍ଜନା ସୃଷ୍ଟି କରୁଛି। ପଲିଥିନ୍‌ଗୁଡ଼ିକ ଏହି ଆବର୍ଜନାରେ ରହିବା ଦ୍ୱାରା ଏହାକୁ ବୁଲା ଗାଈଗୋରୁ ଖାଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଉ କେତେକ ଗୋରୁଙ୍କ ପ୍ରଜନନ କ୍ରିୟା ବନ୍ଦ ହୋଇଯାଉଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ସୂତ୍ରରୁ ଜଣାପଡ଼ିଛି।

> **ବଢୁଛି ପ୍ରଦୂଷଣ, ଜନଜୀବନ ତଥା ପ୍ରାଣୀଜଗତ ପାଇଁ ଭୟଙ୍କର ସ୍ଥିତି ଆଶଙ୍କା**

ସେହିପରି ଜିଲ୍ଲା ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ, ସହରତଳି ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ଯାଇଥିବା ରାସ୍ତା କଡ଼ରେ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ପଲିଥିନ୍ ପଡ଼ିଥିବାରୁ ଏଠାକାର ପରିବେଶ ପ୍ରଦୂଷିତ ହେବା ସହ ଗ୍ରାମାଞ୍ଚଳରେ ଅନେକ ଗୃହପାଳିତ ପଶୁ ମଧ୍ୟ ଏହି ପଲିଥିନ୍ ଯୋଗୁଁ ରୋଗାକ୍ରାନ୍ତ ହେଉଛନ୍ତି। ସହର ତଥା ଗ୍ରାମାଞ୍ଚଳଗୁଡ଼ିକରେ ପଲିଥିନ୍ ବ୍ୟବହାର ସହ ଗୁଟ୍‌ଖା କାରବାର ବୃଦ୍ଧି ପାଇବା ଯୋଗୁଁ ଏହା କ୍ରମଶଃ ରାସ୍ତା କଡ଼ ତଥା ବିଭିନ୍ନ ନାଳନର୍ଦ୍ଦମାରେ ଜମିରହି ମଶାବଂଶ ବୃଦ୍ଧି କରିବା ସହ ଏହାର ପ୍ରଭାବରେ ଅନେକ ଛୋଟ ବଡ଼ ଜଙ୍ଗଲଜାତ ବୃକ୍ଷ ନଷ୍ଟ ହେଉଥିବା ପ୍ରମାଣ ମଧ୍ୟ ରହିଛି। ସହର ମଧ୍ୟରେ ଥିବା ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ୍‌ଗୁଡ଼ିକ ପଲିଥିନ୍, ପ୍ଲାଷ୍ଟିକ୍ ଜାତୀୟ ଦ୍ରବ୍ୟ ପୌରସଂସ୍ଥାର ଡ୍ରେନ୍‌ରେ ପକାଇ ଦେଉଥିବାରୁ ଡ୍ରେନ୍ ଜାମ୍ ହୋଇ ପାଣି ପ୍ରବାହିତ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଅନେକ ସମୟରେ ପଲିଥିନ୍, ପ୍ଲାଷ୍ଟିକଗୁଡ଼ିକରେ ନିଆଁ ଲଗାଇ ଦିଆଯାଉଥିବାରୁ ତା'ର ଉତ୍କଟ ଏବଂ ବିଷାକ୍ତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ଶରୀରକୁ ଅସୁସ୍ଥ କରୁଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଲିଥିନ୍ କାରବାରକୁ ଯଦି ରୋକା ନ ଯାଏ, ତେବେ ଆଗାମୀ ଦିନରେ ଏହା ଜନଜୀବନ ତଥା ପଶୁପକ୍ଷୀଙ୍କ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ଏବଂ ପରିବେଶବିତ୍ ମତ ଦେଇଛନ୍ତି।



ପଲିଥିନ ବ୍ୟବହାର ନିଷିଦ୍ଧ କେବଳ କାଗଜପତ୍ରରେ ହୋଇଛି। ବାସ୍ତବରେ ଏହା ଯଥାପୂର୍ବଂ ତଥା ପରଂ ନୀତିରେ ଚାଲିଛି। କାଗଜ ଠୁଙ୍ଗା ଓ ଖଲିପତ୍ରର ବ୍ୟବହାର ଆଉନାହିଁ କହିଲେ ଚଳେ। ଏଗୁଡ଼ିକୁ ପ୍ରୋତ୍ସାହନ ଦେଲେ ଦୁର୍ବଳ ଶ୍ରେଣୀର ଲୋକମାନେ ଉପକୃତ ହେବା ସହ ପରିବେଶ ସୁରକ୍ଷା ହୋଇପାରନ୍ତା। ସହରର ପୌରସଂସ୍ଥା ଏଥିପ୍ରତି ଦୃଷ୍ଟିଦେବା ଦରକାର। ଏ ଦିଗରେ ବ୍ୟାପକ ସଚେତନତାର ଆବଶ୍ୟକ ଥିବାବେଳେ ସଚେତନତା ଅଭିଯାନ ଶୂନ ଥିବା ପରି ଦେଖାଯାଉଛି। ପଲିଥିନର ବହୁଳ ବ୍ୟବହାର ଯୋଗୁଁ ପଶୁପକ୍ଷୀଙ୍କ ଜୀବନ ପ୍ରତି ବହୁତ ବିପଦ ସୃଷ୍ଟି ହେଉଛି।

-ପ୍ରଦ୍ୟୁମ୍ନ ରଥ (ପରିବେଶବିତ୍)



ସହରରେ ପଲିଥିନ ନିଷିଦ୍ଧ ପାଇଁ ବ୍ୟାପକ ସଚେତନତା କରାଯିବା ସହ ଗଳିକନ୍ଦିରେ ମଧ୍ୟ ଜନସାଧାରଣଙ୍କୁ ବାରମ୍ବାର ସଚେତନ କରାଯାଉଛି। ସ୍ୱଚ୍ଛତା ରଥ ମାଧ୍ୟମରେ ଏହା କରାଯାଉଥିବାବେଳେ ବିଭିନ୍ନ ସମୟରେ ଦୋକାନଗୁଡ଼ିକରେ ଚଢ଼ଉ କରାଯାଉଛି। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ପ୍ରଚାର ସହ ପଲିଥିନ, ପ୍ଲାଷ୍ଟିକ ଉପରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇ ସଚେତନ କରାଯାଉଛି। ସହରର ବିଭିନ୍ନ ଦୋକାନଗୁଡ଼ିକୁ ଯାଞ୍ଚ କରାଯାଇ ପଲିଥିନ୍ ଜବତ ମଧ୍ୟ କରାଯାଉଛି। ଏହା ସହିତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ସଚେତନତା ନିମନ୍ତେ ଗୋଲାପ ଫୁଲ ପ୍ରଦାନ କରାଯାଇ ବ୍ୟାପକ ସଚେତନ କରାଯାଉଛି। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଅଳିଆ ଆବର୍ଜନାକୁ ରାସ୍ତା କିମ୍ବା ଡ୍ରେନରେ ନ ପକାଇ ଡଷ୍ଟବିନ୍‌ରେ ରଖିବାକୁ ବାରମ୍ବାର ତାଗିଦ କରାଯାଉଛି। ଅଗାମୀ ଦିନରେ ଲୋକେ ସଚେତନ ନ ହେଲେ ଜରିମାନା ଆଦାୟ କରାଯିବ।

-ସୁକାନ୍ତ ଚନ୍ଦ୍ର ବେଉରିଆ (ପୌରନିର୍ବାହୀ ଅଧିକାରୀ)

## ବରିଷ୍ଠ ନାଗରିକ ପରିଷଦର ନୂତନ କର୍ମକର୍ତ୍ତା




**ଢେଙ୍କାନାଳ,୧୧ ।୧୧(ସମିସ):** ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଗାଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠମାନଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲା ପ୍ରଶାସନ, ପୁଲିସ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଚିଠି ମାଧ୍ୟମରେ ଜଣାଇବାକୁ ସ୍ଥିର କରାଯାଇଛି।

ଏହି ଅବସରରେ ବରିଷ୍ଠ ନାଗରିକ ପରିଷଦର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ଦୁର୍ଗାଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ କୁମାର ସାହୁ, ସମ୍ପାଦକ ଗୁଣଧର ମିଶ୍ର, ଉପସଭାପତି ସୁସନ୍ଧ୍ୟା ମହାନ୍ତି, ବାହାଦୁର ପାଟ୍ଟସାହାଣୀ, ବିନାୟକ ଶତପଥୀ, ପଞ୍ଚାନନ ପାଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ରଞ୍ଜନ ପଟ୍ଟନାୟକ, ସହକାରୀ କୋଷାଧ୍ୟକ୍ଷ ପ୍ରସନ୍ନ କର ଓ ଉପଦେଷ୍ଟା ଭାବେ ଉମାଚରଣ ମିଶ୍ର, ଭିକାରୀ ଚରଣ ରାଉତ, ନବୀନ ଚନ୍ଦ୍ର ନାରାୟଣ ଦାସ ଓ ହରେକୃଷ୍ଣ କରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି।

## କଙ୍କଡ଼ାହାଡ଼ ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

### ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତ ପ୍ରତିନିଧି



**କାମାକ୍ଷାନଗର,୧୧ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଚାରୁଲତା ମିଶ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ନିକଟରେ ଆବେଦନ କରିଛନ୍ତି ବ୍ଲକର ୧୬ ଜଣ ସରପଞ୍ଚ ଓ ସମିତି ସଦସ୍ୟ। କେରଜୁଳି ସରପଞ୍ଚ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଦଣ୍ଡାଧାର ଡ୍ୟାମ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଅଧ୍ୟକ୍ଷା ମିଶ୍ରଙ୍କ ମନମୁଖି କାର୍ଯ୍ୟ ଓ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ କରିଥିଲେ। ତେଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସୋମବାର ୧୬ ପଞ୍ଚାୟତ ପ୍ରତିନିଧିଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ କେରଜୁଳି ସରପଞ୍ଚ ରାଜକିଶୋର ସାହୁ, କରଗୋଳା ସରପଞ୍ଚ ତାପସ ପାଣି, ରାଇବୋଲ ସରପଞ୍ଚ ଶାନ୍ତନୁ ସାହୁ, ମହାବିରୋଡ୍ ସରପଞ୍ଚ ଶ୍ୱେତାଲିନ ସାହୁ, କଙ୍କଡାହାଡ଼ ସରପଞ୍ଚ ଅନୁସୂୟା ସାହୁ, କଣ୍ଟାପାଳ ସରପଞ୍ଚ ତିଲୋତ୍ତମା ସିଂହ, କାନ୍ତୁଲ ସରପଞ୍ଚ କାମିନୀ ଦେହୁରୀ, ବିରିବୋଲେଇ ସରପଞ୍ଚ ସୁମିତ୍ରା ପ୍ରଧାନ, କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ, ବାଲିକୁମା ନାଏବ ସରପଞ୍ଚ ରଘୁନାଥ ହେମ୍ବ୍ରମ, ମରୁଆବିଲ ସମିତି ସଭ୍ୟ ପ୍ରତାପ ମାର୍ଣ୍ଡି, ଦଶୀପୁର ସମିତି ସଭ୍ୟ ପ୍ରସନ୍ନ ସାହୁ, କୁଟୁରିଆ ସମିତି ସଭ୍ୟ ଲକ୍ଷ୍ମୀପ୍ରିୟା ନାୟକ, କଣ୍ଟାପାଳ ସମିତି ସଭ୍ୟ ଜୟନ୍ତି ସିଂହ, କେରଜୁଳି ସମିତି ସଭ୍ୟ ସୁମିତ୍ରା ନାୟକ, ରାଇବୋଲ ସମିତି ସଭ୍ୟ ରୁଦ୍ର ନାୟକଙ୍କ ଦସ୍ତଖତ ରହିଛି। ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଏମାନଙ୍କ ମଧ୍ୟରୁ ୭ ଜଣ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ କହିଛନ୍ତି, ୧୬ ପଞ୍ଚାୟତ ପ୍ରତିନିଧିଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ମିଳିଛି। ଅଭିଯୋଗ ବେଳେ ୭ ଜଣ ଉପସ୍ଥିତ ଥିଲେ। ଏହା ଉପରେ ଯାଞ୍ଚ କରାଯାଉଥିବା ଉପଜିଲ୍ଲାପାଳ ନାୟକ କହିଛନ୍ତି।

# ମହିମା ଧ୍ୱନିରେ ପ୍ରକମ୍ପିତ ହେଲା ତପୋବନ

### ବିଶ୍ୱ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା | ୧୫ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ




**ଗଁଦିଆ,୧୧ ।୧୧(ସମିସ)**

ଢେଙ୍କାନାଳ-କପିଳାସ ରାସ୍ତାର କାଦୁଆ ନିକଟ ମହିମା ଧର୍ମର ଆଦିପୀଠ ତପୋବନଠାରେ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ସୋମବାର ବାର୍ଷିକ ମହମା ମେଳା ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତ ସହ ଢେଙ୍କାନାଳ ସମେତ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ସମଗ୍ର ପୀଠ ଉତ୍ସବମୁଖର ହୋଇଉଠିଥିଲା। ସବୁଜ ବନାନୀ ବଳୟ ଶାନ୍ତ ପରିବେଶରେ ସାଧୁସନ୍ଥମାନେ ବିଶ୍ୱର ମଙ୍ଗଳ ପାଇଁ ଅଖଣ୍ଡ ଝାଡ଼ବତି ଓ ବ୍ରହ୍ମଧୁନିରେ ଘୃତାହୁତି କରି ସମୂହ ପ୍ରାର୍ଥନା କରିଥିଲେ। ପୀଠ ପରିସରରେ ଅବସ୍ଥିତ ଚକାପଥର ଉପରେ ବତି, ମନ୍ଦିର ପ୍ରାଙ୍ଗଣରେ ଅଖଣ୍ଡ ବ୍ରହ୍ମଧୁନି ସ୍ଥାପନ କରାଯାଇଥଲା। ସାଧୁସନ୍ଥମାନେ ବେଢ଼ା ପରିକ୍ରମା, ଭଜନ, ଗାନ କରିଥଲେ। ବ୍ରାହ୍ମ ମୁହୂର୍ତ୍ତରୁ ଅଖଣ୍ଡ ଭଜନ ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୦ରୁ ଊର୍ଦ୍ଧ୍ୱ ଖଞ୍ଜଣି ଭଜନ ଗୋଷ୍ଠୀ ସମେତ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ସାଧୁସନ୍ଥଙ୍କ ସମାଗମ ହୋଇଥିଲା। ଅପରାହ୍ଣ ୨ଟାରେ ଆୟୋଜିତ ଧର୍ମସଭାରେ ତପୋବନ ପତ୍ରିକା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ମହାନିତ୍ୟ ସାଧୁ ମଣ୍ଡଳୀର ସଭାପତି ବାବା ରଘୁନାଥ ଦାସ, ଦେବେନ୍ଦ୍ର ବାବା ବିନୋଦ ବାବା, ଜ୍ଞାନ ବାବା, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ବିଶିଷ୍ଟ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ତପୋବନ ପତ୍ରିକାର ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁଶିଷ୍ୟ ମିଳନ ଦିବସ ପାଳନ ଅବସରରେ ଛୋଟ ପିଲାଙ୍କ ମୁଣ୍ଡନ କରାଯାଇଥିଲା। ସାଧୁ ଏବଂ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ମୁତୟନ ହୋଇଥିଲେ।



## ସମ୍ଭାଗସ୍ତରୀୟ ଖେଳକୁଦ କର୍ମଶାଳା ଉଦଯାପିତ



**ଯୋରନ୍ଦା,୧୧ ।୧୧(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ଭାଗସ୍ତରୀୟ ଖେଳକୁଦ କର୍ମଶାଳା ଉଦଯାପିତ ହୋଇଛି। ଅନୁଗୋଳ ମଧ୍ୟସମ୍ଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୪ ଦିନିଆ କର୍ମଶାଳାର ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସନ୍ତୋଷ କୁମାର ପରିଡ଼ା ଯୋଗଦେଇ ଦିଗଦର୍ଶନ ଦେଇଥିଲେ। ଗତ ୭ ତାରିଖ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଶିକ୍ଷକ ବୈକୁଣ୍ଠ ବିହାରୀ ସାହାଣୀ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ କ୍ଷେତ୍ର ଶାରୀରିକ ଶିକ୍ଷା ସଂଯୋଜକ ବଳରାମ ସାହୁ, ଅଖିଳ ଭାରତୀୟ କବାଡ଼ି ଖେଳ ସଂଯୋଜକ ବିଭୂତି ଭୂଷଣ ଦାସ, ଶିକ୍ଷା ବିକାଶ ସମିତିର ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ ସଞ୍ଜୟ ମିଶ୍ର, ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ଅନୁଗୋଳ ବିଭାଗ ନିରୀକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଢେଙ୍କାନାଳ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଗନ୍ତ ଶତପଥୀ, ସମ୍ପାଦକ ବିରଞ୍ଚିନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଶାଳାରେ ମଧ୍ୟ ସମ୍ଭାଗର ୩୮ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ।

## ବୁଦ୍ଧେଶ୍ୱର ପୀଠରେ ୨୪ ପ୍ରହର ନାମଯଜ୍ଞ

**ଭୁବନ,୧୧ ।୧୧(ସମିସ):** ସ୍ଥାନୀୟ ବୁଦ୍ଧେଶ୍ୱର ଶୈବପୀଠରେ ପଞ୍ଚୁକ ବ୍ରତ ଅବସରରେ ଆରମ୍ଭ ହୋଇଛି ୨୪ ପ୍ରହର ନାମଯଜ୍ଞ। ସଂକୀର୍ତ୍ତନ ଗୁରୁ ହୃଦାନନ୍ଦ ବେହେରାଙ୍କ ନେତୃତ୍ୱରେ ରବିବାର କଳସ ଶୋଭାଯାତ୍ରା ହେଇଛି। ଏହି କାର୍ଯ୍ୟରେ ଭୁବନ ନଗର ସଂକୀର୍ତ୍ତନ ମଣ୍ଡଳୀ ସଭାପତି କୋଦଣ୍ଡଧର ପାତ୍ର, ସମ୍ପାଦକ ବାସୁଦେବ ପୃଷ୍ଟି, କୋଷାଧ୍ୟକ୍ଷ ରାମଚନ୍ଦ୍ର ରାଉତ, ସଂଯୋଜକ ଚକ୍ରଧର ସାହୁ, ପବିତ୍ର ମୋହନ ସାହୁ, ଧନେଶ୍ୱର ସାହୁ, ଚକ୍ରଧର ସାହୁ, ଟିକୁ ନାୟକ, ବିଜୟ ନାୟକ, ବଟକୃଷ୍ଣ ସାହୁ, ଗୋବର୍ଦ୍ଧନ ଗୁରୁ, ଶରତ ଚନ୍ଦ୍ର ବାରିକ, ଯୋଗଦେଇଛନ୍ତି। ୫୯ଟି ସଂକୀର୍ତ୍ତନ ମଣ୍ଡଳୀ ଭାଗନେବା ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖ ଭୁବନ ନଗରରେ ଚୈତନ୍ୟ ଦେବଙ୍କ ଗୌରଭକ୍ତ ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

ମୁଖ୍ୟ କଳସୀ ଭାବେ ହୃଦାନନ୍ଦ ବେହେରା, ମନମୋହନ ପୃଷ୍ଟି, କୃଷ୍ଣଚନ୍ଦ୍ର ବେହେରା, ଦିଲୀପ ସାଥୁଆ ମହାପାତ୍ର, କରୁଣାକର ପୋଥାଳ, ଲକ୍ଷ୍ମଣ ବେହେରା, ସୁନାକର ନାୟକ, ବନମାଳୀ ନାୟକ କାର୍ଯ୍ୟ ତୁଲାଉଛନ୍ତି।

ସମ୍ପୂର୍ଣ୍ଣା

ସକାଳ
THE SAKALA
www.sakalaepaper.com

# ମହାପଞ୍ଚୁକ



କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ 'ପଞ୍ଚକ' ବା ଲୋକମୁଖରେ 'ପଞ୍ଚୁକ' ଭାବରେ ଖ୍ୟାତ। ଏହାକୁ 'ବକପଞ୍ଚକ' ବା 'ଭୀଷ୍ମପଞ୍ଚକ' ମଧ୍ୟ କୁହାଯାଏ। ଯେଉଁମାନେ କାର୍ତ୍ତିକ ମାସ ସାରା ହବିଷ୍ୟ ପାଳନ କରିପାରନ୍ତି ନାହିଁ, ସେମାନେ ଏହି ପାଞ୍ଚ ଦିନ ତାହା କରିଥାନ୍ତି । ଆଉ କେତେକ ଲୋକେ ଅଳାଁ ନବମୀଠାରୁ ସାତଦିନ ହବିଷ୍ୟ କରନ୍ତି । ଅନେକ ଏହି ପାଞ୍ଚ ଦିନ ଆମିଷ ଛାଡ଼ି ସାତ୍ତ୍ୱିକ ଭୋଜନ କରିଥାଆନ୍ତି। କିମ୍ବଦନ୍ତୀ ଅନୁଯାୟୀ, ନିତ୍ୟ ମୀନ ଭକ୍ଷଣ କରୁଥିବା ବକ ମଧ୍ୟ ଆମିଷ ଭୋଜନରୁ ନିବୃତ୍ତ ରହିଥାଏ ବୋଲି କଥିତ ଥିବାରୁ ଏହାକୁ "ବକ ପଞ୍ଚକ" ମଧ୍ୟ କୁହାଯାଏ। ପୌରାଣିକ ବିଶ୍ୱାସ ଅନୁଯାୟୀ, ଶରଶଯ୍ୟାରେ ଶାୟିତ ଭୀଷ୍ମ, ରାଜଧର୍ମ, ମୋକ୍ଷଧର୍ମ, ଦାନଧର୍ମ ବର୍ଣ୍ଣନା କରିଥିଲେ, ଯାହାକୁ ପାଣ୍ଡବମାନଙ୍କ ସହିତ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଶୁଣିଥିଲେ । ଏଥିରେ ପ୍ରସନ୍ନ ହୋଇ ସେ ଭୀଷ୍ମଙ୍କୁ କହିଲେ, ଆପଣ ଧନ୍ୟ । ଆପଣ କାର୍ତ୍ତିକ ଏକାଦଶୀ ଦିନ ଜଳର ଯାଚନା କରିଛନ୍ତି। ଏହାପରେ ପିତାମହ ପାଣି ମାଗିବାରୁ ଅର୍ଜୁନ ବାଣ ସାହାଯ୍ୟରେ ଭୂମି କ୍ଷେପଣ କରି ଜଳ ପ୍ରଦାନ କରିଥିଲେ। ଏଥିସହ ଏହି ୫ ଦିନରେ ଯିଏ ଆପଣଙ୍କୁ ଜଳ ଅର୍ଘ୍ୟ ପ୍ରଦାନ କରିବେ, ସେ ଆପଣଙ୍କୁ ତୃପ୍ତ କରିପାରିବେ। ଏହି କାରଣରୁ ସେବେଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ଭୀଷ୍ମ ପଞ୍ଚୁକ ଭାବେ ମଧ୍ୟ ପାଳନ କରାଯାଇଥାଏ। ଅନେକ ବ୍ୟକ୍ତି ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରିଥାନ୍ତି। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏକ ଲକ୍ଷ ତୁଳସୀ ପତ୍ର ଭଗବାନ ବିଷ୍ଣୁଙ୍କ ନିକଟରେ ଅର୍ପଣ କଲେ ସମସ୍ତ ଦେବତା ପ୍ରସନ୍ନ ହୋଇଥାଆନ୍ତି ବୋଲି ବିଶ୍ୱାସ ରହିଛି । ପଞ୍ଚୁକ ଅବସରରେ ଶ୍ରୀମନ୍ଦିରରେ ଠାକୁରମାନେ ୫ ଦିନ ଧରି ଭକ୍ତଙ୍କୁ ପାଞ୍ଚଟି ସ୍ୱତନ୍ତ୍ର ବେଶରେ ଦର୍ଶନ ଦେଇଥାନ୍ତି। ପ୍ରଥମ ଦିନରେ ଶ୍ରୀଲକ୍ଷ୍ମୀ ନାରାୟଣ ବେଶ, ଦ୍ୱିତୀୟ ଦିନରେ ବାଙ୍କଚୂଡ଼ା ବେଶ, ତୃତୀୟ ଦିନରେ ତ୍ରିବିକ୍ରମ ବେଶ, ଚତୁର୍ଥ ଦିନରେ ଲକ୍ଷ୍ମୀନୃସିଂହ ବେଶରେ ଦର୍ଶନ ଦେଇଥାନ୍ତି। ପଞ୍ଚୁକର ଶେଷ ଦିନରେ ତଥା କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀଜିଉ ରାଜରାଜାଧିଶ୍ୱର ବେଶ ବା ସୁନାବେଶରେ ଦର୍ଶନ ଦିଅନ୍ତି। ପଞ୍ଚୁକ କେବଳ ଶ୍ରୀକ୍ଷେତ୍ର କିମ୍ବା ଏକାମ୍ରକ୍ଷେତ୍ରରେ ସୀମିତ ରହିନାହିଁ। ଏହି ପର୍ବ ପୂରା ରାଜ୍ୟରେ ପାଳିତ ହୋଇଥାଏ। ରାଜ୍ୟର ମନ୍ଦିରଗୁଡ଼ିକରେ ପଞ୍ଚୁକ ସମୟରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିଥାଏ। ଶ୍ରଦ୍ଧାଳୁମାନେ ଚଉଁରା ମୂଳେ ପୂଜା କରିବା ସହ ହବିଷ୍ୟାଳିମାନେ ଦିନ ତମାମ ପୂଜା ପାଠରେ ସାମିଲ ହୋଇଥାନ୍ତି। ହବିଷ୍ୟାଳିମାନେ ଭୋରରୁ ଉଠି ସ୍ନାନ ଶେଷ କରିବା ପରେ ପ୍ରଥମେ ତୁଳସୀ ଗଛମୂଳେ ପୂଜାର୍ଚ୍ଚନା କରନ୍ତି। ପରେ ମନ୍ଦିର ଯାଇଥାନ୍ତି। ଶ୍ରଦ୍ଧାଳୁମାନେ ଠାକୁର ଦର୍ଶନ ସାରି ତୁଳସୀ ଚଉଁରା ମୂଳେ ମୁରୁଜ ପକାନ୍ତି। ମୁରୁଜରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ରାଧାକୃଷ୍ଣ, ଗରୁଡ଼, ବୃନ୍ଦାବତୀଙ୍କ ଚିତ୍ର ଆଙ୍କିଥାନ୍ତି। ସନ୍ଧ୍ୟାରେ ମନ୍ଦିରକୁ ଯାଇ ଦେବଦେବୀଙ୍କୁ ଦର୍ଶନ କରି ସଞ୍ଜବଳିତା ଦେଇ ଆଳତି କରନ୍ତି। ପଞ୍ଚୁକ ପାଇଁ ଦେବଦେବୀ ପୀଠଗୁଡ଼ିକରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ।

# ବିଶ୍ୱ ନିମୋନିଆ ଦିବସ



ନିମୋନିଆ ରୋଗ ସମ୍ବନ୍ଧରେ ସଚେତନତା ବୃଦ୍ଧି, ଏହି ରୋଗର ସହଜ ନିରୂପଣ, ଏହି ରୋଗରେ ହେଉଥିବା ଶିଶୁ ମୃତ୍ୟୁହାର ହ୍ରାସ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ମାସ ୧୨ ତାରିଖକୁ ବିଶ୍ୱ ନିମୋନିଆ ଦିବସ ଭାବେ ପାଳନ କରାଯାଇଥାଏ। ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ଏହି ଦିବସ ପାଳନ କରାଯାଇଥାଏ। ନିମୋନିଆ ହେଉଛି ଏକ ସଂକ୍ରମଣ ରୋଗ, ଯାହା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ, କିନ୍ତୁ ପିଲାମାନେ ଏହି ସଂକ୍ରମଣ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ନିମୋନିଆ ହେଉଛି ଫୁସ୍‌ଫୁସ୍‌ରେ ଏକ ସଂକ୍ରମଣ, ଯାହା ଶରୀରରେ ଥିବା ବାୟୁ ଥଳିକୁ ସଂକ୍ରମିତ କରିଥାଏ । କାରଣ ଯାହା ହେଉନା କାହିଁକି, ଜୀବାଣୁ, ଭୂତାଣୁ ଓ ଅଳ୍ପ ମାତ୍ରାରେ କବକ କିମ୍ବା ପରଜୀବୀ ନିମୋନିଆ ପାଇଁ ଦାୟୀ ବୋଲି ବିବେଚନା କରାଯାଏ । ଯାହାଦ୍ୱାରା ଜଣେ ବ୍ୟକ୍ତି କାଶ, ଛାତି ଯନ୍ତ୍ରଣା ଏବଂ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହୁଏ । ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ହେଲେ, ରୋଗୀର ମୃତ୍ୟୁ ହୋଇଥାଏ। ସାଧାରଣ ପରିସ୍ଥିତିରେ ନିମୋନିଆ ସର୍ବଦା ସାଂଘାତିକ ନୁହେଁ, କିନ୍ତୁ ଯଦି ଏହାର ଚିକିତ୍ସା ବିଳମ୍ବ ହୁଏ, ତେବେ ଏହାର ଗମ୍ଭୀର ପ୍ରଭାବ ଦେଖାଯିବା ଆରମ୍ଭ କରେ । ପିଲାମାନଙ୍କଠାରେ ନିମୋନିଆ ରୋଗ ହେଲେ ଶୁଖିଲା କାଶ, ସାମାନ୍ୟ ଜ୍ୱର, ମୁଣ୍ଡବିନ୍ଧା ଏବଂ ଥକାପଣ ଭଳି ଲକ୍ଷଣ ଦେଖାଯାଏ । କିନ୍ତୁ ସମସ୍ୟା ଆଗକୁ ବଢ଼ିବା ସହିତ ଉଚ୍ଚ ଜ୍ୱର, ଥଣ୍ଡା, ଝାଳ ବୋହିବା, ଝାଡ଼ା ନ ହେବା, ପରିସ୍ରା ପତଳା ହେବା, ନଖ ନୀଳ ପଡ଼ିଯିବା, ମୁଣ୍ଡ ବୁଲାଇବା ନିଃଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଇତ୍ୟାଦି ଲକ୍ଷଣ ଦେଖାଯିବା ଆରମ୍ଭ କରେ । ନିମୋନିଆରେ ପୀଡ଼ିତ ପିଲାମାନେ ମଧ ଖାଇବା କିମ୍ବା ପିଇବାରେ ସମସ୍ୟା ଭୋଗି ପାରନ୍ତି । ବର୍ତ୍ତମାନ ନିମୋନିଆ ପ୍ରତିଷେଧ ନିମନ୍ତେ ଟିକା ଉପଲବ୍ଧ ହେଲାଣି । ଅନ୍ତର୍ନିହିତ କାରଣ ଉପରେ ଏହାର ଚିକିତ୍ସା ନିର୍ଭର କରେ । ଜୀବାଣୁଦ୍ୱାରା ହେଉଥିବା ନିମୋନିଆକୁ ଆଣ୍ଟିବାୟୋଟିକ୍ ଦେଇ ଚିକିତ୍ସା କରାଯାଏ। ରୋଗୀ ଅବସ୍ଥା ସାଂଘାତିକ ଥିଲେ ଡାକ୍ତରଖାନାକୁ ନିଆଯାଏ । ଅମ୍ଳଜାନ ସ୍ତର କମ୍ ଥିଲେ ଅମ୍ଳଜାନ ଥେରାପି ଦିଆଯାଏ । ଆମ ଦେଶରେ ପିଲାମାନଙ୍କୁ ଏହି ସଂକ୍ରମଣରୁ ରକ୍ଷା କରିବା ପାଇଁ ନବଜାତ ଶିଶୁ ଏବଂ ଛୋଟ ପିଲାମାନଙ୍କୁ ୨,୪,୬ ଏବଂ ୧୨ ମାସ ବୟସରେ ଟିକା ଦିଆଯାଏ। ନିମୋନିଆର ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଗ୍ଲୋବାଲ ଆକ୍ସନ ପ୍ଲାନ୍ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ୍ ଦ୍ୱାରା ଏହି ଦିବସର ୨୦୦୯ ରେ ଆରମ୍ଭ ହୋଇଥିଲା। ସୁରକ୍ଷାକୁ ପ୍ରତିପାଦିତ କରୁଥିବା ୧୦୦ରୁ ଅଧିକ ସଂଗଠନ ୧୨ ନଭେମ୍ବର, ୨୦୦୯ ରେ ପ୍ରଥମ ବିଶ୍ୱ ନିମୋନିଆ ଦିବସ ପାଳନ କରିବା ପାଇଁ ଏକତ୍ର ହୋଇଥିଲେ। ଏହି ଦିବସ ପାଳନ ଅବସରରେ ନିମୋନିଆ ଉପରେ ସଚେତନା ସୃଷ୍ଟି କରାଯାଇଥାଏ। ଚଳିତବର୍ଷ ବିଶ୍ୱ ନିମୋନିଆ ଦିବସର ବିଷୟବସ୍ତୁ ରହିଛି- "Every Breath Counts: Stop Pneumonia in Its Track"।

## ଆଜିର ଐତିହ୍ୟ

- ୧୭୮୧- ଇଂରେଜମାନେ ନାଗାପଟ୍ଟନମ୍ ଉପରେ କବ୍‌ଜା କଲେ।
- ୧୯୦୮ - ବୁଲ୍‌ଗେରିଆ ସ୍ୱାଧୀନ ହେଲା।
- ୧୯୪୬- ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସଂସ୍ଥାପକ ତଥା ଭାରତ ରତ୍ନ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଦେହାନ୍ତ।
- ୨୦୦୧- ନ୍ୟୁୟର୍କରେ ଆମେରିକା ଏୟାର ଲାଇନ୍ସର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୬୦ ଜଣ ଯାତ୍ରୀଙ୍କ ପ୍ରାଣହାନି।
- ୨୦୧୫- ଲେବାନନ୍‌ରେ ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁଁ ୪୩ଜଣ ଲୋକଙ୍କ ମୃତ୍ୟୁ।

# ବଦଳିପାରେ 'ଛାବା'ର ରିଲିଜ୍ ଡେଟ୍

ବଲିଉଡ୍ ଅଭିନେତା ଭିକି କୌଶଲ ଏବେ ତାଙ୍କ ପିରିୟଡିକ୍ ଡ୍ରାମା ଫିଲ୍ମ 'ଛାବା'କୁ ନେଇ ବ୍ୟସ୍ତ। କିଛିଦିନ ପୂର୍ବରୁ ଫିଲ୍ମର ଟିଜର୍ ଜାରି ହୋଇଥିଲା। ଯେଉଁଥିରେ ଭିକି ଜବରଦସ୍ତ ଆକ୍ସନ୍ କରୁଥିବାର ନଜର ଆସିଥିଲେ। ଏହି ଫିଲ୍ମରେ ଭିକିଙ୍କ ସହ ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନଜର ଆସିବେ। ଫିଲ୍ମଟି ଡିସେମ୍ବର ୬ରେ ରିଲିଜ୍ ହେବାର ଥିଲା। ଫିଲ୍ମର ନିର୍ମାତା ଏବେ ଫିଲ୍ମ ରିଲିଜ୍ ତାରିଖକୁ ଟାଳିବାକୁ ଚାହୁଁଛନ୍ତି। କାରଣ ଏହା ଯଦି ସେହିଦିନ ଭୁକ୍ତିଲାଭ କରୁଛି ତେବେ ଏହା ଅଲ୍ଲୁ ଅର୍ଜୁନ୍‌ଙ୍କ 'ପୁଷ୍ପା-୨' ସହ କଡ଼ା ଟକ୍କର ଦେବ। ତେବେ ଏହାକୁ ଏଡ଼ାଇବା ପାଇଁ ଫିଲ୍ମ ନିର୍ମାତା ରିଲିଜ୍ ଡେଟ୍ ବଦଳାଇବା ପାଇଁ ଇଚ୍ଛା କରିଛନ୍ତି। ତେବେ ଏହାକୁ ଜାନୁଆରୀରେ ରିଲିଜ୍ କରିବା ପାଇଁ ଯୋଜନା କରାଯାଉଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇନାହିଁ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଲକ୍ଷ୍ମଣ ଉତେକର ଅଛନ୍ତି। ଭିକି ଏଥିରେ ଛତ୍ରପତି ସମ୍ଭାଜି ମହାରାଜ ଭୂମିକାରେ ନଜର ଆସିବେ। ରଶ୍ମିକା ଏଥିରେ ତାଙ୍କ ପତ୍ନୀ ଭୂମିକାରେ ଦେଖାଯିବେ।



# ବିଚିତ୍ର ବାଇକ୍




ଆଜିକାଲି ଲୋକମାନେ ନିଜ କାର୍, ସାଇକଲ, ବାଇକ୍, ଟ୍ରାକ୍ଟର ଆଦିକୁ ଭଳିକି ଭଳି ଡିଜାଇନ୍‌ରେ ମୋଡିଫାଏ କରୁଛନ୍ତି। ଏହି କ୍ରମରେ ଏବେ ଜଣେ ବ୍ୟକ୍ତି ନିଜ ବାଇକ୍‌କୁ ଏଭଳି ଭାବେ ମୋଡିଫାଏ କରିଛନ୍ତି ଯେ, ଯଦ୍ୱାରା ବାଇକ୍‌ର ଆଗ ଓ ପଛକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡ଼ିବା ଥୟ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ସମ୍ପୃକ୍ତ ଯୁବକ ଜଣକ ହୋଣ୍ଡାର ସ୍ପୋର୍ଟସ ସିବିଆର ବାଇକ୍‌କୁ ମୋଡିଫାଏ କରିଛନ୍ତି। ତେବେ ଏହାକୁ ସେ ଏଭଳି ଭାବେ ମୋଡିଫାଏ କରିଛନ୍ତି ଯେ, ଏହାର ରୂପରେଖକୁ ସମ୍ପୂର୍ଣ୍ଣ ଓଲଟାଇ ରଖିଛନ୍ତି। କହିବାକୁ ଗଲେ ଏହାକୁ ଓଲଟା ବାଇକ୍ କହିଲେ ଭୁଲ୍ ହେବ ନାହିଁ। ବାଇକ୍‌ର ହ୍ୟାଣ୍ଡେଲରେ ଓ ପଛସିଟ୍‌ରେ ଚକ ରହିଥିବାବେଳେ ଏହାର ତଳ ପାଖରେ ଦୁଇଟି ଛୋଟ ଚକ ଲାଗିଛି। ଏହାକୁ ଦେଖି ଲାଗିବ ଯୁବକ ଜଣକ ଓଲଟା ବାଇକ୍‌ଟିକୁ ଚଳାଉଛନ୍ତି। ସେହିପରି ବାଇକ୍‌ଟିକୁ ଚଳାଇ ସେ ପେଟ୍ରୋଲ ପମ୍ପରେ ନଜର ଆସିଛନ୍ତି। ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅନ୍ୟପଟେ ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# ଜେଲରୁ ଖସିଗଲେ ମାଫ୍

ସାଧାରଣତଃ କୌଣସି ବ୍ୟକ୍ତି ଅପରାଧଭିତ୍ତିକ କାର୍ଯ୍ୟ କଲେ ତାଙ୍କୁ ଜେଲ ଦଣ୍ଡ ଦିଆଯାଏ। ଏପରି ସ୍ଥଳେ ଯଦି କଏଦୀ କାରାଗାରରୁ ଖସି ପଳାୟନ କରେ, ତେବେ ତାକୁ ଅପରାଧ ବୋଲି କୁହାଯାଏ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଏ। କିନ୍ତୁ ଏପରି ଏକ ଦେଶ ରହିଛି, ଯେଉଁଠି ଜେଲରୁ ଖସି ପଳାଇବାକୁ ଅପରାଧ ଭାବେ ବିବେଚନା କରାଯାଏନାହିଁ, କି ଏଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ। ସେହି ଦେଶଟି ହେଲା ଜର୍ମାନୀ । ଏହା ପଛରେ ଏକ ବିଶେଷ କାରଣ ରହିଛି। ଯାହା ଲୋକଙ୍କ ଭାବନା ଉପରେ ନିର୍ଭର କରିଥାଏ। ଏଠାରେ ବିଚାର କରାଯାଏ ଯେ, ବ୍ୟକ୍ତିର ସ୍ୱାଧୀନତା ତା' ର ଅଧିକାର। ତେଣୁ ଅପରାଧି ଜେଲରୁ ଲୁଚି ପଳାଇଲେ ତାହାକୁ ଅପରାଧ ମନାଯାଏ ନାହିଁ। ସେହିପରି ଏହି ନିୟମ ଜର୍ମାନୀର ଇତିହାସ ସହ ଜଡ଼ିତ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ନ୍ୟାୟିକ ପ୍ରକ୍ରିୟାରେ ବହୁ ପରିବର୍ତ୍ତନ ଅଣାଯାଇଥିଲା। ଏହା ଅନୁଯାୟୀ, ମାନବାଧିକାରର ରକ୍ଷା ଓ ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ପ୍ରାଥମିକତା ଦିଆଯାଇଛି। ଏଠାରେ ଜେଲ ଭାଙ୍ଗି ଖସିଯିବା ଏକ ସ୍ୱାଭାବିକ ପ୍ରତିକ୍ରିୟା ଭାବେ ଜଣାଯାଏ। କୌଣସି କଏଦୀ ଯେତେବେଳେ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଜେଲ୍‌ରୁ ଖସିପଳାଇବାକୁ ଚେଷ୍ଟା କରିବା ସ୍ୱାଭାବିକ ବୋଲି ଏଠାରେ ଜଣାଯାଏ। ତେଣୁ ଏଠାରେ ଏହାକୁ ଆଇନ ଅନୁଯାୟୀ, ବୈଧ ବୋଲି କୁହାଯାଇଛି। ସେହିପରି ଏହା ପଛରେ ଏକ ତର୍କ ମଧ୍ୟ ରହିଛି। ଏଠାକାର ସମ୍ବିଧାନରେ ମାବଧିକାରକୁ ପ୍ରଥମ ସ୍ଥାନ ଦିଆଯାଇଛି। ଏହା ଅନୁଯାୟୀ ଯଦି କୌଣସି ବ୍ୟକ୍ତିଙ୍କୁ ଜେଲ ରହଣି ସ୍ୱାଭାବିକ ଲାଗେନି, ଏପରି ସ୍ଥଳେ ସେ ଜେଲରୁ ଖସି ଯିବାର ଅଧିକାର ଅଛି। ଏଥି ସହିତ ଜେଲର ସ୍ଥିତି ଭଲ ନ ଲାଗିବା – ଯଥା- ଅଧିକ କଠୋର ଅନୁଭବ କଲେ କଏଦୀମାନେ ସ୍ୱତନ୍ତ୍ର ଭାବେ ଖସି ଯାଇପାରିବେ। ଏହା ବ୍ୟକ୍ତିର ସ୍ୱତନ୍ତ୍ରତା ତଥା ସ୍ୱାଧୀନତାକୁ ସମ୍ମାନ କରିବାର ଏକ ପ୍ରକ୍ରିୟା। ସେହିପରି ଜର୍ମାନୀ ଲୋକଙ୍କ ଭାବନା ଅନୁଯାୟୀ, ଜେଲ କେବଳ ଦଣ୍ଡ ନୁହେଁ, ବରଂ ଏକ ସୁଧାର ସ୍ଥାନ ହେବା ଜରୁରୀ।



# ସ୍କାଏ ଡାଇଭିଂ

## ଯେତେବେଳେ ଡେଇଁବାକୁ ଡରଲାଗେ...



ସମସ୍ତଙ୍କର କିଛି ନା କିଛି ଅଜବ ସଉକ ରହିଥାଏ। କିଏ ରୋମାଞ୍ଚପୂର୍ଣ୍ଣ ଯାତ୍ରା କରିବାକୁ ଭଲ ପାଆନ୍ତି,ତ ଆଉ କିଏ ଉଚ୍ଚ ପାହାଡ଼କୁ ଚଢ଼ିଥାନ୍ତି। ସେହିପରି ଅଧିକାଂଶ ସ୍କାଏ ଡାଇଭିଂ କରିବାର ସଉକ ରଖନ୍ତି। ସ୍କାଏ ଡାଇଭିଂ ପାଇଁ ବିମାନରେ ବସିବାକୁ ପଡ଼ିଥାଏ। ବିମାନଟି ଧୀରେ ଧୀରେ ଉଡ଼ାଣ ପାଇଁ କିଛି କିଲୋମିଟର ଉପରକୁ ଉଠିବାକୁ ଆରମ୍ଭ କଲେ, ସ୍କାଏଡାଇଭିଂ କରୁଥିବା ବ୍ୟକ୍ତିଙ୍କୁ ଉଡ଼ାଜାହଜରୁ ତଳକୁ ଡେଇଁବାକୁ ହୋଇଥାଏ। ପାରାସୁଟ୍ ସାହାଯ୍ୟରେ ଚାଳକ ଜଣକ ସୁରକ୍ଷିତ ଭାବେ ଭୂପୃଷ୍ଠକୁ ଓହ୍ଲାଇଥାନ୍ତି। ହେଲେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ନୂଆ ନୂଆ ସ୍କାଏଡାଇଭିଂ କରୁଥାନ୍ତି, ଆକାଶମାର୍ଗରେ ପହଞ୍ଚିବା ପରେ ବିମାନରୁ ତଳକୁ ଡେଇଁବାକୁ ସେମାନଙ୍କୁ ସମାନ୍ୟ ଭୟ ଲାଗିଥାଏ। ଏଭଳି ଲୋକଙ୍କ ଭୟ ଦୂର କରି ତଳକୁ ଡେଇଁବାକୁ ପ୍ରଥମେ କୋଚ୍ ପରାମର୍ଶ ଦେଇଥାନ୍ତି କିମ୍ବା ତଳକୁ ଠେଲିଦେଇଥାନ୍ତି। ହେଲେ ଯେଉଁମାନଙ୍କୁ ଅଧିକ ଭୟ ଲାଗିଥାଏ, ତଥା ଆଦୌ ସେମାନେ ଡେଇଁବାକୁ ଚାହାଁନ୍ତିନି କୋଚ ଚାଳକଙ୍କୁ ଅଦୌ ଜବରଦସ୍ତ ଧକ୍କା ଦିଅନ୍ତିନି। କାରଣ ବିମାନରୁ ତଳକୁ ଡେଇଁବା କିମ୍ବା ନ ଡେଇଁବା ଏହା ଜଣକ ବ୍ୟକ୍ତିଗତ ନିଷ୍ପତ୍ତି। ଯଦି ବିମାନରେ ବସି ଆକାଶମାର୍ଗକୁ ପହଞ୍ଚି ସେଠାରୁ ଜଣେ ଡେଇଁବାକୁ ମନା କରିଦେଉଛନ୍ତି, ତେବେ ସ୍କାଏ ଡାଇଭିଂ ପାଇଁ ଦିଆଯାଇଥିବା ଫିସ୍ ଆଉ ଫେରସ୍ତ କରାଯାଏ ନାହିଁ। ଏହାକୁ ଦୃଷ୍ଟିଦେଲେ, ବିଶ୍ୱରେ ଅନେକ ସ୍ଥାନରେ ସ୍କାଏଡାଇଭିଂ ପାଇଁ ସୁବିଧା ରହିଛି। ଆମ ଦେଶରେ ପୁଣେରେ ଜଣେ ସ୍କାଏଡାଇଭିଂର ମଜା ନେଇପାରିବେ। ଏଥିପାଇଁ ୨୫,୦୦୦ରୁ ୩୫,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ସେହିପରି ନୈନିତାଲରେ ସ୍କାଏଡାଇଭିଂ ପାଇଁ ପାଖାପାଖି ୧୫,୦୦୦ରୁ ୨୫,୦୦୦ ଟଙ୍କା ଦେବାକୁ ହୁଏ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। ଅଚାନକ ଖୁସି ଖବର ପାଇବେ। ମାନସମ୍ମାନ ବୃଦ୍ଧି ପାଇବ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ପରିବାର ସଦସ୍ୟଙ୍କ ସହାୟତା ଯୋଗୁଁ ଅଟକି ଥିବା କାମକୁ ପୂରା କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟୟ ଅଧିକ ହେବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି। ।

**ମିଥୁନ:** ସୁସମ୍ବାଦ ମିଳିପାରେ। ଧନପ୍ରାପ୍ତି ଯୋଗ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ କଳହ ଲାଗିରହିବ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚକ୍ଷୁ ସମ୍ବନ୍ଧୀୟ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଅଚାନକ ଖୁସି ଖବର ପାଇବେ। ଆୟ ଓ ବ୍ୟୟ ସମାନ ରହିବ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ନିଜକୁ ଖୁସି ଦେଉଥିବା ପରି କାମ କରନ୍ତୁ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଅନ୍ୟଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରିବା ଭଲ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟପାରରେ ଦିନଟି ଭଲରେ ବିତିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।








# ମନ୍ଦାର ଫୁଲ କମ୍ ଫୁଟୁଥିଲେ...

ଦେବାଦେବୀଙ୍କୁ ପୂଜାର୍ଚ୍ଚନା ପାଇଁ ମନ୍ଦାରଫୁଲ ଖୋଜାପଡ଼େ । ଅନ୍ୟପକ୍ଷରେ ମନ୍ଦାର ଫୁଲ, ପତ୍ରରେ ଔଷଧୀୟ ଗୁଣ ଥିବାରୁ ଏହାର ଚାହିଦା ଥାଏ । ଏହାକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳର କିଛି ଲୋକ ଅନ୍ୟାନ୍ୟ ଚାଷ ସହ ମନ୍ଦାର ଫୁଲ ଚାଷ କରିଥାନ୍ତି । ବର୍ଷାଋତୁରେ ମନ୍ଦାର ଗଛ ଲଗାଗଲେ, ଫୁଲ ଭଲ ଅମଳ ହୋଇଥାଏ । ଏହି ଫୁଲକୁ ଜଣେ ବ୍ୟକ୍ତି ୧୦ ଟଙ୍କା ୨୦ ଟଙ୍କା ପ୍ୟାକେଟ୍ କରି ବିକ୍ରି କରିଥାନ୍ତି । ମନ୍ଦାରଫୁଲ ଚାଷରେ ବର୍ଷସାରା ଲାଭ ଥାଏ । ଫୁଲ ଚାଷ ପାଇଁ ସବୁବେଳେ ଗଛ ସହିତ ଲାଗିବାକୁ ପଡ଼ିଥାଏ । ତେବେ ମନ୍ଦାର ଗଛରେ ଅଧିକ ଫୁଲ ଆସିବାକୁ ଏହି ଉପାୟ ଆପଣାନ୍ତୁ ।

ବାଡ଼ି ବଗିଚାରେ ଲଗାଯାଇଥିବା ମନ୍ଦାର ଗଛରୁ ଯଦି ଅଧିକ ଫୁଲ ନ ଫୁଟେ, ତେବେ ପ୍ରଥମେ କୁଣ୍ଡରେ ପୁରୁଣା ଶୁଖିଲା ମାଟିକୁ ବଦଳାନ୍ତୁ । ସଫା ଓ ଗୁଣ୍ଡମାଟିରେ କୁଣ୍ଡକୁ ଭରନ୍ତୁ । ଯଦି ଚାହିଁବେ, ମାଟି ସହିତ ଅଳ୍ପ ଜିଆଖତ ଏବଂ କୋକୋପିଟ୍ ମିଶାଇ ପାରିବେ । ସଠିକ୍ ଭାବେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡ ରଖିପାରିବେ । ସବୁବେଳେ କୁଣ୍ଡରେ ହାଲୁକା ଜଳସେଚନ କରନ୍ତୁ । ଗଛମୂଳରେ ଯେପରି ମାତ୍ରାଧିକ ପାଣି ଜମି ନ ରହିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ । କାରଣ ଏହାଦ୍ୱାରା ମୂଳଶଢ଼ା ରୋଗ ହେବାର ଆଶଙ୍କା ଅଧିକ ରହିଥାଏ, ଫଳରେ ଗଛରେ ଅଧିକ ଫୁଲ ଆସିବାରେ ବାଧା ସୃଷ୍ଟି ହୁଏ । ଗଛମୂଳକୁ କବକଜନିତ ସମସ୍ୟାର ନିୟନ୍ତ୍ରଣ ପାଇଁ ନିମ୍ବଖତ ପ୍ରୟୋଗ କରିପାରିବେ । ମନ୍ଦାର ଗଛରେ ରୋଗପୋକ ପରିଚାଳନା ଠିକ୍ ଢ଼ଙ୍ଗରେ କରିବା ଆବଶ୍ୟକ ।

# ଚାଷୀର ଭରସା କୃଷିଋଣ

**ଚାଷ ପାଇଁ ଅର୍ଥର ଆବଶ୍ୟକତା ଅଧିକ ପଡ଼ିଥାଏ । ଅର୍ଥର ଅଭାବ ହେଲେ ଉତ୍ପାଦନର ହ୍ରାସ ପାଇଥାଏ । ତେଣୁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ସାଧାରଣତଃ କୃଷିଋଣ ଉପରେ ନିର୍ଭର କରିଥାନ୍ତି । ତେବେ କୃଷିଋଣ ଆବେଦନ ପୂର୍ବରୁ କିଛି ଜରୁରୀ କଥାକୁ ଧ୍ୟାନ ଦିଅନ୍ତୁ ।**





## କୃଷି ଋଣ ପାଇଁ ସରକାରୀ ବ୍ୟବସ୍ଥା

ଚାଷୀଟିଏ ବର୍ଷରେ ଦୁଇଥର ଅର୍ଥାତ୍ ଖରିଫ (ଏପ୍ରିଲ ଠାରୁ ସେପ୍ଟେମ୍ବର) ଓ ରବି (ଅକ୍ଟୋବରରୁ ମାର୍ଚ୍ଚ) ଫସଲ ପାଇଁ କୃଷି ଋଣ କରିଥାଏ । ଅତୀତରେ ଅଧିକ ସୁଧରେ ଚାଷୀ ଋଣ କରୁଥିଲା । କିନ୍ତୁ ଏବେ ଚାଷୀ ସମବାୟ ସଂସ୍ଥା (PACS/ ଲ୍ୟାମ୍ପସ୍ ଏବଂ ବିଭିନ୍ନ ବ୍ୟାଙ୍କରୁ ଋଣ ଗ୍ରହଣ କରିପାରୁଛି । ସାମୟିକ ଫସଲ ଉତ୍ପାଦନ ପାଇଁ ଫସଲ ଋଣ ଏବଂ କୃଷିଯନ୍ତ୍ରପାତି ଆଦି କ୍ରୟ ପାଇଁ ମଧ୍ୟମକାଳୀନ ଋଣ ଗ୍ରହଣ କରିଥାଏ ।

## ଫସଲ ଓ ଜମି ପରିମାଣ ଅନୁସାରେ ଋଣ

ପ୍ରଥମେ ପିଏସିଏସ୍/ ଲ୍ୟାମ୍ପସର ଅଂଶଧନ ଦେୟ ଦେଇ ଆବଶ୍ୟକ ନଥିପତ୍ର ପ୍ରଦାନ କରି ସଭ୍ୟ ହେବାକୁ ପଡ଼ିଥାଏ । ପରେ କେଉଁ ଫସଲ କେତେ ଜମିରେ ଚାଷ ପାଇଁ ଋଣ ଆବଶ୍ୟକ, ନିର୍ଦ୍ଧାରିତ ଫର୍ମରେ ଆବେଦନ କରାଯାଏ । ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କରି ଯୋଗ୍ୟ ହିତାଧିକାରୀଙ୍କ ଋଣ ମଞ୍ଜୁର ହୁଏ । ଋଣଟଙ୍କା ପାସବୁକ୍‌କୁ ଯାଏ । ଋଣଟଙ୍କା ଦୁଇଭାଗରେ ବିଭକ୍ତ । "ଏ" କମ୍ପୋନେଣ୍ଟରେ ଚାଷୀଙ୍କୁ ସିଧାସଳଖ ପେମେଣ୍ଟ କରାଯାଏ । "ବି" କମ୍ପୋନେଣ୍ଟରେ ଚାଷରେ ଆବଶ୍ୟକ ଉପାଦାନ ଯଥା - ପ୍ରାମାଣିକ ବିହନ, ସାର, ଇତ୍ୟାଦି ଦ୍ରବ୍ୟ ଆକାରରେ ଚାଷୀ ପାଇଥାନ୍ତି । ଖରିଫ ବା ରବି ଫସଲ ଋଣ ସଠିକ୍ ସମୟରେ ପୈଠ କଲେ ଲକ୍ଷେ ଟଙ୍କା ମଧ୍ୟରେ ସୁଧ ପଡ଼ି ନ ଥାଏ । ସମୟ ପୂର୍ବରୁ ଋଣ ଶୁଝିଲେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ସବ୍‌ସିଡି ମିଳିଥାଏ । ଋଣ ପ୍ରଦାନ କରୁଥିବା ସଂସ୍ଥାର ସଭ୍ୟମାନଙ୍କୁ ନେଇ ଗଠିତ କମିଟି ବାର୍ଷିକ ଅଧିବେଶନ ବସି ନୀତି ନିର୍ଦ୍ଧାରିତ କରନ୍ତି । ରାଜ୍ୟ ସରକାରଙ୍କ ତରଫରୁ କେଉଁ ଋତୁରେ କେଉଁ ଫସଲ ଚାଷ ପାଇଁ କେତେ ଟଙ୍କାର "ଏ" ଓ "ବି' କମ୍ପୋନେଣ୍ଟ ଅର୍ଥ ଆବଶ୍ୟକ ତାହା ପ୍ରତିବର୍ଷ ନିର୍ଦ୍ଧାରଣ କରିଥାନ୍ତି ।

## ଅନ୍‌ଲାଇନ୍ ଆବେଦନ ସୁବିଧା

ବ୍ୟାଙ୍କ ନ ଯାଇ ଚାଷୀମାନେ ଏବେ ଘରେ ବସି ଅନ୍‌ଲାଇନ୍ 'ସଫଳ' ପୋର୍ଟାଲ ମାଧ୍ୟମରେ କୃଷି ଋଣ ଆବେଦନ କରିପାରିବେ ।

## ପଶୁପାଳନ ଓ ମାଛଚାଷ ପାଇଁ ଋଣ

କେବଳ ଫସଲ ପାଇଁ ନୁହେଁ, କୁକୁଡ଼ା, ଗାଇ, ଛେଳି, ମାଛଚାଷ, ମେଣ୍ଢା, ଘୁଷୁରି, ଓ ବତକ ଆଦି ପାଳନ ପାଇଁ ମଧ୍ୟ କୃଷିଋଣର ସୁବିଧା ରହିଛି ।

## ଶସ୍ୟ ବୀମା ସୁବିଧା

ସମଗ୍ର ରାଜ୍ୟ ପାଇଁ କୃଷିଋଣ ନୀତି ନିୟମ ସମାନ । କୃଷିଋଣ ଉଠାଣ ସମୟରେ ଋଣ ଗ୍ରହୀତାଙ୍କ ସହମତିକୁ ନେଇ ଜିଲ୍ଲା ପାଇଁ ବିଜ୍ଞାପିତ ଫସଲ ନିମନ୍ତେ ବୀମା କରିପାରିବେ । ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରିମିୟମ ପୈଠ କରିଥାନ୍ତି । ପ୍ଲଟ୍ ପ୍ରତି ଚାଷୀଙ୍କୁ ଏକ ଟଙ୍କା ଦେବାକୁ ପଡ଼ିଥାଏ । ଋଣ ଗ୍ରହୀତା ବାର୍ଷିକ ପ୍ରିମିୟମ ପ୍ରଦାନ କରି ଦୁର୍ଘଟଣା ଜନିତ ବୀମାରାଶି ପାଇଥାନ୍ତି । ଫସଲ ଉତ୍ପାଦନକୁ ଏମ୍‌ଏସ୍‌ପି ବା ସର୍ବନିମ୍ନ ସହାୟକ ମୂଲ୍ୟ ଦରରେ ଚାଷୀ ବିକ୍ରି କରିଥାଏ । ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ଖରିଫ ଓ ରବି ଋତୁରେ ଘୋଷଣା କରାଯାଇଥାଏ । ଠିକ୍ ସମୟରେ ଋଣ ପରିଶୋଧନ କଲେ ୧୨.୫ ପ୍ରତିଶତ ସୁଧ ଦେବାକୁ ପଡ଼ିଥାଏ । ରବି ଏବଂ ଖରିଫଋତୁରେ ଚାଷୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବାର୍ଷିକ ସହାୟତା ମଧ୍ୟ ମିଳିଥାଏ ।

## ଠିକ୍ ସମୟରେ ଋଣ ଶୁଝିବା ଜରୁରି



ଖରିଫ ଋଣ ମାର୍ଚ୍ଚ ୨୫ ଏବଂ ରବିଋଣ ଜୁନ୍ ୨୫ରେ ପୈଠ କରନ୍ତୁ । ରବିଧାନ ଏକର ପ୍ରତି ୩୭ ହଜାର ଟଙ୍କା, ଲଙ୍କା ପାଇଁ ୫୦ ହଜାର ଟଙ୍କା, ଟମାଟୋ ପାଇଁ ୧୭ ହଜାର ଟଙ୍କା, ବାଇଗଣ ପାଇଁ ୪୫ ହଜାର ଟଙ୍କା, ବନ୍ଧା ଓ ଫୁଲକୋବି ପାଇଁ ୪୧ ହଜାର, ମୁଗ ଏବଂ ବିରି ପାଇଁ ୧୬ ହଜାର ୫୦୦ ଟଙ୍କା ଓ ସେହିପରି ବିଭିନ୍ନ ଫୁଲ ଚାଷ ଅନୁସାରେ ଋଣ ମିଳିଥାଏ । ବିଭିନ୍ନ ପ୍ରକାର ଛତୁ ଚାଷ ପାଇଁ ଚାଷୀ ଋଣ ପାଇପାରୁଛନ୍ତି । ଗେଣ୍ଡୁ ଓ ମଲ୍ଲୀ ଫୁଲଚାଷ ପାଇଁ ଏକର ପିଛା ୫୦, ହଜାର, ଗୋଲାପ ପାଇଁ ୬୦ ହଜାର, ରଜନୀଗନ୍ଧା ପାଇଁ ୬୦ ହଜାର ସୁବିଧା ମିଳିଥାଏ । ତେଣୁ ସଠିକ୍ ସମୟରେ ଋଣ ଶୁଝି ଚାଷୀ ଆଗାମୀ ଫସଲ ପାଇଁ ଋଣ ଗ୍ରହଣ କରିପାରିବେ । ଜେ ପି ଏ ପ୍ରିମିୟମ ୨୦୨୪-୨୫ ବର୍ଷ ବାର୍ଷିକ ୮୨ ଟଙ୍କା ୬୦ ପଇସା ବୀମାର ପରିମାଣ ଟ ୫,୦୦,୦୦୦/ ସୁବିଧା ରହିଛି ।

- ଉଦିତ କୁମାର ନାଏକ,
ଅବସରପ୍ରାପ୍ତ ଗୋଷ୍ଠୀ କୃଷି ଅଧିକାରୀ, ସୁନ୍ଦରଗଡ଼



# କୃଷି ପାଣିପାଗ

### ଏ ସପ୍ତାହ ପାଇଁ ଚାଷୀଙ୍କ ପରାମର୍ଶ...

- ନିୟମିତ ଫସଲର ରୋଗପୋକ ସର୍ବେକ୍ଷଣ କରନ୍ତୁ ।
- ୩୦ରୁ ୪୫ ଦିନର ପନିପରିବା ଚାରା ଯଥା -ଟମାଟୋ, ବାଇଗଣ, ଲଙ୍କା, ଫୁଲକୋବି, ବନ୍ଧାକୋବି ଇତ୍ୟାଦିକୁ ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ ।
- ରବି ଫସଲ ଲଗାଇବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ।
- ଶୀତଦିନିଆ ପନିପରିବା ତଳିଘେରାରୁ ରାତିର କମ୍ ତାପମାତ୍ରା ରକ୍ଷା କରିବା ପାଇଁ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
- ଅଧିକ ଅମଳକ୍ଷମ ବିରି କିସମ ଯଥା – ଟି- ୯ , ପିୟୁ୧୧, ପିୟୁ୧୯ , ପିୟୁ୩୦ ଏବଂ ମୁଗ କିମସ ଯଥା କେ-୮୫୧, ପିଡ଼ିଏମ ୧୧, ପିଡ଼ିଏମ ୫୪, ଓୟୁଏମ୍ ୧୧୫ ଏକର ପ୍ରତି ୧୦ କେଜି ହିସାବରେ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲଚରରେ ବିଶୋଧନ କରନ୍ତୁ ।
- ବାଇଗଣରେ ଫଳବିନ୍ଧା ପୋକର ପରିଚାଳନା ନିମନ୍ତେ ଚାଷୀଭାଇମାନେ ଏକର ପିଛା ୮ଟି ଫେରୋମୋନ ଯନ୍ତା ଲଗାନ୍ତୁ ।
- ବୋଇତାଲୁ ଫସଲରେ ଫୁଲ କି ଫଳ ଆସିବା ସମୟରେ କୀଟନାଶକ ସିଞ୍ଚନ କାର୍ଯ୍ୟ ସନ୍ଧ୍ୟାରେ କରିପାରିବେ ।

# ଅଧିକ କ୍ଷୀର ପାଇବାକୁ ହେଲେ...

ଦୁଗ୍ଧ ଉତ୍ପାଦନ ପାଇଁ ଗାଈ, ମଇଁଷି ପାଳନ କରାଯାଇଥାଏ । ହେଲେ ଗାଈ କି ମଇଁଷି ମନ ମୁତାବକ କ୍ଷୀର ନ ଦେବା ଅଧିକାଂଶ ଗୋପାଳକଙ୍କ ଚିନ୍ତା ବଢ଼ାଏ । ତେଣୁ ଦୁଗ୍ଧ ବୃଦ୍ଧି କରିବାକୁ ପ୍ରାଣୀଙ୍କୁ ସବୁଜ ଓ ଶୁଖିଲା ଚାରା ଦେବା ଜରୁରି । ଏହାସହ କ୍ଷୀର ଦୁହିଁବା ସମୟରେ କିଛି ତ୍ରୁଟି ଦ୍ୱାରା ପ୍ରାଣୀଙ୍କ ଠାରୁ ଅଧିକ କ୍ଷୀର ସଂଗ୍ରହ କରାଯାଇପାରେନାହିଁ । ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।



ଦୁଧିଆଳି ଗାଈ କିମ୍ବା ମଇଁଷି ଠାରୁ କ୍ଷୀର ଦୁହିଁବା ଏକ ପ୍ରକାର କଳା । ହେଲେ ଅଧିକାଂଶ ପ୍ରାଣୀପାଳକ କ୍ଷୀର ଦୁହିଁବା ସମୟରେ କିଛି ଭୁଲ୍ କରିଥାନ୍ତି । ତେଣୁ କ୍ଷୀର ଦୁହିଁବା ସମୟରେ ଗାଈ କି ମଇଁଷିଙ୍କୁ ଧୂଳିଯୁକ୍ତ ଚାରା ଦିଅନ୍ତୁନି । ଏକ ଶାନ୍ତ ବାତାବରଣରେ କ୍ଷୀର ଦୁହିଁବା ଭଲ । ଏହି ସମୟରେ କେବେ ବି ଗାଈ କି ମଇଁଷିଙ୍କୁ ନାଲିଆଖି ଦେଖାନ୍ତୁନି । ସେମାନଙ୍କୁ ମାଡ଼ ମାରନ୍ତୁନି । କ୍ଷୀର ଦୁହୁଁଥିବା ବ୍ୟକ୍ତିଙ୍କ ନଖ କାଟିବା ଜରୁରି । ନଚେତ ପହ୍ନାରେ ଆଘାତ ଲାଗିଲେ କ୍ଷୀର ଦୁହିଁବାରେ ସମସ୍ୟା ଲାଗେ । ୭ରୁ ୮ ମିନିଟ୍ ମଧ୍ୟରେ କ୍ଷୀର ଦୁହିଁବା କାମ ସାରି ଦେବା ଜରୁରି । କ୍ଷୀର ସଂଗ୍ରହ କରିବା ପରେ ପରେ ଏହାକୁ ଅଧିକ ସମୟ ଖୋଲା ରଖନ୍ତୁନି । ସେହିପରି କ୍ଷୀର ଦୁହିଁବା ପରେ ପ୍ରାଣୀଙ୍କ ଚିର ମୁହଁ ପ୍ରାୟତଃ ୩୦ ମିନିଟ୍ ଖୋଲା ରହିଥାଏ । ତେଣୁ ବିଭିନ୍ନ ସଂକ୍ରମଣ ଠାରୁ ସେମାନଙ୍କୁ ସୁରକ୍ଷା ଦେବାକୁ ଶୁଷ୍କ ଓ ସ୍ୱଚ୍ଛସ୍ଥାନରେ ରଖନ୍ତୁ । ଅନ୍ୟପଟେ ଦୁଗ୍ଧ ବୃଦ୍ଧି ପାଇଁ ମକ୍କା, ବାଜରା, ଜଅ, ଗହମକୁ ଚୂନା କରି ଚାରା ସହ ଅନୁମୋଦିତ ହାରରେ ମିଶାଇ ଦେବା ଦରକାର । ସୋରିଷ, ଅଳସୀ କିମ୍ବା ବାଦାମର ପିଡ଼ିଆ ଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଥାଏ ।

# ଏ ମାସର ଚାଷ

- ପରପଲ୍ କ୍ୟାପ୍‌ସିକମ୍, ଅରେଞ୍ଜ କ୍ୟାପ୍‌ସିକମ୍, କ୍ୟାପ୍‌ସିକମ୍ ରେଡ୍ ତଥା କ୍ୟାପ୍‌ସିକମ୍ ୟେଲୋ କିସମରୁ କ୍ୟାପ୍‌ସିକମ୍ କିସମ ବ୍ୟବହାର କରି ଚାଷ କରିପାରିବେ । ଏହି ଚାଷ ପାଇଁ ଆର୍ଦ୍ର ଜଳବାୟୁ ଆବଶ୍ୟକ । ମଞ୍ଜି ବୁଣିବାର ଚାରି ସପ୍ତାହ ପରେ କୁଣ୍ଡରୁ ମାଟି ବଦଳାଇପାରିବେ । ସବୁଜ ତାରଜାଲି କିମ୍ବା ପଲିହାଉସ୍ ଜରିଆରେ କ୍ୟାପ୍‌ସିକମ୍ ଚାଷ ଦ୍ୱାରା ଅଧିକ ଅମଳ ହୁଏ ।
- ସେହିପରି ଥଣ୍ଡା ଜଳବାୟୁରେ ପାଳଙ୍ଗ ଚାଷ ବେଶ୍ ଲାଭପ୍ରଦ । ନଭେମ୍ବର ମାସରେ ଏହାକୁ ଚାଷ କରିବା ଦ୍ୱାରା ଚାଷୀମାନଙ୍କୁ ଅଧିକ ଲାଭ ମିଳିପାରିଥାଏ । ପାଳଙ୍ଗ ଲଗାଇବାର ପ୍ରାୟ ୩୦ ଦିନ ପରେ ଏହାର ପତ୍ର କଟାଯାଇପାରିବ ।
- ଉପଯୁକ୍ତ ବାୟୁ ଚଳାଚଳ ମୃତ୍ତିକାରେ ଗାଜର ଓ ବିଟ୍ ଚାଷ କରିପାରିବେ । ଏଥିପାଇଁ ଅରେଞ୍ଜ ଗାଜର, ଲାଲ୍ ଗାଜର, ଅର୍ଲିନେନ୍‌ଟେସ୍ ଗାଜର ଆଦି କିସମ ବାଛି ପାରିବେ । କେବଳ ସେତିକି ନୁହେଁ, ଏହି ମାସରେ ଗ୍ରୀନ୍ ମଟର, ବ୍ରୋକଲି, ମୂଳା, ଗାଜର ସହିତ ପତ୍ରକୋବି ଚାଷ କରିପାରିବେ ।

**ଶୀତଦିନ ବରୁଗୁଡ଼ି ଚାଷ ପାଇଁ ସଙ୍କର ଜାତୀୟ, ସବିତା କିସମ ଫଳପ୍ରଦ । ୧୦୦ ଗ୍ରାମକୁ ୧୫୦ ଟଙ୍କା**
**କଷି କାଞ୍ଚନ, ମଞ୍ଜି ଦର ୧୦୦ ଗ୍ରାମକୁ ୯୦ ଟଙ୍କା**
**ସଙ୍କର ଜାତୀୟ କବିତା ମଞ୍ଜି ଦର ୧୦୦ ଗ୍ରାମ୍‌କୁ ୧୫୦ଟଙ୍କା**
**ଅନୁପମ କିସମ, ୧୦୦ ଗ୍ରାମକୁ ୮୦ ଟଙ୍କା**



କୃଷି ଯନ୍ତ୍ରପାତି

# ଫସଲ ଅବଶେଷାଂଶରୁ ଗୁଳା ତିଆରି ମେସିନ୍



ଧାନ ହେଉ କି ଗହମ, ଅମଳ ପରେ ଏହାର ଅବଶେଷାଂଶକୁ କେତେକ କ୍ଷେତ୍ରରେ ପଶୁଙ୍କ ଚାରା ଭାବେ ଉପଯୋଗ କରାଯାଏ । ଆଉ କିଛି କ୍ଷେତ୍ରରେ ଏହା ଜାଳେଣି ରୂପେ ବ୍ୟବହାର ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି କୃଷି ବୈଜ୍ଞାନିକମାନେ ଏପରି ଏକ ମେସିନ୍ ବିକଶିତ କରିଛନ୍ତି, ଏହା ଫସଲର ଅବଶେଷାଂଶକୁ ଜାଳେଣି ତଥା ବାୟୋମାସ୍ ଖଣ୍ଡରେ ପରିବର୍ତ୍ତନ କରିପାରେ । ଫସଲର ନଡ଼ା, ଡାଳ ଏବଂ ଧୁଷକୁ ଉଚ୍ଚଚାପ ଏବଂ ଅଧିକ ତାପମାତ୍ରା ସଙ୍କୁଚିତ କରି ଛୋଟ ଛୋଟ ଗୋଲିରେ ବଦଳାଏ । ଏହି ମେସିନ୍‌ଟି କଞ୍ଚାମାଲର ପୂର୍ବ-ଉପଚାର, ପେଲେଟିଂ ଏବଂ ଅମଳ ପରବର୍ତ୍ତୀ ଉପଚାର ଆଦି ତିନି ମୁଖ୍ୟ କାମ କରେ । ମେସିନ୍‌ର କାର୍ଯ୍ୟକ୍ଷମତା ନେଇ ଏହାର ମୂଲ୍ୟ ଧାର୍ଯ୍ୟ କରାଯାଇଥାଏ । ଅଧିକାଂଶ ବାୟୋମାସ୍ ପେଲେଟ୍ ମେସିନଟି ବିଦ୍ୟୁତ୍ ଚାଳିତ । ଏଥିରେ ଭିନ୍ନ ଭିନ୍ନ କ୍ଷମତା ଏବଂ ମଡେଲ ଆସିଥାଏ । ପ୍ରଥମେ ବାୟୋମାସ୍ ଫିଡଷ୍ଟକ୍ କରିବାକୁ ହୁଏ । ଏଥିରେ ଫସଲ ଅବଶେଷାଂଶକୁ ଚୟନ କରିବା ଦ୍ୱାରା ଏଥିରୁ ମାଟି, କାଙ୍କେଡ଼ିଆ ପଥର, ଧାତୁ, ପ୍ଲାଷ୍ଟିକ୍ ଆଦିକୁ ବାଛି ଅଲଗା କରେ । ବାୟୋମାସ୍‌ରେ ଆର୍ଦ୍ରତା ଅଧିକ ଥିଲେ, ଏହାକୁ ଶୁଖାଇଥାଏ । ପରେ ଏହାକୁ ପ୍ରକ୍ରିୟା ହିସାବରେ ଗୁଳି ଆକାରର କରେ । ଏହି ମେସିନ୍ ସମସ୍ତ ପ୍ରକାର ଫସଲ ଯଥା, ଧାନ, ଗହମ, ମକା ଆଦି ବର୍ଜ୍ୟରୁ ଗୁଳା କରିପାରେ । ମେସିନ୍‌ଟି ଘଣ୍ଟା ପ୍ରତି ୬୦ କିଲୋ ହିସାବରେ ଗୁଳା କରେ । ଏହି ମେସିନ୍‌ର ଦାମ୍ ୬୦ ହଜାରରରୁ ଆରମ୍ଭ କରି ୪.୫ ଲକ୍ଷ ଟଙ୍କା ଯାଏଁ ରହିଛି ।

ସଫଳ ଚାଷୀ

## ଇଲେକ୍ଟ୍ରୋନିକ୍ସ ଦୋକାନୀରୁ ଚାଷୀ

# ଛତୁ ଓ ମାଛ ଚାଷରୁ ସ୍ୱାବଲମ୍ବୀ ରମାକାନ୍ତ

**କଥାରେ ଅଛି, ଚାଷ କାମ ଯାହାର, କି ଆନନ୍ଦ ତାହାର । ଏହାକୁ ପ୍ରମାଣ କରି ଦେଖାଇଛନ୍ତି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଘୁଆ ଗାଁ'ର ରମାକାନ୍ତ ପଣ୍ଡା । କରୋନା ପୂର୍ବରୁ ସେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ କରୁଥିଲେ । ମାତ୍ର କରୋନା ପରେ ସେ ଜଣେ ଚାଷୀ ପାଲଟିଗଲେ । ଏବେ ନିଜ ବାଡ଼ିରେ ସେ ମାଛ ଓ ଛତୁ ଚାଷ କରି ବେଶ୍ ଶାନ୍ତିରେ ଜୀବନ ବିତାଉଛନ୍ତି । ଚାଷ କାମରେ ତାଙ୍କୁ ପତ୍ନୀ ସମ୍ପୂର୍ଣ୍ଣ ସହଯୋଗ କରିଥାନ୍ତି ।**



ପତ୍ନୀ ଓ ପୁଅ ଝିଅଙ୍କୁ ନେଇ ରମାକାନ୍ତଙ୍କ ପରିବାର । ଆରମ୍ଭରୁ ଖଇରା ବ୍ଲକ ଡୁଙ୍ଗୁରା ବଜାରରେ ତାଙ୍କ ଇଲେକ୍ଟ୍ରୋନିକ୍ସ ସୋ-ରୁମ୍ ରହିଥିଲା । ତାସହ କେବୁଲ୍ ନେଟୱାର୍କ କାମ କରୁଥିଲେ । ମାତ୍ର କରୋନାରେ ତାଙ୍କ ବ୍ୟବସାୟ ପ୍ରଭାବିତ ହେଲା । ଟଙ୍କାଟିଏ ରୋଜଗାର ହେଲାନି କି ବକେୟା ଟଙ୍କା ବି ସେ ପାଇଲେନି । ତେଣୁ ସେ 'ମୋ ପୋଖରୀ' ଯୋଜନାରେ ପୋଖରୀଟି ଖୋଳି ମାଛ ଚାଷ ଆରମ୍ଭ କଲେ । ମତ୍ସ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସରକାରୀ ସହାୟତାରେ ଗୋଟେ ଏକର ଜାଗା ପୋଖରୀରେ ୨୦୨୦ ରେ ଆରମ୍ଭ କଲେ ମାଛ ଚାଷ । ରୋହି, ଭାକୁର ଓ ଚିଙ୍ଗୁଡ଼ି ଚାଷ ପାଇଁ ଆର୍ଥିକ ସହାୟତା ସେ ପାଇଥିଲେ । ଏହି ମାଛ ଚାଷ ଏଯାବତ୍ ଜାରି ରହିଛି । ବର୍ଷକୁ ଦୁଇ ଥର ମାଛ ବେପାରୀଙ୍କୁ ସେ ବିକ୍ରି କରନ୍ତି । ଏହାବ୍ୟତୀତ ଦୁଇବର୍ଷ ହେଲା ସେ ଛତୁ ଚାଷ କରୁଛନ୍ତି ।

ପୋଖରୀ ଖୋଳିବା ପରେ ଆଉ କିଛି ଫାଙ୍କା ଥିବା ଦେଖି ସେଠାରେ ଛତୁ ଚାଷ କରିବାକୁ ଯୋଜନା କରିଥିଲେ । ପୂର୍ବରୁ ୟୁଟ୍ୟୁବ ଦେଖି ଛୋଟ ଜାଗାରେ ଛତୁ ଚାଷ ଆରମ୍ଭ କରିଥିଲେ । ଲାଭ ମିଳିବାରୁ ଏହି ଚାଷ ବଢ଼ାଇବାକୁ ଯୋଜନା କରିଲେ । ଏହାପରେ ଉଦ୍ୟାନ କୃଷି ବିଭାଗରୁ ତାଲିମ ନେବା ସହ ଆର୍ଥିକ ସହାୟତା ପାଇ ଛତୁ ଚାଷ ଆରମ୍ଭ କଲେ । ବର୍ତ୍ତମାନ ୧୬ ଶହ ବର୍ଗଫୁଟ ଜାଗାରେ ପାଳ ଛତୁ ଫାର୍ମ କରି ସଫଳ ହୋଇଛନ୍ତି । ପ୍ରତି ୧୧,୧୨,୧୩ ଦିନରେ ଅମଳ ହୁଏ ଛତୁ । କିଛି ବ୍ୟବସାୟୀ ଆସି ଛତୁ ନେଇ ପାଖ ବଜାରରେ ବିକ୍ରି କରନ୍ତି । ଛୋଟ ଜାଗାରୁ ଆରମ୍ଭ କରିଥିବା ଏକ ଛତୁ ଚାଷ ବର୍ତ୍ତମାନ ଏକ ଫାର୍ମ ରେ ପରିଣତ ହୋଇଗଲାଣି । ଚାଷ କାମରେ ପତ୍ନୀ ମମତାରାଣୀ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତି । "ସେତେବେଳେ ଦୋକାନରେ ବସି ଲକ୍ଷାଧିକ ଟଙ୍କା ରୋଜଗାର କଲେ ବି ବହୁତ ଟେନସନ୍ ଥିଲା । ବାକି ପଡୁଥିଲା । ଇଲେକ୍ଟ୍ରୋନିକ ଏବଂ କେବୁଲ୍ କାମରେ ମୁଁ ୩/ ୪ ଲକ୍ଷ ଟଙ୍କା କ୍ଷତି ସହିଛି । କିନ୍ତୁ ଚାଷ କରି ପ୍ରକୃତ ଶାନ୍ତି ପାଇବା ପରେ ସେସବୁ କ୍ଷତି ଏବେ ଭରଣା ହୋଇଯାଇଛି ବୋଲି କୁହନ୍ତି ରମାକାନ୍ତ । ଗତ ବର୍ଷ ଦୈନିକ ୫/ ୭ କିଲୋ ଛତୁ ଅମଳ ହେଉଥିଲା । ଆଗକୁ ୧୫/୨୦ କିଲୋ ଛତୁ ବାହାର କରିବା ନେଇ ଯୋଜନା କରିଛନ୍ତି ରମାକାନ୍ତ ।

ରିପୋର୍ଟ: ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ବାଲେଶ୍ୱର

### ସିକେ ନାଇଡୁ ଟ୍ରଫି; ସାୱନଙ୍କ ଶତକ ବେକାର

## କର୍ଣ୍ଣାଟକ ୯ ୱିକେଟରେ ଓଡ଼ିଶାକୁ ହରାଇଲା

ବଲାଙ୍ଗିର/କଟକ, ୧୧।୧୧(ସମିସ): ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ଖେଳାଯାଇଥିବା ସିକେ ନାଇଡୁ ଟ୍ରଫିର ଏକ ଲିଗ୍ ମ୍ୟାଚ୍‌ରେ କର୍ଣ୍ଣାଟକ ୯ ୱିକେଟରେ ଘରୋଇ ଓଡ଼ିଶାକୁ ହରାଇଛି। କର୍ଣ୍ଣାଟକର ପ୍ରଥମ ପାଳି ୩୮୯ ରନ ଜବାବରେ ଓଡ଼ିଶା ୧୮୫ ରନରେ ଅଲଆଉଟ ହେବା ସହ ଫଲୋଅନ ପାଇଥିଲା। ଦ୍ୱିତୀୟ ପାଳି ବ୍ୟାଟିଂ କରିଥିବା ଓଡ଼ିଶା ରବିବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୬ ୱିକେଟ ବିନିମୟରେ ୨୭୪ ରନ କରିଥିଲା। ଅଧିନାୟକ ସାୱନ ପହରିଆ ୯୧ ଏବଂ ସୁଜଲ ସିଂହ ୭୨ ରନରେ ଅପରାଜିତ ଥିଲେ। ସୋମବାର ଶେଷ ଦିନରେ ସୁଜଲ ୮୪ ରନରେ ଆଉଟ ହୋଇଥିବାବେଳେ ନିମ୍ନକ୍ରମର ବ୍ୟାଟର ଆଶୁତୋଷ ମାରାଣ୍ଡି ୨୫, ଆଶୁତୋଷ ଛୁରିଆ ଖାତା ଖୋଲିପାରି ନ ଥିଲେ। ଅଧିନାୟକ ସାୱନ ୧୨୧ ରନର ପାଳି ଖେଳିଥିଲେ। କର୍ଣ୍ଣାଟକର ମନ୍ମଥ କୁମାର ଏବଂ ପାରସ ଆର୍ଯ୍ୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ପାଳିରେ ଓଡ଼ିଶା ମୋଟ୍ ୩୪୬ରନ କରିବା ଫଳରେ କର୍ଣ୍ଣାଟକ ସମ୍ମୁଖରେ ୧୪୩ ରନର ବିଜୟ ଲକ୍ଷ୍ୟ ରହିଥିଲା। ଯାହାକୁ ଭ୍ରମଣକାରୀ ଦଳ ଗୋଟିଏ ୱିକେଟ ହରାଇ ବିଜୟୀ ହୋଇଥିଲା। ପ୍ରକାର ଚର୍ତୁବେଦୀ ୭୨ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ।

### ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍

## ନିଶାନ୍ତଙ୍କୁ ହରାଇଲେ ଅବିନାଶ

ଭୁବନେଶ୍ୱର, ୧୧।୧୧ (ସମିସ): ସ୍ଥାନୀୟ ପଟିଆସ୍ଥିତ ସିକ୍ସ ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍‌ଓଡ଼ିଶା ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍‌ରେ ସୋମବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି।



ସିନିଅର ସ୍ନୁକର ବିଭାଗରେ ଏକ ମ୍ୟାଚରେ ଦୁଇଥରର ପୂର୍ବତନ ରାଜ୍ୟ ଚାମ୍ପିଅନ ୨ୟ ସିଡ୍ ନିଶାନ୍ତ ବିଶ୍ୱାଳକୁ ଅବିନାଶ ମହାପାତ୍ର ପରାସ୍ତ କରିଛନ୍ତି। ଏହି କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାକୁ ଅବିନାଶ ୩-୨ ଫେମ୍‌ରେ ଜିତିଥିଲେ। ସେହିଭଳି ଅନ୍ୟ ମୁକାବିଲାଗୁଡ଼ିକରେ ଡ. ରାକେଶ ରୋଶନ ପ୍ରଧାନ ୩-୧ରେ ଅସିତ୍ ଚୌଧୁରୀଙ୍କୁ, ରୁମିତ୍ ଗୁପ୍ତା ୩-୦ରେ ଡ. ଅତନୁ ନାୟକଙ୍କୁ, ଜୀତେନ ଷଡ଼ଙ୍ଗୀ ୩-୨ରେ ଜଗଦିଶ ମହାନ୍ତିଙ୍କୁ, ମିଶାଲ ସ୍ୱାଇଁ ୩-୨ରେ ଗୋଦୱିନ କୁଲ୍ଲୁଙ୍କୁ ଓ ଚିରାଗ ଆରୋରା ୩-୦ ଫେମ୍‌ରେ ମାନସ ବେହୁରାଙ୍କୁ ହରାଇଥିଲେ। କୁନାଲ ଅଗରୱାଲଙ୍କ ବିପକ୍ଷରେ ସୟଦ ଅଲତାଫ୍ ଅଲିଙ୍କୁ ୱାକ୍‌ଓଭର ମିଳିଥିଲା।

### ପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ୍‌ବଲ୍ ଚାମ୍ପିଅନସିପ୍

## ଓଡ଼ିଶା ବାଳକ ଚାମ୍ପିଅନ, ବାଳିକା ରନର୍ସଅପ୍

ଭୁବନେଶ୍ୱର, ୧୧।୧୧ (ସମିସ): ରୋଲ୍‌ବଲ୍ ଆସୋସିଏସନ୍ ଅଫ୍ ୱେଷ୍ଟବେଙ୍ଗଲ ଆନୁକୂଲ୍ୟରେ କୋଲକାତାରେ ୩ୟ ଜାତୀୟ ପୂର୍ବାଞ୍ଚଳ ୧୧ ବର୍ଷରୁ କମ୍ ରୋଲ୍‌ବଲ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ମିନି ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ମିଶ୍ରିତ ସଫଳତା ମିଳିଛି। ଓଡ଼ିଶା ବାଳକ ଦଳ ଚାମ୍ପିଅନ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛି। ସେହିଭଳି ଓଡ଼ିଶା ବାଳିକା ଦଳ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛି।

### ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଉଦ୍‌ଘାଟିତ

# ବିଜୟରୁ ଭାରତର ଅଭିଯାନ ଆରମ୍ଭ

ରାଜଗିରି, ୧୧।୧୧ (ଏଜେନ୍ସି): ବିହାରର ରାଜଗିରି ହକି ଷ୍ଟାଡିୟମରେ ସୋମବାର ମହିଳା ଏସିଆନ୍ ଚାମ୍ପିଅନ୍ସ ଟ୍ରଫିର ୮ମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ମହିଳା ହକି ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଭାରତ ୪-୦ ଗୋଲରେ ମାଲେସିଆକୁ ମାତ୍ ଦେଇ ୩ ପଏଣ୍ଟ ସହ ଖାତା ଖୋଲିଛି। ସାଲିମା ଟେଟେଙ୍କ ନେତୃତ୍ୱରେ ଖେଳୁଥିବା ଭାରତୀୟ ଦଳ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଦକ୍ଷିଣ କୋରିଆକୁ ଭେଟିବ।

ସୋମବାର ଅପରାହ୍ଣରେ ମାଲେସିଆ ମହିଳା ଦଳ ବିପକ୍ଷରେ ଅନୁଷ୍ଠିତ ଏହି ମ୍ୟାଚ୍ ଆରମ୍ଭରୁ ଭାରତ ଅଗ୍ରଣୀ ହାସଲ କରିବାରେ ସମର୍ଥ ହୋଇଥିଲା। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ସଙ୍ଗୀତା କୁମାରୀ ଏହି ସୁଯୋଗର ଭରପୁର ଫାଇଦା ଉଠାଇ ବଲ୍‌କୁ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଘରୋଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ।



ପ୍ରଥମ କ୍ୱାର୍ଟରରେ ଭାରତ ଆଉ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ମାଲେସିଆ ଡିଫେଣ୍ଡର ଏହାକୁ ଅଟକାଇବାରେ ସଫଳ ହୋଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଭାରତୀୟ ଖେଳାଳିମାନେ ପ୍ରଭାବ ବିସ୍ତାର କରି ଖେଳିଥିଲେ। ଏପରିକି ଦଳକୁ ଏହି ୧୫ ମିନିଟ୍‌ରେ ମଧ୍ୟ ଆଉ ୪ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ତେବେ କୌଣସି ଗୋଟିଏ ପ୍ରୟାସକୁ ଭାରତ ଗୋଲରେ ରୂପାନ୍ତରିତ କରି ନ ପାରିବାରୁ ପ୍ରଥମାର୍ଦ୍ଧ ସୁଦ୍ଧା ଅଗ୍ରଣୀ ସେହି ୧-୦ରେ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଭାରତୀୟ ଦଳ କ୍ରମାଗତ ୨ ମିନିଟ୍‌ରେ ୨ଟି ଗୋଲ୍ ଦେଇଥିଲେ। ଉଭୟ ଗୋଲ୍ ପେନାଲ୍ଟି କର୍ଣ୍ଣରରୁ ଆସିଥିଲା। ୪୩ତମ ମିନିଟ୍‌ରେ ପ୍ରୀତି ଦୁବେ ଓ ୪୪ତମ ମିନିଟ୍‌ରେ ଉଦିତାଙ୍କ ଷ୍ଟିକ୍‌ରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଫଳରେ ଭାରତ ଅଗ୍ରଣୀ ୩-୦କୁ ବୃଦ୍ଧି ପାଇଥିଲା। ଶେଷ ତଥା ଅନ୍ତିମ କ୍ୱାର୍ଟରରେ ସଙ୍ଗୀତା ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ୪-୦ ଗୋଲରେ ବିଜୟୀ କରାଇଥିଲେ।

### ଚାଇନା ୧୫-୦ରେ ଜିତିଲା

ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଚାଇନା ୧୫-୦ ଗୋଲରେ ଥାଇଲାଣ୍ଡକୁ ଏକପାଖିଆ ଭାବେ ହରାଇଦେଇଛି। ସେହିଭଳି ଜାପାନ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଥିଲା।

### ୨୨ରୁ ବର୍ଡର-ଗାଭାସ୍କର ଟ୍ରଫି

## ଅଷ୍ଟ୍ରେଲିଆରେ ପ୍ରଥମେ ପହଞ୍ଚିଲେ ବିରାଟ

ପର୍ଥ, ୧୧।୧୧ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ସମ୍ମାନଜନକ ବର୍ଡର-ଗାଭାସ୍କର ଟ୍ରଫି ଚଳିତ ମାସ ୨୨ରୁ ଆରମ୍ଭ ହେବ। ସିରିଜର ପ୍ରଥମ ଟେଷ୍ଟ ପର୍ଥରେ ଖେଳାଯିବ। ଏଥିଲାଗି ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳର ପ୍ରଥମ ବ୍ୟାଚ୍ ରବିବାର ରାତିରେ ଅଷ୍ଟ୍ରେଲିଆ ଗସ୍ତ କରିଛି। ସେହିଭଳି ଆଉ ଏକ ବ୍ୟାଚ୍ ସୋମବାର ସନ୍ଧ୍ୟାରେ ଅଷ୍ଟ୍ରେଲିଆ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ତେବେ ଏଥିପୂର୍ବରୁ ବ୍ୟାଟିଂ ତାରକା ବିରାଟ କୋହଲି ପ୍ରଥମ ଭାରତୀୟ ଖେଳାଳି ଭାବେ ଅଷ୍ଟ୍ରେଲିଆରେ ପହଞ୍ଚି ସାରିଛନ୍ତି। ବିରାଟ ଏହି ଦୁଇଟି ବ୍ୟାଚ୍‌ରେ ନ ଥିଲେ। ରିପୋର୍ଟ ମୁତାବକ ସେ ପତ୍ନୀ ଅନୁଷ୍କା ଶର୍ମା ଓ ଦୁଇ ସନ୍ତାନଙ୍କ ସହ ଶନିବାର ମୁମ୍ବଇରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। ରବିବାର ଅପରାହ୍ଣରେ ସେ ଅଷ୍ଟ୍ରେଲିଆରେ ପହଞ୍ଚିଥିବା ଜଣାପଡ଼ିଛି। ସୋମବାର ଦ୍ୱିତୀୟ ବ୍ୟାଚରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗସ୍ତ କରିଛନ୍ତି।

## ହକି ଇଣ୍ଡିଆ ଲିଗ୍ ପାଇଁ କଳିଙ୍ଗ ଲାନ୍ସର୍ସ ପ୍ରସ୍ତୁତ

ଭୁବନେଶ୍ୱର, ୧୧।୧୧ (ସମିସ): ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁଣିଥରେ ଖେଳାଯିବ। ଏଥର ପୁରୁଷ ସମେତ ମହିଳା ବିଭାଗରେ ମଧ୍ୟ ଫ୍ରାଞ୍ଚାଇଜଭିତ୍ତିକ ଏହି ଲିଗ୍ ଆୟୋଜନ କରିବ ହକି ଇଣ୍ଡିଆ। ଡିସେମ୍ବର ୨୮ରୁ ରାଉରକେଲାରେ ପୁରୁଷ ବିଭାଗ ମ୍ୟାଚ୍ ଖେଳାଯିବ। ପୁରୁଷ ଏଚ୍‌ଆଇଏଲ୍‌ରେ ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏଥର ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଆଶାବାଦୀ ରହିଛି। କଳିଙ୍ଗ ଲାନ୍ସର୍ସ ଡିସେମ୍ବର ୩୦ରେ ୟୁପି ରୁଦ୍ରସ ବିପକ୍ଷରେ ଖେଳି ଏଚ୍‌ଆଇଏଲ୍‌ରେ ଅଭିଯାନ ଆରମ୍ଭ କରିବ। ଏହି କାର୍ଯ୍ୟସୂଚୀକୁ ନେଇ ବେଦାନ୍ତ ଆଲୁମିନିର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, କେବଳ କଳିଙ୍ଗ ଲାନ୍ସର୍ସ ପାଇଁ ନୁହେଁ ବରଂ ଓଡ଼ିଶା ଓ ଭାରତର ହକି ପାଇଁ ଏଚ୍‌ଆଇଏଲ୍ ଏକ ପ୍ରମୁଖ ମୁହୂର୍ତ୍ତ। ଓଡ଼ିଶାର ଉତ୍ସାହୀ ପ୍ରଶଂସକଙ୍କ ସାମ୍ନାରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ପ୍ରତ୍ୟେକ ମ୍ୟାଚରେ ଜିତିବା ପାଇଁ ଚେଷ୍ଟା କରିବୁ।' କଳିଙ୍ଗ ଏହାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ ଜାନୁଆରୀ ୩ରେ ତାମିଲନାଡୁ ଡ୍ରାଗନ୍ସ, ୫ରେ ସୋର୍ମା ହକି କ୍ଲବ, ୬ରେ ଶ୍ରାଚି ରାହ ବଙ୍ଗଳା ଟାଇଗର, ୯ରେ ଗୋନାସିକା, ୧୨ରେ ହାଇଦ୍ରାବାଦ ତୁଫାନ୍ସ, ୧୬ରେ ଦିଲ୍ଲୀ ଏସ୍‌ଜି ପାଇପର୍‌କୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

## ଦ୍ୱିତୀୟ ଟି-୨୦: ଇଂଲଣ୍ଡକୁ ସହଜରେ ଜିତାଇଲେ ବଟଲର୍

ବ୍ରିଜଟାଉନ୍ (ବାର୍ବାଡୋସ୍), ୧୧।୧୧(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ୩୧ଟି ବଲ୍ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। ଫଳରେ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୨-୦ରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ କେନସିଂଟନ ଓଭାଲ ଗ୍ରାଉଣ୍ଡରେ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୮ ୱିକେଟରେ ୧୫୮ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୧୪.୫ ଓଭରରେ ୩ ୱିକେଟ ହରାଇ ୧୬୧ ରନକରି ବିଜୟୀ ହୋଇଛି। ତୃତୀୟ ଟି-୨୦ ଗ୍ରସ୍ ଆଇଲେଟ୍‌ରେ ଶୁକ୍ରବାର ଖେଳାଯିବ। ପୂର୍ବରୁ ପ୍ରଥମ ଟି-୨୦ରେ ଇଂଲଣ୍ଡ ୮ ୱିକେଟରେ ବିଜୟ ହାସଲ କରିଥିଲା। ୪୫ ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୬ ଛକା ସହ ୮୩ ରନର ବିସ୍ଫୋରକ ପାଳି ଖେଳିଥିବା ଇଂଲଣ୍ଡ ଅଧିନାୟକ ଜୋଶ ବଟଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଇଂଲଣ୍ଡ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୩୮, ଓପନର ଫିଲ ସଲ୍ଟ ବିନା



ସ୍କୋରରେ ଆଉଟ ହୋଇଥିବାବେଳେ ଲିଆମ ଲିଭିଂଷ୍ଟୋନ ୨୩ ଓ ଜ୍ୟାକବ ବେଥେଲ ୩ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ପାଇଁ ରୋମାରିଓ ସେଫର୍ଡ ୨ ୱିକେଟ ନେଇଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ତରଫରୁ ଅଧିନାୟକ ରୋଭମ୍ୟାନ ପାୱେଲ୍ ସର୍ବାଧିକ ୪୩, ରୋମାରିଓ ସେଫର୍ଡ ୨୨, ନିକୋଲାସ ପୁରନ ୧୪ ରନକରି ଆଉଟ ହୋଇଥିଲେ। ଇଂଲଣ୍ଡ ତରଫରୁ ସାକିବ ମହମ୍ମଦ, ଲିଭିଂଷ୍ଟୋନ, ଡାନ ମାଉସଲି ଦୁଇଟି ଲେଖାଏ, ଜୋଫ୍ରା ଆର୍ଚର ଓ ଆଦିଲ ରସିଦ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

## ମାଡାମ ତୁସାଦ୍ସରେ ପ୍ରଥମ ମହିଳା ଫୁଟବଲର ମେରୀଙ୍କ ମହମ ପ୍ରତିମୂର୍ତ୍ତୀ

ଲଣ୍ଡନ, ୧୧।୧୧(ଏଜେନ୍ସି): ଇଂଲଣ୍ଡର ମହିଳା ଗୋଲରକ୍ଷକ ମେରୀ ଏରାପ୍ସ ଜଣାଶୁଣା ମାଡାମ ତୁସାଦ୍ସ ଗ୍ୟାଲେରୀରେ ସ୍ଥାନ ପାଇବାକୁ ଯାଉଛନ୍ତି। ବିଶ୍ୱର ପ୍ରଥମ ମହିଳା ଫୁଟବଲର ଭାବେ ତାଙ୍କର ମହମ ପ୍ରତିମୂର୍ତ୍ତୀ ଲଣ୍ଡନସ୍ଥିତ ଏହି ପ୍ରସିଦ୍ଧ ମ୍ୟୁଜିୟମ ତଥା ଏହି ଗ୍ୟାଲେରୀରେ ସ୍ଥାନ ପାଇବ। ପ୍ୟାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) ପାଇଁ ଖେଳୁଥିବା ମେରୀ ୨୦୨୩ ମହିଳା ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡକୁ ଉପ- ବିଜେତା କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ଇଂଲଣ୍ଡର ଉପ-ଅଧିନାୟିକା ଦାୟିତ୍ୱ ତୁଲାଇଥିଲେ। ସେ ଏହି ବିଶ୍ୱକପ୍‌ରେ ଶ୍ରେଷ୍ଠ ଗୋଲରକ୍ଷକ ଭାବେ ଗୋଲ୍ଡେନ ଗ୍ଲୋଭ୍ ପୁରସ୍କାର ହାସଲ କରିଥିଲେ। ୩୧ ବର୍ଷୀୟା ମେରୀ ଓ ମ୍ୟୁଜିୟମ ମଧ୍ୟରେ ଗତ ଗୋଟିଏ ବର୍ଷ ହେବ ଏ ନେଇ ପ୍ରକ୍ରିୟା ଚାଲୁ ରହିଥିଲା। ଇଂଲଣ୍ଡର ସବୁଜ ରଙ୍ଗର କିଟ୍ ପରିଧାନ କରିଥିବା ମେରୀଙ୍କ ମୂର୍ତ୍ତୀ ମ୍ୟୁଜିୟମରେ ସ୍ଥାନ ପାଇବ। ନଟିଂହାମ୍‌ରେ ଜନ୍ମିତ ମେରୀ ଇଂଲଣ୍ଡ ପାଇଁ ୫୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ଇଂଲଣ୍ଡ ୧୭, ୧୯ ଓ ୨୩ ବର୍ଷରୁ କମ୍ ଦଳ ତରଫରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି।



## ରାଜ୍ୟ ଯୁବ ବାସ୍କେଟବଲ୍ ଚାମ୍ପିଅନସିପ୍ ଆରମ୍ଭ

କଟକ, ୧୧।୧୧(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ରାଜ୍ୟ ଯୁବ ବାସ୍କେଟବଲ ଚାମ୍ପିଅନସିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ବାଳକ ବର୍ଗରେ ୨୬ଟି ଏବଂ ବାଳିକା ବର୍ଗରେ ୧୭ଟି ଜିଲ୍ଲା ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଏବଂ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟ ସଂଘ ସମ୍ପାଦକ ଅଶୋକ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଉପସଭାପତି ନିରୋଜ ବନ୍ଧୁଯାଦବ, ପ୍ରଦୀପ ବେହେରା, ଅଶୋକ ସାହୁ, ସନ୍ତୋଷ ମହାନ୍ତି, ଅମୀୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୧୩ ତାରିଖରେ ଚାମ୍ପିଅନସିପ ଉଦ୍‌ଯାପିତ ହେବ।

## ରାଜ୍ୟ ଯୋଗାସନ ଚାମ୍ପିଅନସିପ୍‌ରେ କିଟ୍‌କୁ ୪ ପଦକ



ଭୁବନେଶ୍ୱର, ୧୧।୧୧ (ସମିସ): ନିଖିଳ ଓଡ଼ିଶା ଯୋଗ ଥେରାପିଷ୍ଟ ସଂଘ ଆନୁକୂଲ୍ୟରେ ଓ ନିଖିଳ ଓଡ଼ିଶା ଯୋଗ କଲେଜ ସଂଘ ସହଯୋଗରେ ପ୍ରଥମ ରାଜ୍ୟ ଯୋଗ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ୪ ପଦକ ବିଜୟୀ ହୋଇଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ମନୀଷା ପ୍ରଧାନ ଓ ଗାମା ହୋ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ଦୀପକ ମୁଣ୍ଡା ଓ ଜୁଲି ନାୟକ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ହରିହର ପୂଜାରୀ ଓ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ଯୋଗା ଆୟୁର୍ବେଦ ଓ ନାଚ୍ୟୁରପାଥିର ବିଷ୍ଣୁପ୍ରିୟା ମହାନ୍ତି ମଧ୍ୟ ଏହି ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

### ରଣଜୀ ଟ୍ରଫି ୫ମ ରାଉଣ୍ଡ

# ପେସ୍ ଆଟାକ୍ ଭରସାରେ ଓଡ଼ିଶା

କଟକ, ୧୧।୧୧(ସମିସ): ଚଳିତ ରଣଜୀ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହେବ। ଗତ ଦୁଇଟିଯାକ ମ୍ୟାଚ୍‌ରେ ଶୋଚନୀୟ ଇନିଂସ ପରାଜୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ୫ମ ମ୍ୟାଚ୍ ଘରୋଇ ବାରବାଟୀ ଷ୍ଟାଡିୟମରେ ଖେଳିବ। ଏଥିରେ ଅଙ୍କିତ ବାୱନେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ରକୁ ଭେଟିବ।

**ମହାରାଷ୍ଟ୍ର-ଓଡ଼ିଶା ମୁକାବିଲା ବରାବର୍**

**ବାରବାଟୀରେ ବ୍ୟାଟିଂ ସୁହାଇବା ଭଳି ପିଚ୍**



ମୁଖ୍ୟତଃ ପେସ୍ ବୋଲିଂ ଉପରେ ଓଡ଼ିଶା ଅଧିକ ଭରସା କରିବ ବୋଲି ଜଣାପଡ଼ିଛି। ଏପରିକି ବାରବାଟୀ ଷ୍ଟାଡିୟମରେ ବ୍ୟାଟରମାନଙ୍କୁ ସୁହାଇବା ଭଳି ପିଚ୍ ପ୍ରସ୍ତୁତ ହୋଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ମହାରାଷ୍ଟ୍ର ବିପକ୍ଷରେ ବରାବର୍ ମୁକାବିଲା କରି ଆସୁଥିବା ଓଡ଼ିଶା ଆଗାମୀ ମ୍ୟାଚ୍‌ରେ ମଧ୍ୟ ପ୍ରଭାବଶାଳୀ ରହିବ ବୋଲି ଅନୁମାନ କରାଯାଉଛି।

ମହାରାଷ୍ଟ୍ର ଏବଂ ଓଡ଼ିଶା ଭିତରେ ହୋଇଥିବା ପୂର୍ବ ମୁକାବିଲାକୁ ନଜର ପକାଇଲେ ଉଭୟଙ୍କ ଭିତରେ ଫଳାଫଳ ସମାନ ରହିଛି। ୨୦୧୨, ୨୦୧୪ ଏବଂ ୨୦୧୫ରେ ହୋଇଥିବା ୩ଟି ଯାକ ମ୍ୟାଚ୍ ଅମୀମାଂସିତ ରହିଥିଲା। ୨୦୧୬ରେ ଏହି ଧାରାକୁ ଭାଙ୍ଗି ଓଡ଼ିଶା ସହଜ ବିଜୟ ହାତେଇଥିଲା। ୱାଏନାଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଇନିଂସ ଓ ୧୧୮ ରନରେ ବିଜୟୀ ହୋଇଥିଲା। ୨୦୧୬ରେ ଓଡ଼ିଶାର ନେତୃତ୍ୱ ନେଉଥିଲେ ଗୋବିନ୍ଦ ପୋଦ୍ଦାର। ଯିଏକି ଚଳିତ ସଂସ୍କରଣରେ ମଧ୍ୟ ରାଜ୍ୟ ଦଳର ମଙ୍ଗ ସମ୍ଭାଳିଛନ୍ତି। ଶେଷଥର ନିମନ୍ତେ ମହାରାଷ୍ଟ୍ର ଏବଂ ଓଡ଼ିଶା ୨୦୨୦ ରଣଜୀ ସଂସ୍କରଣରେ ସାମ୍ନାସାମ୍ନି ହୋଇଥିଲେ। ପୁନେରେ ଅନୁଷ୍ଠିତ ଏହି ମ୍ୟାଚରେ ମହାରାଷ୍ଟ୍ର ୧୦ ୱିକେଟରେ ବିଜୟ ଲାଭ କରିଥିଲା। ୪ବର୍ଷ ପରେ ପୁଣିଥରେ ଦୁଇ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ପୂର୍ବ ପରାଜୟର ପ୍ରତିଶୋଧ ଲକ୍ଷ୍ୟ ନେଇ ଓଡ଼ିଶା ପଡ଼ିଆକୁ ଓହ୍ଲାଇବ।

ଘରୋଇ ପଡ଼ିଆ ବାରବାଟୀରେ ଓଡ଼ିଶା ଦଳର ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ଚଳିତ ସଂସ୍କରଣରେ ଏଠାରେ ଜମ୍ମୁ ଓ କଶ୍ମୀର ବିପକ୍ଷ ରୋମାଞ୍ଚକ ମ୍ୟାଚ୍‌ରେ ପାଳି ଅଗ୍ରଣୀ ପଏଣ୍ଟ ହାସଲ କରିଛି। ତେବେ ଆଗାମୀ ମ୍ୟାଚ୍‌ରେ ଓଡ଼ିଶା ପେସ୍ ବୋଲରଙ୍କୁ ଅଧିକ ପ୍ରାଧାନ୍ୟ ଦେବ ବୋଲି କୁହାଯାଉଛି। ଆଘାତଜନିତ ସମସ୍ୟାରୁ ମୁକୁଳି ରାଜେଶ ମହାନ୍ତି ଫିଟ୍ ହୋଇ ସାରିଛନ୍ତି। ତାଙ୍କ ସହ ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ତରଣୀ ସ ଏବଂ ସୁନୀଲ ରାଉଳଙ୍କ ସମେତ ନବାଗତ ତାପସ ଦାସ ମଧ୍ୟ ଦଳରେ ଯୋଡ଼ି ହୋଇଛନ୍ତି। ୧୬ଜଣିଆ ଦଳରେ ୬ଜଣ ପେସ୍ ବୋଲରଙ୍କୁ ସ୍ଥାନ ଦେଇଥିବା ଓଡ଼ିଶା ୪ଜଣଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବ ବୋଲି କୁହାଯାଉଛି। ଏଲିଟ୍ ଗ୍ରୁପ୍-ଏ ପଏଣ୍ଟ ଟେବଲ ଉପରେ ନଜର ପକାଇଲେ ଉଭୟ ଦଳ ୪ ମ୍ୟାଚ୍ ଖେଳିସାରିଛନ୍ତି। ମହାରାଷ୍ଟ୍ର ୮ ପଏଣ୍ଟ ସହ ୬ଷ୍ଠ ଓ ଓଡ଼ିଶା ୪ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର | ୩ ବର୍ଷର ଅଭିଜ୍ଞତା |
| ୫) ଏସ୍‌ଇଓ (ଡିଜିଟାଲ୍) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୪୦ ● ପାଉଣ୍ଡ ୧୦୯.୪୯
- ୟୁରୋ ୯୦.୦୮ ● ୟେନ୍ ୦.୫୫

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୨,୮୯୦ (ନୂଆଦିଲ୍ଲୀ)
- ରୁପା : ୯୩,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୪୯୬.୦୦
- ନିଫ୍ଟି ୨୪,୧୪୧.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ରକ୍ଷିତ୍ ଝୁନ୍‌ଝୁନ୍‌ୱାଲା ଟ୍ରୁ-କଲର୍‌ର ନୂଆ ସିଇଓ



ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ସ୍ୱିଡେନ୍‌ଭିତ୍ତିକ କଲର ଆଇଡି ପ୍ଲାଟଫର୍ମ ଟ୍ରୁ-କଲର ଭାରତୀୟ ବଂଶୋଦ୍ଭବ ରକ୍ଷିତ୍ ଝୁନ୍‌ଝୁନ୍‌ୱାଲାଙ୍କୁ ଏହାର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ନିଯୁକ୍ତି ଦେଇଛି। ବର୍ତ୍ତମାନ ରକ୍ଷିତ୍ କମ୍ପାନୀର ମୁଖ୍ୟ ଉତ୍ପାଦ ଅଧିକାରୀ ରହିଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୯ରୁ ସେ କମ୍ପାନୀର ସିଇଓ ଦାୟିତ୍ୱ ଗ୍ରହଣ କରିବେ। ରକ୍ଷିତ୍ ଆଲାନ୍ ମାମେଡିଙ୍କ ସ୍ଥାନରେ ଏହି ନିଯୁକ୍ତି ପାଇଛନ୍ତି। ଉଭୟ ମାମେଡି ଏବଂ ମୁଖ୍ୟ ରଣନୀତିକ ଅଧିକାରୀ ନାମି ଝାରିଙ୍ଗାଲ୍ଲମ୍ ଟ୍ରୁ-କଲରରୁ ସେମାନଙ୍କର ଦାୟିତ୍ୱରୁ ଅବ୍ୟାହତି ନେଇଛନ୍ତି। ରକ୍ଷିତ୍ ୨୦୧୫ଠାରୁ ଟ୍ରୁ- କଲରରେ କାର୍ଯ୍ୟ କରୁଛନ୍ତି। ୨୦୨୧ଠାରୁ ସେ ପ୍ରଡକ୍ଟ ହେଡ୍ ପଦରେ ଅବସ୍ଥାପିତ। ଏହାଛଡା ରକ୍ଷିତ୍ ଟ୍ରୁ-କଲର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମଧ୍ୟ ରହିଛନ୍ତି। ସ୍ୱିଡେନ୍ ନାଗରିକ ଥିବା ରକ୍ଷିତ୍ ଭାରତରେ ଜନ୍ମ ଗ୍ରହଣ କରି ଆଗକୁ ବଢ଼ିଛନ୍ତି। ସେ ପ୍ରାୟ ଏକ ଦଶନ୍ଧି ଧରି କମ୍ପାନୀର ସଫଳତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ଫିନୋ ବ୍ୟାଙ୍କ ଆଣିଲା 'ଗୁଲ୍ଲକ' ଆକାଉଣ୍ଟ

ଭୁବନେଶ୍ୱର,୧୧।୧୧(ସିମସ): ବ୍ୟାଙ୍କିଙ୍ଗକୁ ସହଜ, ସରଳ ଏବଂ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ କରି ଫିନୋ ପେମେଣ୍ଟସ ବ୍ୟାଙ୍କ ଏକ ନୂଆ ସଞ୍ଚୟ ଆକାଉଣ୍ଟ 'ଗୁଲ୍ଲକ' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହା ଗ୍ରାହକଙ୍କର ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏବଂ ଏକାଧିକ ଫାଇଦା ଯୋଗାଇଦେଇ ସଞ୍ଚୟରେ ଉନ୍ନତି ସାଧନ କରିବା ଲକ୍ଷ୍ୟ ରଖିଛି। ଜଣେ ଫିନୋ ବ୍ୟାଙ୍କର ସାରା ଓଡ଼ିଶାରେ ପରିବ୍ୟାପ୍ତ ପାଖାପାଖି ୧୬୫୦୦ ମର୍ଚ୍ଚାଣ୍ଟ ପଏଣ୍ଟ ମଧ୍ୟରୁ ଯେ କୌଣସିଟିରେ ଗୁଲ୍ଲକ ଆକାଉଣ୍ଟ ଖୋଲି ଫାଇଦା ପାଇପାରିବେ। ମାତ୍ର ୧୦୦୦ ଟଙ୍କା ବାଲାନ୍ସ ସହିତ ଗୁଲ୍ଲକ ଆକାଉଣ୍ଟଧାରୀଙ୍କୁ ଅନ୍ୟ କୌଣସି ବାର୍ଷିକ ପ୍ଲାନ ଦେୟ ଦେବାକୁ ପଡ଼ିବ ନାହିଁ, କୌଣସି ଚାର୍ଜ ବିନା ନଗଦ ଅର୍ଥ ଜମା କରିବା, ଅଣ ମେଟ୍ରୋ ସହରଗୁଡିକରେ ୭ଟି ମାଗଣା ଏଟିଏମ କାରବାର କରିବା ଏବଂ ରୂପେ ଡେବିଟ କାର୍ଡରେ ଅଫରଗୁଡିକ ଉପଭୋଗ କରିପାରିବେ।

## ଦୁର୍ବଳ ହେଉଛି ଟଙ୍କା

# ଡଲାର ତୁଳନାରେ ୮୪.୩୮ ସ୍ତରକୁ ଖସିଲା

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି)

କ୍ରମାଗତ ଭାବେ ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ କ୍ରମାଗତ ଭାବେ ହ୍ରାସ ଧାରା ଜାରି ରହିଛି। ଏଥିଯୋଗୁ ସୋମବାର କାରବାର ପ୍ରାରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୧ ପଇସା ହ୍ରାସ ଘଟି ୮୪.୩୮ ଟଙ୍କାର ସର୍ବକାଳୀନ ନିମ୍ନ ସ୍ତରକୁ ଖସିଆସିଛି।

ମୁଦ୍ରା ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ବିଦେଶୀ ନିବେଶକମାନେ କ୍ରମାଗତ ଷ୍ଟକ୍ ବିକ୍ରି କରିବା ଏବଂ ଇକ୍ୱିଟି ବଜାରରେ ମାନ୍ଦା ସ୍ଥିତି ହେତୁ ଟଙ୍କା ଦୁର୍ବଳ ହେଉଛି। ଯଦି ଡଲାର ମୂଲ୍ୟରେ ହ୍ରାସ ନ ଘଟେ ଏବଂ ବିଦେଶୀ ନିବେଶକମାନେ ଘରୋଇ ବଜାରରୁ ସେମାନଙ୍କର ପାଣ୍ଠି ପ୍ରତ୍ୟାହାର ନ କରନ୍ତି ତେବେ ଟଙ୍କା ଚାପରେ ରହିବ। ମଧ୍ୟମ ଅବଧିରେ ଟଙ୍କା ୮୩.୮୦ରୁ ୮୪.୫୦ ଟଙ୍କା ସ୍ତର ମଧ୍ୟରେ କାରବାର କରିବ। କାରଣ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ମାତ୍ରାରେ ବୈଦେଶିକ ମୁଦ୍ରା ରହିଥିବା ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାର ଅବମୂଲ୍ୟାୟନ ରୋକିବାକୁ ପ୍ରୟାସ କରିପାରେ। ଆମେରିକା ରାଷ୍ଟ୍ରପତି ନିର୍ବାଚନ ଏବଂ ବିଦେଶୀ ନିବେଶକଙ୍କ ଦ୍ୱାରା କ୍ରମାଗତ ଭାବେ ପାଣ୍ଠି ପ୍ରତ୍ୟାହାର ଯୋଗୁ ଟଙ୍କା ଦୀର୍ଘ ଦିନ ଧରି ଚାପରେ ରହିଥିଲା। ଅକ୍ଟୋବରରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପ୍ରାୟ ୧୨ ବିଲିୟନ ଡଲାର ମୂଲ୍ୟର ଇକ୍ୱିଟି ବିକ୍ରି କରିଥିଲେ। ନଭେମ୍ବରରେ ମଧ୍ୟ ଏହି ଧାରା ଜାରି ରହିଛି। ନଭେମ୍ବର ମାସର ପ୍ରଥମ ୧୦ ଦିନରେ ସେମାନେ ପ୍ରାୟ ୧.୬ ବିଲିୟନ ଡଲାରର ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି।

**ଟ୍ରମ୍ପ ୨.୦ ଶାସନରେ ୧୦% ହ୍ରାସ ହୋଇପାରେ**

ତେବେ ଭାରତୀୟ ମୁଦ୍ରା ମୂଲ୍ୟରେ ଏହି ହ୍ରାସ ଧାରା ଏଇଠି ଅଟକୁନାହିଁ। ଆସନ୍ତା କିଛି ମାସ ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୮-୧୦ ପ୍ରତିଶତ ହ୍ରାସ ହୋଇପାରେ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ରିପୋର୍ଟରେ ଏହି ଆକଳନ କରାଯାଇଛି। ରିପୋର୍ଟ ଅନୁଯାୟୀ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ମୁଦ୍ରା ଉପରେ ଚାପ ପକାଇପାରେ, ଯେଉଁଥିପାଇଁ ଟଙ୍କା ମୂଲ୍ୟରେ ଏଭଳି ହ୍ରାସ ହୋଇପାରେ। ଅର୍ଥାତ୍ ଟ୍ରମ୍ପ ୨.୦ ଶାସନ କାଳରେ ଟଙ୍କା ମୂଲ୍ୟରେ ୧୦% ପର୍ଯ୍ୟନ୍ତ ହ୍ରାସ ଘଟିବାର ସମ୍ଭାବନା ରହିଛି। ସୋମବାର ଡଲାର ତୁଳନାରେ ଟଙ୍କା ପୁନର୍ବାର ସର୍ବନିମ୍ନ ସ୍ତରକୁ ଖସିଆସିବା ଏହି ଆକଳନକୁ ଆହୁରି ଦୃଢ଼ କରୁଛି।



ଏସ୍‌ବିଆଇର 'ଆମେରିକାର ରାଷ୍ଟ୍ରପତି ନିର୍ବାଚନ ୨୦୨୪: ଟ୍ରମ୍ପ ୨.୦ ଭାରତ ଏବଂ ବିଶ୍ ଅର୍ଥନୀତି ଉପରେ କିପରି ପ୍ରଭାବ ପକାଇବ' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ କିଛି ଦିନ ପାଇଁ ହ୍ରାସ ହୋଇପାରେ, କିନ୍ତୁ ପରେ ଭାରତୀୟ ମୁଦ୍ରାର ସ୍ଥିତି ସୁଦୃଢ଼ ହେବ। ଏହି ଅସ୍ଥିରତା ସ୍ୱଳ୍ପ ସମୟ ପାଇଁ ଦେଖାଯାଇପାରେ, ଯେତେବେଳେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ହେଉଛି। ପ୍ରକାଶ ଥାଉକି, ଏହି ସମୟ ମଧ୍ୟରେ ଭାରତ ଆଗରେ ଅନେକ ଚ୍ୟାଲେଞ୍ଜ ଦେଖାଦେବା ସହ ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି ଏସ୍‌ବିଆଇ ରିପୋର୍ଟରେ ଦର୍ଶାଯାଇଛି। ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ସହିତ ଶୁଳ୍କ, ଏଚ୍- ୧ବି ଭିସା ବୃଦ୍ଧି ପାଇବ ଯାହା ସ୍ୱଳ୍ପ ସମୟ ମଧ୍ୟରେ ଅସ୍ଥିରତା ବଢ଼ାଇପାରେ। ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତ ଏହାର ଅର୍ଥନୀତିକୁ ମଜବୁତ କରିବା ପାଇଁ ଏହି ସୁଯୋଗଗୁଡିକର ଲାଭ ଉଠାଇବା ଉଚିତ। ଏହାବ୍ୟତୀତ ଭାରତୀୟ କମ୍ପାନୀଗୁଡିକ ବ ଦେଶିକ ମୁଦ୍ରା ମୂଲ୍ୟର ଅସ୍ଥିରତାକୁ ଏଡାଇବା ପାଇଁ ଅତିରିକ୍ତ ପଦକ୍ଷେପ ଆବଶ୍ୟକ କରିପାରନ୍ତି। ଏସବିଆଇ ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଶାସନ କାଳରେ ବିଶ୍ୱ ଅର୍ଥନୀତିରେ ଅନେକ ପରିବର୍ତ୍ତନ ହୋଇପାରେ, ଯାହା ଭାରତ ଉପରେ ମଧ୍ୟ ପ୍ରଭାବ ପକାଇବ। ଏଭଳି ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ଅର୍ଥନୀତି ପାଇଁ ବେଶ ଆହ୍ୱାନପୂର୍ଣ୍ଣ ହେବ।

# ସରକାରଙ୍କ ଡାଟା ସୁରକ୍ଷା ନିୟମ ସହ ଷ୍ଟାରଲିଙ୍କ୍ ସହମତ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି)




**କମ୍ପାନୀ ଶୀଘ୍ର ଲାଇସେନ୍ସ ପ୍ରକ୍ରିୟା ଶେଷ କରିବ**

ସାଟେଲାଇଟ୍ ବ୍ରଡବ୍ୟାଣ୍ଡ କମ୍ପାନୀ ସ୍ପେସ୍‌ଏକ୍ସ ସରକାରଙ୍କ ଡାଟା ଲୋକାଲାଇଜେସନ୍ ଏବଂ ସୁରକ୍ଷା ନିୟମ ପୂରଣ କରିବାକୁ ରାଜି ହୋଇଛି। ଏହା ପରେ ଏଲନ୍ ମସ୍କଙ୍କ ସାଟେଲାଇଟ୍ ବ୍ରାଡ୍‌ବ୍ୟାଣ୍ଡ କମ୍ପାନୀ ଲାଇସେନ୍ସ ପ୍ରକ୍ରିୟା ଶେଷ କରିବାକୁ ଅଗ୍ରସର ହୋଇଛି। କମ୍ପାନୀ ସାଟେଲାଇଟ୍ ସର୍ଭିସେସ୍ (ଜି ଏ ମ୍ ପି ସି ଏ ସ୍) ଲାଇସେନ୍ସ ସହିତ ଗ୍ଲୋବାଲ୍ ମୋବାଇଲ୍ ପର୍ସନାଲ କମ୍ୟୁନିକେସନ୍ ଚୁକ୍ତିନାମା ଦାଖଲ କରିନାହିଁ।

ସୁରକ୍ଷା ସମ୍ବନ୍ଧୀୟ ନିୟମ ଅନୁଯାୟୀ, ଦେଶରେ କାର୍ଯ୍ୟ କରୁଥିବା ଉପଗ୍ରହ ଯୋଗାଯୋଗ କମ୍ପାନୀଗୁଡିକ ଦେଶରେ ସମସ୍ତ ତଥ୍ୟ ରଖିବା ବାଧ୍ୟତାମୂଳକ। ଯଦି ଗୁପ୍ତଚର ଏଜେନ୍ସିଗୁଡ଼ିକ ଆବଶ୍ୟକ କରନ୍ତି ତେବେ ତଥ୍ୟ କିପରି ମିଳିବ ତାହା ଷ୍ଟାରଲିଙ୍କ ମଧ୍ୟ ବ୍ୟାଖ୍ୟା କରିବାକୁ ପଡିପାରେ। ୨୦୨୨ ଅକ୍ଟୋବରରେ ଷ୍ଟାରଲିଙ୍କ୍ ଏହି ଲାଇସେନ୍ସ ପାଇଁ ଆବେଦନ କରିଥିଲା। ଏହା ପରେ କମ୍ପାନୀ ନିୟାମକ ସଂସ୍ଥା ଇଣ୍ଡିଆନ୍ ନ୍ୟାସନାଲ ସ୍ପେସ୍ ପ୍ରୋମୋସନ୍ ଆଣ୍ଡ ପ୍ରାଧିକରଣ କେନ୍ଦ୍ର ଠାରୁ ଅନୁମୋଦନ ପାଇଁ ଆବେଦନ କରିଥିଲା। ସରକାର ମୂଲ୍ୟ ଏବଂ ସ୍ପେକ୍ଟ୍ରମ୍ ଆବଣ୍ଟନ ଉପରେ ନିଷ୍ପତ୍ତି ନେବା ପରେ ଭାରତରେ ସାଟେଲାଇଟ୍ ବ୍ରଡବ୍ୟାଣ୍ଡ ସେବା ଆରମ୍ଭ ହେବ। ଭାରତୀୟ ଟେଲିକମ୍ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଏହାର ସୁପାରିଶ ଜାରି କରିବା ପରେ ହିଁ ପ୍ରକ୍ରିୟା ଆରମ୍ଭ ହୋଇପାରିବ, ଯାହା ଡିସେମ୍ବର ଶେଷ ସୁଦ୍ଧା ଆଶା କରାଯାଉଛି। ସାଟେଲାଇଟ୍ ସେବା କ୍ଷେତ୍ରରେ, ରିଲାଏନ୍ସ ଜିଓ, ଏୟାରଟେଲ୍, ଭୋଡାଫୋନ୍-ଆଇଡିଆ ଭଳି ଭାରତୀୟ କମ୍ପାନୀଗୁଡିକୁ ଆମାଜନ୍ ମୁଖ୍ୟ ଜେଫ୍ ବେଜୋସଙ୍କ କୁଇପର ଏବଂ ମସ୍କଙ୍କ ଷ୍ଟାରଲିଙ୍କ ଭଳି କମ୍ପାନୀ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡିବ।

# ଓସିପିଏଲ୍ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୧।୧୧(ସମିସ): ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ଠାରେ ଭୁବନେଶ୍ୱରର ଡିଜିଏମ୍‌ଏସ୍, ରିଜନ୍-୨ ର ତତ୍ତ୍ୱାବଧାନରେ ସୁରକ୍ଷିତ ସଂରକ୍ଷଣ, ପରିବହନ, ନିୟନ୍ତ୍ରଣ ଏବଂ ଖଣିରେ ବିସ୍ଫୋରଣ ପାଇଁ ବିସ୍ଫୋରକ ବ୍ୟବହାର" ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଏମ୍‌ସିଏଲ୍, ଏନ୍‌ଏଲ୍‌ସିଆଇଏଲ୍, ଏନ୍‌ଟିପିସି, ବେଦାନ୍ତ, ଓସିପିଏଲ୍, ସୋଲାର, ଆଦାନୀ, ବିଜିଆର୍ ମାଇନିଂ ଆଣ୍ଡ ଇନ୍‌ଫ୍ରା ଲିମିଟେଡ଼, ସୈନିକ୍ ମାଇନିଂ ବିଭିନ୍ନ କୋଇଲାଖଣି କମ୍ପାନୀର ଏଜେଣ୍ଟ, ପରିଚାଳକ, ସୁରକ୍ଷା ଅଧିକାରୀ, ବ୍ଲାଷ୍ଟିଂ ଅଫିସର, ବ୍ଲାଷ୍ଟିଂ କ୍ରୁ, ଇଞ୍ଜିନିୟର୍, ବିସ୍ଫୋରକ ଯୋଗାଣକାରୀ ଇତ୍ୟାଦି ପାଖାପାଖି ୧୩୦ ଜଣ ଅତିଥି ଯୋଗଦାନ କରିଥିଲେ। ଖଣି ଭିତରେ ସୁରକ୍ଷିତ ବିସ୍ଫୋରଣ ପାଇଁ ବିସ୍ଫୋରକ ସାମଗ୍ରୀ ସଂରକ୍ଷଣ, ପରିବହନ ଏବଂ ପରିଚାଳନା ସମୟରେ କାର୍ଯ୍ୟକାରୀ ହେବାକୁ ଥିବା ସୁରକ୍ଷା ମାନଦଣ୍ଡ ଉପରେ ଉଲିମେଲା ଶିବଶଙ୍କର (ଉପନିର୍ଦ୍ଦେଶକ, ଖଣି) ଏବଂ ରବିନ୍ଦର ବୋଣ୍ଟା (ଉପନିର୍ଦ୍ଦେଶକ, ମେକାନିକାଲ) ଏକ ବିସ୍ତୃତ ଏବଂ ସୂଚନାପୂର୍ଣ୍ଣ ଉପସ୍ଥାପନା କରିଥିଲେ। କର୍ମଶାଳାର ଆୟୋଜନ ପାଇଁ ଡିଜିଏମ୍‌ଏସ୍ ର ଅଧିକାରୀ ଏବଂ ଅନ୍ୟ ଖଣିରୁ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓସିପିଏଲ୍‌ର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସରେ 'ସ୍ୱର୍ଣ୍ଣକୀର୍ତ୍ତି' କଲେକ୍‌ସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୧୧(ସିମସ)




ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ଏହାର ଶହୀଦ ନଗରସ୍ଥିତ ଷ୍ଟୋରରେ 'ସ୍ୱର୍ଣ୍ଣକୀର୍ତ୍ତୀ' କଲେକ୍‌ସନ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ମାଲାବାରର ବହୁ ସଂଖ୍ୟାରେ ଗ୍ରାହକ,ଷ୍ଟୋର ମୁଖ୍ୟ ଏବଂ ପରିଚାଳନା ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ନୂଆ କଲେକ୍‌ସନ୍‌ରେ ଉତ୍କୃଷ୍ଟ ସୁନା ଅଳଙ୍କାରକୁ ପ୍ରଦର୍ଶନ କରାଯାଇଛି, ଯେଉଁଥିରେ ଭାରତର ମୂଲ୍ୟବାନ ଐତିହ୍ୟ ଏବଂ ସମକାଳୀନ ଡିଜାଇନ୍ ସବି ରହିଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, 'ସ୍ୱର୍ଣ୍ଣକୀର୍ତ୍ତୀ' କଲେକ୍‌ସନ୍ ଜରିଆରେ ଆମେ କେବଳ ହାତ ତିଆରି ସୁନା ଅଳଙ୍କାରର ସୌନ୍ଦର୍ଯ୍ୟକୁ ପାଳନ କରୁନାହୁଁ, ବରଂ ପ୍ରତ୍ୟେକ ପିସ୍‌ର ମରମ୍ପରା ଏବଂ ଲାଳିତ୍ୟକୁ ଉପଭୋଗ କରୁଛୁ।

# ନରେଶ ଗୋୟଲଙ୍କୁ ମିଳିଲା ଜାମିନ୍

- କ୍ୟାନ୍ସରରେ ପୀଡ଼ିତ ଜେଟ୍ ଏୟାରୱେଜ୍ ପ୍ରତିଷ୍ଠାତା
- ଲାଗିଛି ମନିଲଣ୍ଡରିଂ ଅଭିଯୋଗ

ମୁମ୍ବଇ,୧୧।୧୧(ଏଜେନ୍ସି)



ମନି ଲଣ୍ଡରିଂ ମାମଲାରେ ଜେଲରେ ଥିବା ଜେଟ ଏୟାରୱେଜ୍ ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ମିଳିଛି ଜାମିନ୍। ସୋମବାର ବମ୍ବେ ହାଇକୋର୍ଟରେ ତାଙ୍କର ଜାମିନ ମଞ୍ଜୁର କରିଛନ୍ତି। ଗୋୟଲ କ୍ୟାନ୍ସରରେ ପୀଡ଼ିତ ଅଛନ୍ତି ଏବଂ ତାଙ୍କର ଚିକିତ୍ସା ରିଲାଏନ୍ସ ହସ୍ପିଟାଲରେ ଚାଲିଛି। ଏହାପୂର୍ବରୁ ମଧ୍ୟ ଚଳିତ ବର୍ଷ ମେ ମାସରେ ମଧ୍ୟ ନରେଶଙ୍କୁ ଚିକିତ୍ସା ପାଇଁ ଦୁଇ ମାସ ଜାମିନ ମିଳିଥିଲା। ସୂଚନାଥାଉକି, ନରେଶଙ୍କୁ ୨୦୨୩ ସେପ୍ଟେମ୍ବର ପହିଲାରେ ଗିରଫ କରାଯାଇଥିଲା।ନରେଶ ମୁମ୍ବାଇର ଆର୍ଥର ରୋଡ ଜେଲରେ ଅଛନ୍ତି। ନରେଶଙ୍କ ପତ୍ନୀ ଅନୀତା ଗୋୟଲଙ୍କ ଚଳିତ ବର୍ଷ ମେ' ୧୬ରେ ମୁମ୍ବାଇରେ ପରଲୋକ ହୋଇଥିଲା। ଅନୀତା ମଧ୍ୟ ଦୀର୍ଘଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିଲେ। ଉଲ୍ଲେଖଯୋଗ୍ୟ, ଜେଟ୍ ଏୟାରଓ୍ୱେଜ ଏକଦା ଦେଶର ସବୁଠୁ ବଡ଼ ବେସରକାରୀ ଏୟାରଲାଇନ୍ସ ମଧ୍ୟରୁ ଗୋଟିଏ ଥିଲା। ଏୟାରଲାଇନକୁ ଦକ୍ଷିଣ ଏସୀୟର ସବୁଠୁ ବଡ଼ ପ୍ରାଇଭେଟ ଏୟାରଲାଇନ ମାନ୍ୟତା ହାସଲ କରିଥିଲା। ହେଲେ ପରେ ଋଣଭାର ଯୋଗୁ ଜେଟ ଏୟାରଓ୍ୱେଜ ୨୦୧୯ ଏପ୍ରିଲ ୧୭ରେ ପରିଚାଳନା ବନ୍ଦ ହୋଇଥିଲା।

## ଭାରତରେ ବଢୁଛି କୋଟିପତିଙ୍କ ସଂଖ୍ୟା

# ୨ ଲକ୍ଷରୁ ଅଧିକ ଲୋକ ୧ କୋଟି ରୋଜଗାର କରୁଛନ୍ତି

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି)




ଭାରତରେ ଉଚ୍ଚ ଆୟକାରୀ ଟିକସଦାତାଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ୨.୨ ଲକ୍ଷରୁ ଅଧିକ ଲୋକଙ୍କ ଟିକସଯୋଗ୍ୟ ଆୟ ବାର୍ଷିକ ୧ କୋଟିରୁ ରହିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ଏହି ସଂଖ୍ୟା ପ୍ରାୟ ୫ ଗୁଣ ବୃଦ୍ଧି ପାଇଛି। ଏଥିରେ ବିଶେଷ କଥା ହେଉଛି କୋଭିଡ ମହାମାରୀ ପରେ ଗତ ତିନିବର୍ଷ ମଧ୍ୟରେ ୧ ଲକ୍ଷ ନୂତନ ଲୋକ ଏହି ବର୍ଗରେ ସାମିଲ ହୋଇଛନ୍ତି। ଅର୍ଥାତ୍ ଗତ ୩ ବର୍ଷରେ ଦେଶରେ କୋଟିପତି କରଦାତାଙ୍କ ସଂଖ୍ୟା ୧ ଲକ୍ଷ ଟପିଯାଇଛି।

ଦେଶରେ କୋଟିପତି କରଦାତାଙ୍କ ସଂଖ୍ୟାରେ ଏହି ବୃଦ୍ଧି ପଛରେ ଅନେକ କାରଣ ରହିଛି। ସେଗୁଡିକ ହେଉଛି, ବୃଦ୍ଧି ପାଉଥିବା ଷ୍ଟକ୍ ବଜାର, କେତେକ କ୍ଷେତ୍ରରେ ଭଲ ଲାଭ ଏବଂ ପ୍ରତିଭା ପାଇଁ ପ୍ରବଳ ଚାହିଦା ଯାହା ବେତନରେ ବୃଦ୍ଧି ଘଟାଇଛି। ପୂର୍ବତନ ମୁଖ୍ୟ ପରିସଂଖ୍ୟାନବିତ୍ ତଥା ଅର୍ଥନୀତିଜ୍ଞ ପ୍ରଣବ ସେନ କହିଛନ୍ତି ଯେ ମହାମାରୀ ସମୟରେ ସମସ୍ତ କ୍ଷେତ୍ର ସମାନ ଭାବରେ ପ୍ରଭାବିତ ହୋଇ ନ ଥିଲା। ଗୋଟିଏ ପଟେ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ପ୍ରଭାବିତ ହୋଇଥିବାବେଳେ ଅନ୍ୟ ପଟେ ବଡ କମ୍ପାନୀଗୁଡିକ ଲାଭରେ ରହିଲେ, ଯାହା ସେମାନଙ୍କ ଉଚ୍ଚ କାର୍ଯ୍ୟନିର୍ବାହୀମାନଙ୍କୁ ଲାଭ ଦେଲା। ମାର୍ଚ୍ଚ ୨୦୨୦ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନସେକ୍ସ ୨୯,୦୦୦ରୁ ବୃଦ୍ଧି ପାଇ ମାର୍ଚ୍ଚ ୨୦୨୪ ସୁଦ୍ଧା ୭୩,୦୦୦ ପଏଣ୍ଟ ଅତିକ୍ରମ କରିଥିଲା, ଯାହା ନିବେଶକଙ୍କ ଆୟରେ ଏକ ବୃହତ ବୃଦ୍ଧି ଘଟାଇଛି। ଇଓ୍ୱାଇର ବରିଷ୍ଠ ପରାମର୍ଶଦାତା ସୁଧୀର କାପଡିଆଙ୍କ କହିବାନୁଯାୟୀ, ନୂତନ କୋଟିପତି ଟିକସଦାତାଙ୍କ ମଧ୍ୟରେ ନିବେଶକ, ସଫଳ ଷ୍ଟାର୍ଟଅପ୍ ପ୍ରତିଷ୍ଠାତା ତଥା ବିଶେଷଜ୍ଞ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ରହିଛନ୍ତି।

**୩ ବର୍ଷରେ କୋଟିପତି କରଦାତା ସଂଖ୍ୟା ୧ ଲକ୍ଷ ଟପିଲା**

ଅପରପକ୍ଷେ ଟିକସ ନିୟମର ପରିବର୍ତ୍ତନ ମଧ୍ୟ ଏହି ବୃଦ୍ଧିକୁ ଆଗେଇ ନେଇଛି। ୨୦୨୦-୨୧ ଆର୍ଥିକବର୍ଷରୁ ଲାଭାଂଶ ଉପରେ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଲାଭାଂଶ ବ୍ୟକ୍ତିଗତ ସ୍ତରରେ ଟିକସଯୋଗ୍ୟ ଏବଂ କମ୍ପାନୀ ସ୍ତରରେ ନୁହେଁ। ଫଳସ୍ୱରୂପ, ବହୁ ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟୀଙ୍କ ଆୟ ୧ କୋଟି ଅତିକ୍ରମ କଲା। ଡିଭିଡେଣ୍ଡ ବା ଲାଭାଂଶ ଆବଣ୍ଟନ କର (ଡିଡିଟି) ରଦ୍ଦ ହେବା ପରେ, କେବଳ ଗୋଟିଏ ବର୍ଷରେ କୋଟିପତି ଟିକସଦାତାଙ୍କ ସଂଖ୍ୟା ୪୬% ବୃଦ୍ଧି ପାଇଲା। ଏହି କ୍ଷେତ୍ରଗୁଡିକରେ ବେତନ ୨୦-୩୦% ବୃଦ୍ଧି ପାଉଛି, ଯାହା କୋଟିପତି ଟିକସଦାତାଙ୍କ ସଂଖ୍ୟା ବଢ଼ାଉଛି।

# ଦେଶବ୍ୟାପୀ ଏମ୍‌ଏସ୍‌ଏମ୍‌ଇ ସମୂହ ସମ୍ପର୍କ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧।୧୧(ଏଜେନ୍ସି): ଓଡିଶାର ୬ଟି ସ୍ଥାନ ସମେତ ସମଗ୍ର ଦେଶରେ ୧୪୯ଟି ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ସମୂହ ସମ୍ପର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବେଙ୍ଗାଲୁରୁର ପିନିଆ କ୍ଲଷ୍ଟରଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଝୀ ଗୟାରୁ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ବେଙ୍ଗାଲୁରୁରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ର ମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ ଉପସ୍ଥିତ ଥିଲେ। ଏଥିରେ ଅର୍ଥମନ୍ତ୍ରୀ ଏମ୍‌ଏସ୍‌ଏମ୍‌ଇ ହିତାଧିକାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସ ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ, ଓଡିଶା ପକ୍ଷରୁ ୬ଟି ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଓ ବ୍ୟାଙ୍କର ମିଳିତ ଆନୁକୁଲ୍ୟରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ବ୍ରହ୍ମଗିରି (ପୁରୀ), ବରଗଡ଼ ଓ ରମ୍ଭା (ଗଞ୍ଜାମ) ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।